# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୪/୨୦୨୩ (୧୮ ପୃଷ୍ଠା) Bhubaneswar, Thursday, September 14/2023 Page 18 ₹ 7.00

୪୯ଶ ଭାଗ ୨୯୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 290 ମୂଲ୍ୟ₹୭/-




**ଗିଲ୍‌ଙ୍କୁ କ୍ୟାରିୟରର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ**

ବୁଧବାର ପ୍ରକାଶିତ ଆଇସିସି ଦିନିକିଆ ର‌୍ୟାଙ୍କିଙ୍ଗରେ ଶୁବମନ ଗିଲ୍ କ୍ୟାରିୟରର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।

୧୬

୧୦

**ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଲେ ସୋନାକ୍ଷୀ**

ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ମୁମ୍ବାଇ ବାନ୍ଦ୍ରା ରିକ୍ଲେମିଶନ ନିକଟରେ ୧୧ କୋଟି ଟଙ୍କାରେ ୨୪୩୦ ବର୍ଗଫୁଟର ଆପାର୍ଟମେଣ୍ଟ କିଣିଛନ୍ତି।



# ଲାଇଫ୍ ଜ୍ୟାକେଟ୍ ବିନା ନୌଚଳାଚଳ

**କେନ୍ଦ୍ରାପଡ଼ା ଜିଲାରେ ୭ ନଦୀ ଏବଂ ୨୭ ନାଳ ରହିଛି। ଏହି ସବୁ ନଦୀ, ନାଳ ଘେରରେ ଥିବା ୧୭ ପଞ୍ଚାୟତକୁ ସଂଯୋଗ ପାଇଁ ସେତୁ ନାହିଁ। ଡଙ୍ଗା ଦ୍ୱାରା ଯାତାୟାତ ଚାଲିଛି। ସେହି ପରିମାଣରେ ଡଙ୍ଗାବୁଡ଼ି ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ଏହା ସତ୍ତ୍ୱେ ଜିଲା ପ୍ରଶାସନ କିମ୍ବା ଜନସାଧାରଣଙ୍କୁ ସେଥିରୁ କୌଣସି ଶିକ୍ଷା ମିଳିବା ପରି ମନେ ହେଉନାହିଁ। ପ୍ରାୟତଃ ଡଙ୍ଗା ଯାତ୍ରୀମାନେ ଲାଇଫ୍ ଜ୍ୟାକେଟ ପିନ୍ଧୁ ନ ଥିବାବେଳେ ମାଛଧରା ବୋଟ୍‌ରେ ଯାତ୍ରୀ ପରିବହନ ଯୋଗୁ ଜୀବନମରଣର ସମସ୍ୟା ହୋଇଛି। ନିରାପଦ ଯାତ୍ରା ପାଇଁ ବୋଟ୍ ରୁଲ୍‌ସ ଥିଲେ ମଧ୍ୟ ତାହାକୁ ଠିକ୍ ଭାବେ ଅନୁପାଳନ କରାଇବାରେ ପ୍ରଶାସନ ଗୁରୁତ୍ୱ ଦେଉନାହିଁ।**



ତାଳଚୁଆରୁ ଧାମରାକୁ ବୋଟ୍‌ରେ ବିନା ଲାଇଫ୍ ଜ୍ୟାକେଟ୍‌ରେ ଯାତ୍ରୀ ପରିବହନ କରାଯାଉଛି।

- **ଡଙ୍ଗା ବୁଡ଼ି ଘଟଣାରୁ ଶିକ୍ଷା ମିଳୁନାହିଁ**
- **ମାଛଧରା ବୋଟ୍‌ରେ ଚାଲିଛି ଯାତ୍ରୀ ପରିବହନ**
- **କାର୍ଯ୍ୟକାରୀ ହେଉନାହିଁ ବୋଟ୍ ରୁଲ୍‌ସ**




**କେନ୍ଦ୍ରାପଡ଼ା, ୧୩।୯ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ପଦନୀପାଳ, ଏକମାଣିଆ, ସିଂହଗାଁ, ବଟିଘର ଆଦି ୧୭ ପଞ୍ଚାୟତ ଅଦ୍ୟାବଧି ନଦୀ ଘେରାବନ୍ଦୀରେ ଅଛି। ଏହି ୧୭ ପଞ୍ଚାୟତରେ ୧୨୦ରୁ ଉର୍ଦ୍ଧ୍ୱ ଡଙ୍ଗା ଘାଟ ଥିବାବେଳେ ସରକାରୀ ସ୍ତରରେ ଚିହ୍ନଟ ୬୩ ଘାଟରୁ ଅନବରତ ଡଙ୍ଗା ଚାଲୁଛି। କିନ୍ତୁ ସବୁଠି ବିପଦସଙ୍କୁଳ ଭାବେ ଯାତ୍ରୀ ପରିବହନ କରାଯାଉଛି। ନୌକା ଅଥବା ଦେଶୀ ଡଙ୍ଗା ଯାତାୟାତ ମାଧ୍ୟମ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ୨୦୦୪ର ବୋଟ୍ ରୁଲ୍‌ସ କାର୍ଯ୍ୟକାରୀ ହେଉନାହିଁ। ଲାଇଫ୍ ଜ୍ୟାକେଟ୍ ନ ଥାଇ ପର୍ଯ୍ୟଟକ ଓ ଯାତ୍ରୀ ଡଙ୍ଗାରେ ଯାଉଛନ୍ତି। ବିଶେଷକରି ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରେ ଥିବା ହୁକିଟୋଲା, ହାବେଳିଖଟି, ବଟିଘର, ବରୁଣେଇ ଆଦି ପର୍ଯ୍ୟଟନସ୍ଥଳକୁ ବିପଜ୍ଜନକ ଭାବେ ପର୍ଯ୍ୟଟକ ଡଙ୍ଗା, ଭୁଟୁଭୁଟି, ମାଛଧରା ବୋଟ ଆଦିରେ ଯାଉଛନ୍ତି।

ସାମାଜିକ କର୍ମୀ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ବୋଟ୍ ରୁଲ୍‌ସ ଅନୁଯାୟୀ ଜିଲାରେ ଥିବା ଅଧିକାଂଶ ବୋଟ୍, ଡଙ୍ଗା ଓ ଏହାର ଚାଳକ ବୀମାଭୁକ୍ତ ହୋଇନାହାନ୍ତି। ଏପରିକି ଫିଟନେସ୍ ନ ଥିବା ବୋଟ୍‌ରେ ଯାତ୍ରୀ ଯାତାୟାତ କରୁଛନ୍ତି। କୌଣସି କାରଣରୁ ଡଙ୍ଗାବୁଡ଼ି ହେଲେ ମୃତ ଯାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ମିଳିବା ସମ୍ଭବ ନୁହେଁ ବୋଲି ସ୍ୱାଇଁ କହିଛନ୍ତି। ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀଙ୍କ କହିବାନୁଯାୟୀ, ଏବେ ୬୦ରୁ ଉର୍ଦ୍ଧ୍ୱ ବୋଟ୍ ଫିଟ୍‌ନେସ ନ ଥାଇ ଜାତୀୟ ଉଦ୍ୟାନ ମଧ୍ୟରେ ଚାଲୁଛି। ଏହା ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜନଗର ବ୍ଲକ ଗୁପ୍ତିର ନରେନ୍ଦ୍ର କୁମାର ଦାସ କହିଛନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ୧୭୦୦ରୁ ଉର୍ଦ୍ଧ୍ୱ କୁମ୍ଭୀର ଅଛନ୍ତି। ଏହି ଅଞ୍ଚଳକୁ ଗୁପ୍ତି, ଚାନ୍ଦବାଲି, ଖୋଳା, ଜୟନଗର, ଖରିନାସୀ, ବାହାକୁଦ, ଜମ୍ବୁ ଅଞ୍ଚଳରୁ ବୋଟ ☞ପୃଷ୍ଠା-୨

## ପଥର ତଳେ ଚାପିହୋଇ ୨ ଭାଇଙ୍କ ମୃତ୍ୟୁ

**ଦିଗପହଣ୍ଡି, ୧୩।୯ (ଅଶେଷ ନାଥ ମିଶ୍ର)**

ପଥର ଖାଦାନରେ କାମ କରୁଥିବା ବେଳେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପିଲିକାଢ଼ିହ ଗ୍ରାମର ଦୁଇ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ମହୁରୀକାଲୁଆ ଛକ ନିକଟରେ ଥିବା ପଥର ଖାଦାନରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ ଗୋବିନ୍ଦ ମଳିକ ଓ ଜଗା ମଳିକ। ପ୍ରକାଶ ଯେ, ଏକ ଗ୍ରାନାଇଟ୍ କମ୍ପାନୀ ପାଇଁ ଉକ୍ତ ଖାଦାନରେ ପଥର କଟିଂ କାମ ଚାଲିଥିଲା। ଗୋବିନ୍ଦ ଓ ଜଗା ସେଠାରେ କାମ କରୁଥିବାବେଳେ ଏକ ବଡ଼ ପଥର ଖଣ୍ଡ ସେମାନଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପଲିକାଢ଼ିହ ଗ୍ରାମର ବିସୁନୁ ମଳିକଙ୍କୁ କମ୍ପାନୀ ପକ୍ଷରୁ ଖବର ଦିଆଯାଇଥିଲା। ଶବର ସମାଜ ସଭାପତି ରବୀନ୍ଦ୍ର ମଳିକଙ୍କ ସମେତ ୧୫ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପହଞ୍ଚି ବ୍ରହ୍ମପୁର ସଦର ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

**ଆଜିର ସମ୍ପାଦକୀୟ**

**ମୂଷିକବାହନ**

# ଲଘୁଚାପ: ୫ ଜିଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୩।୯ (ଅନିଲ ଦାସ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବୁଧବାର ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ର ଏବଂ ଛତିଶଗଡ଼ରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ସୋନପୁର ଏବଂ ବଲାଙ୍ଗୀର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏପରି କି କେତେକ ସ୍ଥାନରେ ୭ରୁ ୨୦ ସେଣ୍ଟିମିଟର ଯାଏ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟରେ ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ସମ୍ବଲପୁର, ନୟାଗଡ଼, କଟକ, ଅନୁଗୋଳ, ଗଞ୍ଜାମ ଆଦି ☞ପୃଷ୍ଠା-୨



କୋରାପୁଟ-ରାୟଗଡ଼ା ରେଳପଥରେ ମାଟି ଅତଡ଼ା ଖସିବା ସହ ପାଣି ପ୍ରବାହିତ ହେଉଛି।

## ରେଳଲାଇନରେ ଖସିଲା ପଥର, ମାଟି ଅତଡ଼ା

**କୋରାପୁଟ-ରାୟଗଡ଼ା ରେଳପଥରେ ରେଳ ଚଳାଚଳ ବାଧାପ୍ରାପ୍ତ**

**ରାୟଗଡ଼ା, ୧୩।୯ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ବୁଧବାର ପ୍ରବଳ ବର୍ଷା ଯୋଗୁ ରାଉଳି ଓ ଲେଲିଗୁମ୍ମା ରେଳ ଷ୍ଟେଶନ ମଧ୍ୟରେ ବୁଧବାର ସକାଳ ପ୍ରାୟ ୯ଟା ୩୦ ମିନିଟ୍‌ରେ ଭୂସ୍ଖଳନ ଘଟିଛି। ପାହାଡ଼ରୁ ପଥର ଓ ମାଟି ଅତଡା ଖସି କୋରାପୁଟ-ରାୟଗଡ଼ା ରେଳପଥରେ ଜମାହେବାରୁ ଦୀର୍ଘ ୬ଘଣ୍ଟା ଧରି ଏହି ରୁଟ୍‌ରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସକାଳ ସମୟରେ ବିଶାଖାପାଟଣା-କୋରାପୁଟ ଓ କୋରାପୁଟ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍ ଏହି ରୁଟ୍ ଦେଇ ଯିବାର ଅଳ୍ପ ସମୟ ପୂର୍ବରୁ ଏହି ଭୂସ୍ଖଳନ ଘଟିଥିବାରୁ ଏକ ବଡ ରେଳ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ରାୟଗଡ଼ାଠାରୁ ରେଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସଫେଇ କାର୍ଯ୍ୟ କରିବା ପରେ ଅପରାହ୍ନ ପ୍ରାୟ ୩ଟାରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ରେଳ ଚଳାଚଳ ବାଧାପ୍ରାପ୍ତ ଯୋଗୁ ରାୟଗଡ଼ା, ସିଙ୍ଗାପୁର, ଟିକିରି ଷ୍ଟେଶନରେ ଯାତ୍ରୀଙ୍କ ପ୍ରବଳ ଭିଡ଼ ଜମିଥିଲା।

ପ୍ରବଳ ବର୍ଷା ଯୋଗୁ ପାହାଡ଼ ଉପରୁ ବିରାଟକାୟ ପଥର ଓ ମାଟି ଅତଡା ଖସି ରେଳ ଧାରଣା ଉପରେ ପଡିବା ☞ପୃଷ୍ଠା-୨

# ହେବନି ଛାତ୍ର ସଂସଦ ନିର୍ବାଚନ, ବିରୋଧ ତେଜିଲା

**ଭୁବନେଶ୍ୱର, ୧୩।୯ (ଅସମାପିକା ସାହୁ)**

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବାର୍ଷିକ ଶିକ୍ଷା କ୍ୟାଲେଣ୍ଡରରେ ଛାତ୍ର ସଂସଦ ନିର୍ବାଚନ କଥା ଉଲ୍ଲେଖ କରାଯାଇନାହିଁ। ଫଳରେ ରାଜ୍ୟରେ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ନ ହେବା ସ୍ପଷ୍ଟ ହୋଇଛି। ଏହାପରେ ବିରୋଧ ଓ ପ୍ରତିବାଦ ଆରମ୍ଭ ହୋଇଛି। ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଙ୍ଗଠନଗୁଡ଼ିକ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ତୀବ୍ର ବିରୋଧ କରିବା ସହ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି କରିଛନ୍ତି।

ଚଳିତ ବର୍ଷ କ୍ରମାଗତ ଷଷ୍ଠ ଥର ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇଛି। ଏଆଇଏସ୍ଏଫ୍ କହିଛି, ଗଣତନ୍ତ୍ରର ପାଠଶାଳା ଓ ନେତୃତ୍ୱ ବିକାଶର ଅନ୍ତୁଡ଼ିଶାଳ ହେଉଛି ଛାତ୍ର ସଂସଦ ନିର୍ବାଚନ। କେବଳ ବିଧାନସଭା ଓ ସଂସଦ ପାଇଁ ନୁହେଁ, ସମାଜର ଦିଶା ନିର୍ଣ୍ଣୟରେ ନେତୃତ୍ୱକାରୀ ଭୂମିକା ନେବା ପାଇଁ ଏହି ପ୍ରକ୍ରିୟାରେ ନେତା ତିଆରି ହୁଅନ୍ତି। ଛାତ୍ର ଜୀବନରୁ ଉତ୍ତର ଦାୟିତ୍ୱରେ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ହେଉଛି ଛାତ୍ର ସଂସଦ। ଏହାକୁ ବନ୍ଦ କରିବା ଫଳରେ ନେତୃତ୍ୱ ସୃଷ୍ଟି ହେବା ବନ୍ଦ ହେଲାଣି। ନୂତନ ନେତୃତ୍ୱ ସୃଷ୍ଟିର ସଂକଟ ଗଣତନ୍ତ୍ର ପାଇଁ ବିପଦ। ଛାତ୍ର ସଂସଦ ନିର୍ବାଚନ ବନ୍ଦ ଯୋଗୁ ସାଧାରଣ ପରିବାରର ପିଲାଟିଏ ନେତା ହୋଇପାରିବ ନାହିଁ। ରାଜତନ୍ତ୍ରରେ ରାଜା ପୁଅ ରାଜା ହେଲା ଭଳି ନେତାଙ୍କ ପିଲା ହିଁ ନେତା ହେବେ। ତେଣୁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ଆସନ୍ତା ୧୬ ତାରିଖରେ ରାଜ୍ୟସ୍ତରୀୟ ଛାତ୍ର ଅଧିକାର ସମାବେଶ ହେବ ବୋଲି ଏଆଇଏସ୍ଏଫ୍ ପକ୍ଷରୁ ରାଜ୍ୟ ସଭାପତି ସଂଘମିତ୍ରା ଜେନା ଚେତାବନୀ ଦେଇଛନ୍ତି।

ସେପଟେ ଏବିଭିପି ମଧ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ଆଗାମୀ ୨ ଦିନରେ ସବୁ ଉଚ୍ଚଶିକ୍ଷାନୁଷ୍ଠାନ ସମ୍ମୁଖରେ ଏହାର ପ୍ରତିବାଦ କରାଯିବ ବୋଲି ଘୋଷଣା କରିଛି। ସରକାର ଏ ଦିଗରେ ପୁନର୍ବାର ଚିନ୍ତା କରନ୍ତୁ ଏବଂ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ନିଷ୍ପତ୍ତି ନିଅନ୍ତୁ। ଯଦି ସରକାର ତାଙ୍କ ନିଷ୍ପତ୍ତି ନ ବଦଳାନ୍ତି, ତେବେ ଆଗାମୀ ଦିନରେ ଏବିଭିପି କୋର୍ଟର ଆଶ୍ରୟ ନେବ। ଏ ନେଇ ପିଆଇଏଲ୍ ଫାଇଲ କରାଯିବ ବୋଲି ଏବିଭିପିର ରାଜ୍ୟ ଗଣମାଧ୍ୟମ ସଂଯୋଜକ ☞ପୃଷ୍ଠା-୨




## ସଂକ୍ଷେପରେ

### ଆତଙ୍କବାଦୀ ଆକ୍ରମଣ: ସେନା ଅଧିକାରୀଙ୍କ ସମେତ ୩ ଶହୀଦ

**ଶ୍ରୀନଗର, ୧୩।୯:** କଶ୍ମୀରର ଅନନ୍ତନାଗ ଜିଲାରେ ବୁଧବାର ଆତଙ୍କବାଦୀ ଆକ୍ରମଣ ଘଟିଛି। ଏଥିରେ ଜଣେ ସେନା କଲୋନେଲଙ୍କ ସମେତ ୩ ସୁରକ୍ଷାକର୍ମୀ ଶହୀଦ ହୋଇଛନ୍ତି। ଅନନ୍ତନାଗ ଜିଲାର କୋକେରନାଗ ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚିଥିବା ଖବର ଜଣାପଡ଼ିବା ପରେ ସେନା ଓ ସ୍ଥାନୀୟ ପୋଲିସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସେଠାରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ତେବେ ରାତି ହୋଇଥିବାରୁ ଅପରେଶନକୁ ବନ୍ଦ କରାଯାଇଥିଲା। ବୁଧବାର ସକାଳେ ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ କଲୋନେଲ୍ ମନ୍‌ପ୍ରୀତ୍ ସିଂ, ଜମ୍ମୁ-କଶ୍ମୀର ପୋଲିସର ଡିଏସ୍‌ପି ମେଜର ଆଶିଷ ଓ ପୋଲିସ କର୍ମଚାରୀ ହ୍ୟୁମାୟୁନ୍ ଭଟ୍ଟଙ୍କ ମୃତ୍ୟୁ ଘଟିଥିଲା।

### କୋଟାରେ ଆଉ ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା

**କୋଟା, ୧୩।୯:** ରାଜସ୍ଥାନର କୋଟାରେ ଆଉ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଏହାକୁ ମିଶାଇ ଗତ ୮ମାସ ମଧ୍ୟରେ ୨୫ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିସାରିଲେଣି। ଛାତ୍ରୀ ଜଣକ ରାଞ୍ଚିର ମୂଳବାସିନ୍ଦା ହୋଇଥିବାବେଳେ ସେ ବର୍ତ୍ତମାନ କୋଟାର ବ୍ଲୋକ୍ ହଷ୍ଟେଲରେ ରହୁଥିଲେ। ସୂଚନାଯୋଗ୍ୟ ନିଟ୍, ଜେଇଇ ଭଳି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବାର୍ଷିକ ପ୍ରାୟ ୨ ଲକ୍ଷ ଛାତ୍ରୀଛାତ୍ର କୋଟା ଆସିଥାନ୍ତି। ତେବେ ଚଳିତବର୍ଷ ସର୍ବାଧିକ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ୨୦୨୨ରେ ୧୫ ଜଣ, ୨୦୧୯ରେ ୧୮ଜଣ, ୨୦୧୮ରେ ୨୦ଜଣ, ୨୦୧୭ରେ ୭ ଜଣ, ୨୦୧୬ରେ ୧୭ ଜଣ ଏବଂ ୨୦୧୫ରେ ୧୮ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ରାଜସ୍ଥାନ ପୋଲିସ କହିଛି। ତେବେ କରୋନା ମହାମାରୀ ଯୋଗୁ ୨୦୨୦ ଏବଂ ୨୦୨୧ରେ କୌଣସି ଛାତ୍ରୀଛାତ୍ର ଆତ୍ମହତ୍ୟା କରିନଥିବା ଜଣାପଡ଼ିଛି।

### କେରଳରେ ନିପା ସଂକ୍ରମଣ
### ୭ ଗାଁ କଣ୍ଟେନମେଣ୍ଟ ଜୋନ୍ ଘୋଷିତ



**ନୂଆଦିଲ୍ଲୀ, ୧୩।୯:** ନିପା ସଂକ୍ରମଣ ଦୃଷ୍ଟିରୁ କେରଳ ସରକାର ରାଜ୍ୟର କୋଝିକୋଡ଼ ଜିଲାର ୭ ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ନିପା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ରାଜ୍ୟର ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ ଜଣ ସଂକ୍ରମିତ ଥିବା ଜଣାପଡ଼ିଛି। ସଂକ୍ରମିତଙ୍କ ମଧ୍ୟରେ ଜଣେ ୯ବର୍ଷର ବାଳକ ରହିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୋଝିକୋଡ଼ ପ୍ରଶାସନକୁ ସତର୍କ କରାଯାଇଛି। ସେହିପରି ସଂକ୍ରମିତ ଅଞ୍ଚଳରେ ସ୍କୁଲ ଓ ବିଭିନ୍ନ କାର୍ଯ୍ୟାଳୟକୁ ବନ୍ଦ ରଖାଯାଇଛି। କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଗର୍ଗ କହିଛନ୍ତି, ନିପା ଭୂତାଣୁ ବାଂଲାଦେଶ ଭାଇରାଣ୍ଟ ଅଟେ। ଏହା ମନୁଷ୍ୟକୁ ସଂକ୍ରମିତ କରୁଛି ଏବଂ ଏହା ସଂକ୍ରମଣ ତୁଳନାରେ ମୃତ୍ୟୁହାର ସର୍ବାଧିକ ଅଟେ।

# କିମ୍‌ଙ୍କ ମହତ୍ତ୍ୱାକାଂକ୍ଷାରେ ଡେଣା

## ସ୍ପାଏ ସାଟେଲାଇଟ୍ ନିର୍ମାଣରେ ସହାୟତା ଦେବ ରୁଷିଆ

**୧୯୫୦-୫୩ର କୋରୀୟ ଯୁଦ୍ଧ ବେଳେ ଦକ୍ଷିଣ କୋରିଆ ଉପରେ ଉତ୍ତର କୋରିଆ ଆକ୍ରମଣ କରିଥିଲା। ସେହି ସମୟରେ ସୋଭିଏଟ୍ ସଂଘ ଉତ୍ତର କୋରିଆକୁ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧବିମାନ ଯୋଗାଇଦେଇଥିଲା। ସେବେଠୁ ଅନେକ ଦଶନ୍ଧି ଧରି ସୋଭିଏଟ୍‌ର ଅର୍ଥନୀତି ଉପରେ ଉତ୍ତର କୋରିଆ ନିର୍ଭରଶୀଳ ଥିଲା। ତେଣୁ ବର୍ତ୍ତମାନ ଉତ୍ତର କୋରିଆ ରୁଷିଆର ଘରୋଇ ସେନା ୱାଗନର ଗ୍ରୁପ୍ ସମେତ ସରକାରୀ ସାମରିକ ବଳକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଋଣ ଶୁଝୁଛି ବୋଲି ଆମେରିକା କହିଛି। ଦୁଇଦେଶ ମଧ୍ୟରେ ଆଗକୁ କୌଣସି ପ୍ରକାର ଅସ୍ତ୍ରଶସ୍ତ୍ର କାରବାର ହେବା ଅନୁଚିତ ବୋଲି ୱାଶିଂଟନ୍ ଚେତାବନୀ ଦେଇଥିବାବେଳେ ଉତ୍ତର କୋରିଆର ୩୯ ବର୍ଷୀୟ ଏକଚ୍ଛତ୍ରବାଦୀ ଶାସକ କିମ୍ ଜଙ୍ଗ୍ ଉନ୍ ବୁଧବାର ୭୦ ବର୍ଷୀୟ ରୁଷୀୟ ଷ୍ଟ୍ରଙ୍ଗ୍‌ମ୍ୟାନ୍ ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିଛନ୍ତି। ଗତ ୪ ବର୍ଷ ମଧ୍ୟରେ ଏହା ହେଉଛି ଉଭୟଙ୍କ ପ୍ରଥମ ସାକ୍ଷାତ।**



ରୁଷିଆର ଭୋଷ୍ଟୋଚ୍‌ନିରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ହାତ ମିଳାଉଛନ୍ତି ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ (ବାମ)।

**ମସ୍କୋ/ସିଓଲ, ୧୩।୯**

ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ ରୁଷିଆର ନୂଆ ସ୍ପେସ୍ ଲଞ୍ଚ୍ ଷ୍ଟେଶନ୍‌ରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟି ୟୁକ୍ରେନ୍ ବିରୋଧରେ ୧୮ ମାସ ଧରି ଚାଲିଥିବା ଯୁଦ୍ଧକୁ ସମର୍ଥନ କରିଛନ୍ତି। ବିଶ୍ଳେଷକଙ୍କ ମତରେ ଉତ୍ତର କୋରିଆ ନିକଟରେ ଅନେକ ଲକ୍ଷ ପୁରୁଣା ଅସ୍ତ୍ରଶସ୍ତ୍ର ଓ ରକେଟ୍ ଥାଇପାରେ। ରୁଷିଆ ସେହି ଯୁଦ୍ଧାସ୍ତ୍ରଗୁଡ଼ିକୁ ନେଇ ୟୁକ୍ରେନ୍ ବିରୋଧରେ ପ୍ରୟୋଗ କରିପାରେ। ଏହା ବଦଳରେ ରୁଷିଆ ଉତ୍ତର କୋରିଆକୁ ସ୍ପାଏ ସାଟେଲାଇଟ୍ ନିର୍ମାଣରେ ସହଯୋଗ କରିପାରେ। ତେଣୁ ଭୂରାଜନୈତିକ ଉଠାପକା ମଧ୍ୟରେ ଦୁଇ ଏକଚ୍ଛତ୍ରବାଦୀ ଶାସକଙ୍କ ସାକ୍ଷାତ୍‌କୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ୟୁକ୍ରେନ୍ ଯୁଦ୍ଧ ପାଇଁ ଅସ୍ତ୍ରଶସ୍ତ୍ର ଯୋଗାଣ ଚୁକ୍ତି ନ କରିବାକୁ ଆମେରିକା ପକ୍ଷରୁ ଦିଆଯାଇଥିବା ଚେତବାନୀକୁ ଭ୍ରୂକ୍ଷେପ ନ କରି କିମ୍ ପ୍ୟୋଙ୍ଗ୍‌ୟାଙ୍ଗ୍‌ରୁ ରବିବାର ଏକ ଘରୋଇ ଟ୍ରେନ୍‌ରେ ରୁଷିଆ ଅଭିମୁଖେ ଯାତ୍ରା କରିଥିଲେ। କିମ୍ ଟ୍ରେନ୍‌ରେ ରୁଷିଆର ବନାଞ୍ଚଳ ଅତିକ୍ରମ କରୁଥିବାବେଳେ ଉତ୍ତର କୋରିଆ ରାଜଧାନୀ ପ୍ୟୋଙ୍ଗ୍‌ୟାଙ୍ଗ୍ ନିକଟରୁ ପୂର୍ବ ଉପକୂଳ ସମୁଦ୍ରକୁ ୨ଟି ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରିଥିଲା। ଏହା ହେଉଛି କିମ୍‌ଙ୍କ ଅନୁପସ୍ଥିତିରେ ଉତ୍ତର କୋରିଆର ପ୍ରଥମ ମିଶାଇଲ୍ ଲଞ୍ଚ୍। ଦେଶର ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ ବ୍ୟବସ୍ଥା କେତେ ବିକଶିତ ହୋଇଛି ତାହା ଏଥିରୁ ସ୍ପଷ୍ଟ ହେଉଥିବା କୁହାଯାଉଛି। ରୁଷିଆର ଦୂର ପ୍ରାଚ୍ୟରେ ଥିବା ଭୋଷ୍ଟୋଚ୍‌ନି କସ୍‌ମୋଡ୍ରୋମ୍‌ର ସ୍ପେସ୍ ବେସ୍‌ରେ ପୁଟିନ୍ ଓ କିମ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏହି ଅବସରରେ କିମ୍ 'ସାମ୍ରାଜ୍ୟବାଦ ବିରୋଧୀ' ଅଭିଯାନକୁ ମସ୍କୋ ସମ୍ପୂର୍ଣ୍ଣ ଓ ନିଃସର୍ତ୍ତ ସମର୍ଥନ ଘୋଷଣା କରିଥିଲେ। ଉକ୍ତ ସମିଟ୍‌ରେ ଦୁଇ ନେତାଙ୍କ ମଧ୍ୟରେ ୪-୫ ଘଣ୍ଟା ଆଲୋଚନା ହୋଇଥିଲା। ରୁଷିଆର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଲଞ୍ଚ ସେଣ୍ଟର କସ୍‌ମୋଡ୍ରୋମ୍‌ରେ ପୁଟିନ୍‌ଙ୍କୁ କିମ୍ ଭେଟିବା ପଛର ଉଦ୍ଦେଶ୍ୟ ହେଉଛି, ପ୍ୟୋଙ୍ଗ୍‌ୟାଙ୍ଗ୍ ସାମରିକ କାର୍ଯ୍ୟକଳାପ ପାଇଁ ବିକଶିତ କରିବାକୁ ଚାହୁଁଥିବା ସାଟେଲାଇଟ୍ ସକାଶେ ରୁଷୀୟ ସହାୟତା ହାସଲ କରିବା। ଏହାଦ୍ୱାରା ଉତ୍ତର କୋରିଆ ଅଧିକ ଆଣବିକ କ୍ଷମତାସମ୍ପନ୍ନ ଏବଂ ଗୁପ୍ତଚର ମିଶାଇଲ୍ ତିଆରି କରିପାରିବ। ପୁଟିନ୍ ମଧ୍ୟ ଏଥିପାଇଁ ସହାୟତା ଦେବା ନେଇ ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ପୁଟିନ୍ ଓ କିମ୍ ପରସ୍ପରକୁ 'କମ୍ରେଡ୍' ବୋଲି ସମ୍ବୋଧନ କରିଥିଲେ। ଆଲୋଚନା ବେଳେ ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଉପସ୍ଥିତ ଥିଲେ। କିମ୍ ଆସନ୍ତା ଅକ୍ଟୋବରରେ ସ୍ପାଏ ସାଟେଲାଇଟ୍ ଲଞ୍ଚ୍ ପାଇଁ ତୃତୀୟ ଉଦ୍ୟମ କରିବେ ବୋଲି ଏହା ପୂର୍ବରୁ ଘୋଷଣା କରିସାରିଛନ୍ତି। ସେ କ୍ଷମତାସୀନ ହେବା ପରଠୁ ୧୨ ବର୍ଷ ମଧ୍ୟରେ ମାତ୍ର ୭ ଥର ବିଦେଶ ଯାଇଛନ୍ତି, ଯହିଁରୁ ୪ ଥର ହେଉଛି ଚାଇନା ଗସ୍ତ। ପ୍ରକାଶ ଯେ, ଉତ୍ତର କୋରିଆ ବିପକ୍ଷରେ ଆମେରିକା ସମେତ ପାଶ୍ଚାତ୍ୟର କଟକଣାକୁ ଚାଇନା ଓ ରୁଷିଆ ବିରୋଧ କରିଆସୁଛନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ ଭାଜପାର ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ନୂଆଦିଲ୍ଲୀ, ୧୩।୯**

ସେପ୍ଟେମ୍ବର ୯ ଓ ୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀର ସଫଳତାକୁ ନେଇ ଉତ୍‌ଫୁଲ୍ଲିତ ଭାଜପା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରି ଏକ ସଂକଳ୍ପନାମା ପାରିତ କରିଛି। ଭାରତ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀକୁ ଶାସକ ଦଳ ଐତିହାସିକ ଓ ଅଭୂତପୂର୍ବ 'ପିପୁଲ୍ସ ଜି୨୦' ଭାବେ ଅଭିହିତ କରିଛି।

ଭାଜପା ମୁଖ୍ୟାଳୟରେ ଦଳର ବରିଷ୍ଠ ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଛନ୍ତି। ସଂସଦୀୟ ଦଳ ବୋର୍ଡରେ ଗୃହୀତ ସଂକଳ୍ପନାମାରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ପ୍ରତିଶ୍ରୁତିବଦ୍ଧତା ଭାରତ ପାଇଁ ଗର୍ବର ବିଷୟ ବୋଲି ଉଲ୍ଲେଖ କରାଯାଇଛି। ପରେ ମୋଦି ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ହେବାକୁ ଥିବା ବିଧାନସଭା ଭୋଟ ପାଇଁ ଭାଜପାର କେନ୍ଦ୍ରୀୟ ନିର୍ବାଚନ କମିଟିରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

### ଜି୨୦ ସଫଳତା ପାଇଁ ଜାତିସଂଘର ପ୍ରଶଂସା

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଭାରତର ଜି୨୦ ଅଧ୍ୟକ୍ଷତାକୁ ପ୍ରଶଂସା କରିଛନ୍ତି। ନୂଆଦିଲ୍ଲୀ ଯଥାସମ୍ଭବ ଗ୍ଲୋବାଲ୍ ସାଉଥ୍ (ବିକାଶଶୀଳ ରାଷ୍ଟ୍ରଗୁଡ଼ିକ)ର ସ୍ୱର ଉଠାଇ ବିକାଶମୂଳକ କାର୍ଯ୍ୟସୂଚୀକୁ ଆଲୋଚନାର କେନ୍ଦ୍ରରେ ରଖିଥିବା ଗୁଟେରସ୍ କହିଛନ୍ତି।



ଆମେରିକୀୟ ଗବେଷକ ମାର୍କ ଡିକିଙ୍କୁ ତୁର୍କିର ଟରସ ପର୍ବତମାଳାସ୍ଥିତ ମୋର୍କା ଗୁମ୍ଫା ଭିତରୁ ଏକ ଷ୍ଟ୍ରେଚରରେ ଉଠାଇ ଉଦ୍ଧାର କରାଯାଉଛି। ସେ ଏକ ଅଭିଯାନରେ ଥିବାବେଳେ ସେପ୍ଟେମ୍ବର ୨ରେ ପ୍ରାୟ ୧,୦୦୦ ମିଟର ତଳେ ଫସି ଅସୁସ୍ଥ ହୋଇଯାଇଥିଲେ।

## ପୋଲିସ ବ୍ରିଫିଙ୍ଗ୍‌ର ପରିଣାମ ମିଡିଆ ଟ୍ରାଏଲ୍ ନ ହେଉ

### ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୩।୯**

ଅପରାଧିକ ମାମଲାଗୁଡ଼ିକୁ ନେଇ ପୋଲିସ କର୍ମଚାରୀଙ୍କ ବ୍ରିଫିଂ ଉପରେ ୩ ସପ୍ତାହ ମଧ୍ୟରେ ବିସ୍ତୃତ ମାନୁଆଲ ପ୍ରସ୍ତୁତ କରିବା ପାଇଁ ସୁପ୍ରିମକୋର୍ଟ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସବୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ମାନଙ୍କୁ ମାସକ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ନିଜ ନିଜ ପ୍ରସ୍ତାବ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତାବ ଦେବା ବେଳେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ଙ୍କ ଇନ୍‌ପୁଟ୍‌କୁ ବିଚାରକୁ ନେବା ପାଇଁ ନିର୍ଦ୍ଦେଶ ରହିଛି। ବିଚାରାଧୀନ ମାମଲା ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସହ ସମ୍ପର୍କିତ। ପ୍ରଥମତଃ ଏନ୍‌କାଉଣ୍ଟର ବେଳେ ପୋଲିସ ଦ୍ୱାରା ଆପଣାଯାଉଥିବା ପ୍ରକ୍ରିୟା ଏବଂ ଦ୍ୱିତୀୟରେ ଜାରି ରହିଥିବା ଅପରାଧିକ ତଦନ୍ତ ସମୟରେ ମିଡିଆ ବ୍ରିଫିଙ୍ଗ୍ କରିବାବେଳେ ପୋଲିସକୁ ପୋଟୋକଲର ଅନୁସରଣ କରିବା ଉଚିତ।

### ରାଜସ୍ଥାନରେ ସଡ଼କ ଦୁର୍ଘଟଣା: ୧୨ ମୃତ

#### ପ୍ରଧାନମନ୍ତ୍ରୀଙ୍କ ସହାୟତା ଘୋଷଣା

**ଜୟପୁର, ୧୩।୯**

ରାଜସ୍ଥାନର ଭରତପୁର ଜିଲା ଲଖନପୁର ଥାନା ଅଞ୍ଚଳରେ ବୁଧବାର ଭୋରରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଗୁଜରାଟରୁ ତୀର୍ଥଯାତ୍ରୀଙ୍କୁ ନେଇ ବାହାରିଥିବା ବସ୍‌କୁ ଏକ ଟ୍ରକ୍ ପଛପଟୁ ଧକ୍କା ଦେବାରୁ ୧୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୧ଜଣ ଆହତ ହୋଇଛନ୍ତି। ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କ ପରିବାରକୁ ୫୦ ହଜାର ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜସ୍ଥାନ ରାଜ୍ୟପାଳ କଲରାଜ ମିଶ୍ର, ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ଅନ୍ୟମାନେ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି। ଲଖନପୁର ଥାନା ଅଧିକାରୀ ରାମଅବତାର କହିଛନ୍ତି, ବୁଧବାର ଭୋର ୪.୩୦ବେଳେ ବସ୍‌ଟି ହନ୍ତର କଲଭର୍ଟ ନିକଟରେ ଠିଆ ହୋଇଥିବାବେଳେ ପଛପଟୁ ଏକ ୧୦ ଚକିଆ ଟ୍ରକ ଆସି ଧକ୍କା ଦେଇଥିଲା। ଫଳରେ ୬ ଜଣ ମହିଳା ଓ ୫ ଜଣ ପୁରୁଷଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଥିବା ୧୧ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି।

### ଆପାର୍ଟମେଣ୍ଟରେ ନିଆଁ: ୫୬ ମୃତ



**ହାନୋଇ, ୧୩।୯**

ଭିଏତନାମର ରାଜଧାନୀ ହାନୋଇରେ ଥିବା ଏକ ୯ ମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ମଙ୍ଗଳବାର ରାତିରେ ନିଆଁ ଲାଗି ୫୬ ଜଣଙ୍କ ମୃତ୍ୟୁ ଘଟିଛି। ତେବେ କେଉଁ କାରଣରୁ ଏହି ନିଆଁ ଲାଗିଲା ତାହା ଜଣାପଡ଼ିନି। ଭିଏତ୍‌ନାମ ନ୍ୟୁଜ୍ ଏଜେନ୍ସି ସୂଚନାନୁସାରେ ମଙ୍ଗଳବାର ରାତି ପ୍ରାୟ ୧୧.୩୦ରେ ନିଆଁ ଲାଗି ଯାଇଥିଲା। ସେତେବେଳେ ଅଧିକାଂଶ ଲୋକେ ନିଜ ଘରେ ରହିଥିଲେ। ଆପାର୍ଟମେଣ୍ଟଟି ସଂକୀର୍ଣ୍ଣ ସ୍ଥାନରେ ନିର୍ମାଣ ହୋଇଥିବାରୁ ସେଠାକୁ ପହଞ୍ଚିବାକୁ ଅଗ୍ନିଶମ କର୍ମଚାରୀମାନଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ସେହିପରି ଏହି ଅଗ୍ନିକାଣ୍ଡରେ ପ୍ରାୟ ୩୭ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ବିବାହ ବେଦିରେ ବର ଗିରଫ, କନ୍ୟାଙ୍କ ହାତଧରିଲେ ବଡ଼ଭାଇ

**ଆଲିଗଡ଼, ୧୩।୯**

ଚୋରି ମାମଲାରେ ସମ୍ପୃକ୍ତ ଜଣେ ବରକୁ ବିବାହ ବେଦିରୁ ପୋଲିସ ଉଠାଇନେଇଛି। ଫଳରେ ମଙ୍ଗୁଳା କନ୍ୟା ବରଙ୍କ ବଡ଼ ଭାଇକୁ ବିବାହ କରିଛନ୍ତି। ଉତ୍ତର ପ୍ରଦେଶର ଆଲିଗଡ଼ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୁକ୍ତ ଫାଇଜଲ ତାଙ୍କ ବାହାଘର ଲାଗି ଆଲିଗଡ଼ ନିକଟସ୍ଥ ଏକ ମଦ ଦୋକାନରୁ ୩୫ ପେଟି ମଦ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ଏନେଇ ଦୋକାନୀ ଥାନାରେ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଠାବ କରିଥିଲା। ସୋମବାର ଫାଜଲ୍ ବିବାହ ବେଦିରେ ବସିଥିବାବେଳେ ପୋଲିସ ତାଙ୍କୁ ଉଠାଇନେଇଥିଲା। କନ୍ୟାପକ୍ଷ କ'ଣ କରିବେ ବୋଲି ଚିନ୍ତାରେ ପଡ଼ିଯାଇଥିବାବେଳେ ଫାଇଜଲଙ୍କ ବଡ଼ଭାଇ କନ୍ୟାଙ୍କୁ ବାହା ହୋଇଥିଲେ।

## ଭାରତକୁ ମିଳିଲା ସି-୨୯୫ ଏୟାରକ୍ରାଫ୍ଟ



**ସେଭିଲ୍ଲି, ୧୩।୯**

ଭାରତକୁ ପ୍ରଥମ ସି-୨୯୫ ଏୟାରକ୍ରାଫ୍ଟ ମିଳିଛି। ଦୁଇ ବର୍ଷ ପୂର୍ବେ ଭାରତ ସ୍ପେନ୍ ସହ ୨୧,୯୩୫ କୋଟି ଟଙ୍କାର ପ୍ରୋଜେକ୍ଟ ଚୁକ୍ତିନାମା କରିଥିଲା। ଭାରତୀୟ ବାୟୁସେନାକୁ ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ଏହି ଚୁକ୍ତି କରିଥିଲେ। ବାୟୁସେନା ମୁଖ୍ୟ ମାର୍ଶଲ ଭି.ଆର୍. ଚୌଧୁରୀ ସ୍ପେନ୍ ଅଧିକାରୀଙ୍କୁ ଏହାର ନିର୍ମାଣ ଅଧିକାରକୁ ଗ୍ରହଣ କରିଛନ୍ତି। ଏହି ଚୁକ୍ତିନାମା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୧୬ଟି ଯୁଦ୍ଧବିମାନକୁ ୨୦୨୫ ସୁଦ୍ଧା ଉଡ଼ାଣଯୋଗ୍ୟ କରାଯାଇ ସେଭିଲ୍ଲି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ଏବଂ ଅନ୍ୟ ୪୦ଟି ବିମାନକୁ ଟାଟା କମ୍ପାନୀ ନିର୍ମାଣ କରିବ ବୋଲି ଜଣାପଡ଼ିଛି।

## ଜେଲରୁ ମୁକୁଳିଲେ ନାର୍କୋଟିକ୍ କୁଇନ୍

**ୱାଶିଂଟନ୍, ୧୩।୯**

ମେକ୍ସିକୋର ଡ୍ରଗ୍ ଲର୍ଡ ଜୋଆକ୍ୱିନ୍ 'ଏଲ୍ ଚାପୋ' ଗୁଜ୍‌ମ୍ୟାନ୍‌ଙ୍କ ସ୍ତ୍ରୀ ଏମ୍ମା କୋରୋନେଲ ଏଇସ୍ପୁରୋଙ୍କୁ ବୁଧବାର ଲସ୍ ଆଞ୍ଜେଲେସ୍ ଜେଲରୁ ମୁକ୍ତ କରାଯାଇଥିବା ଆମେରିକାର ବ୍ୟୁରୋ ଅଫ୍ ପ୍ରିଜନ୍ ପକ୍ଷରୁ ସୂଚନା ଦିଆଯାଇଛି। ଆମେରିକାରେ ଜନ୍ମିତ ୩୪ ବର୍ଷୀୟା ଏମ୍ମାଙ୍କୁ ସ୍ୱାମୀଙ୍କ ନାର୍କୋଟିକ୍ ସାମ୍ରାଜ୍ୟ ସିନାଲୋଆ କାର୍ଟେଲକୁ ଡ୍ରଗ୍ ଚାଲାଣରେ ସହଯୋଗ କରିବା ଅଭିଯୋଗରେ ୨୦୨୧ରେ ଗିରଫ କରାଯାଇଥିଲା। ଏହି ମାମଲାରେ ସେହିବର୍ଷ ନଭେମ୍ବରରେ ନାର୍କୋଟିକ୍ କୁଇନ୍‌ଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଥିଲା। ଉକ୍ତ କାର୍ଟେଲକୁ ଚଳାଉଥିବା ଗୁଜ୍‌ମ୍ୟାନ୍ ଏବଂ ଅନ୍ୟ ସଂଗଠନଗୁଡ଼ିକର ସଦସ୍ୟମାନଙ୍କ ମଧ୍ୟରେ ସେ ମାଧ୍ୟମ ପାଲଟିଥିବା ବିଷୟ ସ୍ୱୀକାର କରିଥିଲେ। ୨୦୧୪ରେ ଗୁଜ୍‌ମ୍ୟାନ୍‌ଙ୍କୁ ଗିରଫ କରାଯାଇଥିଲା। ତେବେ ସେ ମେକ୍ସିକୋ ଜେଲରୁ ୨ ଥର ଖସି ପଳାଇବାରେ ସକ୍ଷମ ହୋଇଥିଲେ। ୨୦୧୯ରେ ଗୁଜ୍‌ମ୍ୟାନ୍ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡାଦେଶ ପାଇବା ପରେ ଆମେରିକାର କଲରୋଡୋସ୍ଥିତ ସୁପାମାକ୍ସ ଜେଲରେ କଡ଼ା ସୁରକ୍ଷା ବଳୟରେ ଅଛନ୍ତି।



ଏମ୍ମା କୋରୋନେଲ ଏଇସ୍ପୁରୋ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୪/୨୦୨୩ | Bhubaneswar, Thursday, September 14/2023 | ପୃଷ୍ଠା-୧


# ଆସନ ବୁଝାମଣା: ଶୀଘ୍ର ନିଷ୍ପତ୍ତି ନେବ ଇଣ୍ଡିଆ

## ପ୍ରଥମ ରଣନୀତି ବୈଠକରେ ଜାତିଗତ ଜନଗଣନାକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୧୩।୯**

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ୨୬ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ପ୍ରଥମ ରଣନୀତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କ ନୂଆଦିଲ୍ଲୀ ବାସଭବନରେ ହୋଇଥିବା ଏହି ବୈଠକରେ ଜାତିଗତ ଜନଗଣନା କରାଯିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସେହିପରି ଖୁବ୍ ଶୀଘ୍ର ଆସନ ବୁଝାମଣା ଉପରେ ନିଷ୍ପତ୍ତି ନିଆଯିବ। ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ମଧ୍ୟପ୍ରଦେଶର ଭୋପାଳରେ ଇଣ୍ଡିଆର ପ୍ରଥମ ମିଳିତ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ବୈଠକ ଶେଷରେ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ସୂଚନା ଦେଇଛନ୍ତି।

ତାମିଲନାଡୁ ମନ୍ତ୍ରୀ ତଥା ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ୍‌ଙ୍କ ସନାତନ ବିରୋଧୀ ମନ୍ତବ୍ୟକୁ ନେଇ ବିବାଦ ଉଠିଥିବାବେଳେ ଇଣ୍ଡିଆ ବ୍ଲକ୍‌ର ୧୪ ଜଣିଆ ସମନ୍ୱୟ ସମିତି ବୈଠକରେ ୧୨ ସଦସ୍ୟ ଉପସ୍ଥିତ ଥିଲେ। ସମନ୍ୱୟ ସମିତି ସଦସ୍ୟ ବେଣୁଗୋପାଳ କହିଥିଲେ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଅଭିଷେକ ବାନାର୍ଜୀଙ୍କୁ ପଶ୍ଚିମବଙ୍ଗର ସରକାରୀ ସ୍କୁଲଗୁଡ଼ିକରେ ନିଯୁକ୍ତିରେ ଅନିୟମିତତା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସମନ କରାଯାଇଥିବାରୁ ସେ ବୈଠକରେ ଯୋଗଦେଇପାରି ନାହାନ୍ତି। ଅଭିଷେକଙ୍କ କହିବା ହେଲା, ବୈଠକ ଥିବାରୁ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୈତିକ ଉଦ୍ଦେଶ୍ୟ ରଖି ସମନ ପଠାଇବା ପାଇଁ ଇଡିକୁ ପ୍ରବର୍ତ୍ତାଇଛନ୍ତି।

ବୈଠକ ଶେଷରେ ବେଣୁଗୋପାଳ ଏକ ମିଳିତ ବିବୃତି ପଢ଼ି କହିଛନ୍ତି, ସମନ୍ୱୟ ସମିତି ଆସନ ବୁଝାମଣା ଉପରେ ଆଲୋଚନା ଆରମ୍ଭ କରିବାକୁ ସ୍ଥିର କରିଛି। ଯଥାଶୀଘ୍ର ସମ୍ଭବ ଏହି ନିଷ୍ପତ୍ତି ନିଆଯିବ। ଦେଶର ବିଭିନ୍ନ ଭାଗରେ ମିଳିତ ସାଧାରଣ ସଭାଗୁଡ଼ିକର ଆୟୋଜନ କରାଯିବ। ଅକ୍ଟୋବର ପ୍ରଥମ ସପ୍ତାହରେ ଭୋପାଳରେ ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିରେ ଇଣ୍ଡିଆ ବ୍ଲକ୍ ଦରଦାମ୍ ବୃଦ୍ଧି, ବେରୋଜଗାରି ଏବଂ ଭାଜପା ସରକାରର ଦୁର୍ନୀତିକୁ ପ୍ରସଙ୍ଗ କରିବ। ଜାତିଗତ ଜନଗଣନା ପ୍ରସଙ୍ଗ ଉଠାଇବା ପାଇଁ ମଧ୍ୟ ଦଳଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇଛି। ଇଣ୍ଡିଆ ଗ୍ରୁପ୍ ପକ୍ଷରୁ ଏକ ସବ୍-କମିଟି ମଧ୍ୟ ଗଠନ କରାଯାଇଛି। କେଉଁ ଟିଭି ଚ୍ୟାନେଲ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ବିତର୍କ ବେଳେ ମେଣ୍ଟର ନେତାମାନେ ଭାଗନେବେ ☞ପୃଷ୍ଠା-୨



ନୂଆଦିଲ୍ଲୀସ୍ଥିତ ଶରଦ ପାୱାରଙ୍କ ବାସଭବନରେ ବୁଧବାର ଅନୁଷ୍ଠିତ 'ଇଣ୍ଡିଆ'ର ପ୍ରଥମ ରଣନୀତି ବୈଠକରେ ଉପସ୍ଥିତ ନେତାମାନେ।

# ଏସିଆନ ଗେମ୍ସ ପାଇଁ ଓଡ଼ିଶା ଆଥ୍‌ଲେଟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ପ୍ରୋତ୍ସାହନ

## ପ୍ରତି ଆଥ୍‌ଲେଟଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ ପାଇଁ ଘୋଷଣା

**ଭୁବନେଶ୍ୱର,୧୩।୯(ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋଠାରେ ଚଳିତ ମାସ ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଏସିଆର ଏହି ମେଗା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ୧୩ ଆଥ୍‌ଲେଟ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନଙ୍କ ଟ୍ରେନିଂ, ପ୍ରସ୍ତୁତି ଓ ଅଂଶଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଲକ୍ଷ ଟଙ୍କା ଲେଖାଏର ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ଅର୍ଥାତ୍ ପ୍ରତି ଆଥ୍‌ଲେଟ ୧୦ ଲକ୍ଷ ଟଙ୍କା ଲେଖାଏ ପାଇବେ। ଏସିଆନ ଗେମ୍ସ ଏସିଆ ମହାଦେଶର ସବୁଠାରୁ ବଡ଼ ପ୍ରତିଯୋଗିତା। ଏଥିପାଇଁ ଯୋଗ୍ୟତା ଅର୍ଜନ କରିଥିବା ଏଲିଟ ଆଥ୍‌ଲେଟମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନର ଉପଯୁକ୍ତ ପ୍ଲାଟଫର୍ମ ପାଇଥାନ୍ତି। ଆସନ୍ତା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଶା ଆଥ୍‌ଲେଟମାନେ ☞ପୃଷ୍ଠା-୨

# ୧୭ରେ ସର୍ବଦଳୀୟ ବୈଠକ

## ସଂସଦର ସ୍ୱତନ୍ତ୍ର ଅଧିବେଶନ

### ୭୫ ବର୍ଷର ଯାତ୍ରା ଉପରେ ଆଲୋଚନା ହେବ

**ନୂଆଦିଲ୍ଲୀ,୧୩।୯**

ଆସନ୍ତା ୧୮ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନରେ ସମ୍ବିଧାନ ସଭାଠାରୁ ନେଇ ୭୫ ବର୍ଷର ସଂସଦୀୟ ଯାତ୍ରା ଉପରେ ଆଲୋଚନା ହେବ। ଅଧିବେଶନ ବେଳେ ସରକାର ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଲ୍ ଲୋକ ସଭାରେ ଆଗତ କରିବେ। ଏହି ବିଧେୟକ ମୌସୁମୀ ଅଧିବେଶନ ବେଳେ ରାଜ୍ୟ ସଭାରେ ଆଗତ ହୋଇସାରିଛି। ୧୯ ତାରିଖ ଗଣେଶ ଚତୁର୍ଥୀରେ ନୂଆ ସଂସଦ ଭବନରେ ଗୃହକାର୍ଯ୍ୟ ଆରମ୍ଭ ହେବ। ଲୋକ ସଭାରେ 'ଆଇନଜୀବୀ (ସଂଶୋଧନ) ବିଲ୍-୨୦୨୩' ଏବଂ 'ପ୍ରେସ୍ ଆଣ୍ଡ୍ ରେଜିଷ୍ଟ୍ରେଶନ୍ ଅଫ୍ ପିରିଓଡିକାଲ୍ସ ବିଲ୍-୨୦୨୩' ଆଗତ କରାଯିବ। ଏହି ୨ ବିଲ୍ ଗତ ଅଗଷ୍ଟ ୩ରେ ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ଏହା ବ୍ୟତୀତ ଅଗଷ୍ଟ ୧୦ରେ ରାଜ୍ୟ ସଭାରେ ଆଗତ ହୋଇଥିବା 'ପୋଷ୍ଟ ଅଫିସ୍ ବିଲ୍-୨୦୨୩'କୁ ମଧ୍ୟ ଲୋକ ସଭାରେ ଆଗତ କରାଯିବ ବୋଲି ଏକ ଅଫିସିଆଲ୍ ବୁଲେଟିନ୍‌ରୁ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"୨୦୨୪ ଲୋକ ସଭା ନିର୍ବାଚନ ବେଳେ ଧର୍ମନିରପେକ୍ଷ ଜନତା ଦଳ ସହ ଭାଜପାର ମେଣ୍ଟ ନେଇ ଆଲୋଚନା ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଉଭୟଙ୍କ ମନରେ କ'ଣ ଚାଲିଛି ତାହା ଆମକୁ ଜଣାନାହିଁ। **–ବି.ଏସ୍. ୟେଦୁରପ୍ପା, କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଅଁର ରଙ୍ଗେଇଲା
ଦିନ ଦିନକର ଭାବ ପୀରତି
ଦଇବ ଭଙ୍ଗେଇଲା ।**

ବେଳେବେଳେ ଅତି ସାମାନ୍ୟ ଘଟଣା ବା କଥା ସମ୍ପର୍କକୁ ବିଗାଡ଼ି ଦେଇଥାଏ। ସମ୍ପର୍କର ମୃତ୍ୟୁ ନାହିଁ , ପରନ୍ତୁ ମଣିଷର ସ୍ୱଭାବ, ବ୍ୟବହାର ତଥା ଅହଂଭାବ ଏହାକୁ ନଷ୍ଟ କରିଦିଏ। ବୁଝାମଣାରେ ବିଘ୍ନ ଘଟିଲେ ଭାବପୀରତି କ୍ଷଣସ୍ଥାୟୀ ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚରିବୁଲି ଖାଉଥା
ମୋର ହୋଇ ପଡ଼ିଥା।**

ପତିବ୍ରତା ନାରୀ ନିଜ ଗୁଣ ଓ ଆଚରଣ ବଳରେ ସମାଜରେ ବହୁ ପ୍ରଶଂସିତ ହୋଇଥାନ୍ତି। ଲଜ୍ଜାଶିଳା ଗୁଣ ନାରୀର ଶ୍ରେଷ୍ଠ ଭୂଷଣ ହୋଇଥିବା ସ୍ଥଳେ କେତେକ ମହିଳା ପରକିୟାପ୍ରୀତି ପ୍ରତି ମନ ବଳାଇଥାନ୍ତି। ଏହାଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରି ବ୍ୟଭିଚାରିଣୀ ନାରୀକୁ ପ୍ରଶ୍ରୟ ଦେଉଥିବା ଅପଦାର୍ଥ ସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଭୋଟର ତାଲିକାରେ ୩.୪୫ ଲକ୍ଷ ମୃତ ମତଦାତା

- **ବାଦ୍ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**
- **ଜିଲାପାଳଙ୍କ ସହ ଆଲୋଚନା କଲେ ଇସିଆଇ ଟିମ୍**

ଭୁବନେଶ୍ୱର,୧୩।୯(ଅନିଲ ଦାସ)

ରାଜ୍ୟରେ ୩,୪୫,୦୦୦ ମୃତ ମତଦାତାଙ୍କ ନାମ ଭୋଟର ତାଲିକାରେ ରହିଛି। ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ନିକଟରେ ଘରକୁ ଘର ବୁଲି କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ସେଗୁଡ଼ିକୁ ତୁରନ୍ତ ଭୋଟର ତାଲିକାରୁ ବାଦ୍ ଦେବା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସମସ୍ତ ଜିଲାପାଳମାନଙ୍କୁ ନେଇ ବୁଧବାର ଖାରବେଳ ଭବନରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶା ଗସ୍ତରେ ଆସିଥିବା ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ଡେପୁଟି ନିର୍ବାଚନ କମିଶନର (ସିନିୟର ଡିଇସି) ଧର୍ମେନ୍ଦ୍ର ଶର୍ମା, ସିନିୟର ଡିଇସି ନିତେଶ ବ୍ୟାସ୍ ଏବଂ ଡେପୁଟି ନିର୍ବାଚନ କମିଶନର ମନୋଜ ସାହୁ ବୈଠକରେ ଉପସ୍ଥିତ ରହି ଜିଲାୱାରି ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି।ଭୋଟର ନାମ ପଞ୍ଜୀକରଣ ସମୟରେ ଜଣେ ହେଲେ ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସଜାଗ ରହିବାକୁ ନିର୍ବାଚନ ଆୟୋଗଙ୍କ ଡେପୁଟି କମିଶନର ବୈଠକରେ ଗୁରୁତ୍ୱାରୋପ କରିଛନ୍ତି।ଗୋଟିଏ ନିର୍ବାଚନମଣ୍ଡଳୀରୁ ଅନ୍ୟ ଗୋଟିଏ ନିର୍ବାଚନମଣ୍ଡଳୀକୁ ସ୍ଥାନାନ୍ତର ହେଲେ ଭୋଟରମାନଙ୍କୁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜରିଆରେ ଦାଖଲ କରିବାକୁ ପଡ଼ିବ। ମତଦାତାମାନେ ନିଜେ ଭୋଟର ହେଲ୍‌ପଲାଇନ ଆପ୍ କିମ୍ବା ଏନ୍‌ଭିଏସ୍‌ପି ପୋର୍ଟାଲରେ ଅନ୍‌ଲାଇନ ମାଧ୍ୟମରେ ଘରେ ରହି ତାଲିକାରେ ନାମ ଯୋଗ କରିବା, ବାଦ୍‌ଦେବା, ସ୍ଥାନାନ୍ତର ଏବଂ ତ୍ରୁଟି ସଂଶୋଧନ କରିପାରିବେ।ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରାଯାଇଛି।ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସମସ୍ତ ଯୋଗ୍ୟ ଭୋଟରମାନଙ୍କୁ ଫଟୋ ଭୋଟର ପରିଚୟ ରେଜିଷ୍ଟ୍ରି ଡାକ ଯୋଗେ ଯୋଗାଇ ଦେବା ଉପରେ ଜିଲା ନିର୍ବାଚନ ଅଧିକାରୀମାନେ ବିଶେଷ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି।ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ବୈଠକରେ ଭୋଟର ତାଲିକା ପ୍ରସ୍ତୁତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଓ ସମ୍ବେଦନଶୀଳ ବୁଥ୍ ଉପରେ ଆଲୋଚନା ହୋଇଛି। ରାଜ୍ୟରେ ଏବେ ଇଭିଏମ୍ ପହଞ୍ଚି ସାରିଥିବା ବେଳେ ୯ ଜିଲା ପାଇଁ ଭିଭିପିଏଟି ପହଞ୍ଚି ସାରିଛି। ଅକ୍ଟୋବରରେ ଇଭିଏମ୍‌ର ପ୍ରଥମ ପର୍ଯ୍ୟାୟ ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି। ଏହି ସମୀକ୍ଷା ବୈଠକରେ ସମସ୍ତ ଜିଲାପାଳ, ରାଜସ୍ୱ କମିଶନର, ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀ ରାକେଶ କୁମାର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ସଂଘମିତ୍ରା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।


ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଜିଲାପାଳମାନଙ୍କୁ ନେଇ ବୁଧବାର ଖାରବେଳ ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକ।

# ଭାରତ ଦକ୍ଷତା ବିକାଶ ମଡେଲକୁ ବିଶ୍ୱ ଅନୁକରଣ କରୁଛି: ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୩।୯ (ସୁନିତ୍ ମିଶ୍ର)

ଦକ୍ଷତା ବିକାଶ ମଡେଲକୁ ବର୍ତ୍ତମାନ ବିଶ୍ୱ ଅନୁକରଣ କରୁଛି ବୋଲି ନୂଆଦିଲ୍ଲୀସ୍ଥିତ କୌଶଳ ଭବନରେ 'ସ୍କିଲ୍ ଇଣ୍ଡିଆ ଡିଜିଟାଲ' ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ପ୍ଲାଟ୍‌ଫର୍ମ ଶୁଭାରମ୍ଭ କରି ଧର୍ମେନ୍ଦ୍ର କହିଛନ୍ତି, ନିକଟରେ ସମାପ୍ତ ହୋଇଥିବା ଜି୨୦ ବୈଠକରେ ୧୦ଟି ପ୍ରମୁଖ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସେଥିମଧ୍ୟରୁ ବିଶ୍ୱ ସ୍କିଲ୍ ଗ୍ୟାପ୍ ଆନାଲିସିସ୍ ଓ ଭାରତର ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର ଉପରେ ଗୁରୁତ୍ୱ ଦିଆଯାଇଛି। ରାଷ୍ଟ୍ରସମୂହ ଭାରତର ଡିଜିଟାଲ ପଦକ୍ଷେପକୁ ପ୍ରଶଂସା କରିବା ସହ ଭାରତର ମଡେଲ ପ୍ରତି ବିଶ୍ୱ ଅନେକ ଆଶା ରଖିଛି। ଭାରତର ୟୁପିଆଇ, ଭିମ୍ ଆପ୍, ଡିଜି ଲକର, ୱାନ୍ ନେଶନ ୱାନ୍ କାର୍ଡ, ରାଶନ କାର୍ଡ ପୋର୍ଟାବିଲିଟି, ଡିବିଟି, ଏକାଡେମିକ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍‌କୁ ଲୋକମାନେ ଭଲରେ ବୁଝିପାରିଛନ୍ତି। ଭାରତର ସ୍କିଲ୍ ଇଣ୍ଡିଆ ଏକ ବ୍ରାଣ୍ଡ ହେବା ସହ ଜନ ଆନ୍ଦୋଳନ ହୋଇପାରିଛି। ଶିଳ୍ପ ବିପ୍ଲବ ୪.୦ରେ ବିଶ୍ୱ ଭାରତର ଡିଜିଟାଲ ସ୍ପେସ୍‌କୁ ଆଦୃତ କରିଛି। ଭାରତ ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ବିଶେଷ ଭାବେ କମ୍ ମୂଲ୍ୟରେ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର ତିଆରି କରିବାରେ କୀର୍ତ୍ତି ସ୍ଥାପନ କରିଛି। ଲୋକାର୍ପିତ ହୋଇଥିବା ସ୍କିଲ୍ ଇଣ୍ଡିଆ ଡିଜିଟାଲ ପୋର୍ଟାଲରେ ସବୁକିଛି ଡିଜିଟାଲ ପ୍ଲାଟ୍‌ଫର୍ମ ଏକତ୍ରିତ ହୋଇଛି। ସ୍କିଲ୍ ଫର୍ ଅଲ୍, ସ୍କିଲ୍ ଏନିଟାଇମ, ସ୍କିଲ୍ ଏନିହୋୟାର ବ୍ୟବସ୍ଥା ରହିଥବାରୁ କୌଣସି ବ୍ୟକ୍ତି ଯେକୌଣସି ସମୟରେ ନିଜକୁ କେତେକ କ୍ଷେତ୍ରରେ କୌଶଳରେ ଦକ୍ଷ ହୋଇପାରିବ, ଯାହା ଏକ ନୂଆ ବେଞ୍ଚମାର୍କ ସ୍ଥାପିତ କରିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ମାଇକ୍ରୋସଫ୍ଟ , ଏଡବ୍ଲ୍ୟୁଏସ୍, ରେଡ୍‌ହେଟ୍, ୱାଧୱାନି ଫାଉଣ୍ଡେଶନ, ୟୁନିସେଫ୍,ଏସ୍‌ଏପି, ସିବିଏସ୍‌ଇ, ଏନ୍‌ଆଇଇଏଲ୍‌ଆଇଟି ଦକ୍ଷତା ବିକାଶ ମନ୍ତ୍ରଣାଳୟ ଅଧୀନ ଜାତୀୟ କୌଶଳ ବିକାଶ ନିଗମ (ଏନ୍‌ଏସଡିସି) ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ଆସନ ବୁଝାମଣା...

ତାହା ଏହି ସବ୍–କମିଟି ଚୟନ କରିବ ବୋଲି ବେଣୁଗୋପାଳ କହିଛନ୍ତି। ସମନ୍ୱୟ ସମିତି ବୈଠକରେ ପାୱାର ଓ ବେଣୁଗୋପାଳଙ୍କ ସମେତ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ(ଜେଏମ୍‌ଏମ୍), ଡି. ରାଜା (ସିପିଆଇଏମ୍), ଜୱାଦ୍ ଅଲୀ ଖାନ୍ (ସମାଜବାଦୀ ପାର୍ଟି), ଟି.ଆର୍. ବାଲୁ (ଡିଏମ୍‌କେ), ତେଜସ୍ୱୀ ଯାଦବ (ଆର୍‌ଜେଡି), ରାଘବ ଚଡ୍ଢା (ଏଏପି), ସଞ୍ଜୟ ଝା (ଜେଡିୟୁ), ଓମାର ଅବ୍‌ଦୁଲ୍ଲା (ଏନ୍‌ସି), ମେହବୁବା ମୁଫ୍‌ତି (ପିଡିପି) ଏବଂ ସଞ୍ଜୟ ରାଉତ୍ (ଶିବସେନା ୟୁବିଟି) ଉପସ୍ଥିତ ଥିଲେ।

### ଏସିଆନ ଗେମ୍ସ ...

ହେଲେ କିଶୋର କୁମାର ଜେନା (ଆଥ୍‌ଲେଟିକ୍ସ), ଆଂଶିକା ଭାରତୀ, ରିତୁ କୌଡ଼ି ଓ ସୋନାଲି ସ୍ୱାଇଁ (ରୋଇଂ), ଅନୁପମା ସ୍ୱାଇଁ (ଜୁ–ଜିତ୍ସୁ), ନେହା ଦେବୀ ଲେଇଚୋନଡାମ (କାୟାକିଂ ଆଣ୍ଡ କାନୋଇଂ), ପ୍ୟାରୀ ଖାଖା (ଫୁଟବଲ), ଦୀପ୍ ଗ୍ରେସ୍ ଏକ୍କା ଓ ଅମିତ ରୋହିଦାସ (ହକି) ଏବଂ ଡୁମୁନି ମାର୍ଣ୍ଡି, ତରୁଲତା ନାଏକ, ମାମା ନାଏକ ଓ ହୁପି ମାଝି (ରଗ୍‌ବୀ)। ଆର୍ଥିକ ପ୍ରୋତ୍ସାହନ ଓଡ଼ିଶା ପ୍ରତିଯୋଗୀଙ୍କ ଟ୍ରେନିଂ ପାଇଁ ଉପଯୋଗୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏଥିସହ ପ୍ରତିଯୋଗୀମାନେ ଆଗାମୀ ମେଗା ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିବାନେଇ ସେ ଶୁଭକାମନା ଜଣାଇଛନ୍ତି।

### ୧୭ରେ ସର୍ବଦଳୀୟ ...

ଜଣାପଡ଼ିଛି। ତେବେ କାର୍ଯ୍ୟସୂଚୀରେ ଆହୁରି କେତେକ ପ୍ରସଙ୍ଗ ମଧ୍ୟ ଯୋଡ଼ାଯାଇପାରେ।

ଏହି ଅଧିବେଶନ ପୂର୍ବରୁ ସମସ୍ତ ରାଜନୈତିକ ଦଳର ସଂସଦୀୟ ଦଳ ନେତାମାନଙ୍କୁ ନେଇ କେନ୍ଦ୍ର ଏକ ବୈଠକ ଡାକିଛି। ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ବୁଧବାର ସୂଚନା ଦେଇଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଜୋଷୀ କହିଛନ୍ତି, ୧୭ ତାରିଖ ଅପରାହ୍ନ ୪ଟା ୩୦ରେ ହେବାକୁ ଥିବା ସର୍ବଦଳୀୟ ବୈଠକ ପାଇଁ ସମ୍ପୃକ୍ତ ସମସ୍ତ ନେତାଙ୍କୁ ଇ–ମେଲ୍ ଯୋଗେ ନିମନ୍ତ୍ରଣ ପଠାଯାଇଛି। ପୂର୍ବରୁ ଅଗଷ୍ଟ ୩୧ରେ ସେ କୌଣସି କାରଣ ନ ଦର୍ଶାଇ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିବା ବିଷୟ କହିଥିଲେ। ଅଧିବେଶନକୁ ଆଉ କମ୍ ସମୟ ବାକି ଥିବାବେଳେ କେନ୍ଦ୍ର ସରକାର ଏହାର କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ ନ କରାଇବା ଦୁର୍ଭାଗ୍ୟଜନକ ବୋଲି ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିଲେ। କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ବିରୋଧୀ ବ୍ଲକ୍ 'ଇଣ୍ଡିଆ' ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖି ୯ଟି ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଲାଇଫ୍ ଜ୍ୟାକେଟ୍ ...

ଆତଯାତ ହେଉଛି। ଏଥିରେ କେତେଜଣ ନାବାଳକ ଚାଳକ ହୋଇଥିବା ଲକ୍ଷ୍ୟ କରାଯାଇଛି। ଅର୍ଥ ଲୋଭରେ ଅଧିକ ଯାତ୍ରୀ ଡଙ୍ଗା ଅଥବା ବୋଟ୍‌ରେ ପରିବହନ ହେଉଥିଲେ ମଧ୍ୟ କୌଣସି ସରକାରୀ କଟକଣା ନାହିଁ।

୨୦୨୨ ଜୁନ ୧୬ରେ ରାଜନଗର ବ୍ଲକ ତାଳଚୁଆ ଥାନା ଅଧୀନ ଏକ ମାଛଧରା ଟ୍ରଲର ବୁଡ଼ିଗଲା।ଏଥିରେ ୧୨ ଜଣ ଉଦ୍ଧାର ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୨୦ ଜୁନ ୧୯ରେ ମହାକାଳପଡ଼ା ବ୍ଲକ ପୀତାପାଟ ନିକଟରେ ଡଙ୍ଗା ଓଲଟି ପଡ଼ିଥିଲା। ଏଥିରେ ଥିବା ୫ ଶ୍ରମିକ କୌଣସି ପ୍ରକାରେ ଜୀବନ ବଞ୍ଚାଇଥିଲେ। ଏହି ସ୍ଥାନରେ ୨୦୧୩ ମାର୍ଚ୍ଚ ୧ରେ ଡଙ୍ଗା ବୁଡ଼ି ଘଟଣାରେ ଜଗତ୍‌ସିଂହପୁର ଜିଲାର ୧୩ କିଶୋର କ୍ରିକେଟ ଖେଳାଳିଙ୍କ ଜୀବନ ଯାଇଥିଲା। ସେହିପରି ୨୦୧୯ ଜାନୁୟାରୀ ୨ରେ ନିପାଣିଆଠାରେ ଡଙ୍ଗା ବୁଡ଼ି ଘଟଣାରେ ୧୦ ମହିଳା ଓ ଶିଶୁଙ୍କ ପ୍ରାଣହାନି ହୋଇଥିଲା। ୨୦୨୩ ଏପ୍ରିଲ ୨୭ରେ ଆଳି ବ୍ଲକ୍ ଏକମାଣିଆ ଘାଟରେ ଡଙ୍ଗାବୁଡ଼ି ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ଡଙ୍ଗା ବୁଡ଼ିର ଅନ୍ୟ ଏକ କାରଣ ହୋଇଛି। ବାହାକୁଦ ଓ ଖରିନାସୀ ସେତୁ ଅଦ୍ୟାବଧି ନିର୍ମାଣ ଶେଷ ହୋଇନାହିଁ। ସେହିପରି ବର୍ଷାଋତୁରେ ଜିଲାର ଅଧିକାଂଶ ସ୍ଥାନରେ ଡଙ୍ଗା ହିଁ ଯାତାୟାତର ମାଧ୍ୟମ ହୋଇଛି। ପ୍ରତିଦିନ ଡଙ୍ଗାରେ ଅଞ୍ଚଳବାସୀ ଯାତାୟାତ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତଦାରଖ ହେଉ ନ ଥିବା ମହାକାଳପଡ଼ାର ବିଭୂତି ଭୂଷଣ ରାଉତ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଦେଶୀ ଡଙ୍ଗା ଓ ବୋଟ ଚାଳକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହେଉଛି। ନିୟମ ବହିର୍ଭୂତ କୌଣସି ଡଙ୍ଗା ଅଥବା ବୋଟ୍ ନଦୀରେ ଯାତାୟାତ କଲେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି।

### ରେଳଲାଇନରେ ଖସିଲା ...

ସହ ପାହାଡ ଉପରୁ ପାଣି ଆସି ରେଳ ଧାରଣା ଉପରେ ପ୍ରବାହିତ ହୋଇଥିଲା। ଏହା ଜଣାପଡିବା ପରେ ରାଉଳି ଷ୍ଟେଶନ ପକ୍ଷରୁ ରାୟଗଡ଼ା ଓ ଲକ୍ଷ୍ମୀପୁର ରେଳ ଷ୍ଟେଶନକୁ ସୂଚନା ଦିଆଯାଇଥିଲା। ପରେ ରାୟଗଡ଼ା ରେଳ କର୍ତ୍ତୃପକ୍ଷ ବିଶାଖାପାଟଣା–କୋରାପୁଟ ପାସେଞ୍ଜରକୁ ରାୟଗଡ଼ାଠାରେ ଓ କୋରାପୁଟ– ବିଶାଖାପାଟଣା ପାସେଞ୍ଜର ଟ୍ରେନକୁ ଟିକିରିଠାରେ ଅଟକାଇ ଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ରେଳ ଚଳାଚଳ ବାଧାପ୍ରାପ୍ତ ହେବାରୁ ଦୁଇଟି ପାସେଞ୍ଜର ଟ୍ରେନ ପଛକୁ ଫେରିଯାଇଥିଲା । ଲକ୍ଷ୍ମୀପୁରଠାରେ ଅଟକି ରହିଥିବା ଜଗଦଲପୁର– ହାଓଡା ଏକ୍ସପ୍ରେସ ରେଳ ଧାରଣା ସଫାହେବା ପରେ ବହୁ ବିଳମ୍ବରେ ହାଓଡା ଅଭିମୁଖେ ଯାତ୍ରା କରିଥିଲା।

### ଲଘୁଚାପ: ୫ ଜିଲାରେ ...

ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଦେବଗଡ଼, ଝାରସୁଗୁଡ଼ା, ଗଜପତି, ରାୟଗଡ଼ା, ଢେଙ୍କାନାଳ, କୋରାପୁଟ ଆଦି ଜିଲାରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୫ ତାରିଖରେ ମଧ୍ୟ ଲଘୁଚାପଜନିତ ବର୍ଷା ଲାଗି ରହିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ନବରଙ୍ଗପୁର, ଗଞ୍ଜାମ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା ନୟାଗଡ଼, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, କଟକ, ଅନୁଗୋଳ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହି ଜିଲାଗୁଡ଼ିକ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଲାଗିରହିବ। ଆସନ୍ତା ୧୯ରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଚଳିତ ମାସ ଶେଷ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ଯୋଗୁ ରାଜ୍ୟରେ ମେଘୁଆ ପାଗ ସହିତ ଟୁହାକୁ ଟୁହା ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାୟଗଡ଼ାରେ ୧୯ ସେଣ୍ଟିମିଟର ବର୍ଷା ହୋଇଥିବା ବେଳେ କଳାହାଣ୍ଡି ୧୬, ଦାରିଙ୍ଗବାଡ଼ି ୧୩, ମାଲକାନଗିରି ୧୨, ଗଞ୍ଜାମ ୧୦, ରାୟଗଡ଼ା ୧୦, କନ୍ଧମାଳରେ ୧୦ ସେଣ୍ଟିମିଟର ବର୍ଷା ହୋଇଛି। ଏଥିସହିତ ରାଜ୍ୟର ଅନ୍ୟାନ୍ୟ ଭାଗରେ ମଧ୍ୟ ଲଘୁଚାପ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ହେତୁ କୋରାପୁଟ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ରାସ୍ତାରେ ପାହାଡ଼ରୁ ମାଟି ଅତଡ଼ା ଖସିଛି। ରାସ୍ତା ଉପରେ ଗଛ ଓ ମାଟି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଲମତାପୁଟରେ ୨ ଦିନ ହେଲା ପ୍ରବଳ ବର୍ଷା ଲାଗିରହିବା ଯୋଗୁ ରାସ୍ତା ଉପରେ ପାଣି ଚାଲୁଛି । ଏଥିଯୋଗୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି।

### ହେବନି ଛାତ୍ର ...

ବିଶ୍ୱଜିତ ମହାପାତ୍ର କହିଛନ୍ତି। ସେହିଭଳି ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି, ଗତ ୫ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନରେ ବିଶୃଙ୍ଖଳା ଏବଂ ଅନ୍ୟାନ୍ୟ ଯୁକ୍ତି ଆଳରେ ଛାତ୍ର ସଂସଦ ନିର୍ବାଚନକୁ ସରକାର ବନ୍ଦ କରିଛନ୍ତି। ନିର୍ବାଚିତ ଛାତ୍ରସଂସଦ ଗଠନ କରିବା ଛାତ୍ରୀଛାତ୍ରଙ୍କର ସଂଗ୍ରାମଲବ୍ଧ ଅଧିକାର। ତେଣୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ପୂର୍ବଭଳି ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବା ଦାବିରେ ଆସନ୍ତା ୧୫ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ଦିବସ ପାଳନ କରାଯିବ। ଏଥିରେ ସାମିଲ ହେବା ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ସରକାର ୨୪ ଘଣ୍ଟା ଭିତରେ ନିଷ୍ପତ୍ତି ବଦଳାଇବାକୁ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୮ରେ ବାତ୍ୟା 'ତିତ୍‌ଲି' ପାଇଁ ଛାତ୍ର ସଂସନ ନିର୍ବାଚନ ବନ୍ଦ ହୋଇଥିଲା। ତା'ପରେ ନିର୍ବାଚନ ଯୋଗୁ କ୍ୟାମ୍ପସରେ ଅଶାନ୍ତି ସୃଷ୍ଟି ହୋଇଥିବାରୁ ୨୦୧୯ରେ ବିଶ୍ୱବିଦ୍ୟାଳୟ କୁଳପତି, ସରକାରୀ ଡିଗ୍ରୀ କଲେଜ, ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧକ୍ଷମାନେ ନିର୍ବାଚନ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୦ରେ କରୋନା ଯୋଗୁ ଶିକ୍ଷାନୁଷ୍ଠାନ ଖୋଲିପାରି ନ ଥିଲା। ୨୦୨୧ରେ କରୋନା ସ୍ଥିତି ଲାଗି ରହିଥିବାରୁ ନିର୍ବାଚନ କରାଯାଇ ନ ଥିଲା। ସେହିପରି କରୋନା ଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହୋଇଥିବାରୁ ଏଥିରେ ସୁଧାର ଆଣିବା ପାଇଁ ୨୦୨୨ରେ ଛାତ୍ର ସଂସଦ ନିର୍ବାଚନ ହୋଇ ନ ଥିଲା। ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି ହୋଇ ଆସୁଛି। ଏଥିପାଇଁ କିଛିଦିନ ହେବ ବିଭିନ୍ନ କଲେଜ ଓ ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ଧାରଣା ତଥା ବିକ୍ଷୋଭ ମାଧ୍ୟମରେ ଦାବି ରଖି ଆସୁଥିଲେ। ହେଲେ ସରକାର ଛାତ୍ର ସଂସଦ ନିର୍ବାଚନକୁ କୌଶଳକ୍ରମେ ବନ୍ଦ କରାଯାଇଥିବାରୁ ବିଭିନ୍ନ କ୍ୟାମ୍ପସରେ ଅସନ୍ତୋଷ ତେଜିବାରେ ଲାଗିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ଶୁକ୍ରଙ୍କ ପ୍ରଭାବରୁ ସକାଳୁ ସକାଳୁ ଯେଉଁ କାମ ଆରମ୍ଭ କରିବେ, ସେଥିରେ ନିଶ୍ଚିତ ସଫଳତା ମିଳିବ। ଯେଉଁ କାମରେ ହାତ ଦେଇଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇପାରିବ। ଲ –ନାମାକ୍ଷର ବ୍ୟକ୍ତିଙ୍କ ମନୋମାଳିନ୍ୟଜନିତ ବିବାଦ ବଢ଼ିପାରେ। ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ।

**ବୃଷ** – ଏକାଧିକ ଗ୍ରହଯୁକ୍ତ ଚନ୍ଦ୍ର ହେତୁ ଆଜି ନିରୁତ୍ସାହିତ ରହିବେ। ଉପକୃତ ହୋଇଥିବା ନିଜର ଲୋକମାନେ ମଧ୍ୟ କ୍ରମଶଃ ଦୂରେଇ ଯାଉଥିବାର ଲକ୍ଷ୍ୟ କରିବେ। ଆର୍ଥିକ ସମସ୍ୟା ଦୂରେଇବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିପାରନ୍ତି। ଅତୀତରେ ଘଟିଯାଇଥିବା ପରିସ୍ଥିତିକୁ ଯେତିକି ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ମିଥୁନ** – କୋଣସ୍ଥକେତୁ ଗ୍ରହ କାମ ହାସଲ କରିବା ସକାଶେ ପ୍ରତିକୂଳ ବାତାବରଣ ସୃଷ୍ଟି କରିବ। ଆର୍ଥିକ ସଙ୍କଟ ରହିବ ନାହିଁ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇଲେ ମଧ୍ୟ ଅନ୍ୟମାନେ ସପକ୍ଷରେ ମତ ଦେବେ। ମୃଗଶିରା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ହେବ।

**କର୍କଟ** – କର୍ମଜଞ୍ଜାଳ ବୃଦ୍ଧି ଯୋଗୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ପୁଷ୍ୟା ନକ୍ଷତ୍ରଜାତ ବ୍ୟକ୍ତି ସକାଶେ ଶାସ୍ତ୍ରାଲୋଚନା, ଅର୍ଥଲାଭ ଓ ନୂତନ କର୍ମାରମ୍ଭରେ ସଫଳତା ମିଳିବ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଠିକ୍ ହେବ।

**ସିଂହ** – ପରିସ୍ଥିତିବଶତଃ ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ଚିନ୍ତାକୁଳ ରହିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର କାମ ସବୁ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। ଆଜି ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ କିନ୍ତୁ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ରହିବେ।

**କନ୍ୟା** – ସମୟ ଉଣ୍ଡି ଉଚିତ ପଦକ୍ଷେପ ନେବା କାରଣରୁ କୃତକାର୍ଯ୍ୟ ହୋଇପାରିବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ହସ୍ତା ନକ୍ଷତ୍ରର ଚିନ୍ତା କରିଥିବା କାମଗୁଡ଼ିକ ବାସ୍ତବରେ ଓଲଟା ହେବ। ଅନ୍ୟମନସ୍କ କିମ୍ବା ଅସାବଧାନତାଜନିତ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ତୁଳା** – ଅଧିକାଂଶ ସମୟ ନିରୋଳାରେ ଅବସ୍ଥାନ କରିବା ଦ୍ୱାରା ଭାବୁକ ପାଲଟି ଯାଇପାରନ୍ତି। ମନରେ ବିଭିନ୍ନ ଭାବନା ହେତୁ ସବୁ ସମୟରେ କ'ଣ ନା କ'ଣ ଚିନ୍ତା କରିବେ। ହାତକୁ ନେଇଥିବା କାମଟିକୁ ଶେଷ କରିବାରେ ସମୟ ଲାଗିବ। ଆଜି ପ୍ରତ୍ୟାବର୍ତ୍ତନ ସମୟରେ ଆପଣ କହିଥିବା ଜିନିଷଟି ଧରି ଘରକୁ ନିଶ୍ଚୟ ଆସିବେ।

**ବିଛା** – ଅନ୍ୟମାନଙ୍କୁ ଭରସା କଲେ ଖାଲରେ ପଡ଼ିବେ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବାଧ୍ୟବାଧକତାରେ କିମ୍ବା ପରିସ୍ଥିତିବଶତଃ କେତେକ କାମ କରିବାକୁ ମନ ବଳାଇବେ। ଅନୁରାଧା ସକାଶେ ସମ୍ପର୍କୀୟମାନେ ଉପରେ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଭିତରେ ଚେର କାଟିପାରନ୍ତି।

**ଧନୁ** – କାହାକୁ କିଛି କହି ନ ପାରି ନିଜେ ହଇରାଣରେ ପଡ଼ିପାରନ୍ତି। ଏଣେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର ଓ ନିରୁତ୍ସାହିତ କରିବ। ପୂର୍ବାଷାଢ଼ା ନକ୍ଷତ୍ର ଚିନ୍ତା କରିଥିବା ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ନାହିଁ। ବ୍ୟବସାୟିକ ସଫଳତା ଓ ରାଜନୈତିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର** – ଅନ୍ୟର ମନ ଅନୁଯାୟୀ କାମକରି ବାହାବା ନେଇ ପାରନ୍ତି। କିନ୍ତୁ ନିଜର ଅସୁବିଧା ଓ ଅଭାବ କଥା ବଖାଣିଲେ ଶୁଣିବାକୁ କିଏ ପାଖରେ ନ ଥିବେ। ତଥାପି ଶ୍ରବଣା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାତ୍ରାକାଳରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇବାର ସମ୍ଭାବନା ରହିଛି।

**କୁମ୍ଭ** – ଏକାଧିକ ଗ୍ରହ ଶନି ଦୃଷ୍ଟିରେ ଥିବା କାରଣରୁ ସମସ୍ୟା ଭିତରେ ଚଳିବାକୁ ପଡ଼ିପାରେ। ହସି ହସି ସୁନ୍ଦର କଥା କହୁଥିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଧନିଷ୍ଠା ନକ୍ଷତ୍ର ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆଜି ରାଜନୀତି, ପ୍ରଶାସନ ଦିଗଟି ଭଲ ରହିବ।

**ମୀନ** – କଠିନ ପରିଶ୍ରମ କାରଣରୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଆଗାମୀ ନୂତନ କାମଟିର ଆରମ୍ଭ ନିମନ୍ତେ ପ୍ରସ୍ତୁତି କରିବାକୁ ମନ ବଳାଇପାରନ୍ତି। ରେବତୀ ନକ୍ଷତ୍ର ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ।

ଆଜି ଭାଦ୍ରବ ମାସର ସପ୍ତପୁରୀ ଅମାବାସ୍ୟା ଗୁରୁବାର, ଶ୍ରୀମନ୍ଦିରରେ ସାତପୁରୀ ଡାଡ଼ ବିଜେ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅମାବାସ୍ୟାର ନିଶାପାଳନ, ସେପ୍ଟେମ୍ବର ୧୪ ତାରିଖ, ବିଶ୍ୱ ହିନ୍ଦୀ ଦିବସ, ରାଶି ନକ୍ଷତ୍ର– ପୂର୍ବାଫାଲ୍‌ଗୁନୀ/ସିଂହ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ମି. ଗତେ ଘ.୦୭।୧୪ମି. ମଧ୍ୟେ, ଘ.୧୦।୩୦ମି. ଗତେ ଘ.୧୨।୫୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୧୩ମି. ଗତେ ଘ. ୦୨।୪୪ମି. ମଧ୍ୟେ ରାହୁକାଳ।


Govt. of Uttarakhand
G20
ONE EARTH • ONE FAMILY • ONE FUTURE
Azadi Ka Amrit Mahotsav
Unveiling Uttarakhand's Opportunities
YOUR GATEWAY FROM
PEACE TO PROSPERITY
Pushkar Singh Dhami
Chief Minister, Uttarakhand
The construction of a developed India for the 21st century rests on two primary pillars, pride in our heritage and second, every possible effort for development. Today, both these pillars are being strengthened by Uttarakhand. This decade will be the decade of Uttarakhand.
Narendra Modi
Prime Minister
DESTINATION UTTARAKHAND
GLOBAL INVESTORS SUMMIT 2023
December, 2023 | Dehradun
Peace To Prosperity
Uttarakhand Global Investors Summit: Curtain Raiser
14th September, 2023 (Thursday), 11:00 am, Hotel Taj Mahal, Mansingh Road, New Delhi
Welcome to Uttarakhand, where the majestic Himalayas meet endless opportunities! Nestled in this breathtaking scenery, we invite you to embark on an extraordinary journey. With investor-friendly policies, top-notch infrastructure and a serene ambience, we're shaping the future of investment.
For more details please log on to
investuttarakhand.uk.gov.in
Or Scan QR Code
Be our Growth Partner
Issued in Public Interest by Department of Information & Public Relations, Uttarakhand
www.uttarainformation.gov.in | DIPRUK | UttarakhandDIPR | UttarakhandDIPR

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୪ ସେପ୍ଟେମ୍ବର, ୨୦୨୩

"ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। **–ଶ୍ରୀଅରବିନ୍ଦ**



# ମୂଷିକବାହନ



ଦେବଦତ୍ତ ପଟ୍ଟନାୟକ

ଆଗକୁ ଆସୁଛି ଗଣେଶ ପୂଜା। ସବୁଠାରେ ବିଘ୍ନନାଶନ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମଣ୍ଡପରେ ଗଣେଶଙ୍କ ପାଦତଳେ ମୂଷିକ ବାହନ ବସିଥିବା ଦେଖିବାକୁ ମିଳେ। ବାସ୍ତବରେ ମୂଷାମାନେ ଘୃଣାର ଭାବନା ସୃଷ୍ଟି କରନ୍ତି। ସେମାନଙ୍କ ସହ ବି କିଛି ଗୁପ୍ତ, ଅପରିଷ୍କାର ଏବଂ ଅଶୁଭ ବିଷୟ ଜଡ଼ିତ ରହିଛି। ମୂଷା କଥା ପଡ଼ିଲା କ୍ଷଣି ଅଳିଆଗଦା, ନାଳୀ, ପ୍ଲେଗ୍ ଏବଂ ଅନ୍ୟାନ୍ୟ ରୋଗ ବିଷୟ ମନରେ ଉଙ୍କିମାରେ। ର୍ୟାଟ୍ (ଲମ୍ବା ଲାଞ୍ଜଯୁକ୍ତ ମଧ୍ୟମ ଆକାର ମୂଷା) କହିଲେ ସମ୍ପତ୍ତି ନଷ୍ଟ କରିବାକୁ ହିଁ ବୁଝାଏ। କୌଣସି ପ୍ୟାକେଟ୍ କିମ୍ବା ବ୍ୟାଗରେ ଜିନିଷ ରହିଥିଲେ ତାହାକୁ ଚୋରି କରିନେବା କିମ୍ବା ଏଣେତେଣେ ପକାଇ ଅପରିଷ୍କାର କରିବା ଏହାର କାମ। ମୂଷା ବିଷୟରେ ଗୋଟିଏ ହେଲେ ବି ଆକର୍ଷକ କିମ୍ବା ଆକାଂକ୍ଷିତ ବିଷୟ ନ ଥିବା ମନେହୁଏ। ତେବେ କାହିଁକି ଗଣେଶ ସଦାସର୍ବଦା ଏକ ମୂଷା ସହିତ ଦେଖାଯାଇଥା'ନ୍ତି। ଏହି ମୂଷାକୁ ମଧ୍ୟ ସ୍ନେହରେ ଆମେ କାହିଁକି ମୂଷିକା ବୋଲି ଡାକିଥାଉ?

ଗଣେଶଙ୍କ ନିକଟରେ ର୍ୟାଟ୍ ନୁହେଁ; ଏହା ଏକ ଛୋଟ ମୂଷା (ମାଉସ୍) ରହିଛି। ର୍ୟାଟ୍‌ଗୁଡ଼ିକ ବହୁତ ଖରାପ। ମାଉସ୍ ବହୁତ ସରଳ। ଏଣୁ ସୁନ୍ଦର ଗଣେଶ ଏକ ସୁନ୍ଦର ଛୋଟ ମୂଷା ଉପରେ ବସି ବୁଲନ୍ତି ବୋଲି ମୋ ଭଣଜା ଦାବି କରେ। କିନ୍ତୁ ପ୍ରକୃତ କଥା ହେଉଛି ଯାହାକୁ ଆମେ ମୂଷିକ କହୁଛୁ, ସେ କେମିତିକା ସେହି ବିଷୟରେ କେହି ନିଶ୍ଚିତ ନୁହନ୍ତି। ପଣ୍ଡିତ ତଥା ସାଧାରଣ ଜନତା ଏହି ବିଷୟରେ ସଂସ୍କୃତ ଗ୍ରନ୍ଥଗୁଡ଼ିକରେ ଯାହା ଅସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, ତାହାର ଉଦାହରଣ ଦେଇ ର୍ୟାଟ୍ ଓ ମାଉସ୍‌କୁ ନେଇ ଅଛିଣ୍ଡା ଯୁକ୍ତି କରିପାରନ୍ତି। ର୍ୟାଟ୍, ମାଉସ୍ ବୋଧହୁଏ ଏକ ବ୍ୟାଣ୍ଡିକୋଟ (ଗୋଜିଆ ମୁହଁ ଓ ଲମ୍ବା ଲାଞ୍ଜଥିବା ମୂଷା)। ତେବେ ସେ ଯାହା ହେଉ, ମୂଳତଃ ଭଣ୍ଡାର ଘରେ ସମସ୍ୟାର କାରଣ ପାଲଟୁଥିବା ର୍ୟାଟ୍ ସମସ୍ୟା ସୃଷ୍ଟିକାରୀ ଜୀବ ଏବଂ କୃଷକର ଶତ୍ରୁ। ସ୍ୱେରେଜରେ ବି ରହନ୍ତି ଓ କ୍ଷତି କରିଥା'ନ୍ତି। ର୍ୟାଟ୍ ବା ବଡ଼ମୂଷାମାନେ ଅଶୁଭର ସୂଚକ। ଏହା ଜାଣିବା ପରେ ତୁମେ ନିଶ୍ଚିତ ଭାବେ ଏମିତିକା ମୂଷାକୁ ଘରେ ରହନ୍ତୁ ବୋଲି କେବେ ବି ଚାହିଁବ ନାହିଁ।

ଗଣେଶ ହେଉଛନ୍ତି ମଙ୍ଗଳ ମୂର୍ତ୍ତି, ଶୁଭର ପ୍ରତୀକ। ତା'ହେଲେ ଏମିତି ଅଶୁଭ ଭାବେ ପରିଗଣିତ ବଡ଼ମୂଷା ଉପରେ ସେ ବସି ବୁଲିବେ କାହିଁକି? ସେଥିରେ ସେ କି ବାର୍ତ୍ତା ଦେବେ। ମୂଷିକ କ୍ଷତିର ସୂଚକ ଓ ଏହା ଆମ ଜୀବନରେ ବିପତ୍ତି ଆଣେ। ମୂଷିକ ଦ୍ୱାରା ସୃଷ୍ଟ ଛୋଟ ସମସ୍ୟାଟିକୁ ଜାଣି ନ ହେଲେ ବି ତାହା ମନରେ କ୍ରୋଧ ସୃଷ୍ଟି କରିବା ସହ ବିରକ୍ତିଭାବ ପ୍ରକାଶ କରାଏ। ମୂଷିକ ହେଉଛି ସେହି ପ୍ରକାର ବିଲ୍, ଯାହାକୁ ବସ୍ କେବେ ବି ପାସ୍ କରିପାରିବେ ନାହିଁ, ଅର୍ଥାତ୍ ଏହା ସେହି ପ୍ରକାର ସମସ୍ୟା, ଯାହାକୁ ମାଲିକ କେବେ ବି ଦୂର କରିପାରିବେ ନାହିଁ। ଏହା ସେହି ପ୍ରକାର ବ୍ରଣ, ଯାହା ଶରୀରରୁ ସମ୍ପୂର୍ଣ୍ଣ ଯିବାକୁ ମନା କରେ। ଏହା ହେଉଛି ସେହି ପ୍ରକାର ପଡ଼ୋଶୀ, ଯିଏ ସର୍ବଦା ତାଙ୍କ ଆବର୍ଜନାକୁ ଆପଣଙ୍କ ଦ୍ୱାରା ସାମ୍ନାରେ ଠୁଳକରେ। ଏହା ହେଉଛି ସେହିପ୍ରକାର ଟପ୍‌ଟପ୍ ପାଣି ପଡୁଥିବା ପାଣିଟ୍ୟାପ୍, ଯାହାକୁ କୌଣସି ପ୍ଲମ୍ବର ଠିକ୍ କରିପାରନ୍ତି ନାହିଁ। ଏହା ହେଉଛି ସେହି ଚାବିଗୁଚ୍ଛ, ଯାହାକୁ ତୁମେ ଘରୁ ବାହାରକୁ ଯିବାକୁ ଥିବାବେଳେ ଖୋଜି ପାଇବ ନାହିଁ। ଏହା ହେଉଛି କୋର୍ଟର ସେହି ମାମଲା, ଯାହାର ବର୍ଷ ବର୍ଷ ପରେ ବି ସମାଧାନ ହୁଏ ନାହିଁ। ଏସବୁ ହିଁ ଆମ ଜୀବନର ବଡ଼ ଚୋରରୂପୀ ମୂଷା, ଯାହା ଆମ ସୁସ୍ଥତାର ଭାବନାକୁ ଢାଙ୍କି ଦେଉଛନ୍ତି।



ଆପଣଙ୍କ ଜୀବନର ସେହି ସମସ୍ତ ବିରକ୍ତିକର ତଥା ମୂଷା ଭଳି ସମସ୍ୟାରୁ କେହି ଜଣେ ଆପଣଙ୍କୁ ମୁକ୍ତି ଦେଇପାରିବା ବିଷୟ ଚିନ୍ତା କରନ୍ତୁ। ହିନ୍ଦୁମାନଙ୍କ ପାଇଁ ସେହି ଜଣକ ହେଉଛନ୍ତି ଗଣେଶ। ଗଣେଶଙ୍କ ବିଶାଳ ପେଟ ଚାରିପାଖରେ ଏକ ସର୍ପ ରହିଛି। ଏହି ସାପ କୃଷକର ବନ୍ଧୁ, ଯିଏ ମୂଷା ଖାଏ, ଫସଲ ଚୋରିକୁ ନିୟନ୍ତ୍ରଣ କରେ ଏବଂ ଏହିପରି ଭାବେ ଉତ୍ପାଦିତ ଶସ୍ୟର ସୁରକ୍ଷା କରେ। ଗଣେଶଙ୍କ ଅନୁଗ୍ରହରେ ସମସ୍ୟା ଦୂର ହୋଇଯାଏ ଏବଂ ସମୃଦ୍ଧି ଓ ଶକ୍ତି ପ୍ରକାଶ ପାଏ। ଗଣେଶ ମୂଷାର ଲାଞ୍ଜକୁ ଟାଣିନେଇ ତା' ଉପରେ ବସି କେମିତି ସମସ୍ୟାକୁ ଆୟତ୍ତ କରିଛନ୍ତି, ସେ ବିଷୟରେ ଆପଣ କଳ୍ପନା କରିପାରିବେ। ଏଣୁ ଏହା ଆପଣଙ୍କୁ ଆଉ ସମସ୍ୟାରେ ପକାଇବ ନାହିଁ। ଏହା ନିଃସନ୍ଦେହ ଯେ, ଗଣେଶ ଲୋକପ୍ରିୟ ଭଗବାନ୍। ଆମର ଅସ୍ତିତ୍ୱକୁ ଆଘାତ କରୁଥିବା ମୂଷାମାନଙ୍କୁ ସେ ତଡୁଛନ୍ତି, ନିୟନ୍ତ୍ରଣ କରୁଛନ୍ତି। ଜୀବନର ବାଧାବିଘ୍ନ ଦୂର କରୁଛନ୍ତି। ସେଥିପାଇଁ ସେ ବିଘ୍ନହର୍ତ୍ତା।

ମୂଷାମାନେ ମଧ୍ୟ ପ୍ରଜନନ ବା ଉତ୍ପାଦନର ପ୍ରତୀକ, କାରଣ ସେମାନେ ଦ୍ରୁତ ପ୍ରଜନକ (ଉତ୍ପାଦକ)। ଗଣେଶ ସର୍ବଦା ଅସାଧାରଣ ଭାବନା, ଜ୍ଞାନ ବିକାଶ ଓ ସମୃଦ୍ଧିର ପ୍ରତୀକ ସହିତ ଜଡ଼ିତ। ଦୂବଘାସର ମୂଳ ଓପାଡ଼ି ଦେଲେ ମଧ୍ୟ ତାହା ପୁଣି ବଢ଼ିବାରେ ଲାଗେ। ଦୂବ ଯେମିତି ଉଦ୍ଭିଦ ବଂଶବୃଦ୍ଧିର ପ୍ରତୀକ, ସେମିତି ମୂଷା ପ୍ରାଣୀ ବଂଶବୃଦ୍ଧିର ପ୍ରତୀକ। ଚାଇନା ଏବଂ ଜାପାନରେ ଉର୍ବରତା, ବଂଶବୃଦ୍ଧି, ଶିଶୁ, ସମୃଦ୍ଧି ସହିତ ମୂଷା ଜଡ଼ିତ। ମୂଷାମାନେ ଫସଲ ନିକଟରେ ପହଞ୍ଚିବାକୁ ଯେତେ ପ୍ରକାର ପ୍ରତିବନ୍ଧକ ରହିଥିଲେ ବି ତାହାକୁ ନିରନ୍ତର ପ୍ରୟାସରେ ଭାଙ୍ଗି ଦେଇ ସେଠାରେ ପହଞ୍ଚିଯାଇଥା'ନ୍ତି। ନିରନ୍ତର ପ୍ରୟାସରେ କେମିତି ସଫଳତା ପାଇବାକୁ ହୁଏ, ତାହା ସୂଚେଇ ଦେଇଥା'ନ୍ତି। ସେମାନେ ମଧ୍ୟ ଲୋଭ ଓ ଅତ୍ୟଧିକ ଇଚ୍ଛାର ପ୍ରତୀକ। ସେମାନେ ସବୁବେଳେ ଜମାକରି ରଖନ୍ତି। ଏହିପରି ଭାବେ ମୂଷାମାନଙ୍କର ଏକ ସକାରାତ୍ମକ ଦିଗ ଅଛି (ଉତ୍ପାଦନ କ୍ଷମତା ଓ ଅରୋଧନୀୟ) ଏବଂ ଏକ ନକାରାତ୍ମକ ଦିଗ ରହିଛି (ଚୋରି କରିବା/ସମସ୍ୟା ସୃଷ୍ଟି କରିବା)। ଗଣେଶ ମୂଷିକ ଉପରେ ବସିବା ଯୋଗୁ ନକାରାତ୍ମକ ଦିଗଗୁଡ଼ିକ ଦୂରେଇ ରହିଥିବାବେଳେ କେବଳ ସକାରାତ୍ମକ ବିଷୟଗୁଡ଼ିକ ଭକ୍ତଙ୍କ ନିକଟରେ ପହଞ୍ଚିଥାଏ।

ଗଣେଶଙ୍କ ମୂର୍ତ୍ତି ସମୃଦ୍ଧି, ଶକ୍ତି ଏବଂ ଶୁଭକାମନା ସୃଷ୍ଟି କରିପାରିବ, ଯେଉଁଥିପାଇଁ ଉତ୍ପାଦକତା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ତାଙ୍କର ବାହାନ ମୂଷିକ ଆମକୁ ଆମ ଦକ୍ଷତାକୁ ନେଇ ଆତ୍ମସନ୍ତୁଷ୍ଟି ନ ହେବା ପାଇଁ ସ୍ମରଣ କରାଇଦିଏ, ପ୍ରୟାସ କରିବାକୁ ସଙ୍କେତଦିଏ। ମୂଷା ଉତ୍ପାଦନ ଏବଂ ଅରୋଧନୀୟର ପ୍ରତୀକ ହୋଇପାରେ ଓ ଆମ ଧନ ପାଇଁ ତା'ର ଯୋଗଦାନ ଥାଇପାରେ, କିନ୍ତୁ ଆମର ଦୃଶ୍ୟମାନ ପୂର୍ଣ୍ଣ ଜୀବନର ମୂଳଦୁଆ କୁହାଯାଉଥିବା ଆମ ନୀତି, ନୈତିକତା ଓ ମୂଲ୍ୟବୋଧକୁ ନିରବରେ ଏବଂ ଗୁପ୍ତ ଭାବରେ ଦାନ୍ତରେ କାଟି ନଷ୍ଟ କରିଦେବାର କ୍ଷମତା ବି ତାହାର ଅଛି।

–devduttofficial@gmail.com

## ଏଇ ଭାରତରେ

ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ। ଏହା ପ୍ରମାଣ କରିଛନ୍ତି ରାଜସ୍ଥାନର ମହିଳା ସରପଞ୍ଚ ନିରୁ ଯାଦବ। ଛାପ୍ରାର ସଲିମପୁର ଗାଁରେ ତାଙ୍କ ଜନ୍ମ। ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ବିବାହ ପରେ ସେ ଝୁନ୍‌ଝୁନ୍ ଜିଲା ଲାମ୍ବିଅହିର ଗାଁକୁ ଯିବା ପରେ ୨୦୨୦ରେ ପ୍ରଥମ ମହିଳା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେବେଠାରୁ ସେ ମହିଳା ସଶକ୍ତୀକରଣ ଓ ଗ୍ରାମୀଣ ବିକାଶ କ୍ଷେତ୍ରରେ ନୂତନ ଦୃଷ୍ଟିକୋଣ ଆପଣାଇ ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି। ନିରୁ ଗ୍ରାମୀଣ ଝିଅମାନଙ୍କୁ ହକି ପ୍ରଶିକ୍ଷଣର ବ୍ୟବସ୍ଥା କରି ଜଣେ କୋଚ୍‌ଙ୍କୁ ସବୈତନିକ ନିଯୁକ୍ତି ଦେଇଛନ୍ତି। ଏ ବାବଦରେ ସେ ତାଙ୍କ ଭତ୍ତାକୁ ଖର୍ଚ୍ଚ କରିବା ସହ ବିଭିନ୍ନ ଦିଗରୁ ପାଣ୍ଠି ସଂଗ୍ରହ କରି ଆଗେଇ ନେଉଛନ୍ତି। ଏଠାରୁ ଝିଅମାନେ ବ୍ଲକ୍ ଓ ଜିଲାସ୍ତରୀୟ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିସାରିଲେଣି ଓ ଜାତୀୟ ସ୍ତରର ଟୁର୍ନାମେଣ୍ଟରେ ଭାଗ ନେବା ଲାଗି ପ୍ରସ୍ତୁତି ଚଳାଇଛନ୍ତି। କୃଷକ ଉତ୍ପାଦକ ସଂଗଠନ ଆରମ୍ଭ କରି କୃଷକମାନଙ୍କୁ ରିହାତିରେ ସାର, ବିହନ ଓ ଆନୁଷଙ୍ଗିକ କୃଷି ଉପକରଣ ଯୋଗାଇ ଦେଉଛନ୍ତି। ଏହାସହ ସ୍ଥାନୀୟ ସରକାରୀ ସ୍କୁଲଗୁଡ଼ିକର ଡିଜିଟାଇଜେଶନ କରୁଛନ୍ତି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହଭାଗିତାରେ ଗାଁଗୁଡ଼ିକରେ ଆର୍ଥିକ ସମାବେଶୀ କାର୍ଯ୍ୟକ୍ରମ ଚଳାଉଛନ୍ତି। ଏଭଳି ବହୁମୁଖୀ କାର୍ଯ୍ୟକ୍ରମ ପାଇଁ ନିରୁଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ସେପ୍ଟେମ୍ବର ୧୯୯୮

- ତାଲିବାନ ଯୋଦ୍ଧାମାନେ ବିରୋଧୀମାନଙ୍କ ଅନ୍ତିମ ମୁଖ୍ୟ ଘାଟି ବୋଲି କୁହାଯାଉଥିବା ବାମିୟାଂର କେନ୍ଦ୍ରାଞ୍ଚଳ ସହରକୁ ଦଖଲ କରିନେଇଛନ୍ତି।
- ସୁପ୍ରିମ୍‌କୋର୍ଟର ସବୁଠାରୁ ବରିଷ୍ଠ ବିଚାରପତି ଜଷ୍ଟିସ୍ ଆଦର୍ଶ ସେନ ଆନନ୍ଦ ଦେଶର ନୂଆ ପ୍ରଧାନ ବିଚାରପତି ନିଯୁକ୍ତ।
- ମୁଖ୍ୟମନ୍ତ୍ରୀ ବଂଶୀଲାଲଙ୍କ ନେତୃତ୍ୱ ବିରୋଧରେ ବିଦ୍ରୋହ କରିବା ଅଭିଯୋଗରେ ହରିୟାଣାର ପୂର୍ତ୍ତମନ୍ତ୍ରୀ ଧର୍ମବୀର ଯାଦବ ମନ୍ତ୍ରିମଣ୍ଡଳରୁ ବହିଷ୍କୃତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 7 | | | 1 | 4 |
| | | | | | | | 7 | 6 |
| | 8 | | | 9 | 1 | | | |
| | | | | 1 | 7 | | 9 | 5 |
| | | | | | | 4 | 2 | |
| 3 | | | | | | | | |
| | | | 4 | 6 | | 3 | | |
| | | | | | | | | |
| 1 | 9 | | | | 5 | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 2 | 6 | 4 | 1 | 5 | 7 | 9 |
| 5 | 7 | 4 | 2 | 9 | 8 | 3 | 1 | 6 |
| 6 | 1 | 9 | 3 | 7 | 5 | 2 | 4 | 8 |
| 9 | 6 | 1 | 5 | 3 | 2 | 7 | 8 | 4 |
| 2 | 8 | 5 | 4 | 6 | 7 | 9 | 3 | 1 |
| 7 | 4 | 3 | 8 | 1 | 9 | 6 | 2 | 5 |
| 1 | 5 | 7 | 9 | 8 | 3 | 4 | 6 | 2 |
| 3 | 2 | 6 | 1 | 5 | 4 | 8 | 9 | 7 |
| 4 | 9 | 8 | 7 | 2 | 6 | 1 | 5 | 3 |

ଗତକାଲିର ଉତ୍ତର

# ଚୌକିର ମୋହ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଶିଶୁକୁ ଏକ ଉପଯୁକ୍ତ ମଣିଷ ଭାବରେ ଗଢ଼ିବାରେ ଶିକ୍ଷକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଶିକ୍ଷକଙ୍କୁ ଶିଶୁର ଦ୍ୱିତୀୟ ପିତାର ମର୍ଯ୍ୟାଦା ଦିଆଯାଇଛି। ପୁଣି ମନୁସଂହିତାର ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି– ''ଉତ୍ପାଦକବ୍ରହ୍ମଦାତ୍ରୋର୍ଗରୀୟାନ୍ ବ୍ରହ୍ମଦଃ ପିତା।'' ଅର୍ଥାତ୍ ଜନ୍ମଦାତା ଓ ବିଦ୍ୟାଦାତା ମଧ୍ୟରେ ବିଦ୍ୟାଦାତା–ପିତା ଅଧିକ ସମ୍ମାନନୀୟ। ସେଥିପାଇଁ ଭାରତୀୟ ପରମ୍ପରାରେ ରାଜା ମହାରାଜାମାନେ ମଧ୍ୟ ଗୁରୁଙ୍କୁ ସର୍ବୋଚ୍ଚ ସମ୍ମାନ ଦେଉଥିଲେ। ରାଜଦରବାରରେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଆସନ ରହୁଥିଲା। ସେହି ଆସନରେ ଆଉ କାହାରି ବସିବାର ଅଧିକାର ନ ଥିଲା। ମନେପଡ଼େ ପ୍ରାୟ ତିରିଶ ବର୍ଷ ତଳର ଏକ ଘଟଣା। ସେତେବେଳେ ମୁଁ ମୟୂରଭଞ୍ଜ ଜିଲାର ଏକ ପୁରାତନ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥାଏ। ସେହି ବିଦ୍ୟାଳୟର ସଭାପତି ଥା'ନ୍ତି ଜଣେ ଉଚ୍ଚ ପ୍ରଶାସନିକ ଅଧିକାରୀ। ସେଠାରେ ସେ ନୂଆ ଯୋଗଦେଇଥାନ୍ତି। ଦିନେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ମୁଁ ବସିଥିବା ବେଳେ ସେ ହଠାତ୍ ପ୍ରବେଶ କଲେ। ସେ ମହାବିଦ୍ୟାଳୟର ସଭାପତି ହୋଇଥିବାରୁ ଅଧ୍ୟକ୍ଷ ସୌଜନ୍ୟବଶତଃ ଉଠିପଡ଼ି ସେହି ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କୁ ତାଙ୍କ ଆସନରେ ବସିବାକୁ ଅନୁରୋଧ କରନ୍ତେ ପ୍ରଶାସନିକ ଅଧିକାରୀ କହିଲେ, ''ସାର୍, ପ୍ରତ୍ୟେକ ପଦାଧିକାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଆସନ ରହିଛି। ଆପଣ ମହାବିଦ୍ୟାଳୟର ଅଧ୍ୟକ୍ଷ। ଆପଣଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସିବାର ଅଧିକାର ମୋର ନାହିଁ।'' ଏହା କହି ସେ ଅଧ୍ୟକ୍ଷଙ୍କ ସାମ୍ନାରେ ଥିବା ଏକ ଚୌକିରେ ବସିପଡ଼ିଲେ।

ତିରିଶ ବର୍ଷ ପରେ ଏହି ଘଟଣାଟି ମନେପଡ଼ିବାର ଏକ କାରଣ ଅଛି। କିଛିଦିନ ତଳେ ଜଣେ ଉପଖଣ୍ଡସ୍ତରୀୟ ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀ ପଶ୍ଚିମ ଓଡ଼ିଶାର ଏକ କଲେଜକୁ କୌଣସି ଏକ କାମରେ ଯାଇ ଅଧ୍ୟକ୍ଷଙ୍କ ଚୌକିରେ ବସିପଡ଼ିଲେ। ତାହା ଶୁଣି ମୋ ମନରେ ପୁନର୍ଜୀବିତ ହୋଇଥିଲା ତିରିଶ ବର୍ଷ ତଳର ମହାବିଦ୍ୟାଳୟ ସଭାପତି ଥିବା ସେହି ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ କଥା। ଭାବୁଥିଲି ଦୁଇଜଣଙ୍କ ମଧ୍ୟରେ କେତେ ପାର୍ଥକ୍ୟ। ପଦବୀର ଅହଂକାର ଆଜି କିଛି ପ୍ରଶାସନିକ ଅଧିକାରୀଙ୍କୁ ଅନ୍ଧ କରିଦେଇଛି। ମନେପଡ଼ିଥିଲା ଆଉ ଏକ ଘଟଣା। ଇଂଲଣ୍ଡର ରାଜା ପଞ୍ଚମ ଜର୍ଜଙ୍କ ସମୟର କଥା। ଥରେ ସେ ଏକ ପବ୍ଲିକ ସ୍କୁଲ ପରିଦର୍ଶନରେ ଯାଇଥିଲେ। ଅଧ୍ୟକ୍ଷଙ୍କ ପ୍ରକୋଷ୍ଠକୁ ସେ ପ୍ରବେଶ କରନ୍ତେ ଅଧ୍ୟକ୍ଷ ଛିଡ଼ାହୋଇ ଏକ ସୁନ୍ଦର ଚୌକିରେ ତାଙ୍କୁ ବସିବାକୁ ଅନୁରୋଧ କଲେ, ମାତ୍ର ନିଜ ଆସନ ଛାଡ଼ିଲେ ନାହିଁ। ରାଜା ଅସମ୍ମାନିତ ବୋଧକରି ମନେ ମନେ ଭୀଷଣ ରାଗୁଥିଲେ। ମାତ୍ର କ୍ରୋଧ ପ୍ରକାଶ କରିପାରୁ ନ ଥିଲେ। ସ୍କୁଲ ପରିଦର୍ଶନ କାର୍ଯ୍ୟ ସରିଲା। ରାଜା ସ୍କୁଲ ପରିସର ବାହାରକୁ ଆସିବା ପରେ ଅଧ୍ୟକ୍ଷ ନତଜାନୁ ହୋଇ ରାଜାଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତେ ରାଜା କହିଲେ, ''ଆପଣ କକ୍ଷ ମଧ୍ୟରେ ମୋତେ ଅସମ୍ମାନିତ କରିସାରିଛନ୍ତି। ଏଠାରେ ଏହି ସମ୍ମାନ ପ୍ରଦର୍ଶନର କୌଣସି ମୂଲ୍ୟ ନାହିଁ।'' ମାତ୍ର ବିଦ୍ୟାଳୟ ଅଧ୍ୟକ୍ଷ ନମ୍ର ଭାବରେ କହିଲେ, ''ମହାରାଜ! ସ୍କୁଲ ପରିସର ମଧ୍ୟରେ ମୋର ଛାତ୍ରୀଛାତ୍ରଙ୍କ ଦୃଷ୍ଟିରେ ମୁଁ ସର୍ବୋଚ୍ଚ ସମ୍ମାନର ଅଧିକାରୀ। ସେମାନଙ୍କ ସମ୍ମୁଖରେ ମୁଁ ଯଦି ଆପଣଙ୍କୁ ସମ୍ମାନ ଜଣାଇ ମୋ ଆସନ ଛାଡ଼ିଦେଇଥା'ନ୍ତି, ସେମାନେ ଭାବିଥାନ୍ତେ ଶିକ୍ଷକ ବଡ଼ ନୁହନ୍ତି, ତାଙ୍କଠାରୁ ବଡ଼ ରାଜା। ମାତ୍ର ସ୍କୁଲ ପରିସର ବାହାରେ ମୁଁ ଆପଣଙ୍କ ପ୍ରଜା।'' ପ୍ରଜାଙ୍କ ଦୃଷ୍ଟିରେ ରାଜା ହିଁ ସର୍ବୋଚ୍ଚ ସମ୍ମାନର ଅଧିକାରୀ। ଶିକ୍ଷକଙ୍କ କଥାର ଯଥାର୍ଥତା ବୁଝିପାରି ସେଦିନ ରାଜା ଶାନ୍ତମନରେ ଚାଲିଯାଇଥିଲେ।



ଆଜି ଭଲ ପାଠ ପଢ଼ି ନିଜ ମେଧାର ପରିଚୟ ଦେଇ ଯେଉଁମାନେ ଉଚ୍ଚ ଆସନର ଅଧିକାରୀ ହୋଇଛନ୍ତି ସେମାନେ ଭୁଲିଯିବା ଉଚିତ୍ ନୁହେଁ ଯେ ସେମାନଙ୍କୁ ମେଧାବୀ ଛାତ୍ର ଭାବେ ଗଢ଼ିତୋଳିଛନ୍ତି ଶିକ୍ଷକମାନେ। ମାତ୍ର ଉଚ୍ଚ ପ୍ରଶାସନିକ ପଦରେ ଅଧିଷ୍ଠିତ ହେବାପରେ ସେମାନଙ୍କ ଦୃଷ୍ଟିରେ ଏହି ଶିକ୍ଷକମାନେ ନ୍ୟୂନ ପରିଗଣିତ ହୁଅନ୍ତି। ପଦବୀର ଅହଂକାର ତାଙ୍କୁ କବଳିତ କରିନିଏ। ସେମାନେ ଭୁଲିଯିବା ଉଚିତ୍ ନୁହେଁ ଯେ ଯେଉଁ ପଦକୁ ନେଇ ସେମାନେ ନିଜକୁ ବଡ଼ ବୋଲି ଭାବନ୍ତି, ସେହି ପଦ କ୍ଷଣସ୍ଥାୟୀ। ପଦ ଚାଲିଗଲା ପରେ ସେମାନେ ସମାଜରେ ଆଉ ପୂର୍ବ ସମ୍ମାନର ଅଧିକାରୀ ହୋଇପାରନ୍ତିନାହିଁ। ଯେଉଁମାନେ ଦିନେ ତାଙ୍କୁ ଉଚ୍ଚ ସମ୍ମାନରେ ବସାଉଥିଲେ ସେମାନେ ହିଁ ତାଙ୍କୁ ଏଡ଼େଇ ଯାଆନ୍ତି, କାରଣ ସେମାନେ ତାଙ୍କ ବ୍ୟକ୍ତିତ୍ୱକୁ ସମ୍ମାନ ଜଣାଉଥିଲେ, ସମ୍ମାନ ଜଣାଉଥିଲେ ସେମାନଙ୍କ ପଦକୁ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କ୍ଷୁଦ୍ର କାହାଣୀ। ଥିଲେ ଜଣେ ବୃଦ୍ଧ ଖ୍ୟାତିସମ୍ପନ୍ନ ସାଧୁ। ଜଣେ ଗୃହସ୍ଥ ଶିଷ୍ୟ ତାଙ୍କୁ ଭେଟିଦେଇଥିଲା ଏକ ଗଧ। ସାଧୁ ଶିଷ୍ୟମାନଙ୍କ ଘରକୁ ଯିବାବେଳେ ସେହି ଗଧକୁ ବାହନ ଭାବରେ ବ୍ୟବହାର କରୁଥିଲେ। ସେ ଜଣେ ଖ୍ୟାତିସମ୍ପନ୍ନ ସାଧୁ ହୋଇଥିବାରୁ ସେ ଯେତେବେଳେ ସହର ମଧ୍ୟ ଦେଇ ଗଧ ଉପରେ ବସି ଯାଆନ୍ତି ଲୋକେ ତାଙ୍କ ଉପରେ ପୁଷ୍ପ ବୃଷ୍ଟି କରନ୍ତି ଓ ମୁଣ୍ଡିଆ ମାରନ୍ତି। ଲୋକମାନଙ୍କର ଏ ପ୍ରକାର ହାବଭାବ ଦେଖି ଗଧଟି ନିଜକୁ ଗର୍ବିତ ମନେ କରୁଥିଲା। ସେ ଭାବୁଥିଲା ଯେଉଁସବୁ ଅଭ୍ୟର୍ଥନା ମିଳୁଥିଲା, ସେସବୁ ବୃଦ୍ଧ ସାଧୁଙ୍କୁ ନୁହେଁ, ବରଂ ତାକୁ ମିଳୁଥିଲା। ଦିନେ ଅପରାହ୍ନରେ ବୃଦ୍ଧ ସାଧୁ ବିଶ୍ରାମ ନେବା ସମୟରେ ଗଧଟି ସେହି ଭାବନାକୁ ମନରେ ଧରି ଏକା ଏକା ସହର ପରିକ୍ରମା କଲା। କିନ୍ତୁ ସେ ଲକ୍ଷ୍ୟକଲା କେହି ବି ତାକୁ ଗୁରୁତ୍ୱ ଦେଉ ନ ଥିଲେ। ଏପରି କି ତା' ଆଡ଼କୁ କେହି ସୁଦ୍ଧା ଅନାଉ ନ ଥିଲେ। ଲୋକମାନଙ୍କ ଏ ପ୍ରକାର ଆଚରଣରେ ସେ ବିସ୍ମିତ ହେଲା। ଶେଷରେ ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ଯେତେବେଳେ ବୋବାଇବାକୁ ଆରମ୍ଭକଲା, ସେତେବେଳେ ଲୋକମାନେ ତାକୁ ପ୍ରବଳ ମାଡ଼ ଦେଇ ବିଦା କରିଦେଲେ। ମାଡ଼ଖାଇ ମନଦୁଃଖରେ ଗଧଟି ଫେରିଆସିଲା ବିଶ୍ରାମ ନେଉଥିବା ସାଧୁଙ୍କ ପାଖକୁ ଓ ତା'ର ଅଭିଜ୍ଞତା ବର୍ଣ୍ଣନା କରି ପଚାରିଲା, ହଠାତ୍ ଲୋକଙ୍କ ଆଚରଣରେ ଏପରି ପରିବର୍ତ୍ତନ କାହିଁକି ହେଲା। ସାଧୁ କହିଲେ, ''ଜୀବନରେ ସବୁଠାରୁ ବଡ଼କଥା ହେଲା ସମ୍ପୃକ୍ତି, ତୁମେ କାହା ସଙ୍ଗରେ ଅଛ? ଅନେକ ସମୟରେ ନିଜର କିଛି ସ୍ୱତନ୍ତ୍ର ଗୁଣ ନ ଥିଲେ ବି ଉଚ୍ଚପଦ ସହ ସମ୍ପୃକ୍ତି ଥିଲେ ଜଣେ ସମ୍ମାନ ପାଏ। ମାତ୍ର ଯେଉଁଦିନ ପଦ ଚାଲିଯାଏ, ନିଜର ବ୍ୟକ୍ତିତ୍ୱ ନ ଥିଲେ ପୂର୍ବ ସମ୍ମାନ ଆଉ ମିଳେନାହିଁ।'' ଆଜି ଯେଉଁମାନେ ନିଜ ପଦର ଅହଂକାରକୁ ନେଇ ଫୁଲି ଉଠୁଛନ୍ତି ସେମାନଙ୍କ ପାଇଁ ଏହି କାହାଣୀଟି ତୀବ୍ର ଚେତାବନୀ। ବ୍ରିଟିଶ୍ ଶାସନ ସମୟରେ ରାଧାନାଥ ଲେଖିଥିବା କେତେକ ପଙ୍କ୍ତି ଏବେ ବି ସତ୍ୟ।

କେହୁ ବୋଲେ ମୁହିଁ ଉଚ୍ଚ ପଦଧାରୀ।
ଉଚ୍ଚ ଆସନର ମୁହିଁ ଅଧିକାରୀ॥
ଆନ ବୋଲେ ମୁହିଁ ଉଚ୍ଚ ବଂଶଧର।
ତୁ ସିନା ଅଢ଼େଇ ଦିନିଆ ଚାକର॥
ଲାଗିଛି ଏପରି ଅହମିକା ଖେଳ।
ଅହମିକା ସିନ୍ଧୁ ହୋଇଛି ଉଦ୍‌ବେଳ॥
ଅହମିକା ବାୟୁ ଗ୍ରସ୍ତ ହୋଇ ବ୍ୟସ୍ତେ।
ମୁଁ ମୁଁ କରି ଆହା ମରନ୍ତି ସମସ୍ତେ॥

ମୋ: ୯୪୩୭୩୨୯୨୬୩

## ପାଠକ ଶ୍ରେଷ୍ଠ ବିଚାରକ

### କୋଟାରେ ଚାପ ଯୋଗୁ ଆତ୍ମହତ୍ୟା ବଢୁଛି

ମହାଶୟ,

ଚମ୍ବଲ ନଦୀ କୂଳରେ ଅବସ୍ଥିତ ରାଜସ୍ଥାନର କୋଟା ସହର ବିଭିନ୍ନ ପ୍ରକାର ପେଣ୍ଟିଂ, ମ୍ୟୁଜିୟମ୍, ଦୋରିଆ ଶାଢ଼ି, ସିଲ୍କ ଶାଢ଼ି ପାଇଁ ପ୍ରସିଦ୍ଧ। ଜେ.କେ. ସିନ୍ଥେଟିକ୍‌ରେ କାର୍ଯ୍ୟରତ ଭି.କେ. ବଂଶଲ ନାମକ ଜଣେ ଇଞ୍ଜିନିୟର ଚାକିରି ଛାଡ଼ି ଇଞ୍ଜିନିୟରିଂ ଓ ମେଡିକାଲ ପାଠରେ ଛାତ୍ରୀଛାତ୍ରମାନଙ୍କୁ ଦକ୍ଷ କରିବାକୁ ପ୍ରଥମେ ନିଜ ଘରେ ଏକ କୋଚିଂ ସେଣ୍ଟର ଖୋଲିଥିଲେ। ପରବର୍ତ୍ତୀ ସମୟରେ ସେଠାରେ ଅନେକ କୋଚିଂ ସେଣ୍ଟର ଖୋଲିବାକୁ ଲାଗିଲା। ଏହିପରି ସାରା ଦେଶରୁ ପ୍ରତିବର୍ଷ ପ୍ରାୟ ୨ଲକ୍ଷ ପିଲା ନିଜକୁ ପ୍ରସ୍ତୁତ କରିବାକୁ କୋଟାରେ ଥିବା କୋଚିଂ କେନ୍ଦ୍ରଗୁଡ଼ିକରେ ନାମ ଲେଖାନ୍ତି। ଏଠାରେ ପାଠପଢ଼ା ଯଦିଓ ଶୃଙ୍ଖଳିତ ଭାବେ ହୁଏ କିନ୍ତୁ ପିଲାଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରାଯାଏ। ଏହିପରି ଚାପର ବଶବର୍ତ୍ତୀ ହୋଇ ପିଲାମାନେ ଆତ୍ମହତ୍ୟା କରୁଛନ୍ତି। ଅନେକ ଅଭିଭାବକ ସେଠାରେ ନିଜ ପିଲାମାନଙ୍କୁ ନେଇ ଘରଭଡ଼ା ଦେଇ ରହୁଛନ୍ତି ଓ ଆଉ କେତେକ ବିଭିନ୍ନ ସ୍ଥାନରେ ଏକଲା ରହୁଛନ୍ତି। ଯେଉଁମାନେ ନିଜ ମା'ବାପାଙ୍କ ସହିତ ରହୁଛନ୍ତି ସେମାନେ ପରୀକ୍ଷାରେ କିଛି ଖରାପ ହେଲେ ନିଜ ଅଭିଭାବକଙ୍କଠାରୁ ଆଶ୍ୱାସନା ପାଆନ୍ତି। କିନ୍ତୁ ଯେଉଁମାନଙ୍କର ଅଭିଭାବକ ନାହାନ୍ତି ସେମାନେ ମାନସିକ ସ୍ତରରେ ଆଘାତ ପାଇ ଆତ୍ମହତ୍ୟା କରିଥାନ୍ତି। କୋଚିଂ ସେଣ୍ଟରର କର୍ମକର୍ତ୍ତା ଏମାନଙ୍କୁ ବୁଝାଇ ଅବସାଦକୁ ହାଲୁକା କରିବା ଉଚିତ। ସେଥିପାଇଁ କୋଚିଂ ସେଣ୍ଟରଗୁଡ଼ିକ ଜଣେ ଜଣେ ମୋଟିଭେଟର ରଖିବା ନିହାତି ଜରୁରୀ।

**– ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

# ହାତୀ–ମଣିଷ ସମସ୍ୟା



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଜାତିସଂଘର ପରିସଂଖ୍ୟାନରୁ ଜଣାଯାଏ ପୃଥିବୀରେ ଦୈନିକ ପ୍ରାୟ ୮୦ହଜାର ଏକର ପରିମିତ ଜଙ୍ଗଲ ଧ୍ୱଂସ ହେଉଛି। ତା'ଛଡ଼ା ଜଙ୍ଗଲର ଜୀବଜନ୍ତୁଙ୍କ ନିମନ୍ତେ ସବୁଠାରୁ ବଡ଼ ବିପଦ ସାଜିଛି ମଣିଷର ସର୍ବଗ୍ରାସୀ ଲୋଭ। ପଶୁପକ୍ଷୀଙ୍କ ଚମଡ଼ା, ଦାନ୍ତ ଏବଂ ଶରୀରର ବିଭିନ୍ନ ଅଂଶକୁ ପାଇବା ଲୋଭରେ ବାଘ, ହାତୀ, ହରିଣ, ବଜ୍ରକାପ୍ତା, ସାପ, ବେଙ୍ଗ, ଗୋଧି, କଇଁଛ, ମୟୂର, ଶୁଆ, ବଣି ପ୍ରଭୃତିଙ୍କୁ ହତ୍ୟା କରାଯାଉଛି ଅଥବା ଚୋରାରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଏଣୁ ଜଙ୍ଗଲର ବିଲୁପ୍ତ ପ୍ରାୟ ପଶୁପକ୍ଷୀଙ୍କୁ ବଞ୍ଚାଇ ରଖିବାର ସମସ୍ୟା ଆଜି ଏକ ଆହ୍ୱାନ ହୋଇ ଉଭାହୋଇଛି।

ସମଗ୍ର ଦେଶରେ ଯେଉଁ କେତୋଟି ରାଜ୍ୟରେ ହାତୀ ଅଭୟାରଣ୍ୟ ରହିଛି ତନ୍ମଧ୍ୟରେ ଓଡ଼ିଶା ଅନ୍ୟତମ। କିନ୍ତୁ ସ୍ୱାର୍ଥପର ମଣିଷମାନେ ହାତୀଦାନ୍ତ ଲୋଭରେ ନିର୍ମମ ଭାବରେ ହାତୀଙ୍କୁ ଶିକାର କରୁଛନ୍ତି। ଇଲେକ୍ଟ୍ରିକ୍ ଫାଶରେ ଅଥବା ବିଷ ପ୍ରୟୋଗ କରି ମାରି ଦେଉଛନ୍ତି। ତା'ଛଡ଼ା ଉପଯୁକ୍ତ ସତର୍କତା ଅଭାବରୁ ଉଚ୍ଚ ଶକ୍ତିସମ୍ପନ୍ନ ବଦ୍ୟୁତ୍ ତାର ସଂସ୍ପର୍ଶରେ ଆସି, ଟ୍ରେନ୍ ଧକ୍କାରେ ଅଥବା ପରିତ୍ୟକ୍ତ କୂଅରେ ପଡ଼ି ଅନେକ ହାତୀଙ୍କର ମୃତ୍ୟୁ ଘଟୁଛି। ପରିସଂଖ୍ୟାନରୁ ଜଣାଯାଏ ଓଡ଼ିଶାରେ ପ୍ରତିବର୍ଷ ନାନା କାରଣରୁ ପ୍ରାୟ ୮୦ ହାତୀଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟୁଛି। ଏଥି ସହିତ ଅନ୍ୟ ଏକ ସମସ୍ୟା ହେଉଛି ଜଙ୍ଗଲର ପରିମାଣ କ୍ରମାଗତ ହ୍ରାସ ପାଉଥିବାରୁ ଖାଦ୍ୟାଭାବରେ ପଡ଼ି ହାତୀ ଜଙ୍ଗଲ ନିକଟସ୍ଥ ଜନବସତିକୁ ପଶିଆସି ଲୋକଙ୍କ କ୍ଷେତ ବାଡ଼ି ନଷ୍ଟ କରୁଛନ୍ତି। ଘରଦ୍ୱାର ଭାଙ୍ଗୁଛନ୍ତି ଏବଂ ନିରୀହ ଲୋକଙ୍କୁ ଆକ୍ରମଣ କରି ମାରି ଦେଉଛନ୍ତି। ଏକ ପରିସଂଖ୍ୟାନରୁ ଜଣାଯାଏ ବିଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ହାତୀ ଆକ୍ରମଣରେ ୯୭୫ ଜଣ ଲୋକଙ୍କର ଜୀବନ ଯାଇଛି।

କୌଣସି ମଣିଷ ହାତୀ ମୃତ୍ୟୁର କାରଣ ହେଲେ ଆଇନ ଅନୁଯାୟୀ ତାହାର ଜେଲ ଏବଂ ଜରିମାନ ଇତ୍ୟାଦି ଦଣ୍ଡର ବ୍ୟବସ୍ଥା ଅଛି। ମାତ୍ର ହାତୀ ଆକ୍ରମଣରେ ମଣିଷର ମୃତ୍ୟୁ ଘଟିଲେ ସରକାର ଦୁଇ ତିନି ଲକ୍ଷ ଟଙ୍କା କ୍ଷତିପୂରଣ ଦେଇ ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ବର୍ତ୍ତମାନ ଆମ ଦେଶରେ ଦୁଇଟି ଜିନିଷ ବହୁତ ଶସ୍ତା ହୋଇଛି, ଗୋଟିଏ ହେଲା ଟଙ୍କା ଏବଂ ଅନ୍ୟଟି ମଣିଷର ଜୀବନ। ଏଠାରେ ବନ୍ୟଜନ୍ତୁଙ୍କ ଆକ୍ରମଣରେ ଯେଭଳି ଜୀବନହାନି ଘଟୁଛି ତାହା ଅନ୍ୟ କୌଣସି ଦେଶରେ ଦେଖାଯାଏ ନାହିଁ। ସରକାର ହାତୀ ପଲଙ୍କୁ ଜଗିବା ନିମନ୍ତେ ଜଗୁଆଳି ବ୍ୟବସ୍ଥା କରିଛନ୍ତି ଏବଂ ସମ୍ପ୍ରତି ହାତୀଙ୍କ ଗତିବିଧି ଲକ୍ଷ୍ୟ କରିବା ପାଇଁ ତାଙ୍କ ବେକରେ ଅତ୍ୟନ୍ତ ବ୍ୟୟବହୁଳ ରେଡିଓ କଲାର ଲଗାଇବାକୁ ଯାଉଛନ୍ତି। ତେବେ ସମସ୍ୟାର ସମାଧାନ ନିମନ୍ତେ ଏ ସମସ୍ତ ବ୍ୟବସ୍ଥା ଯଥାର୍ଥ ମନେହୁଏ ନାହିଁ। କାରଣ, ହାତୀ ଭଳି ବିରାଟକାୟ ଜନ୍ତୁ ଯେତେବେଳେ ଭୋକିଲା ହୋଇ ହିଂସ୍ର ହୋଇଉଠେ ସେତେବେଳେ କୌଣସି ଜଗୁଆଳି ବ୍ୟବସ୍ଥା ତାହାକୁ ଅଟକାଇ ପାରିବ ନାହିଁ। ଗୋଟିଏ ପୂର୍ଣ୍ଣ ବୟସ୍କ ହାତୀ ଦିନକୁ ୧୫୦–୨୦୦କି.ଗ୍ରା. ଖାଦ୍ୟ ଏବଂ ୨୦୦ ଲିଟର ପାଣି ଆବଶ୍ୟକ କରେ। ଜଙ୍ଗଲ ମଧ୍ୟରେ ପର୍ଯ୍ୟାପ୍ତ ଖାଦ୍ୟ ଏବଂ ପାଣିର ଅଭାବ ଘଟିବାରୁ ହାତୀମାନେ ଜନବସତି ଅଞ୍ଚଳରେ ପ୍ରବେଶ କରି ଧନ ଜୀବନର କ୍ଷତି ଘଟାଉଛନ୍ତି। ସେଥିପାଇଁ ହାତୀଙ୍କୁ ଗ୍ରାମାଞ୍ଚଳ ତଥା ସହର ନିକଟସ୍ଥ ଅରଣ୍ୟରୁ ଅପେକ୍ଷାକୃତ ଗଭୀର ଅରଣ୍ୟକୁ ସ୍ଥାନାନ୍ତରିତ କରି ସେଠାରେ ସେମାନଙ୍କୁ ଅଟକାଇ ରଖିବାର ବ୍ୟବସ୍ଥା ହେବା ଉଚିତ। ତା' ଛଡ଼ା ହାତୀପଲ ଗୋଟିଏ ସ୍ଥାନରେ ବେଶିଦିନ ରହନ୍ତି ନାହିଁ। ସ୍ୱାଭାବିକ ଚଳ ପ୍ରଚଳ ନିମନ୍ତେ ସେମାନେ ମାଇଲ ମାଇଲ ଅରଣ୍ୟ ପଥ ଆବଶ୍ୟକ କରନ୍ତି। ତେଣୁ ହାତୀ– ଅଭୟାରଣ୍ୟରେ କୌଣସି ଟ୍ରେନ୍ ଲାଇନ୍, ସଡ଼କ ପଥ ଅଥବା ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାରର ଲାଇନ୍ ରହିବା ଉଚିତ ନୁହେଁ। ଦ୍ୱିତୀୟତଃ ଯେଉଁ ଅଭୟାରଣ୍ୟରେ ଅତ୍ୟଧିକ ଜଙ୍ଗଲକ୍ଷୟ ଘଟିଛି ସେଠାରେ ହାତୀମାନଙ୍କ ଖାଦ୍ୟ ଉପଯୋଗୀ ହଜାର ହଜାର ବୃକ୍ଷ ରୋପଣ କରିବାକୁ ହେବ ଏବଂ କୃତ୍ରିମ ଜଳାଧାରମାନ ସୃଷ୍ଟି କରିବାକୁ ପଡ଼ିବ। ଯେଉଁ ଜଙ୍ଗଲରେ ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ ହୋଇଛି ସେହି ଜଙ୍ଗଲ ମଧ୍ୟରେ ହିଁ ହାତୀଙ୍କ ନିମନ୍ତେ ଉପଯୁକ୍ତ ଖାଦ୍ୟ ଏବଂ ପାନୀୟଜଳର ବ୍ୟବସ୍ଥା କରିବା ଛଡ଼ା ଗତ୍ୟନ୍ତର ନାହିଁ। ଏ ଯୁଗରେ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ରଖିବାକୁ ହେଲେ ଜଙ୍ଗଲ ମଧ୍ୟରେ ହିଁ ପ୍ରାକୃତିକ ପରିବେଶରେ ସେମାନଙ୍କ ରକ୍ଷଣାବେକ୍ଷଣ ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା କରିବାକୁ ପଡ଼ିବ। ନଚେତ ହାତୀ ଏବଂ ମଣିଷ ଉଭୟଙ୍କର ଜୀବନ କ୍ରମାଗତ ବିପନ୍ନ ହୋଇଚାଲିଥିବ। ଏଥିପାଇଁ ଆମର ଆଭିମୁଖ୍ୟରେ ପରିବର୍ତ୍ତନ ଆବଶ୍ୟକ।

ମୋ: ୯୪୩୭୨୮୭୯୬୪

## ଚିରନ୍ତନୀ

'ବ୍ୟର୍ଥତା! ହା ହା!' ଉଠିଲା ସେ ପୁଣି ଡାକି
ଅକପଟ ହାସ ବଦନେ ରହିଲା ଲାଖି
ଧୂଳି ଅଞ୍ଜଳି ଟେକି ଦୁର୍ବଳ ଭୁଜେ,
ଭାଷିଲା, 'ସତ୍ୟ ମହା ବାସ୍ତବ ମୁଁ ଯେ!'
-(ଜୀବନର ସ୍ୱର୍ଣ୍ଣ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୪ ସେପ୍ଟେମ୍ବର, ୨୦୨୩




## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ପରିଶୋଧ କରିନାହାନ୍ତି । ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୭.୦୯.୨୦୨୩ ରିଖ ସୁଦ୍ଧା** ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୯.୦୯.୨୦୨୩ ରିଖ ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣ ଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଡେଲାଙ୍ଗ ଶାଖା, ଡେଲାଙ୍ଗ, କୋଠବାଡ଼, କଣାସ ରୋଡ୍, ଓଡ଼ିଶା-୭୫୨୦୧୫ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଯୋଗେଶ କୁମାର ପ୍ରଧାନ, ଫୋନ୍ ନଂ. : ୯୯୩୮୧୧୭୩୭୭** | | |
| ୧. | **ବସନ୍ତ ବେହେରା,** ପି-କୈଳାଶ ବେହେରା, ସା-ଦାଲୁଆନୂଆପଡ଼ା, ଘୋରଡିଆ, ଡେଲାଙ୍ଗ, ଜିଲ୍ଲା-ପୁରୀ / **୦୮୪୩୦୬୧୦୦୨୯୪୫୯** | ଟ. ୧୯,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୮.୪୮ / ୬.୩୦ |
| | **ପୋଖରୀପୁଟ ଶାଖା, ୧୦୦ଏ, ଜାଗମରା, ସୁନ୍ଦରପଦା ରୋଡ୍, ଅନନ୍ତ ବିହାର, ଫେଜ୍-୨, ପୋଖରୀପୁଟ, ଭୁବନେଶ୍ୱର-୭୫୧୦୨୦ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ସୁନିଲା ସାହୁ, ଫୋନ୍ ନଂ. : ୮୨୬୦୧୫୦୦୯୨** | | |
| ୧. | **ମିହିର କୁମାର ମହାରଣା,** ମାର୍ଫତ-ଦିଲ୍ଲିପ କୁମାର ସିଂହ, ପୋଖରିପୁଟ, ଏରୋଡ୍ରୋମ୍ ଏରିଆ, ଭୁବନେଶ୍ୱର / **୩୧୫୦୦୬୧୦୦୦୪୪୦୧** | ଟ. ୭,୨୯୪.୨୮ + ଲାଗୁ ହୋଇନଥିବା ସୁଧ | ୩.୮୦ / ୩.୫୦ |
| ୨. | **ପରମେଶ୍ୱର ପ୍ରଧାନ,** ପି-ଦୁଃଖିଶ୍ୟାମ ପ୍ରଧାନ, ପାତ୍ରପଡ଼ା, ଭୁବନେଶ୍ୱର / **୩୧୫୦୦୬୧୦୦୦୨୮୨୭** | ଟ. ୬୨,୬୩୮.୦୦ + ଲାଗୁ ହୋଇନଥିବା ସୁଧ | ୩୨.୮୬ / ୨୮.୯୦ |
| | **ରଣପୁର ଶାଖା, ସା/ପୋ-ରଣପୁର, ନୟାଗଡ଼-୭୫୨୦୨୬ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଅକ୍ଷୟ କୁମାର ପାଢ଼ୀ, ଫୋନ୍ ନଂ.: ୮୨୪୯୯୮୮୩୯୮** | | |
| ୧. | **ପ୍ରଭାସିନି ପ୍ରଧାନ,** ସ୍ୱା-ପ୍ରମୋଦ କୁମାର ପ୍ରଧାନ, ସଙ୍ଗମୁଳ, ପୋ-ବାଉଁଶଗଡ଼, ଜିଲ୍ଲା-ନୟାଗଡ଼ / **୦୪୩୬୦୬୧୦୦୪୪୬୬୭** | ଟ. ୨୭,୨୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୦.୪୦ / ୮.୫୦ |
| ୨. | **ମୁରଲୀଧର ସାହୁ,** ପି-ଲକ୍ଷ୍ମୀଧର ସାହୁ, ବଳଭଦ୍ରପୁର, ରଣପୁର, ଜିଲ୍ଲା-ନୟାଗଡ଼ / **୦୪୩୬୦୬୧୦୦୪୨୫୦୨** | ଟ. ୭୭,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୨୭.୪୦ / ୨୬.୦୦ |
| ୩. | **ଲକ୍ଷ୍ମୀଧର ଜେନା,** ପି-ଅହଲ୍ୟା ଦେଇ, ସା-ଚମ୍ପତିପୁର, ପୋ-ଲୋଧଚୁଆ, ରଣପୁର, ଜିଲ୍ଲା-ନୟାଗଡ଼ / **୦୪୩୬୦୬୧୦୦୪୬୧୪୨** | ଟ. ୮,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୪.୧୦ / ୩.୫୦ |
| ୪. | **ଲକ୍ଷ୍ମୀଧର ଜେନା,** ପି-ଅହଲ୍ୟା ଦେଇ, ସା-ଚମ୍ପତିପୁର, ପୋ-ଲୋଧଚୁଆ, ରଣପୁର, ଜିଲ୍ଲା-ନୟାଗଡ଼ / **୦୪୩୬୦୬୧୦୦୪୪୩୦୮** | ଟ. ୩୭,୪୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୩.୯୦ / ୧୨.୫୦ |
| | **ମିରଗାଙ୍ଗୁଦା ଶାଖା, ସା/ପୋ-ମିରଗାଙ୍ଗୁଦା, ନବରଙ୍ଗପୁର ମହାବିଦ୍ୟାଳୟ ବିପରିତ, ଜିଲ୍ଲା-ନବରଙ୍ଗପୁର-୭୬୪୦୬୩ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସଂଗ୍ରାମ କେ. ପାତ୍ର, ଫୋନ୍ ନଂ. : ୯୯୩୭୪୪୮୮୫୮** | | |
| ୧. | **ରାଜିବ କୁମାର ଭକ୍ତ,** ପି-ଘନଶ୍ୟାମ ଭକ୍ତ, ସା-ଗାୟତ୍ରୀ ନଗର, ନବରଙ୍ଗପୁର / **୨୮୪୯୦୬୧୦୦୧୧୮୪୩** | ଟ. ୩୩,୬୧୮.୦୩ + ଲାଗୁ ହୋଇନଥିବା ସୁଧ | ୨୧.୦୦ / ୧୫.୦୦ |
| | **ପଟିଆ ଶାଖା, ପ୍ଲଟ୍ ନଂ. ୩୬୮/୧୮୧୯/୨୨୭୫, ଇନ୍‌ଫୋସିଟି ଟି.ସି.ଏସ୍. ରୋଡ୍, ପଟିଆ, ଭୁବନେଶ୍ୱର-୭୫୧୦୨୪ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଅଶୋକ କୁମାର ତ୍ରିପାଠୀ, ଫୋନ୍ ନଂ. : ୮୩୨୮୮୬୬୦୮୯** | | |
| ୧. | **ସାଗର ପଟ୍ଟନାୟକ,** ପ୍ଲଟ୍ ନଂ. ବି-୫୫, ଚନ୍ଦକା ଶିଳ୍ପାଞ୍ଚଳ କ୍ଷେତ୍ର, ପଟିଆ, ଭୁବନେଶ୍ୱର / **୩୧୦୮୦୬୧୦୦୦୯୯୯୪** | ଟ. ୪୦,୭୩୭.୦୦ + ଲାଗୁ ହୋଇନଥିବା ସୁଧ | ୧୪.୫୦ / ୧୪.୦୦ |
| | **ରାଇକିଆ ଶାଖା, ମେନ୍ ରୋଡ୍, ସା/ପୋ-ରାଇକିଆ, ଜିଲ୍ଲା-କନ୍ଧମାଳ - ୭୬୨୧୦୧ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭୁଷଣ ଶବର, ଫୋନ୍ ନଂ. : ୯୪୩୭୪୫୯୨୮୦** | | |
| ୧. | **ଜି. ଜୋଗେଶ୍ୱର ପାତ୍ର,** ପି-ଜି. ପୁରୁଷୋତ୍ତମ ପାତ୍ର, ସା-ବଡ଼େନାଜୁ, ପୋ-ରାଇକିଆ, ଜିଲ୍ଲା-କନ୍ଧମାଳ / **୦୮୧୦୦୬୧୦୦୧୯୫୧୧** | ଟ. ୭,୫୭,୫୯୩.୦୦ + ଲାଗୁ ହୋଇନଥିବା ସୁଧ | ୨୧୧.୯୧ / ୧୯୫.୦୦ |
| ୨. | **ଜଗନ୍ନାଥ ସାହୁ,** ମାର୍ଫତ-ସୁରେଶ ଚନ୍ଦ୍ର ସାବତ, ରାଇକିଆ, ଜିଲ୍ଲା-କନ୍ଧମାଳ / **୦୮୧୦୦୬୧୦୦୧୮୩୧୬** | ଟ. ୭୮,୦୯୮.୦୦ + ଲାଗୁ ହୋଇନଥିବା ସୁଧ | ୨୬.୯୭ / ୨୩.୦୦ |
| ୩. | **ମନମୋହନ ପଟ୍ଟନାୟକ,** ପି-ମୁରଲୀଧର ପଟ୍ଟନାୟକ, କଟାପାଲି, ରାଇକିଆ, ଜିଲ୍ଲା-କନ୍ଧମାଳ / **୦୮୧୦୦୬୧୦୦୨୨୬୧୦** | ଟ. ୧,୦୦,୪୩୪.୦୦ + ଲାଗୁ ହୋଇନଥିବା ସୁଧ | ୨୮.୬୦ / ୨୭.୦୦ |
| ୪. | **ଜଗଦିପ ପ୍ରଧାନ,** ପି-ଗଜପତି ପ୍ରଧାନ, ସା/ପୋ-ସିକାକେଟା, ଭାୟା-ରାଇକିଆ, ଜିଲ୍ଲା-କନ୍ଧମାଳ / **୦୮୧୦୦୬୧୦୦୧୯୫୦୪** | ଟ. ୧୬,୭୪୧.୦୦ + ଲାଗୁ ହୋଇନଥିବା ସୁଧ | ୧୧.୭୬ / ୧୦.୦୦ |
| ୫. | **ଜି. ଜୋଗେଶ୍ୱର ପାତ୍ର,** ପି-ଜି. ପୁରୁଷୋତ୍ତମ ପାତ୍ର, ସା-ବଡ଼େନାଜୁ, ପୋ-ରାଇକିଆ, ଜିଲ୍ଲା-କନ୍ଧମାଳ / **୦୮୧୦୦୬୧୦୦୨୧୭୩୬** | ଟ. ୧,୮୭,୯୩୮.୦୦ + ଲାଗୁ ହୋଇନଥିବା ସୁଧ | ୫୪.୫୩ / ୫୨.୦୦ |
| | **ହିଞ୍ଜିଳିକାଟୁ ଶାଖା, ସା/ପୋ-ହିଞ୍ଜିଳିକାଟୁ, ଗଞ୍ଜାମ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦିଲ୍ଲିପ କୁମାର ସେଠୀ, ଫୋନ୍ ନଂ. : ୮୨୪୯୫୫୭୨୮୫** | | |
| ୧. | **ସମ୍ପଦ ମୋଚିରାମ ମୁନି,** ପି-ମୋଚିରାମ ଗଣପତି ମୁନି, ଖଣ୍ଡରା, ରନ୍ଧୁଳୀ, ହିଞ୍ଜିଳିକାଟୁ, ଗଞ୍ଜାମ / **୦୪୨୧୦୬୧୦୦୨୯୯୪୭** | ଟ. ୬୨,୩୧୧.୦୦ + ଲାଗୁ ହୋଇନଥିବା ସୁଧ | ୨୦.୦୦ / ୧୮.୦୦ |
| | **ରାମଦାସପୁର ଶାଖା, ସା/ପୋ-ଗୋଡ଼ିସାହି, କଟକ-୭୫୪୦୦୬ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା, ଫୋନ୍ ନଂ.: ୭୩୫୬୫୧୧୭୬୬** | | |
| ୧. | **ସାଧୁ ଚରଣ ନାୟକ,** ପି-ଆର୍ତ୍ତ ଚରଣ ନାୟକ, ସା-ପୋ-ନରାଜ, ଥାନା-ବରନ / **୧୩୧୩୦୬୧୦୦୨୮୮୬୫** | ଟ. ୬୪,୫୮୧.୦୦ + ଲାଗୁ ହୋଇନଥିବା ସୁଧ | ୨୪.୮୮ / ୧୮.୬୬ |
| | **ମୈତ୍ରୀବିହାର ଶାଖା, ମୈତ୍ରୀବିହାର ରୋଡ୍, ଭୁବନେଶ୍ୱର-୭୫୧୦୨୩ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସତ୍ୟ କର, ଫୋନ୍ ନଂ. : ୯୫୬୧୦୭୫୪୭୦** | | |
| ୧. | **ରଶ୍ମିତା ଦାଶ,** ଏଲ୍-୧୩୯, ପିଏଚ୍-୩, ହାଉସିଂ ବୋର୍ଡ଼ କଲୋନୀ, ଡୁମୁଡୁମା, ଭୁବନେଶ୍ୱର / **୧୮୩୯୦୬୧୦୦୦୯୬୩୫** | ଟ. ୪୪,୪୫୧.୮୨ + ଲାଗୁ ହୋଇନଥିବା ସୁଧ | ୨୯.୦୧ / ୨୮.୦୦ |
| | **ଶ୍ରୀ ଜଗନ୍ନାଥ ମନ୍ଦିର ଶାଖା, ପୁରୀ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମହାରଣା, ଫୋନ୍ ନଂ. : ୯୭୭୮୦୩୧୬୩୮** | | |
| ୧. | **ଯୋଗେଶ୍ୱର ପାତ୍ର,** ମାର୍ଫତ୍-ଗଙ୍ଗାଧର ଖୁଣ୍ଟିଆ, ଲୋକନାଥ ରୋଡ୍, ପୁରୀ / **୨୦୬୨୦୬୧୦୦୨୦୫୭୯** | ଟ. ୩୧,୫୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୦.୫୩ / ୧୦.୦୦ |
| | **କଲେଜ ଛକ ଶାଖା, ଯୋବ୍ରା ରୋଡ୍, କଲେଜ ଛକ, କଟକ-୭୫୩୦୦୩ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଅମିତ କୁମାର ପଙ୍କଜ, ଫୋନ୍ ନଂ. : ୯୯୦୫୦୦୭୩୬୭** | | |
| ୧. | **ଧିରେନ୍ ନାୟକ,** ମାର୍ଫତ୍-ଜୟନ୍ତୀ ସେନ୍, ସା-୦୮୪୧, ରୋଉସା ପାଟଣା, ପୋ-ବକ୍ସିବଜାର, ଥାନା-ପୁରୀଘାଟ, କଟକ / **୦୨୪୫୦୬୧୦୦୨୨୦୫୪** | ଟ. ୧,୧୫,୩୭୩.୦୦ + ଲାଗୁ ହୋଇନଥିବା ସୁଧ | ୪୩.୪୩ / ୪୩.୪୩ |
| | **ଭଞ୍ଜନଗର ଶାଖା, ଆର୍.ସି. ରୋଡ୍, ୟୁ.ବି. ଉଚ୍ଚ ବିଦ୍ୟାଳୟ ନିକଟ, ଭଞ୍ଜନଗର, ଗଞ୍ଜାମ-୭୬୧୧୨୬ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ମାନସ ରଞ୍ଜନ ନାୟକ, ଫୋନ୍ ନଂ. : ୭୦୦୮୩୭୫୪୨୭** | | |
| ୧. | **ବସନ୍ତ ପ୍ରଧାନ,** ପି-ଶିବରାମ ପ୍ରଧାନ, ସା-ଜମାପାଲ୍ଲୀ, ପୋ-ଡିଅପଧାଳ, ଭଞ୍ଜନଗର, ଗଞ୍ଜାମ / **୨୫୨୮୦୬୧୦୦୩୭୬୮୩** | ଟ. ୨୨,୫୯୧.୦୦ + ଲାଗୁ ହୋଇନଥିବା ସୁଧ | ୯.୧୦ / ୭.୦୦ |
| ୨. | **ବସନ୍ତ ପ୍ରଧାନ,** ପି-ଶିବରାମ ପ୍ରଧାନ, ସା-ଜମାପାଲ୍ଲୀ, ପୋ-ଡିଅପଧାଳ, ଭଞ୍ଜନଗର, ଗଞ୍ଜାମ / **୨୫୨୮୦୬୧୦୦୪୩୦୬୬** | ଟ. ୪୬,୪୭୦.୦୦ + ଲାଗୁ ହୋଇନଥିବା ସୁଧ | ୨୦.୩୦ / ୧୪.୦୦ |
| ୩. | **ଜିତେନ୍ଦ୍ର ବେହେରା,** ପି-ଗୋବିନ୍ଦ ଚନ୍ଦ୍ର ବେହେରା, ଭଞ୍ଜନଗର, ୟୁନିଟ୍-୬, ଲଣ୍ଡେଇସାହି, ଭଞ୍ଜନଗର, ଗଞ୍ଜାମ / **୨୫୨୮୦୬୧୦୦୪୦୪୦୯** | ଟ. ୨୨,୫୧୫.୦୦ + ଲାଗୁ ହୋଇନଥିବା ସୁଧ | ୮.୩୦ / ୬.୦୦ |
| ୪. | **ନମିତା ଗୌଡ଼,** ସ୍ୱା-ନରସିଂହ ଗୌଡ଼, ସା-ସମରଦା, ପୋ-ତିଲିଶିଙ୍ଗି, ଭଞ୍ଜନଗର, ଗଞ୍ଜାମ / **୨୫୨୮୦୬୧୦୦୩୫୫୯୭** | ଟ. ୩୧,୧୧୬.୦୦ + ଲାଗୁ ହୋଇନଥିବା ସୁଧ | ୧୨.୦୦ / ୯.୦୦ |
| | **ଏମ୍ସ ସିଜୁଆ ଶାଖା, ସା/ପୋ-ପାତ୍ରପଡ଼ା, ଭୁବନେଶ୍ୱର-୭୫୧୦୧୯ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସୁଜିତ କୁମାର ପ୍ରଧାନ, ଫୋନ୍ ନଂ. : ୮୮୩୮୪୬୨୨୦୦** | | |
| ୧. | **ରବି ନାରାୟଣ ପ୍ରଧାନ,** ଏଚ୍.ଆଇ.ଜି.-୨୫୨, କେ-୫, କଳିଙ୍ଗବିହାର, ପାତ୍ରପଡ଼ା, ଭୁବନେଶ୍ୱର / **୩୧୮୪୦୬୧୦୦୨୦୫୧୭** | ଟ. ୬୩,୩୪୫.୦୦ + ଲାଗୁ ହୋଇନଥିବା ସୁଧ | ୨୩.୫୦ / ୨୧.୦୦ |
| | **ବିଦ୍ୟୁତ୍ ମାର୍ଗ ଶାଖା, ବିଦ୍ୟୁତ୍‌ମାର୍ଗ, ଓଏସ୍‌ଇପିଏ ବିଲ୍ଡିଂ, ୟୁନିଟ୍-୫, କେଶରୀନଗର, ଭୁବନେଶ୍ୱର-୭୫୧୦୦୧ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ସୌମ୍ୟା ସୁଚରିତା ପଟ୍ଟନାୟକ, ଫୋନ୍ ନଂ. : ୮୭୬୩୯୯୨୯୪୦** | | |
| ୧. | **ମାନସ ରଞ୍ଜନ ସ୍ୱାଇଁ,** ପି-ମହେଶ୍ୱର ସ୍ୱାଇଁ, ୟୁନିଟ୍-୪ ମାର୍କେଟ୍, ଭୌମ ନଗର, ଭୁବନେଶ୍ୱର / **୨୦୭୪୦୬୧୦୦୧୩୯୫୩** | ଟ. ୪୫,୨୯୨.୦୦ + ଲାଗୁ ହୋଇନଥିବା ସୁଧ | ୧୪.୫୫ / ୧୩.୦୦ |
| | **ଦୋଲସାହି ଶାଖା, ସା-ଦୋଲସାହି, ପୋ-ମାଣିକଗୋଡ଼ା, ଖୋର୍ଦ୍ଧା ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ବେହେରା, ଫୋନ୍ ନଂ. : ୮୯୧୭୫୭୬୫୧୫** | | |
| ୧. | **ରମାକାନ୍ତ ପଟ୍ଟନାୟକ,** ପି-ରାମହରି ସୁବୁଦ୍ଧି, ବୋଲଗଡ଼, ଖୋର୍ଦ୍ଧା / **୩୨୭୬୦୬୧୦୦୧୪୯୧୨** | ଟ. ୧,୩୭,୪୨୬.୦୦ + ଲାଗୁ ହୋଇନଥିବା ସୁଧ | ୪୦.୯୦ / ୩୯.୦୦ |
| ୨. | **ଘନଶ୍ୟାମ ସାହୁ,** ସ୍ୱା-ପଞ୍ଚୁ ସାହୁ, ରାମଚନ୍ଦ୍ରପୁର ପାଟଣା, ବୋଲଗଡ଼, ଖୋର୍ଦ୍ଧା / **୩୨୭୬୦୬୧୦୦୧୪୮୨୦** | ଟ. ୬୨,୦୪୮.୦୦ + ଲାଗୁ ହୋଇନଥିବା ସୁଧ | ୨୪.୭୫ / ୨୩.୦୦ |
| ୩. | **ମମତା ପରମାଣିକ,** ସ୍ୱା-ସୁରେଶଚନ୍ଦ୍ର ପରମାଣିକ, ଦଳାଇସାହି, ମାଣିକଗୋଡ଼ା, ବୋଲଗଡ଼, ଖୋର୍ଦ୍ଧା / **୩୨୭୬୦୬୧୦୦୧୪୨୭୧** | ଟ. ୧,୫୭,୫୮୭.୦୦ + ଲାଗୁ ହୋଇନଥିବା ସୁଧ | ୧୦୯.୯୦ / ୫୦.୦୦ |
| ୪. | **ମମତା ପରମାଣିକ,** ସ୍ୱା-ସୁରେଶଚନ୍ଦ୍ର ପରମାଣିକ, ଦଳାଇସାହି, ମାଣିକଗୋଡ଼ା, ବୋଲଗଡ଼, ଖୋର୍ଦ୍ଧା / **୩୨୭୬୦୬୧୦୦୧୪୩୨୫** | ଟ. ୧,୧୯,୦୨୬.୦୦ + ଲାଗୁ ହୋଇନଥିବା ସୁଧ | ୪୬.୩୦ / ୩୫.୦୦ |
| ୫. | **ଶ୍ରୀଧର ସାହୁ,** ପି-ଗୋଦାବରି ସାହୁ, ଫିରଫିରା ପାଟଣା, କଳଙ୍ଗା, ଖୋର୍ଦ୍ଧା / **୩୨୭୬୦୬୧୦୦୦୬୦୦୯** | ଟ. ୨୧,୦୧୫.୦୦ + ଲାଗୁ ହୋଇନଥିବା ସୁଧ | ୧୩.୦୦ / ୧୧.୦୦ |
| ୬. | **ରବିନ୍ଦ୍ର କୁମାର ମହାପାତ୍ର,** ପି-ମାଧବ ଚନ୍ଦ୍ର ମହାପାତ୍ର, ହାଟସାହି, ମାଣିକଗୋଡ଼ା, ଖୋର୍ଦ୍ଧା / **୩୨୭୬୦୬୧୦୦୧୪୨୯୫** | ଟ. ୩୬,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୩.୩୦ / ୧୨.୦୦ |
| | **ନରସିଂହପୁର ଶାଖା, ସା/ପୋ-ନରସିଂହପୁର, କଟକ-୭୫୪୦୩୨ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ରମାକାନ୍ତ ବେହେରା, ଫୋନ୍ ନଂ. : ୯୪୩୯୫୪୭୭୬୪** | | |
| ୧. | **ବାସନ୍ତୀ ପାଣିକାର,** ସ୍ୱା-ସୁରେଶ ପାଣିକାର, ସା-ପାଇକପଦପାଟଣା, ପୋ-ନରସିଂହପୁର, କଟକ / **୦୪୦୬୦୬୧୦୦୩୩୦୮୧** | ଟ. ୨୬,୨୯୨.୦୦ + ଲାଗୁ ହୋଇନଥିବା ସୁଧ | ୧୫.୮୫ / ୧୦.୫୦ |
| ୨. | **ମଞ୍ଜୁଳା ମଞ୍ଜରୀ ମଲ୍ଲିକ,** ସ୍ୱା-ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ମଲ୍ଲିକ, ସା/ପୋ-ସରଧାପୁର, ନରସିଂହପୁର, ଜିଲ୍ଲା-କଟକ / **୦୪୦୬୦୬୧୦୦୩୧୭୯୭** | ଟ. ୧,୮୨,୦୭୮.୦୦ + ଲାଗୁ ହୋଇନଥିବା ସୁଧ | ୬୨.୦୩ / ୫୩.୦୦ |
| ୩. | **ସୁଶାନ୍ତ କୁମାର ପଣ୍ଡା,** ପି-ଅନନ୍ତ ଚରଣ ପଣ୍ଡା, ସା-ଦମକାଟ, ନରସିଂହପୁର, ଜିଲ୍ଲା-କଟକ / **୦୪୦୬୦୬୧୦୦୩୧୬୪୩** | ଟ. ୧,୦୦,୭୭୮.୦୦ + ଲାଗୁ ହୋଇନଥିବା ସୁଧ | ୪୧.୦୭ / ୩୬.୦୦ |
| ୪. | **ମଞ୍ଜୁଳା ମଞ୍ଜରୀ ମଲ୍ଲିକ,** ସ୍ୱା-ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ମଲ୍ଲିକ, ସା/ପୋ-ସରଧାପୁର, ନରସିଂହପୁର, ଜିଲ୍ଲା-କଟକ / **୦୪୦୬୦୬୧୦୦୩୩୧୦୪** | ଟ. ୧୧,୨୦୪.୦୦ + ଲାଗୁ ହୋଇନଥିବା ସୁଧ | ୬୬.୭୩ / ୫୦.୫୦ |
| ୫. | **ମଞ୍ଜୁଳା ମଞ୍ଜରୀ ମଲ୍ଲିକ,** ସ୍ୱା-ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ମଲ୍ଲିକ, ସା/ପୋ-ସରଧାପୁର, ନରସିଂହପୁର, ଜିଲ୍ଲା-କଟକ / **୦୪୦୬୦୬୧୦୦୩୧୮୭୨** | ଟ. ୧,୯୩,୨୧୦.୦୦ + ଲାଗୁ ହୋଇନଥିବା ସୁଧ | ୬୬.୧୦ / ୫୮.୦୦ |
| | **ଫୁଲବାଣି ଶାଖା, ମସ୍‌ଜିଦ୍ ରୋଡ୍, ଆମଲାପଡ଼ା, ଫୁଲବାଣି-୭୬୨୦୦୧ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ନିର୍ମଳ କୁମାର ଦିଗଲ, ଫୋନ୍ ନଂ.: ୯୪୩୯୩୧୩୬୦୫** | | |
| ୧. | **ଶଶିଭୂଷଣ ସାହାଣି,** ପି-ଜଳନ୍ଧର ସାହାଣି, ହନୁମାନ ମନ୍ଦିର ନିକଟ, ଫୁଲବାଣି ସଦର, ଜିଲ୍ଲା-କନ୍ଧମାଳ / **୦୮୧୩୦୬୧୦୦୨୦୪୪୯** | ଟ. ୫୬,୦୬୩.୦୦ + ଲାଗୁ ହୋଇନଥିବା ସୁଧ | ୨୦.୦୦ / ୧୭.୩୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧. ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩. **ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ : ଭୁବନେଶ୍ୱର, ତାରିଖ : ୧୪.୦୯.୨୦୨୩** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**


# ଭାଲୁ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

**କଣ୍ଟିପାଳ, ୧୩।୯ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ମନୋହରପୁର ପଞ୍ଚାୟତ ସାନ ପୁରୁଣାପାଣି ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଘନଶ୍ୟାମ ହେମ୍ବ୍ରମ (୪୫)। ବନ ବିଭାଗ ପକ୍ଷରୁ ପରିବାର ଲୋକଙ୍କୁ ୬୦ ହଜାର ତତ୍କାଳ ସହାୟତା ପ୍ରଦାନ କରାଯାଇଛି। ପରବର୍ତ୍ତୀ ତଦନ୍ତ ପରେ ୫ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଘନଶ୍ୟାମ ବୁଧବାର ସକାଳେ ଜମିକୁ ଯାଇଥିବାବେଳେ ୩ ଭାଲୁଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ୩ ଭାଲୁ ମିଶି ଘନଶ୍ୟାମଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଘନଶ୍ୟାମଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୫୭ ହଜାର ଅଭିଯୋଗରୁ ୩୭ ହଜାର ସମାଧାନ

## ସିଏମ୍‌ଓ ଜିଲା ଗସ୍ତ ଅଭିଯୋଗ ଶୁଣାଣି -ସମୀକ୍ଷା କଲେ ୫-ଟି ସଚିବ



**ଭୁବନେଶ୍ୱର, ୧୩।୯ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି. କେ. ପାଣ୍ଡିଆନ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିକାରୀମାନେ ଗତ ୬ ମାସରେ ୩୦ ଜିଲା ଭ୍ରମଣ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଜିଲାସ୍ତରରେ ଅଭିଯୋଗର ଶୁଣାଣି କରିଛନ୍ତି। ଏହି ସମୟ ମଧ୍ୟରେ ଜିଲାଗୁଡ଼ିକର ୫୭ ହଜାର ୮୫ଟି ଅଭିଯୋଗ ହସ୍ତଗତ ହୋଇଥିଲା। ସେଥିରୁ ୬୫% ଅର୍ଥାତ୍ ୩୭ ହଜାର ୫୧୩ଟି ଅଭିଯୋଗର ଫଇସଲା କରାଯାଇଛି। ପାଣ୍ଡିଆନ ବୁଧବାର ସମସ୍ତ ଜିଲାପାଳଙ୍କ ସହ ଏ ନେଇ ସମୀକ୍ଷା କରିଛନ୍ତି। ଲୋକମାନଙ୍କ ଅଭିଯୋଗର ସମାଧାନ ପାଇଁ ବ୍ୟକ୍ତିଗତ ଭାବେ ଦୃଷ୍ଟି ଦେବାକୁ ଜିଲାପାଳଙ୍କୁ ସେ କହିଛନ୍ତି। ୨୪ ହଜାର ୭୨୨ ଅଭିଯୋଗକାରୀଙ୍କୁ ଚିଠି ମାଧ୍ୟମରେ ଏବଂ ୨୨,୪୦୭ ଜଣଙ୍କୁ ଫୋନ କଲ୍ ମାଧ୍ୟମରେ ସେମାନଙ୍କ ଅଭିଯୋଗର ସମାଧାନ କରାଯାଇଛି। ଏଥିସହିତ ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା ସମୀକ୍ଷା କରିବା ସହ ପ୍ରାଥମିକତାଭିତ୍ତିରେ ସମାଧାନ କରିବାକୁ ସେ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ସେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଶିକ୍ଷାନୁଷ୍ଠାନ, ବିଭିନ୍ନ ଧାର୍ମିକ/ଗୋଷ୍ଠୀଭିତ୍ତିକ ପ୍ରକଳ୍ପଗୁଡ଼ିକର ସମୀକ୍ଷା ସହ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ସେ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକଳ୍ପଗୁଡ଼ିକ ଶେଷ ହେବା ପରେ ସେଠାକାର ଗୋଷ୍ଠୀ ସମୂହକୁ ସାମିଲ କରିବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା (ସିଏମ୍‌ଏସ୍‌ଏ) ଏବଂ ଅନ୍ୟ ସ୍କିମ୍ ପାଇଁ ଅର୍ଥ ଯୋଗାଇ ଦିଆଯାଉଛି। ସେଗୁଡ଼ିକର ସ୍ୱଚ୍ଛତା ପାଇଁ ୫-ଟି ବ୍ୟବସ୍ଥାକୁ ଅନୁସରଣ କରିବା ସହ ସୂଚନା ଫଳକ, ପ୍ରକଳ୍ପ ଆରମ୍ଭ ପୂର୍ବର ଫଟୋ ସହ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ କୁହାଯାଇଛି। ଏଥିସହିତ ବିଭିନ୍ନ ଜିଲାରେ ହେଉଥିବା ସମସ୍ୟାର ସମାଧାନ କରିବା ସହ ଲୋକମାନଙ୍କ ଅଭିଯୋଗକୁ କିପରି ସମାଧାନ କରିବେ ସେ ନେଇ ପାଣ୍ଡିଆନ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୩।୯ (ଅନିଲ ଦାସ)**

ରାଜ୍ୟ ସରକାର ବୁଧବାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସୁଦର୍ଶନ ପରିଡ଼ାଙ୍କୁ ଓଡ଼ିଶା ମାନବାଧିକାର ଆୟୋଗଙ୍କ ସଚିବ ଭାବେ ବଦଳି କରାଯାଇଥିବାବେଳେ ଓଏଏସ୍ ଅଫିସର ବିଜୟ କୁମାର ଖଣ୍ଡାୟତରାୟଙ୍କୁ କଟକସ୍ଥିତ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକ, ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ସଚିବ ରାଜଶ୍ରୀ ସିଂଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ, ମନୋରଞ୍ଜନ ମହାପାତ୍ରଙ୍କୁ କଟକସ୍ଥିତ ଜମି ରେକର୍ଡ ଓ ବନ୍ଦୋବସ୍ତ ଅତିରିକ୍ତ କମିଶନର, ସନ୍ତୋଷୀ ସାହୁଙ୍କୁ ଓଡ଼ିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ନିର୍ଦ୍ଦେଶକ(ଇନ୍‌କ୍ୱାରି) ଭାବେ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ବିଡିଓ ସମ୍ପଦ କୁମାର ଦଳାଇଙ୍କ ଭୁବନେଶ୍ୱର ସ୍ମାର୍ଟସିଟି ଜେନେରାଲ ମ୍ୟାନେଜର(ପ୍ରଶାସନ) ଭାବେ ବଦଳିକୁ ବାତିଲ କରାଯାଇ ତାଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଉପସଚିବ ଭାବେ ଦାୟିତ୍ୱ ନ୍ୟସ୍ତ ହୋଇଛି। ଏହାସହିତ ସେ ଅତିରିକ୍ତ ଦାୟିତ୍ୱ ଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା(ଶିକ୍ଷା), ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟନିର୍ବାହୀ କମିଟି ଅଧ୍ୟକ୍ଷ, ଉପଦେଷ୍ଟା ତଥା କାର୍ଯ୍ୟକାରୀ ସଭାପତିଙ୍କ ଓଏସ୍‌ଡି ଭାବେ କାର୍ଯ୍ୟ କରିବେ।

**ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ପୁରସ୍କାର ମାମଲା**

# ହାଇକୋର୍ଟରେ ମାମଲା ଖାରଜ

**କଟକ, ୧୩।୯ (କାର୍ତ୍ତିକ ସାହୁ)**

ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ପୁରସ୍କାର ୨୦୨୦ ପ୍ରଦାନ ବିରୋଧରେ ଆଗତ ମାମଲା ହାଇକୋର୍ଟରେ ଖାରଜ ହୋଇଛି। ସାହିତ୍ୟିକ ଡ. ନୃସିଂହ ଚରଣ ଷଡ଼ଙ୍ଗୀଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି କୃଷ୍ଣରାମ ମହାପାତ୍ରଙ୍କ ଜଣିକିଆ ଖଣ୍ଡପୀଠ ଖାରଜ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିଙ୍କ ନିକଟରୁ ଏହି ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏହି ମର୍ମରେ ଆବେଦନକାରୀ ଡ. ଷଡ଼ଙ୍ଗୀ ଓ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମଧ୍ୟ ଉକ୍ତ ସମ୍ମାନ ପାଇଁ ଦରଖାସ୍ତ କରାଯାଇଥିଲା। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଉତ୍କଳ ସାହିତ୍ୟ ସମାଜର ନାମକୁ ପୁରସ୍କାର ନିମନ୍ତେ ଚୟନ କରି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ତେବେ ଏହି ଚୟନ ପ୍ରକ୍ରିୟାକୁ ବିରୋଧ କରି ଷଡଙ୍ଗୀ ଚୟନ କମିଟି ବିରୋଧରେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ମନ୍ତବ୍ୟ ଦେଇଥିଲେ। ଏହି ପ୍ରସଙ୍ଗରେ ଉତ୍କଳ ସାହିତ୍ୟ ସମାଜ ଓ ଆବେଦନକାରୀ ଷଡ଼ଙ୍ଗୀଙ୍କ ପକ୍ଷରୁ ହାଇକୋର୍ଟରେ ପୃଥକ ପିଟିଶନ ଦାଖଲ କରାଯାଇଥିଲା। ଚୟନ କମିଟିର ସଦସ୍ୟ ଥିବା ଜଣେ ପ୍ରଫେସର ମଧ୍ୟ ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଦସ୍ୟ ହୋଇଥିବାରୁ ସେ ଚୟନ ପ୍ରକ୍ରିୟାକୁ ପ୍ରଭାବିତ କରିଛନ୍ତି ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏଥିସହ ଉକ୍ତ ସମ୍ମାନ ପାଇଁ ଷଡ଼ଙ୍ଗୀ ଦାବିଦାର ଅଟନ୍ତି ବୋଲି ଦର୍ଶାଇ ଉତ୍କଳ ସାହିତ୍ୟ ସମାଜର ନାମକୁ ପୁରସ୍କାର ପ୍ରକ୍ରିୟାରୁ ବାଦ୍ ଦେବାକୁ ପ୍ରାର୍ଥନା କରିଥିଲେ। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ପରିଚାଳନା କରୁଥିଲେ। ଏଥିରେ ଜୟନ୍ତୀ ନାୟକ ଓ ସୁରେନ୍ଦ୍ର ରାଉତ ତାଙ୍କୁ ସହାୟତା କରୁଥିଲେ।

# ଖୋଲିଲା ହୀରାକୁଦ ଡ୍ୟାମ୍‌ର ୨ ଗେଟ୍

**ସମ୍ବଲପୁର, ୧୩।୯ (ଶୁଭାଶିଷ ପାଢ଼ୀ)**

ହୀରାକୁଦ ଡ୍ୟାମ୍‌ର ୨ଟି ଗେଟ୍ ବୁଧବାର ଅପରାହ୍ନ ୪ଟାରେ ଖୋଲାଯାଇଛି। ଉପର ମୁଣ୍ଡରେ ବର୍ଷା ହେଉଥିବାରୁ ଜଳ ଭଣ୍ଡାରରେ କ୍ଷମତାଠାରୁ ଅଧିକ ଜଳ ରହିଛି। ତେଣୁ ଜଳ ନିଷ୍କାସନ ପାଇଁ ୨ଟି ଗେଟ୍ ଖୋଲାଯାଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ହୀରାକୁଦ ଜଳ ଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବାବେଳେ ବର୍ତ୍ତମାନ ଜଳସ୍ତର ୬୨୮.୨୩ ଫୁଟ୍ ରହିଛି। ଡ୍ୟାମ୍ ପୂର୍ଣ୍ଣ ହେବା ପାଇଁ ୨ ଫୁଟ୍‌ରୁ କମ୍ ରହିଥିବାରୁ ଜଳସ୍ତର ନିୟନ୍ତ୍ରଣ କରିବାକୁ ଗେଟ୍ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଉପର ମୁଣ୍ଡରୁ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୭୩,୩୦୮ କ୍ୟୁସେକ ଜଳ ପ୍ରବେଶ କରୁଛି। ଗେଟ୍ ଖୋଲାଯିବା ପୂର୍ବରୁ ରାଜ୍ୟ ଜଳସମ୍ପଦ ବିଭାଗ ଓ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ତଳ ମୁଣ୍ଡରେ ଥିବା ଲୋକଙ୍କୁ ସତର୍କ ସୂଚନା ଦେଇଥିଲେ। ଗୁରୁବାର ଇନ୍-ଫ୍ଲୋ ଦେଢ଼ଲକ୍ଷ କ୍ୟୁସେକରୁ ଅଧିକ ହେଲେ ଆହୁରି ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି ବୋଲି ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ଯଯାତି କେଶରୀ ମେଡିକାଲ କଲେଜ ନାମକୁ ସ୍ୱୀକୃତି ମିଳିଲା

**ଯାଜପୁର, ୧୩।୯ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୦୨୪-୨୫ ଆର୍ଥିକ ଶିକ୍ଷା ବର୍ଷରେ ୧୦୦ ସିଟ୍ ବିଶିଷ୍ଟ ଏହି ମେଡିକାଲ କଲେଜରେ ନାମଲେଖା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ତେଣୁ ବିଭିନ୍ନ ମହଲରୁ ଦାବି ଅନୁଯାୟୀ ଏହି କଲେଜର ନାମ ଯଯାତି କେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, ଯାଜପୁର ରଖାଯାଇଛି। ଏ ନେଇ ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଗତ ୧୧ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ନାମକରଣକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ସୂଚନାଯୋଗ୍ୟ, ୨୦୨୦ ଡିସେମ୍ବରରେ ଏହି କଲେଜ ନିର୍ମାଣ ପାଇଁ କ୍ୟାବିନେଟ ଅନୁମୋଦନ ମିଳିଥିଲା। ଏଥିପାଇଁ ଆବଶ୍ୟକ ଗୃହ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ୪୨୬ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଆଙ୍କୁଲା ଛକ ନିକଟରେ ନିର୍ଦ୍ଧାରିତ ୪୦ ଏକର ଜମିର ବ୍ୟବସ୍ଥା ହୋଇଥିଲା। କଲେଜ ପାଇଁ ଲେଆଉଟ ଅନୁଯାୟୀ ହସ୍ପିଟାଲ ବ୍ଲକ, ମେଡିକାଲ କଲେଜ, ଅଡିଟୋରିୟମ୍, ହଷ୍ଟେଲ ବ୍ଲକରେ ବୟେଜ ହଷ୍ଟେଲ, ଗାର୍ଲସ, ଇଣ୍ଟର୍ଣ୍ଣ, ରେସିଡେଣ୍ଟ ଡକ୍ଟର ଓ ନର୍ସେସ ହଷ୍ଟେଲ ରହିଛି। ଷ୍ଟାଫ୍ ରେସିଡେନ୍ସିଆଲ କ୍ୱାର୍ଟର୍ସରେ ଟିଚିଂ ଷ୍ଟାଫ୍ ନନ-ଟିଚିଂ ଷ୍ଟାଫ୍, ରେସିଡେଣ୍ଟ ନର୍ସିଂ ଷ୍ଟାଫ୍ ଓ ଫାର୍ମାସିଷ୍ଟ ଆଦି କ୍ୱାର୍ଟର୍ସ ପାଇଁ ବ୍ୟବସ୍ଥା ହେଉଛି। ୧୭୦୦ ବର୍ଗ ମିଟରରେ ଦୁଇ ଚକିଆ ଯାନ ପାର୍କିଂ ନିର୍ମାଣ ଯୋଜନା ରହିଛି। ଏହାବାଦ୍ ସ୍ଲିଟ ଫ୍ଲୋର ପାର୍କିଂ, ଖୋଲା କାର, ଷ୍ଟାଫ/ଡାକ୍ତରଙ୍କ କାର, ଆମ୍ବୁଲାନ୍ସ ଆଦି ପାର୍କିଂ ନିର୍ମାଣ କରାଯିବ। କିଆନାଳି କୂଳ ନିକଟସ୍ଥ ଆଙ୍କୁଳା ଛକରୁ ମୁଖ୍ୟ ପ୍ରବେଶ ପଥ ହେଉଥିବାବେଳେ ବୈତରଣୀ ନଦୀବନ୍ଧ ଉତ୍ତରକୁ ଏକ ଜରୁରିକାଳୀନ ପ୍ରବେଶ ପଥ ନିର୍ମାଣ ହେଉଥିବା ସୂଚନା ମିଳିଛି। ପୂର୍ବରୁ ପାଣିକୋଇଲିଠାରେ ମେଡିକାଲ କଲେଜ ନିର୍ମାଣ ଦାବିକରି ୧୦୦ଦିନରୁ ଊର୍ଦ୍ଧ୍ୱ କାଳ ପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ ହୋଇଥିଲା। ତେବେ ପାଣିକୋଇଲିଠାରେ ଏକ ଟ୍ରମାକେୟାର ସେଣ୍ଟର ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ପ୍ରଶମିତ କରାଯାଇଥିଲା। ଏହିକ୍ରମରେ ପାଣିକୋଇଲିଠାରେ ଟ୍ରମାକେୟାର ସେଣ୍ଟର ପାଇଁ ଗୃହ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି।

# ବନ୍ଦ ଘରୁ ଡାକ୍ତରଙ୍କ ଗଳିତ ମୃତଦେହ ଜବତ



ବଳରାମ ସାହୁ।

**କେନ୍ଦୁଝର, ୧୩।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ମହାଦେଇଯୋଡ଼ା ଗ୍ରାମସ୍ଥିତ ଏକ ବନ୍ଦ ଘରୁ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବଳରାମ ସାହୁ(୬୫)। ସେ ଅବିବାହିତ ଏବଂ ଏକୁଟିଆ ଉକ୍ତ ଘରେ ରହୁଥିଲେ ବୋଲି ଜଣାପଡ଼ିଛି। ବାର୍ଦ୍ଧକ୍ୟ ଏବଂ ନିଃସଙ୍ଗତା ଯୋଗୁ ସେ ମାନସିକ ଚାପରେ ରହୁଥିଲେ ବୋଲି ପଡ଼ୋଶୀ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ୨ ଦିନ ହେଲା ଘର ବାହାରୁ ତାଲା ପଡ଼ିଥିଲା। ଘରୁ ଦୁର୍ଗନ୍ଧ ବାହାରିବା ପରେ ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଡାକ୍ତରଙ୍କ ସମ୍ପର୍କୀୟଙ୍କ ଉପସ୍ଥିତିରେ କବାଟ ଭାଙ୍ଗିଥିଲେ। ଘର ଭିତରୁ ପୋଲିସ ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬୩/୨୩)ରୁଜୁ ହୋଇଛି। ଡା. ସାହୁ ଚମ୍ପୁଆ ବ୍ଲକ୍ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅବସର ନେବା ପରେ ତାଙ୍କ ନିଜ ଘରେ ରହିଆସୁଥିଲେ। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି।




## ସଂକ୍ଷେପରେ

### ପ୍ରାଣୀ ଚିକିତ୍ସକ ପ୍ରଫେସର ଜୀବନାନନ୍ଦ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୧୩।୯ (ଶର୍ମିଷ୍ଠା ପାଣିଗ୍ରାହୀ) - ପଶୁ ଚିକିତ୍ସା ଏବଂ ପଶୁପାଳନ ବିଭାଗର ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧୀନ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା. ଜୀବନାନନ୍ଦ ମହାନ୍ତିଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୯୪ବର୍ଷ ବୟସ ହୋଇଥିଲା। ପ୍ରଫେସର ମହାନ୍ତି କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ମୁଳୁବସନ୍ତ ଗ୍ରାମର ସର୍ଗତ ନେତ୍ରାନନ୍ଦ ମହାନ୍ତି ଓ ହାରାମଣି ମହାନ୍ତିଙ୍କର ଏକମାତ୍ର ପୁତ୍ର ଥିଲେ। ସେ ଚମ୍ପାପୁରର ଗାନ୍ଧୀ ଶିକ୍ଷାଶ୍ରମରୁ ବିଦ୍ୟାଳୟ ଶିକ୍ଷା ପରେ ବିହାର ପାଟଣାସ୍ଥିତ ପ୍ରାଣୀଧନ ମହାବିଦ୍ୟାଳୟରୁ ସ୍ନାତକ ପଢ଼ିଥିଲେ। ଏହାପରେ ସେ ଆମେରିକାର ମିଶୋରୀ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଏବଂ ଡେନ୍‌ମାର୍କର କୋପେନହେଗନରୁ ଫେଲୋ ଅଫ୍ ରୟାଲ ଭେଟେରିନାରି ଉପାଧି ଲାଭ କରିଥିଲେ। ଏ ସମସ୍ତ ଶିକ୍ଷା ପାଇଁ ସେ ରାଜ୍ୟ ସରକାରଙ୍କ ବୃତ୍ତି ମଧ୍ୟ ପାଇଥିଲେ। ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି (ଡକ୍ଟରେଟ) ଉପାଧି ଲାଭ କରିଥିଲେ। ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ, ଆସାମ, କୋଲକାତା, ଆନ୍ଧ୍ର ପ୍ରଦେଶ, ମାନ୍ଦ୍ରାଜ ଆଦି ବିଶ୍ୱବିଦ୍ୟାଳୟର ବିଭିନ୍ନ ସମିତିର ସଭ୍ୟ ଭାବରେ ମଧ୍ୟ ସେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବୈଷୟିକ ସମିତିର ବରିଷ୍ଠ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ।

### ସ୍ୱତନ୍ତ୍ର ଫଳଚାଷ ତାଲିମ ଶିବିର

ବାରଙ୍ଗ, ୧୩।୯ (ଲିଙ୍ଗରାଜ ରାଉତ)- ଡେରାସ ଫାର୍ମସ୍ଥିତ ଉଦ୍ୟାନ ଉତ୍କର୍ଷ କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ଫଳଚାଷ ସମ୍ବନ୍ଧୀୟ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଡ. ଶକ୍ତିଭେଲ, ଡ.ମହେଶ ଧାକର, ଦୀପା ସାମନ୍ତ ପ୍ରମୁଖ ଯୋଗଦେଇ ବିଭିନ୍ନ ଫଳଚାଷ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପନିର୍ଦ୍ଦେଶକ ଗୌରାଙ୍ଗ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏଥିରେ ୧୫୦ଜଣ ଚାଷୀଙ୍କୁ ସ୍ୱତନ୍ତ୍ର ଫଳଚାଷ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# କଲେଜ ଅଧ୍ୟକ୍ଷଙ୍କୁ ଦିଗ୍‌ଦର୍ଶନ

■ସମସ୍ତ କଲେଜରେ ରହିବ ରେଡ୍‌କ୍ରସ ଶାଖା

■ଭିତ୍ତିଭୂମି ପାଇଁ ଦିଆଯାଇଥିବା ଅର୍ଥର ଠିକ୍ ବିନିଯୋଗକୁ ଗୁରୁତ୍ୱ

ଭୁବନେଶ୍ୱର, ୧୩।୯ (ଅସମାପିକା ସାହୁ)

କଲେଜ ଅଧ୍ୟକ୍ଷଙ୍କ କର୍ମଶାଳା ତଥା ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ବୁଧବାର ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୩ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ, ଅନୁଦାନପ୍ରାପ୍ତ ଓ ଅଣ-ଅନୁଦାନପ୍ରାପ୍ତ କଲେଜର ୩୭୦ଜଣ ଅଧ୍ୟକ୍ଷ ଯୋଗଦେଇଥିଲେ। ରାଜ୍ୟ ସରକାର ଉଚ୍ଚଶିକ୍ଷାକୁ ଉଚ୍ଚ ସୋପାନକୁ ନେବା ପାଇଁ ବହୁ ଯୋଜନା କରିଛନ୍ତି। ସେହି ଖସଡ଼ାକୁ କିଭଳି କ୍ଷେତ୍ର ସ୍ତରରେ କାର୍ଯ୍ୟକାରୀ ହେଉଛି, ସେ ଦିଗରେ ଆଲୋଚନା ହୋଇଛି। ଭିତ୍ତିଭୂମି ସଜାଡ଼ିବା ପାଇଁ ଦିଆଯାଇଥିବା ଅର୍ଥର ଠିକ ବିନିଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷା ଆଗକୁ କିପରି ଯିବ ସେଥିପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ତେଣୁ ସମସ୍ତ କଲେଜରେ ୱାଇଫାଇ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟକ୍ରମେ ସରକାରୀ ଓ ବେସରକାରୀ କଲେଜଗୁଡ଼ିକୁ ୱାଇଫାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ସବୁ କଲେଜ ରେଡ଼କ୍ରସ ଶାଖା ରହିବ। ସେଥିରେ ଛାତ୍ରୀଛାତ୍ର ସାମିଲ ହେବେ। ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ଯେଉଁ ଖସଡ଼ା ପ୍ରସ୍ତୁତ ହୋଇଛି ତାହାର କାର୍ଯ୍ୟକାରୀ ନେଇ ବି ଆଲୋଚନା ହୋଇଛି। ସବୁ ବିଶ୍ୱବିଦ୍ୟାଳୟରେ ଛାତ୍ରବୃତ୍ତି କିଭଳି ବିନା ସମସ୍ୟାରେ ଠିକ ସମୟରେ ଦିଆଯାଇପାରିବ ତାହାର ଦାୟିତ୍ୱ ଅଧ୍ୟକ୍ଷମାନଙ୍କୁ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଓଡ଼ିଶା ଗଠନ କରିପାରିବା ଓ ଏଥିନିମନ୍ତେ କଲେଜଗୁଡ଼ିକର ସମସ୍ତ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିବା ଜରୁରୀ ବୋଲି 'ମୋ କଲେଜ' ସଭାପତି ଆକାଶ ଦାସ ନାୟକ କହିଛନ୍ତି। କର୍ମଶାଳାର ବୈଷୟିକ ଅଧିବେଶନରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆଗାମୀ ୫ ବର୍ଷର ରୋଡମ୍ୟାପ୍, କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅଗ୍ରଗତି, ଗବେଷଣା ଓ ଫେଲୋସିପ୍ କାର୍ଯ୍ୟକ୍ରମ ଆଦି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ୫-ଟି ସଚିବ ଭି. କେ. ପାଣ୍ଡିଆନ ଯୋଗଦେଇ ରାଜ୍ୟର କଲେଜଗୁଡ଼ିକର ଭିତ୍ତିଭୂମି ଉନ୍ନୟନ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧,୦୦୦ କୋଟି ଅନୁଦାନ ଦିଆଯାଇଛି ଓ ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ଅନୁଦାନ ଦିଆଯିବ ବୋଲି କହିଥିଲେ। ଏଥିସହ ଉପସ୍ଥିତ ଅଧ୍ୟକ୍ଷାଅଧ୍ୟକ୍ଷଙ୍କ ସହ କଲେଜର ବିଭିନ୍ନ ସମସ୍ୟା ଓ ସେଗୁଡ଼ିକର ସମାଧାନ ସମ୍ବନ୍ଧରେ ପାଣ୍ଡିଆନ ଆଲୋଚନା କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ବିଭାଗୀୟ ନିର୍ଦ୍ଦେଶକ ନରହରି ସେଠୀ, ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଅଶୋକ ଦାଶଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉଦ୍‌ବୋଧନ ଦେଇଥିଲେ। ବିଭାଗୀୟ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ରମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆଗରେ ପ୍ରାଥମିକ ଶିକ୍ଷକମାନେ ଧାରଣାରେ ବସିଛନ୍ତି। (ଫଟୋ- ବିକାଶ ନାୟକ)

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଶିକ୍ଷକ

ବାରଙ୍ଗ, ୧୩।୯ (ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ବ୍ଲକର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଦାବି ନେଇ ବୁଧବାର ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆନୁକୂଲ୍ୟରେ ଭୁବନେଶ୍ୱର ବ୍ଲକ ପକ୍ଷରୁ ପାଖାପାଖି ୧୨୦୦ ଶିକ୍ଷୟିତ୍ରୀ ଶିକ୍ଷକ ଏକ ବିରାଟ ଶୋଭାଯାତ୍ରାରେ ଯାଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ରାଜ୍ୟରେ ଠିକା ନିଯୁକ୍ତି ଉଚ୍ଛେଦ ହୋଇଥିବାରୁ ବିଦ୍ୟାଳୟ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ କରିବା ସହ ଶିକ୍ଷାକର୍ମୀ, ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ମିଶାଇ ଇନ୍‌କ୍ରିମେଣ୍ଟ ପ୍ରଦାନ, ଠିକା ଅବଧିକୁ ମୂଳ ଚାକିରିରେ ମିଶାଇ ଗଣନା, ସମସ୍ତ ବର୍ଗର ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଗ୍ରେଡ୍ ପେ' ୪୨୦୦ ଅନୁଯାୟୀ ପ୍ରଦାନ ଓ ନୂତନ ପେନ୍‌ସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ ପ୍ରଦାନ କରିବା ଆଦି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଗତ କିଛି ମାସ ହେବ ଶିକ୍ଷକ ସଂଘ ବିଭିନ୍ନ ଦାବିନେଇ ଆନ୍ଦୋଳନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏହି ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ନେତା ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନ ଫଳରେ ଭୁବନେଶ୍ୱର ବ୍ଲକର ଦାଢ଼ା, ରଘୁନାଥପୁର, କଲ୍ୟାଣପୁର, ବରିମୁଣ୍ଡ, ଇଞ୍ଚଣା ଆଦି ୫ ପଞ୍ଚାୟତରେ ଶିକ୍ଷାଦାନ ସହ ମଧ୍ୟାହ୍ନ ଭୋଜନ ବାଧାପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ଦାଢ଼ା ପଞ୍ଚାୟତର ଉତ୍କଳମଣି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନରେ ସହଯୋଗ କରୁଥିବା ଦେଖିବାକୁ ମିଳିଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୧୩।୯ (ସୂର୍ଯ୍ୟକାନ୍ତ ବେହେରା)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଣପତିନଗର ବସ୍ତିରୁ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତଦେହ ଜବତ ହୋଇଛି । ମୃତକ ହେଲେ ଦିଗପହଣ୍ଡି ଅଞ୍ଚଳର କେ.ଆଦି ରେଡ୍ଡୀ (୪୧)। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ଓ ସେହି ଅନୁସାରେ ତଦନ୍ତ ଆଗେଇବ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି।

ସୂଚନାନୁସାରେ, ମୃତ ବ୍ୟକ୍ତି ଓ ସଦାନନ୍ଦ ଗୋଟିଏ ଅଞ୍ଚଳର। ସଦାନନ୍ଦ ଗଣପତି ନଗରରେ ରହୁଥିବାବେଳେ କେ.ରେଡ୍ଡୀ ତାଙ୍କ ପାଖକୁ ୬ ଦିନ ତଳେ ଆସିଥିଲେ। ମଙ୍ଗଳବାର ସଦାନନ୍ଦ କାମରୁ ଆସିଲା ପରେ ରେଡ୍ଡୀଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଦେଖି ପଡୋଶୀ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ୧୧ ସହକାରୀ ନିର୍ଦ୍ଦେଶକଙ୍କୁ ୩ଦିନିଆ ପ୍ରଶିକ୍ଷଣ




ପ୍ରଶିକ୍ଷଣ ନେଉଥିବା ଆଦିବାସୀ କଲ୍ୟାଣ ବିଭାଗର ନବନିଯୁକ୍ତ ସହକାରୀ ନିର୍ଦ୍ଦେଶକ।

ଭୁବନେଶ୍ୱର, ୧୩।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଆଦିବାସୀ କଲ୍ୟାଣ ବିଭାଗରେ ୧୧ଜଣ ନବ ନିଯୁକ୍ତ ସହକାରୀ ନିର୍ଦ୍ଦେଶକଙ୍କ ତିନିଦିନିଆ ଦିଗ୍‌ଦର୍ଶନ ତାଲିମ କାର୍ଯ୍ୟକ୍ରମ ଛତିଶଗଡ଼ ସରକାରଙ୍କ ଦ୍ୱାରା ଭୁବନେଶ୍ୱରସ୍ଥିତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ଓ ପଛୁଆ କଲ୍ୟାଣ ବର୍ଗ ବିଭାଗର କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ସେମାନଙ୍କୁ ସମ୍ବୋଧିତ କରିବା ସହ ଏକ ସ୍ମାରକୀ ପ୍ରଦାନ କରିଥିଲେ। ଆଦିବାସୀ କଲ୍ୟାଣ ବିଭାଗ ଆଦିବାସୀ ସମ୍ପ୍ରଦାୟର ବିକାଶରେ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ସେ ସମ୍ପର୍କରେ କମିଶନର ସାହୁ କହିଥିଲେ। ଭବିଷ୍ୟତରେ ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ପାଇଁ ପୂର୍ଣ୍ଣ ନିଷ୍ଠା ଓ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ପାଇଁ ସେ ସହକାରୀ ନିର୍ଦ୍ଦେଶକମାନଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଦିବାସୀ ସମ୍ପ୍ରଦାୟର ଇତିହାସ, ସଂସ୍କୃତି ଓ ବିକାଶ ପାଇଁ ସରକାରଙ୍କ ଯୋଜନା ଏବଂ ଆଦିବାସୀ ଅଧିକାରକୁ ନେଇ ସରକାରଙ୍କ କାର୍ଯ୍ୟକାରିତା ବିଷୟରେ ସୂଚନା ଦିଆଯାଇଥିଲା । ନବ ନିଯୁକ୍ତ ସହକାରୀ ନିର୍ଦ୍ଦେଶକ ରାଜ୍ୟ ଆଦିବାସୀ ସଂଗ୍ରହାଳୟ, ପାଠାଗାର ଓ ପିଭିଟିଜି ପରିସର ଆଦି ବୁଲି ଦେଖିଥିଲେ।

# ପଞ୍ଚାୟତ ସମ୍ମୁଖରେ ଭାଜପାର ବିକ୍ଷୋଭ

ବାଲିଅନ୍ତା, ୧୩।୯ (ନୀଳମାଧବ ସାହୁ)

ବାଲିଅନ୍ତା ଭାଜପା ମଣ୍ଡଳ ପକ୍ଷରୁ ବୁଧବାର ୪ଟି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଣ୍ଡଳ ସଭାପତି ସଞ୍ଜୟ ପରିଜାଙ୍କ ନେତୃତ୍ୱରେ ବଇଟୁଆଁ, ବାଲିଅନ୍ତା, ବେଣୁପୁର ଓ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବ୍ୟବସ୍ଥାରେ ଦୁର୍ନୀତି ଅଭିଯୋଗ ଆଣି ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭରେ ଭାଜପା ନେତା ବସନ୍ତ ନାୟକ, ସ୍ମୃତି ରଞ୍ଜନ ବେହେରା, ଶିବ ମଲିକ, ସିଦ୍ଧେଶ୍ୱର ନାଥ, ଦେବେନ୍ଦ୍ର ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ଦୋଳଗୋବିନ୍ଦ ରଥ ପାଇବେ 'ବର୍ଣ୍ଣାଳୀ ସମ୍ମାନ'

ଭୁବନେଶ୍ୱର, ୧୩।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ମନୋମାନିନୀ ପକ୍ଷରୁ ଆସନ୍ତା ୧୬ତାରିଖ ସୂଚନା ଭବନଠାରେ ୩୨ତମ ବାର୍ଷିକ ବର୍ଣ୍ଣାଳୀ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ନାଟ୍ୟକାର ବିଭୂତି ଭୂଷଣ ମହାନ୍ତିଙ୍କୁ 'ନାଟ୍ୟ ସମ୍ମାନ' ଓ ନାଟ୍ୟକାର ଦୋଳଗୋବିନ୍ଦ ରଥଙ୍କୁ 'ବର୍ଣ୍ଣାଳୀ ସମ୍ମାନ' ଦିଆଯିବ। ସେହିପରି ଗଳ୍ପରେ ଭୀମ ପୃଷ୍ଟି, ଲେଖକ ଡ. ନୃସିଂହ ଷଡ଼ଙ୍ଗୀ, ନାଟ୍ୟ ରଚନାରେ ଶଙ୍କର ତ୍ରିପାଠୀ, ଗୀତ ରଚନା ବିଜୟ ମଲ୍ଲ, ଓଡ଼ିଶୀରେ ମୀରା ଦାସ, ସମାଜସେବାରେ ବାସନ୍ତୀ ମଣି ସିଂ, ଓଡ଼ିଶୀ ସଙ୍ଗୀତରେ ସଙ୍ଗୀତା ଗୋସାଇଁ, ଅଭିନେତା ଜୟ ପ୍ରକାଶ ଦାସ, ଟେରାକୋଟାରେ ଜ୍ଞାନେଶ ମିଶ୍ର, ତାଳବାଦ୍ୟରେ ଜଗନ୍ନାଥ କୁଅଁର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାସହ ଓଡ଼ିଶାରୁ ସାହିତ୍ୟ, କଳା, ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ, ପ୍ରତିଷ୍ଠା କରିଥିବା ବ୍ୟକ୍ତିଦ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ଅନୁଷ୍ଠାନର ସ୍ମରଣିକା ସ୍ପନ୍ଦନ ଉନ୍ମୋଚିତ ହେବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ଜୀ-ସାର୍ଥକରେ ନୂଆ ଓଡିଆ ଫିଲ୍ମ 'କୁଳାଙ୍ଗାର ୨'




ଓଡ଼ିଆ ଫିଲ୍ମ 'କୁଳାଙ୍ଗାର ୨'ର ସିଡୀ ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର, ୧୩।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ-ସାର୍ଥକରେ ଆସୁଛି ପ୍ରଯୋଜକ ବିଜୟ କାଣ୍ଡୋଇଙ୍କ ଓଡିଆ ଫିଲ୍ମ 'କୁଳାଙ୍ଗାର ୨'। ସେପ୍ଟେମ୍ବର ୧୭ ସନ୍ଧ୍ୟା ୬ଟା ୩୦ରେ ଏହା ପ୍ରସାରିତ ହେବ। ମ୍ୟାନେଜମେଣ୍ଟରେ ଗୋଲ୍ଡମେଡାଲିଷ୍ଟ ବିକାଶ ନିଜର ପାଠପଢ଼ା ସାରିଲା ପରେ 'ଶିକ୍ଷା ମୋବାଇଲ ଆପ୍' ତିଆରି କରିବାକୁ ଚାହିଁଛନ୍ତି। ମାତ୍ର ବାପା ଅବସରପ୍ରାପ୍ତ ଶିକ୍ଷକ କେଦାର ମିଶ୍ର ଚାହୁଁଛନ୍ତି ତାଙ୍କ ପୁଅ ଏକ ସୁରକ୍ଷିତ ଚାକିରି କରୁ। ଏପରିସ୍ଥିତିରେ ବିକାଶ ତା' ଷ୍ଟାର୍ଟଅପ୍ ପାଇଁ ନିଜ ମା'ଙ୍କୁ ବାଧ୍ୟ କରି ଟଙ୍କା ନିଅନ୍ତି। ମାତ୍ର ସମୟକ୍ରମେ ଉକ୍ତ ଟଙ୍କାକୁ ବିକାଶ ଚିଟ୍‌ଫଣ୍ଡ କମ୍ପାନୀରେ ବିନିଯୋଗ କରି ସବୁକିଛି ହରାଇ ବସନ୍ତି। ପରେ ବିକାଶ ବାହାହେବା ପାଇଁ ଏକ ଝିଅକୁ ମଧ୍ୟ କିଡ୍‌ନାପ୍ କରନ୍ତି। ଆଉ ଯେତେବେଳେ ଘରେ ବିରୋଧ କରିବା ସହ ତାଙ୍କୁ ବାହାହୋଇ ଅଲଗା ହେବାକୁ କୁହନ୍ତି ବିକାଶ ସେତେବେଳେ ନିଜର ଭାଗ ସମ୍ପତ୍ତି ମାଗନ୍ତି। ଏ ସବୁ ଶୁଣି ପରିବାର ଲୋକଙ୍କ ଚିନ୍ତା ବଢ଼େ। କେମିତି ବାଟକୁ ଆସିବ ବିକାଶ, କ'ଣ ହେବ ତା'ର ସ୍ୱପ୍ନର ଷ୍ଟାର୍ଟଅପ୍ 'ଶିକ୍ଷା ମୋବାଇଲ ଆପ୍', କ'ଣ ସେ ଭଲ ବାଟକୁ ଫେରିବ, ଆଉ ତାଙ୍କ ପରିବାର ଏକାଠି ହୋଇପାରିବ? ଏଭଳି ଏକ କାହାଣୀକୁ ନେଇ ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଛି। ମୁଖ୍ୟ ଚରିତ୍ରରେ ଶାଶ୍ୱତ ଓ ନାୟିକା ଭାବେ ନୀଳାକ୍ଷୀ ରହିଥିବାବେଳେ କଳାକାର କୁନା ତ୍ରିପାଠୀ ଓ ମଧୁମିତା ମହାନ୍ତି ପ୍ରମୁଖ ଭୂମିକାରେ ରହିଛନ୍ତି। ସଂଗ୍ରାମ ମହାନ୍ତି ନିର୍ଦ୍ଦେଶିତ ଓ ପ୍ରିୟବ୍ରତଙ୍କ ସମ୍ପୂର୍ଣ୍ଣ ଓଡିଆ ଘରର କାହାଣୀକୁ ନେଇ ତିଆରି ଏହି ଫିଲ୍ମକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ମିହିର ମହାନ୍ତି। ଗୀତଗୁଡିକୁ ପଞ୍ଚାନନ ନାୟକ ଲେଖିଛନ୍ତି। ସତ୍ୟଜିତ, ଗୌରବ ଆନନ୍ଦ, ଏସ ଜିତୁ ଓ ଗାୟିକା ଦେବାଂଶୀ କଣ୍ଠଦାନ କରିଛନ୍ତି।

# ନିଶାଦ୍ରବ୍ୟ ଚାଲାଣ ରୋକିବାକୁ ବସ୍‌ରେ ହେବ ଯାଞ୍ଚ

ଭୁବନେଶ୍ୱର, ୧୩।୯ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟରେ ଦିନକୁ ଦିନ ନିଶାଦ୍ରବ୍ୟ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ଅପରାଧୀମାନେ ପୋଲିସକୁ ଚ୍ୟାଲେଞ୍ଜ କରି ବିଭିନ୍ନ ଗଳାବାଟ ଦେଇ ଗୋଟିଏ ସ୍ଥାନରୁ ଅନ୍ୟଏକ ସ୍ଥାନକୁ ଗଞ୍ଜେଇ, ବ୍ରାଉନସୁଗାର, କଫସିରପ ଆଦି ଚାଲାଣ କରୁଛନ୍ତି। କେତେଜଣ ନିଶା ବେପାରୀ ରାତ୍ରିକାଳୀନ ଯାତ୍ରୀବାହୀ ବସ୍‌ରେ ଏସବୁ ଚାଲାଣ କରୁଥିବା ଜଣାପଡ଼ିବା ପରେ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବକାରୀ ବିଭାଗ ପ୍ରସ୍ତୁତ ହୋଇଛି। ଏଭଳି ନିଶାଦ୍ରବ୍ୟ ଚାଲାଣ ରୋକିବାକୁ ରାଜଧାନୀକୁ ଯାତାୟାତ କରୁଥିବା ବସ୍‌ରେ ଯାଞ୍ଚ କରାଯିବ ବୋଲି ଭୁବନେଶ୍ୱର ଅବକାରୀ ଇନ୍ସପେକ୍ଟର ବିକାଶ କୁମାର ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ନିଶା ବେପାରୀମାନେ ନିଜ ଗାଡ଼ିରେ ଏହି ନିଶାଦ୍ରବ୍ୟ ଚାଲାଣ କରି ବିଭିନ୍ନ ସମୟରେ ଧରାପଡୁଛନ୍ତି। ଦିନ ହେଉ କି ରାତି ପୁଣି କେତେବେଳେ ପୁଷ୍ପା ଷ୍ଟାଇଲ୍‌ରେ କୁଣ୍ଡା ଭର୍ତ୍ତି ଗାଡିରେ ଚାଲାଣ କରୁଛନ୍ତି। ନିକଟରେ ମଞ୍ଚେଶ୍ୱର ଥାନା ପୋଲିସ କୁଣ୍ଡାଭର୍ତ୍ତି ଟ୍ରକ୍‌ରେ ବହୁ ପରିମାଣର ଗଞ୍ଜେଇ ଜବତ କରିଥିଲା। ତେବେ ନିଜ ଗାଡ଼ିରେ ଚାଲାଣ ବେଳେ ପୋଲିସ ଓ ଅବକାରୀ ଦ୍ୱାରା ବିଭିନ୍ନ ସମୟରେ ଧରାପଡୁଥିବାରୁ ସେମାନେ ବସ୍‌କୁ ବିକଳ୍ପ ବାଛିଛନ୍ତି। ବସ୍ ଡ୍ରାଇଭର, କଣ୍ଡକ୍ଟରଙ୍କୁ କିଛି ଟଙ୍କା ହାତଗୁଞ୍ଜା ଦେଇ ଜିନିଷ ନେବା ଆଳରେ ନିଶାଦ୍ରବ୍ୟକୁ ପ୍ୟାକେଟ କରି ଚାଲାଣ କରୁଛନ୍ତି। ନିକଟରେ ଏଭଳି ଚାଲାଣ କରୁଥିବା ଏକାଧିକ ଅଭିଯୁକ୍ତ ଧରାପଡିବା ପରେ ବସ୍ ଯୋଗେ ଚୋରାଚାଲଣ ହେଉଥିବା ଜଣାପଡିଥିଲା। ତେଣୁ ପାର୍ବଣ ସମୟରେ ନିଶା ବେପାରୀମାନେ ସକ୍ରିୟ ହୋଇଥିବାରୁ ଏଥିରେ କିଭଳି ରୋକ୍ ଲଗାଯାଇ ପାରିବ ସେନେଇ ଅବକାରୀ ବିଭାଗ ପ୍ରୟାସ ଆରମ୍ଭ କରିଛି। ବିଶେଷକରି କନ୍ଧମାଳ, କୋରାପୁଟ, ବାଲେଶ୍ୱର, କୋଲକାତା, ରାୟପୁର, ବ୍ରହ୍ମପୁର ଆଦି ସ୍ଥାନରୁ ଆସୁଥିବା ସରକାରୀ ଓ ଘରୋଇ ବସ୍‌ଗୁଡିକୁ ଯାଞ୍ଚ କରିବାକୁ ନିଷ୍ପତ୍ତି ନେଇଛି ଅବକାରୀ ବିଭାଗ। ସେହିପରି ବସ୍‌ର କର୍ମଚାରୀଙ୍କୁ ଏ ନେଇ ଅବଗତ କରାଯାଇଛି। ନିଶାବେପାରୀମାନେ ଏଭଳି ବେଆଇନ ସାମଗ୍ରୀ ଚାଲାଣ କରିବାକୁ ବାଧ୍ୟକଲେ ତୁରନ୍ତ ସୂଚନା ଦେବାକୁ ବସ୍ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଥିବା ସୂଚନା ଦିଆଯାଇଛି।

# ବଡ଼ ଧରଣର ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ଭୁବନେଶ୍ୱର, ୧୩।୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥରେ ମଙ୍ଗଳବାର ବିଳମ୍ବିତ ରାତିରେ ବଡ଼ଧରଣ ଡକାୟତି ଯୋଜନାକୁ ନୟାପଲ୍ଲୀ ଥାନା ପୋଲିସ ପଣ୍ଡ କରିଛି। ପୋଲିସ ସେଠାରେ ଚଢ଼ାଉ କରି ଏକ ଗ୍ୟାଙ୍ଗର ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖଣ୍ଡଗିରି ଥାନା ମଶାଣି ବସ୍ତିରେ ରହୁଥିବା ଢେଙ୍କାନାଳ ଜିଲା ସଦର ଥାନା ଅଞ୍ଚଳର ପିଣ୍ଟନ ନାୟକ (୨୩), ନୟାପଲ୍ଲୀ ଥାନା ମୁଣ୍ଡା ସାହିରେ ରହୁଥିବା ମଣ୍ଟୁ ନାଏକ (୨୫), ନୀଳକଣ୍ଠନଗରର ସନ୍ତୋଷ କୁମାର ପ୍ରଧାନ (୨୬) ଓ ରାକେଶ ମୁଖୀ (୨୦)। ଅଭିଯୁକ୍ତଙ୍କଠାରୁ ଗୋଟିଏ ଲେଖାଏ ଛୁରୀ, କଟୁରି, ଖଣ୍ଡା, ଲାଠି ସହ ଗୋଟିଏ ଟର୍ଚ୍ଚ ଲାଇଟ ଓ ୪ଟି ମଦ ବୋତଲ ଆଦି ଜବତ ହୋଇଛି। ଏନେଇ ଏକ ମାମଲା



ଗିରଫ ହୋଇଥିବା ୪ ଅଭିଯୁକ୍ତ।

(ନଂ.୪୧୦/୨୦୨୩)ରୁଜୁ କରାଯାଇ ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚଢ଼ଉ ବେଳେ ଖସି ଯାଇଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଖୋଜାଖୋଜି କରୁଛି।

ସୂଚନା ଅନୁଯାୟୀ, ସିଆର୍‌ପିଏଫ୍ ପାଚେରିକୁ ଲାଗି ଏକ ନିର୍ଜନ ସ୍ଥାନରେ ୫ଜଣ ଏକାଠି ବସି ଜାତୀୟ ରାଜପଥରୁ ଏକ ବଡଧରଣର ସଶସ୍ତ୍ର ଡକାୟତି କରିବା ଯୋଜନା କରୁଥିଲେ। ଏନେଇ ପାଟ୍ରୋଲିଂ ଟିମ ଖବରପାଇ ସେଠାରେ ଚଢ଼ାଉ

### ଚଢ଼ାଉ ବେଳେ ଖସିଗଲେ ଜଣେ

କରିଥିଲା। ପୋଲିସ ଅଭିଯୁକ୍ତମାନଙ୍କୁ ଘେରିଯାଇ କାବୁ କରିବା ସମୟରେ ଅନ୍ଧାରର ସୁଯୋଗ ନେଇ ଜଣେ ଖସି ପଳାଇବାରେ ସକ୍ଷମ ହୋଇଥିବା ବେଳେ ୪ଜଣ ଧରାପଡ଼ିଥିଲେ। ତେବେ ଅଭିଯୁକ୍ତ ପିଣ୍ଟନଙ୍କ ନାଁରେ ନୟାପଲ୍ଲୀ ଥାନାରେ ୨ଟି ଓ ଖଣ୍ଡଗିରି ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ମଣ୍ଟୁଙ୍କ ନାମରେ ନୟାପଲ୍ଲୀ ଥାନାରେ ଗୋଟିଏ ମାମଲା ରହିଥିବା ବେଳେ ଖଣ୍ଡଗିରି ଥାନାରେ ମଧ୍ୟ ଗୋଟିଏ ମାମଲା ରହିଛି। ଅଭିଯୁକ୍ତ ସନ୍ତୋଷଙ୍କ ନାମରେ ନୟାପଲ୍ଲୀ ଥାନାରେ ୪ ମାମଲା ଏବଂ ତମାଣ୍ଡୋ ଥାନାରେ ଗୋଟିଏ ମାମଲା ରହିଥିବା ସୂଚନା ଦିଆଯାଇଛି।

**୧୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ**

**ବେଗୁନିଆ,(ହରପ୍ରସନ୍ନ ପଣ୍ଡା):** ଖୋର୍ଦ୍ଧା ଜିଲା ବେଗୁନିଆ ଅବକାରୀ ଥାନା ଅଞ୍ଚଳରେ ବେଆଇନ ମାଦକ ଦ୍ରବ୍ୟ କାରବାର ଓ ଚୋରା ଚାଲାଣ ଦିନକୁ ଦିନ ବୃଦ୍ଧି ପାଉଥିବା ଜିଲା ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ହେଉଛି। ଏନେଇ ଖୋର୍ଦ୍ଧା ଓ ବେଗୁନିଆ ଅବକାରୀ ବିଭାଗ ମିଳିତ ଚଢ଼ାଉ କରି ଗଞ୍ଜେଇ ବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବେଗୁନିଆ ଥାନା ବାଗଲପୁର ଗ୍ରାମର ପ୍ରମୋଦ ସାହୁ। ପୋଲିସ ତାଙ୍କଠାରୁ ୧୫କେଜି ଗଞ୍ଜେଇ ଜବତ କରିଛି। ଏନେଇ ଏନ୍‌ଡିପିଏସ୍ ଆକ୍ଟ ଓ ୫୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସିମୋର-ବାଙ୍କୀ ରାସ୍ତା ଶୋଚନୀୟ

**ଖୋର୍ଦ୍ଧା,୧୩।୯ (ପ୍ରଭାତ ପାଣିଗ୍ରାହୀ)**


ସିମୋର-ବାଙ୍କୀ ରାସ୍ତାରେ ବର୍ଷାପାଣି ଜମିରହିଛି।

ଗ୍ରାମାଞ୍ଚଳ ଭିତ୍ତିଭୂମି ଓ ରାସ୍ତାଘାଟ ଉନ୍ନତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେବେ ଅନେକ ସ୍ଥାନରେ ପ୍ରଶାସନିକ ଅବହେଳା ସାଙ୍ଗକୁ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସିମୋର- ବାଙ୍କୀ ରାସ୍ତା ଏହାର ଏକ ଉଦାହରଣ। ଏହି ରାସ୍ତା ଶୋଚନୀୟ ହୋଇପଡ଼ି ଥିବାରୁ ଅଞ୍ଚଳବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତା ସାରା ଖାଲଖମା ହୋଇଛି। ନିମ୍ନମାନର କାମ ଯୋଗୁ ବର୍ଷା ହେଲେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି। ଲୋକେ ଯାତାୟତ ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତା ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରିଛନ୍ତି। ତେବେ ଠିକାଦାରଙ୍କ ମନମୁଖି ଓ ନିମ୍ନମାନର କାର୍ଯ୍ୟ ଯୋଗୁ ଗଁପୁର ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହୁଛି। ଏହି ରାସ୍ତା ଉପରେ ଦୈନିକ ଶହଶହ ଲୋକ ଯାତାୟତ ପାଇଁ ନିର୍ଭର କରୁଥିବାବେଳେ ବର୍ଷାଦିନେ ଅସୁବିଧାର

**ବର୍ଷା ହେଲେ ଆଣ୍ଠୁଏ ପାଣି ଜମୁଛି**
- ଠିକାଦାର- ଅଧିକାରୀଙ୍କ ମଧୁଚନ୍ଦ୍ରିକା
- ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ

ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟାଳୟ ଯିବା ଲାଗି ପିଲାଙ୍କୁ ହଇରାଣ ହେବାକୁ ପଡୁଛି। ଖାଲରେ ପାଣି ଜମି ରହିବାରୁ ରାସ୍ତା ଜାଣି ନ ପାରି ଦୁଇଚକିଆ ଯାନ ଚାଳକ ପଡ଼ି ଆହତ ହେଉଛନ୍ତି। ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ଶୁଣୁ ନ ଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଭାଜପା ଉତ୍ତର ମଣ୍ଡଳ ସଭାପତି ହରିବନ୍ଧୁ ମହାରଣା କହିଛନ୍ତି, ଉକ୍ତ ରାସ୍ତାକୁ ଅଣଦେଖା କରାଯାଉଛି। ସରକାର ୫-ଟି କଥା କହୁଥିବାବେଳେ ଜ୍ୱଳନ୍ତ ଉଦାହରଣ। ବରିଷ୍ଠ ନାଗରିକ ଅର୍ଜ୍ଜୁନ ବେହେରା କହିଛନ୍ତି, ରାସ୍ତା ସାରା ଖାଲଖମା। ଲୋକେ ପଡ଼ି ଆହତ ହେଉଛନ୍ତି। ଅଭିଯୋଗ ଜଣାଇ ନିରାଶ ହେବାକୁ ପଡୁଛି। ସେହିପରି ପଞ୍ଚାନନ ମାର୍ଥା କହିଛନ୍ତି, ଏହି ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ହୋଇପଡ଼ିଛି। ପିଲାମାନେ ଗଲା ବେଳେ ଖାଲରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ସାମାଜିକ କର୍ମୀ ଲକ୍ଷ୍ମୀଧର ଖୁଣ୍ଟିଆ କହିଛନ୍ତି, ସିମୋର ଠାରୁ ବାଙ୍କୀ ଏବଂ ବଡବେରଣା ଠାରୁ ଗଁପୁର ରାସ୍ତାକୁ ଏହା ସଂଯୋଗ କରୁଛି। ଏହା ହେଉଛି ମୁଖ୍ୟ ରାସ୍ତା। ଠିକାଦାର ଅଧାରେ କାମ ଛାଡି ଚାଲିଗଲେ। ଏହି ରାସ୍ତା ଅଧାପନ୍ତରିଆ ରହିଛି। ସିମୋର ଠାରୁ କୁଟପଲ୍ଲା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ ଲୋକେ ଦାବି କରିଥିଲେ ବି କରାଗଲାନାହିଁ। ଫଳରେ ଲୋକେ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ନାରୁଣୀ କଲେଜ ଅଧ୍ୟାପକଙ୍କ ଆନ୍ଦୋଳନ


ଆନ୍ଦୋଳନରତ ନାରୁଣୀ କଲେଜର ଅଧ୍ୟାପିକା ଓ ଅଧ୍ୟାପକ।

**ଟାଙ୍ଗୀ(ଖୋର୍ଦ୍ଧା),୧୩।୯(ରଘୁନାଥ ସାହୁ)**

**ଗ୍ରେଡ୍ ପେ ସଂଶୋଧନ ଦାବି**

ଶିକ୍ଷା ବ୍ୟବସ୍ଥାରେ ପାତରଅନ୍ତର ଶିକ୍ଷକ ସମାଜକୁ ନିରୁତ୍ସାହିତ କରୁଛି। ୨୦୧୬ ମସିହାରୁ ସରକାର ଏସ୍ଏସ୍‌ବି ଦ୍ୱାରା ଚୟନକୃତ ଅଧ୍ୟାପିକା ଅଧ୍ୟାପକଙ୍କୁ ପ୍ରଥମେ ଲିଖିତ ପରୀକ୍ଷା, ଦ୍ୱିତୀୟରେ ବୃତ୍ତି ନିର୍ଦ୍ଧାରଣ, ତୃତୀୟରେ ସାକ୍ଷାତକାର ମାଧ୍ୟମରେ ଚୟନ କରାଯାଉଥିଲେ ମଧ୍ୟ ସମାନ କାମକୁ ସମାନ ଦରମା ପ୍ରଦାନ କରାଯାଉନାହିଁ। ଏସ୍ଏସ୍‌ବି ଅଧ୍ୟାପକ ୪୬୦୦ ଗ୍ରେଡ୍ ପେ ପାଉଥିଲାବେଳେ ଓପିଏସ୍‌ସି ଅଧ୍ୟାପକ ୫୪୦୦ ଗ୍ରେଡ ପେ ପାଉଛନ୍ତି। ସରକାରଙ୍କର ଏପରି ପାତରଅନ୍ତର ନୀତିକୁ ରାଜ୍ୟ ଏସ୍ଏସ୍‌ବି ଅଧ୍ୟାପକ ସଂଘ ତରଫରୁ ବିରୋଧ କରାଯାଇ ଗତ ୫ ତାରିଖ ଠାରୁ ପ୍ରତୀକାତ୍ମକ ଆନ୍ଦୋଳନ କରାଯାଉଛି। ରାଜ୍ୟ ସଂଘର ଆହ୍ୱାନ କ୍ରମେ ନାରୁଣୀ ମହାବିଦ୍ୟାଳୟରେ ନିଯୁକ୍ତିପ୍ରାପ୍ତ ଏସ୍ଏସ୍‌ବି ଅଧ୍ୟାପିକା ଅଧ୍ୟାପକମାନେ ଗୁରୁଦିବସଠାରୁ ମହାତ୍ମା ଗାନ୍ଧୀଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କଳାବ୍ୟାଜ୍ ପରିଧାନ କରି ୮ଦିନ ବ୍ୟାପୀ ପ୍ରତୀକାତ୍ମକ ଭାବେ ନୀରବ ପ୍ରତିବାଦ କରିଆସୁଛନ୍ତି। ସରକାର ତୁରନ୍ତ ଏସ୍ଏସ୍‌ବି ଅଧ୍ୟାପିକା ଅଧ୍ୟାପକଙ୍କ କଥାକୁ ବିଚାରକୁ ନେଇ ଗ୍ରେଡ୍ ପେ ସଂଶୋଧନ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ଚୋରା ମଦ ବିକ୍ରି ଅଭିଯୋଗରେ ୨ ଗିରଫ

**ବେଗୁନିଆ,୧୩।୯ (ହରପ୍ରସନ୍ନ ପଣ୍ଡା)**

ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ବେଗୁନିଆ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କଣ୍ଟାବାଡ଼ ଗ୍ରାମର ମଧୁସୂଦନ ନାୟକ ଏବଂ ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ହାଡିବନ୍ଧୁ ସାହୁ। ଏନେଇ ପୋଲିସ ୩୨୧/୨୩, ୩୨୨/୨୩ରେ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, କଣ୍ଟାବାଡ଼ ବଜାରରେ ଥିବା ଏକ ଜଳଖିଆ ଦୋକାନରେ ହାଡିବନ୍ଧୁ ଦେଶୀ ମଦ ବିକ୍ରି କରୁଥିଲେ। ପୋଲିସ ତାଙ୍କ ନିକଟରୁ ୧୩ ଲିଟର ମଦ ଜବତ କରିଛି। ସେହିପରି କଣ୍ଟାବାଡ ଗ୍ରାମ ନିକଟରେ ମଧୁସୂଦନ ଦେଶୀ ମଦ ବିକ୍ରି କରୁଥିଲେ। ପୋଲିସ ମଧୁସୂଦନଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୧୨ଲିଟର ମଦ ଜବତ କରିଥିଲା।

### କନଷ୍ଟେବଲଙ୍କୁ ଦୁର୍ବ୍ୟବହାର: ୩ ଗିରଫ



**ଜଟଣୀ, ୧୩।୯(ରବୀନ୍ଦ୍ରନାଥ ମହାକୁଡ଼)**

ଜଣେ କନ୍‌ଷ୍ଟେବଲ୍‌ଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ଶାର୍ଟ କଲର ଧରିବା ଅଭିଯୋଗରେ ୩ଜଣଙ୍କୁ ଜଟଣୀ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଧୀନ ବିକାଶ ନଗର ଅଞ୍ଚଳର ରାକେଶ ଦଳେଇ ଓରଫ ମାନସ(୪୨), ଉପରବସ୍ତ ଗ୍ରାମର ସଞ୍ଜୀବ ବାଘସିଂ(୪୦) ଏବଂ ସେହି ଗ୍ରାମର ସତ୍ୟବାନ ବାଘସିଂ ଓରଫ ସତିଆ(୪୫)। ପୋଲିସ ସୂଚନା ମୁତାବକ, ମଙ୍ଗଳବାର ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଜଟଣୀ ଜେଏମ୍ଏଫ୍‌ସି କୋର୍ଟକୁ କୌଣସି ମାମଲାରେ ପୋଲିସ ନେଇ ଯାଉଥିଲା। ଏହି ସମୟରେ ଅଭିଯୁକ୍ତମାନେ କୋର୍ଟ ପରିସରରେ ଅଭିଯୋଗକାରୀ କନଷ୍ଟେବଲ ଏବଂ ତାଙ୍କ ଟିମ୍ ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ଶାର୍ଟ କଲର ଧରି ଧମକ ଦେଇଥିଲେ। ଅଭିଯୋଗ ପରେ ଜଟଣୀ ପୋଲିସ ତଦନ୍ତ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରା ଉଚରା ବେଳେ ଅଭିଯୁକ୍ତମାନେ ନିଜ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି। ଏ ନେଇ ଜଟଣୀ ଥାନାରେ ଏକ କେସ୍ (ନଂ. ୩୩୮/୨୩) ରୁଜୁ ହୋଇଛି। ପୋଲିସ ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତମାନଙ୍କ ମଧ୍ୟରୁ ରାକେଶ ଦଳେଇଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୬ଟି ମାମଲା ରହିଛି। ତାଙ୍କ ବିରୋଧରେ ସିଆର୍‌ପିସି ଧାରା ୧୧୦ ରେ ମାମଲା ରୁଜୁ ପାଇଁ ଆଲୋଚନା କରାଯାଉଥିବା ପୋଲିସ କହିଛି। ମାମଲାର ଅଧିକ ତଦନ୍ତ ଜାରି ରହିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରହିଥିବା ପୋଲିସ ସୂଚନା ଦେଇଛି।

# ସମୂହ ଛୁଟିରେ ଶିକ୍ଷକ: ବିଦ୍ୟାଳୟରେ ତାଲା


ଖୋର୍ଦ୍ଧା: ୩ଦଫା ଦାବି ନେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନରେ ବସିଛନ୍ତି।

**ଖୋର୍ଦ୍ଧା,୧୩।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ମିଳିତ ଶିକ୍ଷକମାନଙ୍କ ଆନ୍ଦୋଳନ ତେଜିବାରେ ଲାଗିଛି। ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେଶନ୍‌ର ଆହ୍ୱାନ କ୍ରମେ ୩ଦଫା ଦାବି ନେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକମାନଙ୍କ ଧାରଣା ଜାରି ରହିଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୁଧିଷ୍ଠିର ସାହୁ ଓ ପିଷ୍ଟାର ରାଜ୍ୟ ଉପସଭାପତି ଅଗାଧୁ ସେଠୀଙ୍କ ନେତୃତ୍ୱରେ ୩୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ସାମୂହିକ ଛୁଟି ନେଇ ଗଣଧାରଣାରେ ସାମିଲ ହୋଇଛନ୍ତି। ବୁଧବାର ପ୍ରଥମ ପର୍ଯ୍ୟାୟରେ ଏହି ବ୍ଲକର ୨୪ଟି ବିଦ୍ୟାଳୟରେ ତାଲା ଝୁଲୁଥିବା ବେଳେ ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହୋଇଛି। ସ୍କୁଲରେ ତାଲା ପଡ଼ିଥିବାରୁ ପିଲାମାନେ ପାଠପଢା ବିନା ଘରକୁ ଫେରିଯାଇଥିବା ଜଣାପଡ଼ିଛି।

ବୁଧବାର ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ ଏବଂ ଜିଲା ସମ୍ପାଦକ ପ୍ରତାପ ମହାପାତ୍ର ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ କରିଥିଲେ। ସରକାର ତୁରନ୍ତ ପ୍ରାଥମିକ ଶିକ୍ଷକଙ୍କ ଦାବି ଶୁଣିବା ପାଇଁ ଅନୁରୋଧ କରିଥିଲେ। ଅଗ୍ନିତେଜର ମହାସଚିବ ରମାକାନ୍ତ ମହାପାତ୍ର ଯୋଗଦେଇ ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ଅନ୍ୟାୟ ହେଉଛି ବୋଲି କହିଥିଲେ । ୨୦୦୭ ମସିହାଠାରୁ ଅଦ୍ୟାବଧି ବହୁବାର ମୁଖ୍ୟ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ବିଭାଗୀୟ ସଚିବଙ୍କ ସହିତ ଆଲୋଚନା କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହିତ ମୂଳ ଚାକିରୀରେ ଗଣନା, ଏକ୍ସ-କ୍ୟାଡ଼ର ଉଚ୍ଛେଦ, କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ, ନୂତନ ପେନ୍‌ସନ୍ ପ୍ରଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପୁନଃ ପ୍ରଚଳନ ଦାବି କରିଛନ୍ତି।

### ରେଳ ଷ୍ଟେଶନରୁ ୩ ଲୁଟେରା ଗିରଫ, ୯ ମୋବାଇଲ ଜବତ

**ବାଲୁଗାଁ,୧୩।୯(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଆର୍‌ପିଏଫ୍ ଓ ଜିଆର୍‌ପି ଟିମ୍‌ର ମିଳିତ ବାହିନୀ ବୁଧବାର ଚଢ଼ାଉ କରି ଖଲ୍ଲିକୋଟ ରେଳ ଷ୍ଟେଶନରୁ ୩ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା କେଶପୁରସ୍ଥିତ ତେନ୍ତୁଳିଆପଡ଼ା ଗ୍ରାମର ପ୍ରଶାନ୍ତ ଜାଲି, ବେଳପଡ଼ା ସାହିର ରୁଦ୍ର ଦାସ, ଝୁନା ବେହେରା। ସେମାନଙ୍କଠାରୁ ୯ଟି ମୋବାଇଲ ଜବତ କରିଛି। ଜବତ ମୋବାଇଲର ଆନୁମାନିକ ମୂଲ୍ୟ ୯୦ ହଜାର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ବ୍ରହ୍ମପୁର ଜିଆର୍‌ପି ପକ୍ଷରୁ ୯୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ କିଛି ଦିନ ହେଲା ଏକ ଲୁଟେରା ଦଳ ଯାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ କରୁଥିବା ରେଳବାଇ ପୋଲିସରେ ବାରମ୍ବାର ଅଭିଯୋଗ ହେଉଥିଲା। ମଙ୍ଗଳବାର ଭୁବନେଶ୍ୱରରୁ ବେଙ୍ଗାଲୁରୁ ଯାଉଥିବା ପ୍ରଶାନ୍ତି ଏକ୍ସପ୍ରେସରେ ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତେଣୁ ବୁଧବାର ବାଲୁଗାଁ ଆର୍‌ପିଏଫ୍ ମିଳିତ ଭାବେ ସାଦା ପୋଷାକରେ ଉକ୍ତ ପ୍ରଶାନ୍ତି ଏକ୍ସପ୍ରେସରେ ପଇଁତରା ମାରୁଥିଲା। ଗଞ୍ଜାମ ଖଲ୍ଲିକୋଟ ଷ୍ଟେଶନରେ ଟ୍ରେନ ରହିବା ମାତ୍ରେ ଯାତ୍ରୀଙ୍କଠାରୁ ମୋବାଇଲ ଲୁଟି ୩ ଲୁଟେରା ଖସି ପଳାଉଥିବାବେଳେ ରେଳବାଇ ପୋଲିସ ସେମାନଙ୍କୁ କାବୁ କରିଥିଲା।

# ବ୍ରାଉନସୁଗାର ଜବତ: ୨ଗିରଫ

**ଖୋର୍ଦ୍ଧା,୧୩।୯ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ଥମିବାର ନାଁ ଧରୁନି। ମଙ୍ଗଳବାର ଟାଉନ ପୋଲିସ ଗୁରୁଜଙ୍ଗ ଟାଙ୍ଗୀସାହିରେ ଚଢଉ କରି ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଅଭିଜିତ ସାମନ୍ତରାୟ ଓରଫ ବିକି ଏବଂ ଭାଲିଆବାଡ଼ିର ଅମରେଶ ବେହେରା ଓରଫ ଗୁଲୁ। ଉଭୟଙ୍କ ଠାରୁ ୨୫ଗ୍ରାମ ବ୍ରାଉନସୁଗରର ଜବତ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ସୂଚନା ଅନୁସାରେ, ବିକି ଘରେ ବ୍ରାଉନସୁଗାର ବେପାର ଲାଗି ଡିଲ ଚାଲିଥିବା ଖବର ପାଇ ପୋଲିସ ଏକ ଟିମ୍ ଚଡାଉ କରିଥିଲା। ଚଡାଉ ବେଳେ ବିକିଠାରୁ ୧୫ଗ୍ରାମ ଏବଂ ଗୁଲୁଙ୍କ ଠାରୁ ୧୦ଗ୍ରାମ ବ୍ରାଉନସୁଗାର ଜବତ କରିଛି । ତଦନ୍ତ ବେଳେ ପାକୁ ହତ୍ୟାକାଣ୍ଡରେ ଗିରଫ ହୋଇ ଜେଲରେ ଥିବା ଡ୍ରଗ୍ସ ବେପାରୀ ସଞ୍ଜୁ, ମିକି ଓ ପୁଣ୍ଡୁଙ୍କ ନିର୍ଦ୍ଦେଶକ୍ରମେ ସେମାନେ ବ୍ରାଉସୁଗାର କାରବାର କରୁଥିବା ସ୍ୱୀକାର କରିଥିବା ପୋଲିସ କହିଛି। ପ୍ରକାଶ ଥାଉକି, ପାନବରଜ ଛକରେ ଏସ୍.କେ.ସଲିମ୍‌ଙ୍କୁ ଗୁଳିମାଡ ଘଟଣାରେ ଗତ ଜୁଲାଇ ୨ରେ ଗୁଲୁଙ୍କୁ ପୋଲିସ ଗିରଫ କରିଥିଲା । ତାଙ୍କଠାରୁ ଏକ ବନ୍ଧୁକ ଓ ୨ରାଉଣ୍ଡ ଗୁଳି ଜବତ ହୋଇଥିଲା। ଜେଲରୁ ମୁକୁଳିବା ପରେ ଗୁଲୁ ପୁଣି ବ୍ରାଉନସୁଗାର ବେପାର କରୁଥିଲେ।

# ପୁଅକୁ ଛାଡ଼ି ଟଙ୍କା, ଗହଣା ଧରି ଚାଲିଯାଇଛନ୍ତି ସୀତା

**ବୋଲଗଡ଼,୧୩।୯(ଦେବବ୍ରତ ହୋତା)**

**ସ୍ତ୍ରୀଙ୍କୁ ଖୋଜି ଆଣିବାକୁ ସ୍ୱାମୀଙ୍କ ନିବେଦନ**

ଯୁଗ ବଦଳୁଛି, ଏଥିସହ ସମ୍ପର୍କର ସଜ୍ଞା ବି ବଦଳିବାରେ ଲାଗିଛି। ଏଠି ମା' ଛୁଆକୁ ଛାଡ଼ି ଆଉ କାହା ସହ ଫେରାର ହେଉଛି ତ ପୁଣି କୋଉଠି ସ୍ତ୍ରୀ ଥାଉ ଥାଉ ସ୍ୱାମୀ ପର ସ୍ତ୍ରୀ ମୋହରେ ପଡି ନିଜ ଘର ଭାଙ୍ଗୁଛି। ଏବେ ସେମିତି ଏକ ଘଟଣା ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଶ୍ରୀରାମପୁର ନୂଆସାହି ଗାଁରେ ଦେଖିବାକୁ ମିଳିଛି। ଅଗ୍ନିକୁ ସାକ୍ଷୀରଖି ସାତଜନ୍ମକୁ ସାଥୀ ହୋଇରହିବା କଥାକୁ ସ୍ତ୍ରୀ ଭୁଲ ପ୍ରମାଣିତ କରିଛନ୍ତି। ସ୍ୱାମୀ ଓ ୬ ବର୍ଷର ଛୁଆକୁ ଛାଡ଼ି ଘରେ ଥିବା ୫୦ ହଜାର ଟଙ୍କା ଓ ସୁନା ଅଳଙ୍କାର ନେଇ ସ୍ତ୍ରୀ କୁଆଡେ ଫେରାର ହୋଇଯାଇଛନ୍ତି। ସେପଟେ ପୁଅକୁ ଧରି ଥାନାର ଦ୍ୱାରସ୍ଥ ହୋଇ ସ୍ତ୍ରୀକୁ ଶୀଘ୍ର ଖୋଜି ଆଣିବାକୁ ନିବେଦନ କରିଛନ୍ତି ସ୍ୱାମୀ ବିଜୟ। ଅଭିଯୋଗ ଅନୁଯାୟୀ, ବିଜୟ ସେଠୀ ୬ ବର୍ଷ ତଳେ ସୀତା ସେଠୀଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଅଛି। ଦୀର୍ଘ ୬ବର୍ଷ ସେମାନେ ହସଖୁସିରେ ବିତେଇବା ପରେ ସୀତା ଗତ ଅଗଷ୍ଟ ୭ରେ ଘର ତାଲା ପକାଇ ଚାବିକୁ ଦୁଆର ମୁହଁରେ ଥୋଇ କୁଆଡେ ପଳାଇ ଯାଇଛନ୍ତି। ବିଜୟ ଘର ଖୋଲି ଦେଖିଲା ବେଳକୁ ତାଙ୍କର ଗଡରେଜ ଖୋଲା ରହିବା ସହ ୫୦ ହଜାର ଟଙ୍କା ଓ ସୁନା ଅଳଙ୍କାର କିଛି ନାହିଁ। ଏନେଇ ବିଜୟ ବୋଲଗଡ ଥାନାରେ ଏତଲା ଦେଇଥିଲେ। ଏକ ମାସ ପରେ ବି ପୋଲିସ ସୀତାଙ୍କୁ ଖୋଜି ଆଣିବାରେ ବିଫଳ ହୋଇଛି। ଛୋଟ ପୁଅଟି ମାଆକୁ ଝୁରୁଥିବା ବିଜୟ କହିଛନ୍ତି। ତୁରନ୍ତ ପୋଲିସ ତାଙ୍କ ସ୍ତ୍ରୀଙ୍କୁ ଖୋଜି ଆଣିବାକୁ ବିଜୟ ନିବେଦନ କରିଛନ୍ତି। ବୋଲଗଡ଼ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି, ଘଟଣାକୁ ଗୁରୁତ୍ୱର ସହ ନେଇ ଆମେ ତଦନ୍ତ ଚଳାଇଛୁ ଏବଂ ଖୁବଶୀଘ୍ର ଏହି ଘଟଣା ଉପରୁ ପରଦା ହଟିବ।

# ୧୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଯୁବକ ଗିରଫ

**ଖୋର୍ଦ୍ଧା,୧୩।୯(ପ୍ରଭାତ ପାଣିଗ୍ରାହୀ)**

ମହିଳାଙ୍କୁ ରୋଜଗାର ଦେବା ଆଳରେ ୧୪ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ହାଟପଦାର ଅନିଲ ସାହୁ ଓରଫ ଲିପୁନ୍ (୩୦)। କମିଶନରେଟ ପୋଲିସ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଅରୁନ୍ଧତୀ ବିହାରର ଭଡ଼ାଘରୁ ତାଙ୍କୁ ଗିରଫ କରିଛି । ସେ ଦୀର୍ଘଦିନ ଧରି ଖୋର୍ଦ୍ଧା ଓ ଭୁବନେଶ୍ୱର ଆଖପାଖ ଅଞ୍ଚଳର ମହିଳାଙ୍କୁ ରୋଜଗାର ଆଶା ଦେଖାଇ ଲୁଟ କରୁଥିଲେ।

ଅଭିଯୋଗ ଅନୁସାରେ, ଅନିଲ ଖୋର୍ଦ୍ଧା ଅଞ୍ଚଳରେ ଆର୍ଥିକ ଅସ୍ୱଚ୍ଛଳ ବର୍ଗର ମହିଳାଙ୍କୁ ଅଧିକ ଟଙ୍କା ରୋଜଗାର ଲାଳସା ଦେଖାଇ ମୋଟା ଅଙ୍କର ଅର୍ଥ ନେଉଥିଲେ। ଗାଁକୁ ଗାଁ ବୁଲି ମହିଳାଙ୍କୁ ରୋଜଗାର ମୋହ ଦେଖାଉଥିଲେ। ନିଜତଗଡ ତାପଙ୍ଗ ଗାଁରୁ ୫ଲକ୍ଷ, ନିରାକାରପୁରରୁ ୫୦ ହଜାର, ନୟାଗଡ଼ରୁ ୧ଲକ୍ଷ ୮୦ ହଜାର, ବନମାଳିପୁରରୁ ୨୦ହଜାର, ଜଗତସିଂହପୁର ନାଉଗାଁରୁ ୫ଲକ୍ଷ, ଇନଫୋଭ୍ୟାଲି ଅଞ୍ଚଳରୁ ୧ଲକ୍ଷ, ଡେଲାଙ୍ଗରୁ ୮୦ ହଜାର, ସୁନ୍ଦରଗଡ ଏବଂ ଜଗତପୁରରୁ ୨୦ ହଜାର ଟଙ୍କା ଲେଖାଏ ସିକ୍ୟୁରିଟି ମନି ଠକି ନେଇ ସେମାନଙ୍କୁ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଠକାମିର ଶିକାର ମହିଳା ପ୍ରଥମେ ଇନଫୋଭ୍ୟାଲି ଥାନାରେ ଅଭିଯୋଗ କରି ନିରାଶ ହୋଇଥିଲେ। ଶେଷରେ ସେ ସଦର ଥାନାରେ ଏତଲା ଦେଇଥିଲେ। ସଦର ପୋଲିସ ଏକ ମାମଲା (ନଂ.୨୫୬/୨୩) ରୁଜୁ କରିଥିଲା। ଅନିଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବାବେଳେ ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି।

# ୬ଷ୍ଠ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ


୩ ଦଫା ଦାବି ନେଇ ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଚାଲିଥିବା ଧାରଣା।

**ଟାଙ୍ଗୀ(ଖୋର୍ଦ୍ଧା),୧୩।୯(ରଘୁନାଥ ସାହୁ)**

୩ ଦଫା ଦାବି ନେଇ ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ୬ଷ୍ଠ ଦିନରେ ପହଞ୍ଚିଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଛନ୍ତି। ଏହି ବ୍ଲକ ଅନ୍ତର୍ଗତ କେତେକ ବିଦ୍ୟାଳୟରେ ଶିକ୍ଷାଦାନ ଠପ୍ ହୋଇଯାଇଛି। ଯେଉଁ ବିଦ୍ୟାଳୟରେ ପୁରୁଣା ପେନସନ ପାଇବାକୁ ଯୋଗ୍ୟ ଶିକ୍ଷକ ଅଛନ୍ତି ସେହି ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ କେବଳ ଜଗିବା ପାଇଁ ବିଦ୍ୟାଳୟ ଖୋଲା ରହିଛି। ସରକାରଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଦାବି ପୂରଣ ହେଉ ନ ଥିବାରୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆହ୍ୱାନ କ୍ରମେ ଆନ୍ଦୋଳନ ଜାରି ରହିଛି। ଟାଙ୍ଗୀ ବ୍ଲକର ୧୨୭ଟି ବିଦ୍ୟାଳୟର ୪୨୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଧାରଣାରେ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ଜିଲା ସଙ୍ଗଠନ ସମ୍ପାଦକ ସମରେଶ ବେହେରା, ବଳରାମ ବେହେରା, ସିଦ୍ଧାର୍ଥ ମିଶ୍ର, ପ୍ରସନ୍ନ ମଙ୍ଗରାଜ, ମୀନକେତନ ଦାସ, ତାପସ ମଣ୍ଡଳ, ବିଜୟ ସେଠୀଙ୍କ ସମେତ ୪୦୦ ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଅଛନ୍ତି।

# ୩ ଦିବ୍ୟାଙ୍ଗଙ୍କ ଓଠରେ ଫୁଟିଲା ହସ

**ଖୋର୍ଦ୍ଧା,୧୩।୯(ପ୍ରଭାତ ପାଣିଗ୍ରାହୀ)**



- ହରାଇଥିଲେ ଗୋଡ଼, ଲାଗିଲା କୃତ୍ରିମ ଅଙ୍ଗ
- ମାନବିକତା ଦେଖାଇଲେ ଖୋର୍ଦ୍ଧା ଉପଜିଲାପାଳ

ମାନବିକତା ଦେଖାଇଛନ୍ତି ଖୋର୍ଦ୍ଧା ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀ। ସେ ୩ ଦିବ୍ୟାଙ୍ଗଙ୍କୁ ସହଯୋଗ ଯୋଗାଇଦେଇଛନ୍ତି। ଫଳରେ ସେମାନଙ୍କ ମୁହଁରେ ହସ ଫୁଟିଛି। ପେଟ ପୋଷିବା ପାଇଁ ରାସ୍ତାରେ ଗଡ଼ି ଭିକ୍ଷା ମାଗୁଥିଲେ ଏହି ୩ ଦିବ୍ୟାଙ୍ଗ। ଜଣେ ଦୁଇଗୋଡ଼ ଏବଂ ଆଉ ୨ଜଣ ଗୋଟିଏ ଲେଖାଏ ଗୋଡ଼ ହରାଇ ଥିଲେ। ଦୁଇ ଗୋଡ଼ ହରାଇଥିବା ଦିବ୍ୟାଙ୍ଗ ରାସ୍ତାରେ ଗଡ଼ି ଗଡ଼ି ଚାଲିଥିଲେ। ଏହି ହୃଦୟ ବିଦାରକ ଦୃଶ୍ୟ ଦେଖିବା ପରେ ଉପଜିଲାପାଳ ତୁରନ୍ତ ଗାଡ଼ିରୁ ଓହ୍ଲାଇ ସେମାନଙ୍କୁ କୃତ୍ରିମ ଗୋଡ଼ ଲଗାଇବା ପାଇଁ ଗୁରୁଜଙ୍ଗସ୍ଥିତ ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟର (ବିଏମ୍‌ଭିଏସ୍ଏସ୍)କୁ ପଠାଇଥିଲେ। ସେଠାରେ ଡାକ୍ତରଙ୍କ ଉପଯୁକ୍ତ ଚିକିତ୍ସା ପରେ ସେମାନଙ୍କ ଗୋଡ଼ରେ କୃତ୍ରିମ ଗୋଡ଼ ଲଗାଯାଇଛି। ଜଣଙ୍କର ଦୁଇଟି ଓ ଅନ୍ୟ ଜଣକର ଗୋଟିଏ ଗୋଡ଼ ଲାଗିଥିଲା। ଆଉ ଜଣଙ୍କୁ ଟ୍ରାଇସାଇକେଲ ଦିଆଯାଇଛି। ଏହି ଘଟଣା ସମ୍ପର୍କରେ ଜିଲାପାଳ ନିଜ ଟୁଇଟ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସବୁଠି ଉପଜିଲାପାଳ ସେଠୀଙ୍କୁ ପ୍ରଶଂସାର ସୁଅ ଛୁଟିଛି।

ସୂଚନା ଅନୁଯାୟୀ, ବାହାର ରାଜ୍ୟର ଏହି ୩ ଦିବ୍ୟାଙ୍ଗ ଖୋର୍ଦ୍ଧା ଚାଲି ଆସିଛନ୍ତି। ଗୋଟିଏ ଗୋଡ଼ ହରାଇଥିବା ଜଣେ ଦିବ୍ୟାଙ୍ଗ ଟ୍ରାଇ ସାଇକଲରେ ବସିଥିବାବେଳେ ଅନ୍ୟ ଜଣେ ତାଙ୍କୁ ପଛପଟୁ ଠେଲି ଠେଲି ନେଉଥିଲେ। ଦୁଇ ଗୋଡ଼ ହରାଇଥିବା ଦିବ୍ୟାଙ୍ଗ ଜଣକ ରାସ୍ତାରେ ଅତି ଦୟନୀୟ ଭାବେ ଗଡ଼ି ଭିକ୍ଷା ମାଗୁଥିଲେ।

ଏହି ସମୟରେ ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀ ନିଜ କାର୍ଯ୍ୟାଳୟରୁ ବାହାରି କୌଣସି କାମରେ ମୁକୁନ୍ଦପ୍ରସାଦ ଯାଉଥିଲେ। ବାଟରେ ଏହି ଦୃଶ୍ୟ ଦେଖି ସେ ଅଟକି ଯାଇଥିଲେ। କାର୍‌ରୁ ଓହ୍ଲାଇ ସେମାନଙ୍କ ନିକଟକୁ ଯାଇଥିଲେ। ସେମାନଙ୍କ ସହ ଆଲୋଚନା କରି ଗୁରୁଜଙ୍ଗସ୍ଥିତ ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟରକୁ ପଠାଇଥିଲେ। ସେଠାରେ ସେମାନଙ୍କ କୃତ୍ରିମ ଗୋଡ଼ ଲଗାଯାଇଥିଲା। ଏହାପରେ ୩ ଦିବ୍ୟାଙ୍ଗଙ୍କ ଚକ୍ଷୁ ଆନନ୍ଦାଶ୍ରୁରେ ଭରିଯାଇଥିଲା। ସେମାନେ ଉପଜିଲାପାଳଙ୍କ ସମେତ ବିଏମ୍‌ଭିଏସ୍ଏସ୍ ଅନୁଷ୍ଠାନକୁ ଧନ୍ୟବାଦ ଜଣାଇଛନ୍ତି।

# ଏଥର କୈଳାସ ପର୍ବତ, ହାଓଡା ଷ୍ଟେଶନ ତୋରଣ

## ନୂଆପଡ଼ା ଗଣେଶ ପୂଜା

କଟକ,୧୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ୧୯ରେ ଗଣେଶ ପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ କ୍ଲବ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ସହରରେ ନୂଆପଡାର ଗଣେଶ ପୂଜା ବେଶ୍ ପ୍ରସିଦ୍ଧ। ଏଠାକାର ତୋରଣ ଦେଖିବାକୁ ଲୋକଙ୍କ ଭିଡ ଜମିଥାଏ। ଚଳିତବର୍ଷ ନୂଆପଡା ଅଞ୍ଚଳରେ ବିଭିନ୍ନ କ୍ଲବ ପକ୍ଷରୁ ହାଇଦ୍ରାବାଦର ଚାଓମହଲ, ରାଣୀହାଟ କ୍ଲକ୍ ଟାୱାର, ଭୁବନେଶ୍ୱର ରାମ ମନ୍ଦିର, କୈଳାସ ପର୍ବତ, ଘଟଗାଁ ମା' ତାରିଣୀଙ୍କ ଗେଟ୍ ଆକୃତିର ତୋରଣ ନିର୍ମାଣ କରାଯିବ।

### ଦିବ୍ୟଜ୍ୟୋତି କ୍ଲବ

ଏଥର କ୍ଲବ ପକ୍ଷରୁ ଭୁବନେଶ୍ୱରର ରାମ ମନ୍ଦିର ଗେଟ୍ ଆକୃତିର ତୋରଣ ପ୍ରସ୍ତୁତ କରାଯାଉଛି। ଚଳିତବର୍ଷ ପୂଜା ବଜେଟ ପ୍ରାୟ ୫ ଲକ୍ଷ ଟଙ୍କା ରଖାଯାଇଛି। ଆସନ୍ତା ୨୯ ତାରିଖରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ମୁଖ୍ୟ ଆକର୍ଷଣ ସାଜିବେ। ଭସାଣିରେ ଶ୍ରୀକାକୁଲମର ନୂତନ ବ୍ୟାଣ୍ଡ୍ ଦେଖିବାକୁ ମିଳିବ। ପ୍ରତିବର୍ଷ ଭଳି ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ପୂଜା ସମ୍ପନ୍ନ କରାଯିବ ବୋଲି ସଭାପତି ସତ୍ୟନାରାୟଣ ସାମଲ ଓ ସମ୍ପାଦକ ଜିତେନ୍ଦ୍ର ପରିଡା କହିଛନ୍ତି।



### ଜୟ ଜଗନ୍ନାଥ କ୍ଲବ

ଏହି କ୍ଲବ ପକ୍ଷରୁ ରାଣୀହାଟ କ୍ଲକ୍ ଟାୱାର ସଦୃଶ ତୋରଣ ନିର୍ମାଣ ହେବ। ଏଥର ପୂଜା ବଜେଟ ପ୍ରାୟ ୪ ଲକ୍ଷ ଟଙ୍କା ରଖାଯାଇଛି। କ୍ଲବ୍ ପକ୍ଷରୁ ୩ଦିନ ଖାଦ୍ୟ ବଣ୍ଟନ କରାଯିବ। ଭସାଣି ଶୋଭାଯାତ୍ରାରେ ଓମ୍‌ଶ୍ରୀ ମ୍ୟୁଜିକାଲ, ଢେଙ୍କାନାଳ ସିଂହବାଜା ମୁଖ୍ୟ ଆକର୍ଷଣ ସାଜିବ ବୋଲି କ୍ଲବ ସଭାପତି ପ୍ରଣବ କୁମାର ଦାସ ସୂଚନା ଦେଇଛନ୍ତି।

### ଅବତାର କ୍ଲବ

ଚଳିତବର୍ଷ ହାଇଦ୍ରାବାଦର ଚାଓମହଲ ପ୍ୟାଲେସ ସଦୃଶ ତୋରଣ ନିର୍ମାଣ କରାଯାଉଛି। ଏଥର ପୂଜା ବଜେଟ ୨.୫ଲକ୍ଷ ଟଙ୍କା ରହିଛି। ପୂଜାର ଦ୍ୱିତୀୟ ଦିନ ଖିରି ପ୍ରସ୍ତୁତ କରାଯାଇ ବଣ୍ଟନ କରାଯିବ ବୋଲି କ୍ଲବ ସଭାପତି ମୁନା ପାତ୍ର ଓ ସମ୍ପାଦକ ଚିନ୍ମୟ ନାୟକ କହିଛନ୍ତି।



### ଜୁନିୟର ଷ୍ଟାର୍ କ୍ଲବ୍

ଜୁନିୟର ଷ୍ଟାର୍ କ୍ଲବ୍ ପକ୍ଷରୁ ଚଳିତବର୍ଷ କୈଳାସ ପର୍ବତ, ପ୍ରେସ୍ କଲୋନୀ କ୍ଲବ୍ ପକ୍ଷରୁ ଘଟଗାଁ ତାରିଣୀଙ୍କ ଗେଟ୍ ଓ ଡ୍ରିମ୍ସ କ୍ଲବ ପକ୍ଷରୁ କମିଶନରେଟ ପୋଲିସ ଅଫିସ ଗେଟ୍ ଆକୃତିର ତୋରଣ ନିର୍ମାଣ କରାଯାଉଛି। ଏଥର ଉପରୋକ୍ତ କ୍ଲବର ପୂଜା ବଜେଟ ୩ରୁ ୪ ଲକ୍ଷ ଟଙ୍କା ରଖାଯାଇଛି। ନୂଆପଡ଼ାରେ ଆସନ୍ତା ଅକ୍ଟୋବର ୧ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ବିଭିନ୍ନ ସ୍ଥାନରେ ଭସାଣି ପାଇଁ ପୋଲିସ ପକ୍ଷରୁ ଭିନ୍ନ ତାରିଖ ଦିଆଯାଇଛି।



### ରୟାଲ କ୍ଲବ

ଚଳିତବର୍ଷ ଏହି କ୍ଲବ୍ ପକ୍ଷରୁ କୋଲକାତାର ହାଓଡା ଷ୍ଟେଶନ ଗେଟ ଆକୃତିର ତୋରଣ ନିର୍ମାଣ କରାଯାଉଛି। ଏଥର ପୂଜା ବଜେଟ ପ୍ରାୟ ୫.୫ ଲକ୍ଷ ଟଙ୍କା ରଖାଯାଇଛି। ଆସନ୍ତା ୨୭ ତାରିଖ କ୍ଲବ୍ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ କରାଯିବ। ଏଥିରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ମୁଖ୍ୟ ଆକର୍ଷଣ ସାଜିବେ। ସେହିପରି ଭସାଣି ଉତ୍ସବରେ ବ୍ରହ୍ମପୁରର ସୁରଶଙ୍କର ବ୍ୟାଣ୍ଡ୍ ଓ ପୁରୀର ଘଣ୍ଟବାଦ୍ୟ ସାମିଲ ପାଇଁ ବ୍ୟବସ୍ଥା କରାଯାଇଛି। ସଭାପତି ସ୍ମୃତିରଞ୍ଜନ ଦାସ, ସମ୍ପାଦକ ଶୁଭ୍ରଜିତ୍ ମହାନ୍ତି, ରଶ୍ମିରଞ୍ଜନ ସ୍ୱାଇଁ, ଦେବାଶିଷ ଦାସ, ଭବାନୀ ଶଙ୍କର ସାହୁ ପ୍ରମୁଖ ପୂଜା ପରିଚାଳନା ଦାୟିତ୍ୱରେ ଅଛନ୍ତି।

# ଥାନା ହାଜତରୁ ଅଭିଯୁକ୍ତ ଚମ୍ପଟ

ମଙ୍ଗୁଳି-ଜଗତପୁର,୧୩।୯(ମାନସ ସାମଲ)

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ କଟକ ଜିଲା ଟାଙ୍ଗୀ ଥାନା ହାଜତରେ ଅଟକ ଥିବା ଜଣେ ଯୁବକ ବୁଧବାର ସକାଳେ ଚମ୍ପଟ ମାରିଛନ୍ତି। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁଯାୟୀ, ଟାଙ୍ଗୀ ଥାନା ଅଞ୍ଚଳର ଜଣେ ଯୁବତୀ ପାଖ ଗ୍ରାମରେ ଥିବା ସମ୍ପର୍କୀୟ ଭଉଣୀଙ୍କ ଘରକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନରେ ସେ ଗ୍ରାମରେ ଥିବା ପାଣିପମ୍ପ ନିକଟସ୍ଥ ବିଲକୁ ପରିବା ତୋଳିବାକୁ ଯାଇଥିଲେ। ତାଙ୍କୁ ପରିସ୍ରା ଲାଗିବାରୁ ସେ ପମ୍ପ ହାଉସ୍ ପାଇଖାନାକୁ ଯାଇଥିଲେ। ଏହି ସମୟରେ ବିଲତେରୁଆଁ ଗ୍ରାମର ଅଭିଯୁକ୍ତ ମୁସ୍‌ଲିମ୍ ଖାନ୍‌ଙ୍କ ସମେତ ଅନ୍ୟ କେତେଜଣ ଯୁବକ ତାଙ୍କୁ ବଳାତ୍କାର ଉଦ୍ୟମ ସହ ଆକ୍ରମଣ କରିଥିଲେ। ଏ ନେଇ ଯୁବତୀ ଜଣଙ୍କ ଅଭିଯୋଗ କରିବା ପରେ ଟାଙ୍ଗୀ ଥାନାରେ ଏକ ମାମଲା(ନଂ.୧୮୧/୨୩) ରୁଜୁ ହୋଇଥିଲା। ପରେ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୁକ୍ତ ମୁସ୍‌ଲିମ୍‌ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ବୁଧବାର ସକାଳେ ସମ୍ପୃକ୍ତା ଯୁବତୀଙ୍କୁ ପୋଲିସ ୧୬୧ ଧାରାରେ ବୟାନ ରେକର୍ଡ ପାଇଁ ଥାନାକୁ ଡାକିଥିଲା। ହେଲେ ଅଭିଯୁକ୍ତ ଜଣଙ୍କ ଥାନାରୁ ଚମ୍ପଟ ମାରିଥିବା ଯୁବତୀ ଜାଣିବାକୁ ପାଇଥିଲେ। ଏ ନେଇ ଥାନାଧିକାରୀ ସମରେନ୍ଦ୍ର ପାଇକରାୟ କହିଛନ୍ତି, ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିଲା। ହେଲେ ସେ କେମିତି ଥାନାରୁ ଖସିଗଲେ ସେ ସମ୍ପର୍କରେ ଜାଣିନାହିଁ। ଘଟଣାର ତଦନ୍ତ ଜାରି ରହିଛି। ଯଦି ଏହି ଘଟଣାରେ କାହାରି ସମ୍ପୃକ୍ତି ଥାଏ ତା'ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ଅନୁଷ୍ଠିତ ମହାସମାବେଶରେ ସିଏମ୍‌ସି ମେୟର ସୁବାସ ସିଂ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ପରକୀୟା ପ୍ରୀତିକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ

ଖୁଣ୍ଟୁଣୀ,୧୩।୯(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଞ୍ଚଳରେ ପରକୀୟା ପ୍ରୀତିକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳର ଜଣେ ମହିଳାଙ୍କ ସହିତ ସମ୍ପୃକ୍ତ ଯୁବକଙ୍କ ଅନୈତିକ ସମ୍ପର୍କ ରହିଥିଲା। ଏହାକୁ ମହିଳାଙ୍କ ସ୍ୱାମୀ ଦେଖିଦେବା ପରେ ଘରୁ ଏକ ଟାଙ୍ଗିଆ ଆଣି ସମ୍ପୃକ୍ତ ଯୁବକଙ୍କୁ ଚୋଟ ପକାଇଥିଲେ। ଯୁବକ ଜଣଙ୍କ ନିଜକୁ ବଞ୍ଚାଇବା ପାଇଁ ଗାଁ ଦାଣ୍ଡରେ ଦୌଡୁଥିବାବେଳେ ମହିଳାଙ୍କ ସ୍ୱାମୀ ତାଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। ଖବରପାଇ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଏଥିସହ ଆକ୍ରମଣକାରୀଙ୍କୁ ଥାନାରେ ଅଟକ ରଖାଯାଇଛି। ସମ୍ପୃକ୍ତ ଯୁବକଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ଆଇଆଇସି ଖୁଣ୍ଟିଆ କହିଛନ୍ତି।

### ଫଳଚାଷ ତାଲିମ ଶିବିର

ବାରଙ୍ଗ,୧୩।୯(ଲିଙ୍ଗରାଜ ରାଉତ)

ଡେରାଶ ଫାର୍ମସ୍ଥିତ ଉଦ୍ୟାନ ଉତ୍କର୍ଷ କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ଫଳଚାଷ ସମ୍ବନ୍ଧୀୟ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ରୋହିତ ଲେଙ୍କା ପୌରୋହିତ୍ୟ କରିଥିଲେ। ବୈଜ୍ଞାନିକ ଡ. ଶକ୍ତିଭେଲ, ମହେଶ ଧାକର, ଦୀପା ସାମନ୍ତ ୧୫୦ ଜଣ ଚାଷୀଙ୍କୁ ବିଭିନ୍ନ ଫଳଚାଷ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଚିତ୍ତରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଉପନିର୍ଦ୍ଦେଶକ ଗୌରଙ୍ଗ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଅନିଶ୍ଚିତତାରେ ଗୋପାଳ ପ୍ରହରାଜଙ୍କ ଜୟନ୍ତୀ ପାଳନ

କଟକ ସଦର,୧୩।୯(ସୁଶାନ୍ତ କୁମାର ଜେନା)

### ଡିଇଓଙ୍କଠାରୁ ମିଳିନି ଅନୁମତି

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ତଥା ସାହିତ୍ୟିକ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ ଆସନ୍ତା ୨୮ ତାରିଖରେ ତାଙ୍କ ଜନ୍ମସ୍ଥାନ କଟକ ସଦର ବ୍ଲକ ଅଧୀନ ସିଦ୍ଧେଶ୍ୱରପୁରଠାରେ ପାଳନ ହେବ। ଏହି କାର୍ଯ୍ୟକ୍ରମ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ଜିଲା ଶିକ୍ଷାଧିକାରୀ(ଡିଇଓ) କୃଷ୍ଣଚନ୍ଦ୍ର ନାୟକଙ୍କଠାରୁ ଅନୁମତି ମିଳି ପାରୁ ନ ଥିବାରୁ ବାହାରର କୌଣସି କଲ୍ୟାଣ ମଣ୍ଡପରେ କରିବା ପାଇଁ ଜୟନ୍ତୀ କମିଟି ବାଧ ହୋଇଛି। ଯଦି ମଣ୍ଡପ ନ ମିଳେ ତା'ହେଲେ ଜୟନ୍ତୀ ପାଳନରେ ଅନିଶ୍ଚିତତା ଦେଖାଯିବ ବୋଲି ପ୍ରହରାଜ ପ୍ରତିଭା ପୂଜା ପରିଷଦ ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ଏହି ଜୟନ୍ତୀ ପାଳନ କରାଯାଇଥାଏ। ପରିଷଦର ସଭାପତି ଓ ସମ୍ପାଦକ ବିଦ୍ୟାପୀଠରେ ଜୟନ୍ତୀ ପାଳନ କରିବା ପାଇଁ ଗତ ମେ' ୯ ତାରିଖରେ ଡିଇଓଙ୍କ ଅନୁମତି ଲୋଡ଼ିଥିଲେ। ଇତିମଧ୍ୟରେ ଅନୁମତିପତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ପ୍ରତିଭା ପୂଜା ପରିଷଦର ସଭାପତିଙ୍କ ହସ୍ତଗତ ହୋଇନାହିଁ। ତେଣୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନିମନ୍ତ୍ରଣ ପତ୍ର ଛପା ଯାଇପାରୁନାହିଁ। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରିଜୋଲ୍ୟୁଶନ ସଂଖ୍ୟା୧୯୫୪୭/୨୬।୧୧।୨୦୧୬ ପାରା-୩ରେ ସରକାରୀ ବିଦ୍ୟାଳୟଗୁଡିକରେ କିପରି ବିଭିନ୍ନ ସରକାରୀ ବିଭାଗ ଦ୍ୱାରା କାର୍ଯ୍ୟକ୍ରମ କରାଯାଇପାରିବ, ସେ ସମ୍ପର୍କରେ ଉଲ୍ଲେଖ ରହିଛି। ମାତ୍ର ଏଠାରେ ସେହି ନିୟମ ପାଳନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ବିଶ୍ୱାଳଙ୍କୁ ପଚାରିବାରୁ ପ୍ରତିଭା ପୂଜା ପରିଷଦର ସଭାପତି ପ୍ରତାପ ଚନ୍ଦ୍ର ବେହେରା ଜୟନ୍ତୀ ପାଳନ ପାଇଁ ଜଣାଇଥିଲେ ସୁଦ୍ଧା ଡିଇଓ ଅଫିସରୁ କିଛି ନିର୍ଦ୍ଦେଶନାମା ଆସି ନ ଥିବାରୁ ଅନୁମତି ଦିଆଯାଇପାରୁ ନାହିଁ ବୋଲି କହିଥିଲେ। ସେହିପରି ଡିଇଓ ନାୟକଙ୍କୁ ପଚାରିବାରୁ ୪ ମାସ ହେବ ଆସିଥିବା ଅନୁରୋଧପତ୍ରଟି କେଉଁଠାରେ ରହିଲା ସେ ସମ୍ପର୍କରେ ଅନୁସନ୍ଧାନ କରିବି ବୋଲି କହିଛନ୍ତି।

# ଗୋଚର ଜମିରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ, ହାଇକୋର୍ଟରେ ମାମଲା

କଟକ ସଦର,୧୩।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପଞ୍ଚାୟତ କେଶନଗର ମୌଜାର ଗୋଚର ଜମିରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ପୋର୍ଟ୍ସ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଜାରି ରହିଛି। ପ୍ରାଣୀଙ୍କ ପାଇଁ ଉଦ୍ଦିଷ୍ଟ ଜମିରେ ବେଆଇନ ନିର୍ମାଣ କରାଯାଉଥିବା ଦର୍ଶାଇ ବିଶ୍ୱ ଗୋ ସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ ଚନ୍ଦ୍ର ପଣ୍ଡା ହାଇକୋର୍ଟରେ ଏକ ମାମଲା ଦାଏର କରିଛନ୍ତି। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲାପାଳ, ଉପ ଜିଲାପାଳ, କଟକ ସଦର ବିଡିଓ ଓ କିଶନ ନଗର ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଉକ୍ତ ମୌଜାର ଏକମାତ୍ର ସମତୁଲ ଚାରଣ ଭୂମି ଖାତା ନଂ. ୪୦୨ ଓ ପ୍ଲଟ୍ ନଂ.୩୯ରୁ ୨୫ ଡିସିମିଲ ଜମିରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ଅବଶିଷ୍ଟ ୧ ଏକର ୯୮ ଡିସିମିଲ ଜମିକୁ ଅବରୋଧ କରି ରଖାଯାଇଛି। ଯେଉଁଥିରେ ପ୍ରାଣୀମାନେ ଚରି ପାରୁନାହାନ୍ତି। ଏହାକୁ ଅବରୋଧ ମୁକ୍ତ କରିବା ସହ ନିର୍ମାଣାଧୀନ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଉଚ୍ଛେଦ ପାଇଁ ପ୍ରାର୍ଥନା କରାଯାଇଛି ବୋଲି ଆଇନଜୀବୀ ପଣ୍ଡା ସୂଚନା ଦେଇଛନ୍ତି।

# ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପାଇଁ ସରକାରଙ୍କୁ ଚିଠି ଲେଖାଯିବ

କଟକ,୧୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନେଇ ବିବାଦ ଦେଖାଦେବା ପରେ ବୁଧବାର ସିଡିଏ ଏବଂ ସିଏମ୍‌ସି ସହ ସ୍ଥାନୀୟ ମୁରବୀଙ୍କୁ ନେଇ ସିଡିଏ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ, ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବସ୍ ଟର୍ମିନାଲରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ନେଇ ଦେବାଶିଷ ଗୁରୁତ୍ୱାରୋପ କରିଥିଲେ। ଏନେଇ ଅନିଲ କହିଥିଲେ, ବସ୍ ଟର୍ମିନାଲରେ ସ୍ଥାନୀୟ ଲୋକଙ୍କୁ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେବା ନେଇ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇବୁ। ସରକାରଙ୍କଠାରୁ ଅନୁମତି ମିଳିବା ପରେ ନିଯୁକ୍ତି ନେଇ ନିଷ୍ପତ୍ତି ନିଆଯିବ।

ସୂଚନାଯୋଗ୍ୟ, ସିଏନ୍‌ବିଟି ଉଦ୍‌ଘାଟନ ପୂର୍ବରୁ ଅନେକ ବିବାଦ ମୁଣ୍ଡ ଟେକିଛି। ସରକାର ବସ୍ ଟର୍ମିନାଲର ପରିଚାଳନା ଦାୟିତ୍ୱ ରାଜ୍ୟ ବାହାରର ଏକ କମ୍ପାନୀକୁ ଦେଇଛନ୍ତି। ଏଥିରେ ରାଜ୍ୟ ବାହାରର ଲୋକଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକ ରବିବାର ରାସ୍ତାରୋକ କରିଥିଲେ। ଡ୍ରାଇଭର, ହେଲ୍‌ପର୍, ସଫେଇ କାର୍ଯ୍ୟ ତଥା ମେଣ୍ଟେନାନ୍ସ ଦାୟିତ୍ୱରେ ରହିବା ନେଇ ଦାବି କରାଯାଇଥିଲା। ଏ ସମ୍ପର୍କରେ ବୁଧବାର ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଥିଲା। ଅପରପକ୍ଷରେ ବୁଧବାରଠାରୁ ବସ୍ ଟର୍ମିନାଲରୁ ଟ୍ରାଏଲ ରନ୍ ଆରମ୍ଭ ହୋଇଛି।

# ସିଏନ୍‌ବିଟିରେ ଥଇଥାନ ଦାବିରେ ଧାରଣା

କଟକ,୧୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ନେତାଜୀ ବସ୍‌ଟର୍ମିନାଲ(ସିଏନ୍‌ବିଟି) ଉଦ୍‌ଘାଟନ ପୂର୍ବରୁ ଅସନ୍ତୋଷ ଜୋର୍ ଧରିଛି। ସିଏନ୍‌ବିଟିରେ ଥଇଥାନ ଦାବି କରି ବାଦାମବାଡିବସ୍‌ଷ୍ଟାଣ୍ଡର ବ୍ୟବସାୟୀମାନେ ବସ୍‌ଷ୍ଟାଣ୍ଡଠାରେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଆସନ୍ତା ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଏନ୍‌ବିଟି ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ହେଲେ ଏହା ପୂର୍ବରୁ ବିବାଦ ଦେଖିବାକୁ ମିଳିଛି। ପୂର୍ବରୁ ଏଠାରେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ପାଇଁ ବିବାଦ ମୁଣ୍ଡ ଟେକିଥିଲା। ଏବେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ୧୪୭ ସ୍ୱୀକୃତିପ୍ରାପ୍ତ ବ୍ୟବସାୟୀ ଓ ୫୦୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ବ୍ୟବସାୟୀ ଦୀର୍ଘବର୍ଷ ଧରି ବ୍ୟବସାୟ କରି ଆସୁଛନ୍ତି। ହେଲେ ସେମାନଙ୍କ ଥଇଥାନ ପାଇଁ ସିଡିଏ କିମ୍ବା ସିଏମ୍‌ସି କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ଫଳରେ ସେମାନଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ କହିଛନ୍ତି, ପୁରୁଣା ବସ୍‌ଷ୍ଟାଣ୍ଡ ଖାଲି ହେବା ପରେ ସେଠାରେ କିଛି ଉନ୍ନତିମୂଳକ କାର୍ଯ୍ୟ କରାଯିବ। ସେଠାରେ କେତେଜଣ ବ୍ୟବସାୟୀ ରହିଛନ୍ତି ସେ ନେଇ ସର୍ଭେ ହୋଇଛି। କାହାକୁ ଅସୁବିଧାରେ ପକେଇ କାର୍ଯ୍ୟ କରିବାର ନାହିଁ। ନୂଆ ବସ୍ ଟର୍ମିନାଲ ପାଖରେ ହିଁ ପୁରୁଣା ବସ୍‌ଷ୍ଟାଣ୍ଡ ଅଛି। ସେଠାରେ ଥିବା ବ୍ୟବସାୟୀଙ୍କୁ କିପରି ସମସ୍ୟା ନ ହେବ ସେଥିପ୍ରତି ଆମେ ଦୃଷ୍ଟି ଦେଉଛୁ ବୋଲି ସେ କହିଛନ୍ତି।




ସିଏନ୍‌ବିଟିରେ ଥଇଥାନ ଦାବି କରି ବ୍ୟବସାୟୀମାନେ ଧାରଣାରେ ବସିଛନ୍ତି।



କଟକ ଜୁଡିସିଆଲ ଏକାଡେମୀ ଛକଠାରୁ ମଧୁସୂଦନ ସେତୁ ରାସ୍ତା ପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବାରୁ ଉପୁଜୁଥିବା ସମସ୍ୟା ନେଇ ହିନ୍ଦୁସେନାର ସଦସ୍ୟମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବାକୁ ଆସିଛନ୍ତି।




ମଶା ଉପଦ୍ରବ ନିରାକରଣ ଓ ଗରିବ ବ୍ୟକ୍ତିଙ୍କୁ ଜାଗା ମିଶନ ଜରିଆରେ ଥଇଥାନ ଦାବି କରି ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବୁଧବାର ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

# ‘ବୈପ୍ଳବିକ ଚିନ୍ତାଧାରା ମଣିଷର ସହଜାତ ପ୍ରବୃତ୍ତି’






ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ‘ଧରିତ୍ରୀ’ ପକ୍ଷରୁ ଆୟୋଜିତ ‘ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି’ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ‘ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ ଉପସ୍ଥିତ ଅତିଥି ଏବଂ ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

**କଟକ,୧୩।୯ (କାର୍ତ୍ତିକ ସାହୁ)**

ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲାର୍ସ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷରେ ବୁଧବାର ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ଧରିତ୍ରୀ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀ ଭାବେ ସୌମ୍ୟା ପଟ୍ଟନାୟକ ପ୍ରଥମ, ସ୍ମିତପ୍ରଜ୍ଞା ତ୍ରିପାଠୀ ଓ ଦୁର୍ଗାପ୍ରସାଦ ସାହୁ ଯୁଗ୍ମ ଦ୍ୱିତୀୟ ଏବଂ ଅଭିନନ୍ଦା ଆଚାର୍ଯ୍ୟ ଓ ଦେବୀ ପ୍ରସାଦ ରଥ ଯୁଗ୍ମ ତୃତୀୟ ହୋଇଛନ୍ତି।

ମୁଖ୍ୟ ଅତିଥିଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଯୋଗଦେଇ ଯୁବପିଢ଼ି ଦେଶର ସମ୍ପତ୍ତି। ରେଭେନ୍ସାର ଛାତ୍ରୀଛାତ୍ରମାନେ ଏହାର ଐତିହ୍ୟକୁ ଅନ୍ତର୍ଜାତୀୟସ୍ତରରେ ଉଜ୍ଜ୍ୱଳ କରିବା ନିମନ୍ତେ ଉଦ୍ୟମ କରନ୍ତୁ। ଯୁବାବସ୍ଥାରୁ ଦେଶ ଗଠନର ସ୍ୱପ୍ନ ରହିଲେ ତାହା ଗଣତନ୍ତ୍ର, ଗଣମାଧ୍ୟମ ପ୍ରତି ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ନାୟକ କହିଥିଲେ। ମୁଖ୍ୟବକ୍ତା ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳସଚିବ କାହ୍ନୁ ଚରଣ ମଲ୍ଲିକ କହିଲେ, ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଏକ ଆଲୋକବର୍ତ୍ତିକା। ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଯୁବପିଢ଼ିର ଯୋଗଦାନ ଆବଶ୍ୟକ। ଗଣତନ୍ତ୍ରର ମୂଲ୍ୟବୋଧକୁ ଛାତ୍ରୀଛାତ୍ରମାନେ ବୁଝିବା ଉଚିତ୍ ବୋଲି ମଲ୍ଲିକ କହିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କହିଲେ, ଠିକ୍ ସୂଚନା ପ୍ରସାରଣ କରିବାରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ସମାଜ ପ୍ରତି ଗଣମାଧ୍ୟମର ଏକ ଦାୟିତ୍ୱବୋଧ ରହିଛି। ଗଣମାଧ୍ୟମ ଓ ଯୁବପିଢ଼ି ମଧ୍ୟରେ ଗଣତନ୍ତ୍ର ଏକ ସ୍ୟାଣ୍ଡଉଇଚ୍ ଭଳି। ବାସ୍ତବ ବୈପ୍ଳବିକ ଚିନ୍ତାଧାରା ମଣିଷର ସହଜାତ ପ୍ରବୃତ୍ତି। ଯୁବପିଢ଼ିଙ୍କ ନିକଟରେ ପ୍ରଶ୍ନ ପଚାରିବାର ସାମର୍ଥ୍ୟ ଓ ଦକ୍ଷତା ରହିଛି। ପ୍ରଶ୍ନ ପଚାରିବା ପାଇଁ ଗଣମାଧ୍ୟମ ଯୁବପିଢ଼ିଙ୍କୁ ସୂଚନା ପ୍ରଦାନ କରିବ, ତାହାକୁ ସେମାନେ ଉପଯୋଗ କରି ବିପ୍ଳବ ସୃଷ୍ଟି କରିପାରିବେ। ଯୁବପିଢି ଦେଶର ସମ୍ବଳ। ସେମାନେ ନିଜ ଦାୟିତ୍ୱ, ଅଧିକାର ପ୍ରତି ସଚେତନ ହେବାକୁ ସତପଥୀ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଲେ, ଧରିତ୍ରୀ ଓଡ଼ିଶାବାସୀଙ୍କ ସ୍ୱର। ପାଠକଙ୍କ ବିଶ୍ୱାସ ଏବଂ ଭଲପାଇବା ଯୋଗୁ ଧରିତ୍ରୀ ୫୦ବର୍ଷରେ ପାଦ ଥାପିବାକୁ ଯାଉଛି। ଧରିତ୍ରୀ ସର୍ବଦା ଯୁବପିଢ଼ିକୁ ଉତ୍ସାହିତ କରିଆସିଛି। ଯୋଗସୂତ୍ର ରକ୍ଷା କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ି ଯେତେ ବେଶି ସମାଜ ଓ ନିଜ ସାଙ୍ଗମାନଙ୍କ ସହ ଯୋଡ଼ି ହୋଇରହିବେ ସେତେ ଭଲ। ଯୁବପିଢ଼ି ସ୍ୱାର୍ଥପର ନ ହୋଇ ସାମାଜିକ ସମସ୍ୟା ବିଷୟରେ ଚିନ୍ତା କଲେ ରାଜ୍ୟ ତଥା ଦେଶର ଉନ୍ନତି ହେବ। ଯେକୌଣସି ସମୟରେ ଧରିତ୍ରୀର ସହାୟତା ଚାହିଁଲେ ଯୁବପିଢ଼ିଙ୍କୁ ଯୋଗାଇ ଦିଆଯିବ ବୋଲି ଶ୍ରୀମତୀ ସତପଥୀ କହିଥିଲେ। ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ଚେୟାର ପର୍ସନ ପ୍ରଫେସର ଲୁନା ସାମନ୍ତ ଛାତ୍ରୀଛାତ୍ରମାନଙ୍କୁ ନୂତନ ଚିନ୍ତାଧାରା ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଚାରକ ଭାବେ ଡ. ଉର୍ମିଶ୍ରୀ ବେଦମାତା, ଡ. ପ୍ରିୟଦର୍ଶୀ କର ଓ ଡ. ଜ୍ଞାନୀ ଦେବାଶିଷ ମିଶ୍ର ପ୍ରତିଯୋଗୀମାନଙ୍କ ମୂଲ୍ୟାୟନ କରିଥିଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶିକା ଡ. ଅଳକାନନ୍ଦା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭ୍ରାଂଶୁ ଦାଶ ଓ ଆକାଂକ୍ଷା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ, ଡାଇରେକ୍ଟର ମାର୍କେଟିଂ ବରଦା ମହାନ୍ତିଙ୍କ ସମେତ ପ୍ରଦୀପ୍ତ କୁମାର ରଥ, କାର୍ତ୍ତିକ ସାହୁ, ସୁପ୍ରିୟା ପ୍ରିୟଦର୍ଶିନୀ, ପ୍ରସନ୍ନ କୁମାର ପାଢ଼ୀ, ମାନସ ରଞ୍ଜନ ମହାନ୍ତି, ରାଜକିଶୋର ମହାନ୍ତି, ବିଶ୍ୱଜିତ୍ ନାୟକ, ମାନସ କୁମାର ସାମଲ, ସତ୍ୟରଞ୍ଜନ ଦାସମହାପାତ୍ର ଓ ଅରବିନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଜେତାଙ୍କ ମୁଖରୁ...



“ଗଣତନ୍ତ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମରେ ପ୍ରସାରିତ ତଥ୍ୟଗୁଡ଼ିକ ତ୍ରୁଟିଶୂନ୍ୟ ରହିବା ଅନିବାର୍ଯ୍ୟ। ସୁସ୍ଥ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଏକ ବଡ଼ ଶକ୍ତି ରହିଛି। ଯୁବପିଢ଼ି ଗଣତନ୍ତ୍ରରେ ସକ୍ରିୟ ଅଂଶଗ୍ରହଣ କରନ୍ତୁ। ଭୋଟଦାନରେ ନିଜକୁ ସାମିଲ କରି ଏକ ସୁସ୍ଥ ରାଷ୍ଟ୍ର ଗଠନରେ ସହାୟକ ହୁଅନ୍ତୁ।

**- ସୌମ୍ୟା ପଟ୍ଟନାୟକ, ପ୍ରଥମ**



“ଗଣତନ୍ତ୍ର ରଥ ହେଲେ ଗଣମାଧ୍ୟମ ଉକ୍ତ ରଥର ଧ୍ୱଜାରେ ହନୁମାନ ସଦୃଶ। ଆଉ ଯୁବପିଢ଼ି ସେହି ରଥର ସାରଥୀ। ଯୁବପିଢ଼ି ହେଉଛନ୍ତି ସେଇମାନେ ଯିଏ ଶାରୀରିକ ଓ ମାନସିକ ଭାବେ ଯେକୌଣସି କାର୍ଯ୍ୟ କରିବା ପାଇଁ ସକ୍ଷମ ହୋଇଥାନ୍ତି। ଭଦ୍ରଲୋକର ନୀରବତା ମଧ୍ୟରେ ସଫଳତାର ଶକ୍ତି ଭରି ରହିଥାଏ।

**- ସ୍ମିତପ୍ରଜ୍ଞା ତ୍ରିପାଠୀ, ଯୁଗ୍ମ ଦ୍ୱିତୀୟ**



“ଗଣମାଧ୍ୟମରେ ସାମାଜିକ ମୂଲ୍ୟବୋଧ ପରିସ୍ଫୁଟନ ହେବା ନିହାତି ଦରକାର। ସୁସ୍ଥ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ନିରପେକ୍ଷତା ଓ ସତ୍ୟତା ଅପରିହାର୍ଯ୍ୟ। ଯୁବଶକ୍ତି ନିଜକୁ ଜଣେ ଗଣମାଧ୍ୟମର ପ୍ରତିନିଧି ଭାବିବା ଦରକାର। ଯୁବପିଢ଼ିଠାରେ ଦାୟିତ୍ୱବୋଧତା, ସଚେତନତା ଜାଗ୍ରତ ହେଲେ ଗଣତନ୍ତ୍ରର ବିକାଶ ଅଟକିବ ନାହିଁ।

**- ଦୁର୍ଗାପ୍ରସାଦ ସାହୁ, ଯୁଗ୍ମ ଦ୍ୱିତୀୟ**



“ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ଗଣତନ୍ତ୍ରକୁ ସୁରକ୍ଷା ଦେବା ନିମନ୍ତେ ଗଣମାଧ୍ୟମର ଅନେକ ଗୁରୁଦାୟିତ୍ୱ ରହିଛି। ଯୁବପିଢ଼ି ଏକ ସେତୁ ଭାବେ ଉଭୟ ଗଣତନ୍ତ୍ର ଓ ଗଣମାଧ୍ୟମକୁ ସୁଦୃଢ଼ କରିବା ଆବଶ୍ୟକ। ଦେଶର ଭବିଷ୍ୟତ ଭାବେ ଯୁବପିଢ଼ି ନିଜର କର୍ତ୍ତବ୍ୟ ବାବଦରେ ସଚେତନ ରହିବା ଉଚିତ।

**- ଅଭିନନ୍ଦା ଆଚାର୍ଯ୍ୟ, ଯୁଗ୍ମ ତୃତୀୟ**



“ଗଣମାଧ୍ୟମରେ ନିରପେକ୍ଷତା ଓ ମୌଳିକତା ସମାଜକୁ ଉଚିତ ମାର୍ଗଦର୍ଶନ କରାଇବ। ଗଣତନ୍ତ୍ରକୁ ଦୁର୍ନୀତିମୁକ୍ତ କରିବା ପାଇଁ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମ ହିଁ ଏ ଦିଗରେ ଯୁବପିଢ଼ିକୁ ସହଯୋଗ କରିବ। ଗଣମାଧ୍ୟମ ଓ ଗଣତନ୍ତ୍ରକୁ ଠିକ୍ ରାସ୍ତାରେ ନେବା ପାଇଁ ଯୁବପିଢ଼ି ଚେଷ୍ଟା କରିବା ଆବଶ୍ୟକ।

**- ଦେବୀ ପ୍ରସାଦ ରଥ, ଯୁଗ୍ମ ତୃତୀୟ**

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


କିଶନ କୁମାର ମିଶ୍ର


ସାତ୍ୱତୀ ଦାଶ


ହର୍ଷିତା ସ୍ୱାଇଁ


ଅମ୍ଳାନ ଦାଶ


ଅନୁରାଗ ନାୟକ


ଆସ୍ଥା ପଣ୍ଡା


ରଞ୍ଜିତ ସାହୁ


ସ୍ମିତପ୍ରଜ୍ଞା ସ୍ୱାଇଁ


ସୁମନ୍ ସୁଚରିତା


ପି.ଭି. ଲକ୍ଷ୍ମୀ ଐଶ୍ୱର୍ଯ୍ୟା


କ୍ଷୀରାବ୍ଧୀ ବୋଷ


ଜିଜ୍ଞାସୁ ଦାଶ


ଶାଶ୍ୱତି ସୌମ୍ୟା ସ୍ୱାଇଁ


ଆକାଂକ୍ଷା ଅନୁରାଗିଣୀ


ଦେବାଶ୍ରିତା ଦାସ


ଶ୍ରୁଷ୍ଟି ଶିଖା ମହାନ୍ତି


ଦିବ୍ୟ ପ୍ରିୟଦର୍ଶିନୀ ତ୍ରିପାଠୀ


ସାର୍ଥକ କୁମାର ସାହୁ


ସିମ୍ରନ୍ ବୈଠାରୁ


ବିଶ୍ୱଜିତ୍ ପ୍ରଧାନ


ଦେବାଶିଷ ଘୋଷ


ଲୋପାମୁଦ୍ରା ମହାନ୍ତି

# ବ୍ୟାଙ୍କବିହୀନ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସୁବିଧା

## ଓଡ଼ିଶା ସରକାର, ୬ ପବ୍ଲିକ ସେକ୍ଟର ବ୍ୟାଙ୍କ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ



ଏମ୍ଓୟୁ ସ୍ୱାକ୍ଷରିତ ଅବସରରେ ବୁଧବାର ୬ ପବ୍ଲିକ୍ ସେକ୍ଟର ବ୍ୟାଙ୍କ ଅଧିକାରୀଙ୍କ ସହ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟ ବରିଷ୍ଠ ଅଧିକାରୀ।

**ଭୁବନେଶ୍ୱର,୧୩।୯(ଅନିଲ ଦାସ)**

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଦ୍ୱାରା ୬ଟି ପବ୍ଲିକ୍ ସେକ୍ଟରର ବ୍ୟାଙ୍କ ଯଥା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ବରୋଦା ସହିତ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ମାଧ୍ୟମରେ ରାଜ୍ୟର ସମସ୍ତ ବ୍ୟାଙ୍କବିହୀନ ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସେବା ଯୋଗାଇବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟର ୬୭୯୮ ପଞ୍ଚାୟତ ମଧ୍ୟରୁ ପ୍ରାୟ ଶତକଡ଼ା ୬୫ ଭାଗ ଅର୍ଥାତ୍ ୪୩୭୩ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ନାହିଁ। ଆର୍ଥିକ ଅନଗ୍ରସରଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ବ୍ୟାଙ୍କ ସେବା ଓ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ଏକ ସ୍ଥାୟୀ ବ୍ୟାଙ୍କ ଶାଖା ଯୋଗାଇ ଦିଆଯିବା ଆବଶ୍ୟକ।

ରାଜ୍ୟ ସରକାର ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ମାଧ୍ୟମରେ ବ୍ୟାଙ୍କ ନ ଥିବା ପଞ୍ଚାୟତକୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ପାଇଁ ଏକ ଉଚ୍ଚାଭିଳାଷୀ ଯୋଜନା ପ୍ରସ୍ତୁତ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ବ୍ୟାଙ୍କବିହୀନ ପଞ୍ଚାୟତକୁ ଏହି ଯୋଜନାରେ ପର୍ଯ୍ୟାୟ କ୍ରମେ ଅନ୍ତର୍ଭୁକ୍ତ କରାଯିବ। ଓଡ଼ିଶା ସରକାର ୫ ବର୍ଷ ପାଇଁ ବିନା ଭଡ଼ାରେ ବ୍ୟାଙ୍କିଙ୍ଗ୍ ସ୍ଥାନ ପ୍ରଦାନ କରିବେ। ଏଥିସହିତ ଏକକାଳୀନ ସ୍ଥାୟୀ ଖର୍ଚ୍ଚ ଏବଂ ୩ ବର୍ଷ ପାଇଁ ରେକରିଂ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏଥିପାଇଁ ମୋଟ ୫୦୦ କୋଟି ଟଙ୍କା ଖର୍ଚ୍ଚର ଯୋଜନା ପ୍ରସ୍ତୁତ କରାଯାଇଛି। ଏହା ଦ୍ୱାରା ରାଜ୍ୟର ସମସ୍ତ ଅଣବ୍ୟାଙ୍କିଙ୍ଗ୍ ଗ୍ରାମପଞ୍ଚାୟତରେ ରହୁଥିବା ଲୋକମାନେ ସୁବିଧାରେ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ। ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାମାନେ ଘର ସମ୍ମୁଖରେ ବ୍ୟାଙ୍କିଙ୍ଗ୍ ସେବା ଏବଂ ଠିକ୍ ସମୟରେ ସରକାରଙ୍କ ଡିବିଟି ବ୍ୟବସ୍ଥାର ଲାଭ ପାଇପାରିବେ। ଏହି କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ସଚିବ ବିଶାଳ କୁମାର ଦେବଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଶ୍ୱ ଅର୍ଥନୀତିରେ ଆଧିପତ୍ୟ ବିସ୍ତାର ପାଇଁ କୃଷି ବିକାଶ ଜରୁରୀ

**ଭୁବନେଶ୍ୱର, ୧୩।୯(ଅସମାପିକା ସାହୁ)**

ଅତୀତରେ ଭାରତ କେବଳ ରୋଷେଇ ଓ ଯୋଗ ପାଇଁ ପରିଚିତ ଥିଲା। ପରେ କୋଭିଡ୍-୧୯ ମହାମାରୀକୁ ସଫଳତାର ସହ ମୁକାବିଲା କରିବା ସହିତ ସମଗ୍ର ବିଶ୍ୱ ପାଇଁ ଟିକା ଉତ୍ପାଦନ ସହ ରପ୍ତାନି ବି କରିଥିଲା। ଏହାସହିତ ଭାରତ ବିଶ୍ୱ ଅର୍ଥନୀତିରେ ନିଜର ସ୍ୱତନ୍ତ୍ରତା ଜାହିର କରିଥିଲା। ତେବେ ୨୦୪୭ ପର୍ଯ୍ୟନ୍ତ ଭାରତୀୟ ଅର୍ଥନୀତିରେ ବିକାଶ ପାଇଁ ଆମକୁ ଜମି, ଶ୍ରମ ଓ ପୁଞ୍ଜି ନିବେଶ କ୍ଷେତ୍ରରେ ସଂସ୍କାର ଆଣିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦ ଅଧ୍ୟକ୍ଷ ଡ. ବିବେକ ଦେବରାୟ କହିଛନ୍ତି। ବୁଧବାର ଓଡ଼ିଶା ଅର୍ଥନୀତି ସଂଘ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲଠାରେ ‘ଭାରତୀୟ ଅର୍ଥନୀତି: ୨୦୪୭ ବିକାଶ ଲକ୍ଷ୍ୟ’ ଶୀର୍ଷକ ବକ୍ତୃତା ପ୍ରଦାନ କରି ଡ. ଦେବରାୟ କହିଲେ, ଭାରତୀୟ ଅର୍ଥନୈତିକ ପ୍ରଗତିରେ ଗୋଟିଏ ଦାନା ଶସ୍ୟ ସହାୟକ ହୋଇଥାଏ। ତେଣୁ ବିଶ୍ୱସ୍ତରୀୟ ଅର୍ଥନୀତିରେ ନିଜର ଆଧିପତ୍ୟ ବିସ୍ତାର ପାଇଁ କୃଷିର ବିକାଶ ଜରୁରୀ। କୃଷି କ୍ଷେତ୍ରରେ ସଂସ୍କାର ସହ ଏହାର ବିକାଶ ଦିଗରେ ବ୍ୟାପକ ପଦକ୍ଷେପ ନେବାକୁ ପଡ଼ିବ। ଅଧିକ ଉତ୍ପାଦନକ୍ଷମ ହେବାକୁ ପ୍ରଯୁକ୍ତି ବିଦ୍ୟାର ସହାୟତା ନେବାକୁ ହେବ। ଏଥିସହ ରାଜ୍ୟ ତଥା ଦେଶର ପ୍ରଗତି କ୍ଷେତ୍ରରେ ପ୍ରତ୍ୟେକ ଅର୍ଥନୈତିକ ଦିଗ ଉପରେ ସମୀକ୍ଷା କରାଯିବା ଦରକାର। ଜାତୀୟ ଆୟ ପାଇଁ ସମୁଦାୟ ବିଭାଗୀୟ ଅବଦାନ ଆବଶ୍ୟକ। ନିମ୍ନ ମଧ୍ୟବିତ୍ତ ଭାରତୀୟ କିଭଳି ବିତ୍ତଶାଳୀ ହୋଇପାରିବେ ସେଥିପାଇଁ ପ୍ରୟାସ ହେଲେ ଭାରତୀୟ ଅର୍ଥନୀତି ବିକାଶମୁଖୀ ହୋଇପାରିବ ବୋଲି ଡ. ଦେବରାୟ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଲେ, ଭାରତୀୟ ଅର୍ଥନୀତିରେ ପ୍ରଗତି ପାଇଁ ବୈଷୟିକ ଜ୍ଞାନ ଅପରିହାର୍ଯ୍ୟ। ପ୍ରତ୍ୟେକ କ୍ଷେତ୍ରରେ ଏହାର ପ୍ରୟୋଗ ଠିକ୍ ଭାବେ କରାଯାଇପାରିଲେ ଦେଶର ବିକାଶ ହେବ। ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତି ବିଦ୍ୟା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ ସମ୍ପାଦନ କଲେ ରାଜ୍ୟ ତଥା ଦେଶର ଅର୍ଥନୈତିକ ପ୍ରଗତି ହୋଇପାରିବ ବୋଲି କୁଳପତି ପ୍ରକାଶ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ମିତାଲି ଚିନାରା ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ଅର୍ଥନୀତି ସଂଘର ସମ୍ପାଦକ ଡ. ଅମରେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦ ଅଧ୍ୟକ୍ଷ ଡ. ବିବେକ ଦେବରାୟ ଉଦ୍‌ବୋଧନ ଦେଉଛନ୍ତି।

# ଶୃଙ୍ଖଳିତ, ସୌନ୍ଦର୍ଯ୍ୟକରଣ ହେବ ଆନନ୍ଦ ବଜାର

ପୁରୀ, ୧୩।୯(ଅଜିତ ମହାନ୍ତି)


ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ।

**ଶ୍ରୀମନ୍ଦିର ଶୃଙ୍ଖଳା କମିଟି ବୈଠକ**
- ଅଣସେବାୟତଙ୍କ ପ୍ରବେଶ ଉପରେ କଟକଣା
- ଗୋଟିଏ ସ୍ଥାନରେ ବସିବେ ସବୁ ଦୋକାନୀ
- ଚୂଡ଼ାନ୍ତ ହୋଇପାରିଲାନି ମହାପ୍ରସାଦ ଦର ତାଲିକା

ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କ ଅଧକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୁଧବାର ଶୃଙ୍ଖଳା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆନନ୍ଦବଜାର ଶୃଙ୍ଖଳା ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ତେବେ ବୈଠକରେ ଭକ୍ତଙ୍କ ପାଇଁ ମହାପ୍ରସାଦ ଦର ତାଲିକା ଚୂଡ଼ାନ୍ତ କିମ୍ବା ମାଗଣା ମହାପ୍ରସାଦ ବଣ୍ଟନ ନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ଜଣାପଡ଼ିଛି। ଅପରପକ୍ଷରେ ଆନନ୍ଦ ବଜାରରେ ଅଣସୁଆରଙ୍କୁ ଚିହ୍ନଟକରି ବାହାର କରିଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିବା କୁହାଯାଇଛି। କେବଳ ସୁଆର ମହାସୁଆରଙ୍କୁ ସହାୟତା କରିବା ପାଇଁ ୨ ଜଣ ସହାୟକ ନିୟୋଜିତ ରହିବେ। ଭକ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ, ଆନନ୍ଦ ବଜାରରେ ହେଲ୍ପ ଡେସ୍କ ଗଠନ, ସଫେଇ ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା, ଜରି କାଢ଼ି ଶେଡ୍‌ର ବ୍ୟବସ୍ଥା ପାଇଁ ସୁଆର ମହାସୁଆର ନିଯୋଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି। ସେହିପରି ଭଲ ଘିଅ ଅର୍ଥାତ୍ ଓମ୍‌ଫେଡ୍ ଘିଅରେ ମହାପ୍ରସାଦ ପ୍ରସ୍ତୁତି ପାଇଁ ବୈଠକରେ ଆଲୋଚନା ହୋଇଛି। ଏଥିସହିତ ଆନନ୍ଦ ବଜାରରେ ଥିବା ଦୁଇଟି ଖଜା ଦୋକାନ ଭାଙ୍ଗି ରାସ୍ତା ବ୍ୟବସ୍ଥା ହେବ। ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ପାଇଁ ଅଣସୁପକାର ଓ ଅଣସେବାୟତଙ୍କ ଆନନ୍ଦବଜାର ପ୍ରବେଶ ଉପରେ ରୋକ ଲଗାଯାଇଛି।

ବୈଠକ ସମ୍ପର୍କରେ ସୂଚନା ଦେଇ ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ବୈଠକରେ ଶ୍ରୀମନ୍ଦିର ସୁଆର ମହାସୁଆର ପକ୍ଷରୁ ଆନନ୍ଦବଜାର ଶୃଙ୍ଖଳା ନେଇ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନକୁ ଦିଆଯାଇଥିବା ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ଆନନ୍ଦବଜାର ପରିସରରେ ଥିବା ମହାପ୍ରସାଦ ବିକ୍ରୟ ଦୋକାନ ଘର, ଖଜା ଦୋକାନ ଆଦି ଘରଗୁଡ଼ିକୁ ଗୋଟିଏ ସ୍ଥାନରେ ରଖାଯିବାକୁ ଆଲୋଚନା ହୋଇଥିଲେ ସୁଦ୍ଧା କୌଣସି ନିଷ୍ପତ୍ତି ହୋଇନାହିଁ। ପରେ ଏକ କମିଟି କରାଯାଇ ଏନେଇ ଆଲୋଚନା କରାଯିବ। ସେଥିରେ ଯେଉଁ ନିଷ୍ପତ୍ତି ହେବ ତାକୁ ମୁଖ୍ୟ ପ୍ରଶାସକଙ୍କୁ ଜଣାଯିବ। ତା'ପରେ ଯାଇ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ମହାପ୍ରସାଦ ଭଲ ଘିଅ ଓମ୍‌ଫେଡରେ ପ୍ରସ୍ତୁତ କରାଯିବା ନେଇ ଆଲୋଚନା କରାଯାଇଛି। ଅପରପକ୍ଷରେ ଭକ୍ତମାନେ ଭଲ ପାଣି ପାଇପାରୁ ନାହାନ୍ତି, ତେଣୁ ଭକ୍ତମାନଙ୍କ ସୁବିଧା ପାଇଁ ଭଲ ପାନୀୟ ଜଳର ବ୍ୟବସ୍ଥା କରିବା ନେଇ ବୈଠକରେ ଆଲୋଚନା କରାଯାଇଛି। ସେହିପରି ଆନନ୍ଦବଜାର ସୌନ୍ଦର୍ଯ୍ୟକରଣ ପାଇଁ ସେଡ୍ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଛି। ଜରି ପାଲଗୁଡ଼ିକ କଢ଼ାଯାଇ ସେଡ୍‌ର ବ୍ୟବସ୍ଥା କରାଯିବ। ଭକ୍ତମାନେ ଯେପରି ଭଲ ଭାବରେ ମହାପ୍ରସାଦ ପାଇବା ସହ ଖାଇପାରିବେ ଏବଂ ଏଥିରେ ଭକ୍ତମାନଙ୍କୁ ସହଯୋଗ ପାଇଁ ୬ ଜଣଙ୍କ ନିଯୁକ୍ତି କରାଯିବା ଉପରେ ଆଲୋଚନା କରାଯାଇଛି। ତେବେ ମହାପ୍ରସାଦ ଦର ଚାର୍ଟ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ କି ବୈଠକରେ ଏସମ୍ପର୍କରେ କୌଣସି ଆଲୋଚନା କରାଯାଇ ନ ଥିବା ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି। ସେହିପରି ନିଯୋଗର ସଭାପତି ପଦ୍ମନାଭ ମହାସୁଆର ମହାପ୍ରସାଦ ଦର ତାଲିକା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବୈଠକରେ ମହାପ୍ରସାଦ ରେଟ୍ ଚାର୍ଟ ସମ୍ପର୍କରେ ସେପରି କୌଣସି ଆଲୋଚନା କରାଯାଇ ନାହିଁ କି ନିଷ୍ପତ୍ତି ହୋଇନାହିଁ। ତେବେ କିଛି ଦିନ ପୂର୍ବରୁ ନିଯୋଗର କିଛି ସଦସ୍ୟ ବସି ମହାପ୍ରସାଦ ରେଟ ସମ୍ପର୍କରେ ଆଲୋଚନା କରିଥିବା ସମ୍ପର୍କରେ ଗଣମାଧ୍ୟମରେ ଯେଉଁ ତଥ୍ୟ ପ୍ରକାଶ ପାଇଥିଲା ସେସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ତେବେ ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କରାଯିବା ପରେ ଯାହା ନିଷ୍ପତ୍ତି ନିଆଯିବ। ସେହିପରି ସ୍ୱତ୍ତ୍ୱଲିପି ଅନୁଯାୟୀ କେବଳ ସୁଆର ମହାସୁଆର ସେବାୟତମାନେ ମହାପ୍ରସାଦ ବିକ୍ରି କରିବେ। ଅଣସେବାୟତମାନଙ୍କୁ କଢ଼ାଯାଇଛି। ଆନନ୍ଦ ବଜାରରେ ସେଡ ନିର୍ମାଣ ପାଇଁ ଆଲୋଚନା କରାଯାଇଛି। ଲୋକମାନେ ଯେପରି ବସି ମହାପ୍ରସାଦ ସେବନ କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ସିସିଟିଭି କ୍ୟାମେରା ଲଗାଯିବ। ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ଗହଳି ହେଉଥିବାରୁ ବାଇଶି ପାହାଚ ପଟେ ଆନନ୍ଦବଜାରକୁ ଥିବା ଦ୍ୱାରକୁ ପ୍ରଥମ ଭୋଗ ମଣ୍ଡପ ଏବଂ ଦ୍ୱିତୀୟ ଭୋଗ ମଣ୍ଡପ ସମୟରେ ୧ ଘଣ୍ଟା ଖୋଲିବା ନେଇ ପ୍ରସ୍ତାବ ଦିଆଯାଇଛି। ସେହିପରି ସ୍ୱଚ୍ଛତା, ପାନୀୟ ଜଳ ବ୍ୟବସ୍ଥା ସହ ଭକ୍ତଙ୍କ ପାଇଁ ବିଭିନ୍ନ ସୁବିଧା ନିମନ୍ତେ ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିବା ପଦ୍ମନାଭ ମହାସୁଆର କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୀତି ପ୍ରଶାସନ ଜିତେନ୍ଦ୍ର ସାହୁ, ପରିଚାଳନା କମିଟି ସଦସ୍ୟଙ୍କ ବିଭିନ୍ନ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୩।୦୯।୨୦୨୩

| | |
|---|---|
| ୨,୭୦, ୫୦୧ ଟଙ୍କା | |
| ସୁନା | ୪.୮୦୦ ଗ୍ରାମ |
| ରୁପା | ୫୯.୫୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଷ୍ଟେଟ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡର ୪୦ତମ ପ୍ରତିଷ୍ଠା ଦିବସ, ଷ୍ଟେଟ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ସଭାକକ୍ଷ, ୟୁନିଟ୍-୮, ପୂର୍ବାହ୍ନ ୧୧ଟା।
- କ୍ୟାରିୟର କାଉନସିଲଂ ପ୍ରୋଗ୍ରାମ, ବିଜେବି କଲେଜ ପରିସର, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।

# ଜମି ପଟ୍ଟା ପ୍ରଦାନ, ଭେଣ୍ଡିଂ ଜୋନ୍ ନିର୍ମାଣ ଦାବିରେ ଗଣବିକ୍ଷୋଭ



ଲୋୟର ପିଏମ୍‌ଜିରେ ବସ୍ତିବାସିନ୍ଦାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ-ବିକାଶ ନାୟକ)

ଭୁବନେଶ୍ୱର,୧୩।୯ (ଅନୁରାଧା ମହାରଣା)

ରାଜ୍ୟର ୪ଟି ମହାନଗର ନିଗମ ସମେତ ସମସ୍ତ ପୌରାଞ୍ଚଳରେ 'ଜାଗା ମିଶନ' ଅଧୀନରେ ଚିହ୍ନଟ ହିତାଧିକାରୀଙ୍କୁ ଜମି 'ପଟ୍ଟା' ସହ ପକ୍କାଘର ଯୋଗାଇବା ଦାବିରେ ବୁଧବାର ବସ୍ତିବାସୀଙ୍କ ଏକତା ମଞ୍ଚ ପକ୍ଷରୁ ସ୍ଥାନୀୟ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିପରି କଟକ ସହରର ସମସ୍ତ ରାସ୍ତାପାର୍ଶ୍ୱ ଉଠାଦୋକାନୀଙ୍କୁ ଭେଣ୍ଡିଂ ଜୋନ୍ ଯୋଗାଇବା ଦାବିରେ ରାସ୍ତାପାର୍ଶ୍ୱ ଦୋକାନୀ-ବୁଲାବିକାଳି ମହାସଂଘ ପକ୍ଷରୁ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଭୟ ସଂଗଠନର ସଭାପତି ସେଖ ଅବଦୁଲ୍ଲାଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ଶହଶହ ବସ୍ତିବାସିନ୍ଦା ସାମିଲ ହୋଇଥିଲେ। ରାଜ୍ୟ ସରକାର ସମୁଦାୟ ୬୫ ହଜାର ପଟ୍ଟା ବାଣ୍ଟିବାକୁ ଘୋଷଣା କରିଥିବାବେଳେ ଏଥିରୁ ଭୁବନେଶ୍ୱର ପାଇଁ ୫୧ ହଜାର ଓ ଅନ୍ୟ ୪ ମହାନଗର ନିଗମ ପାଇଁ ୧୪ ହଜାର ରହିଛନ୍ତି। ତେଣୁ କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ମହାନଗର ନିଗମରେ ରହୁଥିବା ବସ୍ତି ବାସିନ୍ଦାଙ୍କ ପ୍ରତି ଅନ୍ୟାୟ ହୋଇଥିବା ଅବଦୁଲ୍ଲା କହିଛନ୍ତି। ତେଣୁ ପଟ୍ଟା ସଂଖ୍ୟା ବୃଦ୍ଧି କରାଯିବା ପାଇଁ ଦାବି କରାଯାଇଛି। ଅନ୍ୟପଟେ ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟରୁ କଟକ ସହରର ସମସ୍ତ ରାସ୍ତାପାର୍ଶ୍ୱ ଉଠାଦୋକାନୀ ଓ ଦୋକାନୀମାନେ ଶୋଭାଯାତ୍ରାରେ ବାହାରି ବିଧାନସଭା ଅଭିମୁଖେ ଯାତ୍ରା କରିଥିଲେ। ଏଥିସହ ଲୋୟର ପିଏମ୍‌ଜିରେ ମହାସଂଘର ସମ୍ପାଦକ ସବ୍ୟସାଚୀ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅବଦୁଲ୍ଲା କହିଲେ, କଟକ ସହରରେ ଠିକ ଭାବେ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରାଗଲା ନାହିଁ । ଯେଉଁ କେତୋଟି ସ୍ଥାନରେ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରାଯାଇଛି, ସେଠାରେ ମଧ ପାତର ଅନ୍ତର କରି ଅଣଦୋକାନୀଙ୍କୁ ଦୋକାନ ଦିଆଯାଇଛି। ଯେଉଁ ସ୍ଥାନରେ ବ୍ୟବସାୟ ଚାଲିବ ନାହିଁ ସେହିଭଳି ଜାଗାରେ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରାଯାଇଛି। ତେଣୁ ତୁରନ୍ତ ଆବଶ୍ୟକତା ଅନୁଯାୟୀ ଭେଣ୍ଡିଂ ଜୋନ ନିର୍ମାଣ ସହ ପ୍ରକୃତ ହିତାଧିକାରୀଙ୍କୁ ଏଥିରେ ଦୋକାନ ଆବଣ୍ଟନ ପାଇଁ ଦାବି କରାଯାଇଛି।

# ମଧ୍ୟାହ୍ନଭୋଜନ ପାଚିକା ମହାସଂଘର ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୧୩।୯
(ଅସମାପିକା ସାହୁ)

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ମହାସଂଘ ପକ୍ଷରୁ ୧୪ ଦଫା ଦାବି ନେଇ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରାଉ କରାଯିବ। ଏଥିସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ। ନାଗଭୂଷଣ ଭବନଠାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ମହାସଂଘ ପକ୍ଷରୁ ବୁଧବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପାଚିକା ଓ ସହାୟିକାଙ୍କ ଦରମା ବୃଦ୍ଧି, ଅବସର ବୟସ ୬୫ ବର୍ଷ, ୧୦ମାସ ପରିବର୍ତ୍ତେ ୧୨ମାସର ଦରମା ପ୍ରଦାନ ଏବଂ ଅବସର ସମୟରେ ଆଶା ଓ ଅଙ୍ଗନୱାଡ଼ିଙ୍କ ପରି ୫୦ହଜାର ଟଙ୍କାର ସହାୟତା ଆଦି ପ୍ରମୁଖ ଦାବି ରହିଛି। ଏହି ବୈଠକରେ ମିଳିତମଞ୍ଚ ଆବାହକ ତଥା ଏଆଇସିସିଟିୟୁ ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ ଜେନା, ସିଆଇଟିୟୁ ନେତା ସତ୍ୟାନନ୍ଦ ବେହେରା, ଏଆଇୟୁଟିୟୁସିର ରାଜ୍ୟ ସମ୍ପାଦକ ଜୟ ସେନ ମେହେର, ନିରଞ୍ଜନ ମହାନ୍ତି ଓ ଏଚ୍‌ଏମ୍‌ଏସ୍‌ର ନେତ୍ରୀ ଲକ୍ଷ୍ମୀ ପ୍ରିୟା ମହାନ୍ତି, କାଞ୍ଚନବାଳା ରାଉତ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭୁବନେଶ୍ୱର, ୧୩।୯(ଅସମାପିକା ସାହୁ):** ପ୍ରାଥମିକ ଶିକ୍ଷକଙ୍କ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ରାଜ୍ୟ ୟୁଟିଆ ଶିକ୍ଷକ ସଂଘ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି ଅନୁରୋଧ କରିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପ୍ରାଥମିକ ଶିକ୍ଷା ହେଉଛି ଶିକ୍ଷାବ୍ୟବସ୍ଥାର ମୂଳଦୁଆ। ତେଣୁ ପ୍ରାଥମିକ ଶିକ୍ଷକ ଫେଡେରେଶନ ୩ଦଫା ଦାବି ଯଥା ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ପ୍ରଥା ଓ ଏକ୍ସ କ୍ୟାଡର ରୁଲ୍ ଉଚ୍ଛେଦ, କେନ୍ଦ୍ରୀୟ ବେତନ ପ୍ରଚଳନ, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ ଆଦିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ ହେବା ଉଚିତ ବୋଲି ଦୃଢ଼ ଦାବି କରିଛନ୍ତି। ଭାରତର ଭାଗ୍ୟ ତା'ର ଶ୍ରେଣୀଗୃହରେ ତଆରି ହେଉଥିବାରୁ ଧର୍ମଘଟ ଯୋଗୁ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଲକ୍ଷାଧିକ ଶିକ୍ଷାର୍ଥୀଙ୍କ ବହିରେ ଡୋରି ବନ୍ଧା ହୋଇଯାଇଛି ବୋଲି ପ୍ରଫେସର ଖଟୁଆ କହିଛନ୍ତି।

# ଫିଜିଓଥେରାପି ସେଣ୍ଟରରେ ଚାଲିଥିଲା ଲିଙ୍ଗ ନିରୂପଣ

କଟକ, ୧୩।୯ (କାର୍ତ୍ତିକ ସାହୁ)

- ୩ ସ୍ଥାନରେ ଚଢ଼ାଉ
- ୨ ଅଲ୍‌ଟ୍ରାସାଉଣ୍ଡ ମେଶିନ ଜବତ

କଟକ ସହରରେ ମାଳ ମାଳ କ୍ଲିନିକ୍ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଖୋଲିଛି। ସେଠାରେ ବେଆଇନ ଭାବେ ଲିଙ୍ଗ ନିରୂପଣ କରାଯାଉଛି। ହେଲେ ପ୍ରମାଣ ଅଭାବରୁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନ ଥିଲା। ଖବରପାଇ ବୁଧବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ କଟକ ଅରୁଣୋଦୟ ନଗର ଅଞ୍ଚଳର ଏକ ନର୍ସିଂହୋମ୍, ବାଦାମବାଡ଼ି ରକ୍ସିଲେନ୍ ଅଞ୍ଚଳର ଏକ ଫିଜିଓଥେରାପି ସେଣ୍ଟର ଓ ଏକ ଭଡ଼ାଘରେ ଚଢ଼ାଉ କରିଥିଲା। ଏଥିରେ ଜିଲା ପ୍ରଶାସନର ଅଧିକାରୀ ଓ ଡ୍ରଗ୍ସ ନିୟନ୍ତ୍ରକ ସାମିଲ ହୋଇଥିଲେ। ଚଢ଼ାଉବେଳେ ଦୁଇଟି ଅଲଟ୍ରାସାଉଣ୍ଡ୍ ମେଶିନ ଏବଂ କିଛି ଗର୍ଭପାତ ଔଷଧ ଜବତ କରାଯାଇଛି। ଏଭଳି ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରକ୍ସିଲେନ୍ ଅଞ୍ଚଳର ଏକ ଫିଜିଓଥେରାପି ସେଣ୍ଟରରେ ବେଆଇନ ଲିଙ୍ଗ ନିରୂପଣ କରାଯାଉଥିବା ଖବର ମିଳିବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପ୍ରଥମେ ସେଠାରେ ଚଢ଼ାଉ କରିଥିଲା। ଏଠାରେ ଫିଜିଓ ଥେରାପି ନାମରେ ଅଭିଯୁକ୍ତ ଜଣଙ୍କ ଲିଙ୍ଗ ନିରୂପଣ କରୁଥିବା ଜଣାପଡିଥିଲା। ସେଠାରୁ ଏକ ପୋର୍ଟେବୁଲ ଅଲଟ୍ରାସାଉଣ୍ଡ ମେଶିନ ଓ ଗର୍ଭପାତ ନିମନ୍ତେ ବ୍ୟବହୃତ ଔଷଧ ଜବତ ହୋଇଥିଲା। ଏହାପରେ ନିକଟରେ ଥିବା ଅଭିଯୁକ୍ତଙ୍କ ଭଡ଼ାଘରେ ଚଢ଼ାଉ କରାଯାଇଥିଲା। ସେଠାରୁ କେତେକ ଗର୍ଭପାତ ଔଷଧ ଏବଂ ଇଞ୍ଜେକଶନ ମିଳିଥିଲା। ଏହାପରେ ୧୨ ଜଣିଆ ଟିମ୍ ଅରୁଣୋଦୟ ନଗର ଅଞ୍ଚଳରେ ଥିବା ନର୍ସିଂହୋମ୍‌ରେ ଚଢ଼ାଉ କରି ଏକ ଅଲଟ୍ରାସାଉଣ୍ଡ ମେଶିନ ଜବତ କରିଥିଲା। ଅନ୍ୟପକ୍ଷରେ ନର୍ସିଂହୋମ୍‌ର ମାଲିକ ଏଭଳି ଘଟଣା ସଂକ୍ରାନ୍ତରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ୨ ମାସ ପୂର୍ବରୁ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସେ ଏହାର ମାଲିକାନା ପ୍ରଦାନ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଅପରପକ୍ଷରେ ଚଢ଼ାଉ ଜାରି ରହିଛି ବୋଲି ଡେପୁଟି କଲେକ୍ଟର ଅଳକାରାଣୀ ଦେବତା ସୂଚନା ଦେଇଛନ୍ତି।



ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ଆରମ୍ଭ ହୋଇଥିବା ଦୁଇଦିନିଆ 'ମେଘ ଉତ୍ସବ'ରେ ଗୁରୁ ଜବାହର ମିଶ୍ର ଓ ସାଥୀ ବଂଶୀ ବାଦନ କରୁଛନ୍ତି।

**ଗୁଜରାଟରେ ଓଡ଼ିଆ ଶ୍ରମିକ ନିଖୋଜ**

# ଫେରାଇ ଆଣିବାକୁ ମା'ଙ୍କ ନିବେଦନ

ନିରାକାରପୁର, ୧୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ପରିବାରର ଆର୍ଥିକସ୍ଥିତି ଭଲ ନ ଥିବାରୁ ଗୁଜୁରାଣ ପାଇଁ ଗୁଜରାଟ ଯାଇଥିଲେ। ହେଲେ ସେଠାରେ ନିଖୋଜ ହୋଇଗଲେ। ମାସେ ପରେ ବି କୌଣସି ପତ୍ତା ନ ମିଳିବାରୁ ମା' ସୁଷମା ରାଉତ ପ୍ରଥମେ ନିରାକାରପୁର ଥାନା ଏବଂ ଏବେ ଭୁବନେଶ୍ୱର ଲେବର କମିଶନଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ହରିପୁରସ୍ଥିତ ମାଝିସାହିର ଗଗନ ରାଉତ(୨୪) ଗତ ୨ମାସ ପୂର୍ବେ ନିଜ ଭିଣୋଇଙ୍କ ସହିତ ଗୁଜରାଟ ଜାମ୍‌ନଗର ଯାଇ ସେଠାରେ ଏକ ମୋଟର କମ୍ପାନୀରେ କାର୍ଯ୍ୟ କରୁଥିଲେ। ଭିଣୋଇଙ୍କ ସହ ଗୋଟିଏ ସ୍ଥାନରେ ମଧ ରହୁଥିଲେ। ହେଲେ ଗତ ଅଗଷ୍ଟ ୧୦ତାରିଖ ସନ୍ଧ୍ୟା ସାଢ଼େ ୮ଟାରେ ତାଙ୍କ ଭିଣୋଇ ଶେଷ ପାତାଳ ସିଂ ଫୋନ୍ କରି ଗଗନ କୁଆଡ଼େ ଚାଲିଯାଇଛି ବୋଲି ଶାଶୁ ସୁଷମାଙ୍କୁ ଜଣାଇଥିଲେ। ଜ୍ୱାଇଁଙ୍କ ଠାରୁ ଏଭଳି ଖବର ପାଇବାପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଏପରି କି ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ପଠାଇ ସେଠାରେ ଖୋଜା ଖୋଜି କରିବା ପରେ ମଧ୍ୟ ପୁଅର କୌଣସି ସନ୍ଧାନ ମିଳି ନ ଥିବାରୁ ମା' ସୁଷମା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

**ଥାନା ପରେ ଲେବର କମିଶନରରେ ଅଭିଯୋଗ**

ଇତିମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ପୁଅର କୌଣସି ସୂଚନା ମିଳି ନ ଥିବାରୁ ତାକୁ ଚିହ୍ନଟ କରି ସୁଦୂର ଜାମ୍ ନଗରରୁ ଫେରାଇ ଆଣିବାକୁ ସୁଷମା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଗତ ୯ତାରିଖରେ ସୁଷମା ନିରାକାରପୁର ଥାନାରେ ଏନେଇ ଅଭିଯୋଗ କରିଥିବାବେଳେ ୧୨ ତାରିଖରେ ଭୁବନେଶ୍ୱରସ୍ଥିତ ଲେବର କମିଶନରଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଗଗନଙ୍କ ନିଖୋଜ ଦୁଇଦିନ ପୂର୍ବରୁ କୌଣସି କାର୍ଯ୍ୟକୁ ନେଇ ଭିଣୋଇଙ୍କ ସମ୍ପର୍କୀୟଙ୍କ ସହିତ ତାଙ୍କର ପାଟିତୁଣ୍ଡ ହୋଇଥିବା ମା' ସୁଷମା ମଧ୍ୟ ଏତଲାରେ ଜଣାଇଛନ୍ତି। ଉକ୍ତ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବା ସହ ପୁଅ ଗଗନଙ୍କ ସନ୍ଧାନ ମିଳିପାରନ୍ତା ବୋଲି ସୁଷମା ଜିଲା ପ୍ରଶାସନ ଓ ଜିଲା ପୋଲିସ ପ୍ରଶାସନକୁ ନିବେଦନ କରିଛନ୍ତି। ଏନେଇ ନିରାକାରପୁର ଥାନା ତଦନ୍ତକାରୀ ଅଧିକାରୀ ତପନ ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗକୁ ଭିତ୍ତିକରି ଏକ ଷ୍ଟେଶନ ଡାଏରୀ କରାଯାଇ ଲେବର ଅଫିସକୁ ପଠାଯାଇଥିବା ସୂଚନା ଦେଇଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀପାଞ୍ଜଳି


@ ଅମିୟ


@ ପ୍ରିୟଙ୍କା


@ ଜଗବନ୍ଧୁ


@ ବଳରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ରାସ୍ତାଘାଟରୁ ଛିନ୍‌ତାଇ କରୁଥିବା ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୩।୯ (ସୂର୍ଯ୍ୟକାନ୍ତ ବେହେରା)

ରାସ୍ତା ଘାଟରୁ ଛିନତାଇ କରୁଥିବା ଜଣେ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକର ଶୁଭ୍ରାଂଶୁ ପରିଡା। ତାଙ୍କଠାରୁ ଛିଣ୍ଡା ସୁନା ଚେନ ଜବତ ହୋଇଛି। ସୂଚନାନୁସାରେ, ମହିଳା ଜଣକ ଅଗଷ୍ଟ ୨୪ ସନ୍ଧ୍ୟାରେ ସ୍ୱାମୀଙ୍କ ସହ ମିଶି ରସୁଲଗଡ ଅଞ୍ଚଳରେ ଥିବା ଜଣେ ଭାଇଙ୍କ ନିକଟକୁ ରାଖୀ ଦେବାଲାଗି ଯାଇଥିବା ବେଳେ ଅଭିଯୁକ୍ତ ଏବଂ ତାଙ୍କର ଜଣେ ସହଯୋଗୀ ରସୁଲଗଡ ଛକ ନିକଟରେ ମହିଳାଙ୍କ ବେକରୁ ଏକ ସୁନା ଚେନ ଛିଣ୍ଡାଇ ନେଇଯାଇଥିଲେ। ଘଟଣାର ଅଭିଯୋଗ ପରେ ପୋଲିସ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ସ୍ଥାନୀୟ ପାଲାମଣ୍ଡପ ଅଞ୍ଚଳରେ ଲୁଟ ମୋବାଇଲ ଓ ସୁନା ଚେନ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ସମୟରେ ପୋଲିସ କାବୁ କରିଥିଲା।

### ଆକ୍ରମଣ ଘଟଣାରେ ବାପାପୁଅ ସମେତ ୪ ଗିରଫ

ଭୁବନେଶ୍ୱର,୧୩।୯ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ମହିଳା ଓ ତାଙ୍କ ସାନ ଭାଇ ଏବଂ ମା'ଙ୍କୁ ତାଙ୍କ ଶାଶୁଘର ଲୋକ ପ୍ରାଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ବାପା,ପୁଅ ସମେତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲଣ କରିଛି। ସେମାନେ ହେଲେ ତିଲେଶ୍ୱର ବଳିଆରସିଂ (୫୧) ଓ ତାଙ୍କ ପୁଅ ତରୁଣ ବଳିଆରସିଂ (୨୦) ଏବଂ ଦୁଇ ସହଯୋଗୀ ରଞ୍ଜନ କୁମାର ସିଂ (୧୮) ଓ ରାକେଶ କିଷାନ ସିଂ (୨୩)। ସୂଚନାନୁସାରେ, ଅଭିଯୋଗକାରିଣୀ ମହିଳା ଏବଂ ତାଙ୍କ ସ୍ୱାମୀ ତିଲେଶ୍ୱରଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଥିଲା । ଅନେକ ସମୟରେ ମହିଳାଙ୍କ ବାପଘର ଲୋକ ଘରକୁ ଆସୁଥିବାରୁ ଅଭିଯୁକ୍ତ ସ୍ୱାମୀ ବିରକ୍ତ ହେଉଥିଲେ । ଯାହାଫଳରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେଉଥିଲା । ଘଟଣା ଦିନ ଅଭିଯୋଗକାରିଣୀଙ୍କ ଭାଇ ଏବଂ ମା ଘରକୁ ଆସିଥିଲେ । ଅଭିଯୁକ୍ତ ସ୍ୱାମୀ ଉଭୟ ମା ଓ ପୁଅଙ୍କୁ ଘରୁ ଚାଲିଯିବା ଲାଗି କହିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଏବଂ ତାଙ୍କ ପୁଅ କିଛି ସହଯୋଗୀ ଜରିଆରେ ମାରଣାସ୍ତ୍ରରେ ମହିଳାଙ୍କ ଭାଇ, ପୁଅ ଏବଂ ଝିଅଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ।ଏନେଇ ମହିଳା ଜଣଙ୍କ ସ୍ୱାମୀଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ ।

### କନଷ୍ଟେବଲ୍‌ଙ୍କୁ ଦୁର୍ବ୍ୟବହାର: ୩ ଗିରଫ



ଜଟଣୀ, ୧୩।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଣେ କନ୍‌ଷ୍ଟେବଲ୍‌ଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ଶାର୍ଟ କଲର ଧରିବା ଅଭିଯୋଗରେ ୩ଜଣଙ୍କୁ ଜଟଣୀ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଧୀନ ବିକାଶ ନଗର ଅଞ୍ଚଳର ରାକେଶ ଦଳେଇ ଓରଫ ମାନସ(୪୨), ଉପରବସ୍ତ ଗ୍ରାମର ସଞ୍ଜୀବ ବାଘସିଂ(୪୦) ଏବଂ ସେହି ଗ୍ରାମର ସତ୍ୟବାନ ବାଘସିଂ ଓରଫ ସତିଆ(୪୫)। ପୋଲିସ ସୂଚନା ମୁତାବକ, ମଙ୍ଗଳବାର ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଜଟଣୀ ଜେଏମ୍‌ଏଫ୍‌ସି କୋର୍ଟକୁ କୌଣସି ମାମଲାରେ ପୋଲିସ ନେଇ ଯାଉଥିଲା। ଏହି ସମୟରେ ଅଭିଯୁକ୍ତମାନେ କୋର୍ଟ ପରିସରରେ ଅଭିଯୋଗକାରୀ କନଷ୍ଟେବଲ ଏବଂ ତାଙ୍କ ଟିମ୍ ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ଶାର୍ଟ କଲର ଧରି ଧମକ ଦେଇଥିଲେ। ଅଭିଯୋଗ ପରେ ଜଟଣୀ ପୋଲିସ ତଦନ୍ତ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରା ଉଚରା ବେଳେ ଅଭିଯୁକ୍ତମାନେ ନିଜ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି। ଏ ନେଇ ଜଟଣୀ ଥାନାରେ ଏକ କେସ୍ (ନଂ. ୩୩୮/୨୩) ରୁଜୁ ହୋଇଛି। ପୋଲିସ ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତମାନଙ୍କ ମଧ୍ୟରୁ ରାକେଶ ଦଳେଇଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୬ଟି ମାମଲା ରହିଛି। ତାଙ୍କ ବିରୋଧରେ ସିଆର୍‌ପିସି ଧାରା ୧୧୦ ରେ ମାମଲା ରୁଜୁ ପାଇଁ ଆଲୋଚନା କରାଯାଉଥିବା ପୋଲିସ କହିଛି। ମାମଲାର ଅଧିକ ତଦନ୍ତ ଜାରି ରହିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରହିଥିବା ପୋଲିସ ସୂଚନା ଦେଇଛି।

# ଯୋଗ୍ୟ ହିତାଧିକାରୀଙ୍କୁ ଭେଣ୍ଡିଂ ଜୋନ ମିଳିବ

**ମାର୍କେଟବିଲ୍ଡିଂ ଉଠାଦୋକାନୀଙ୍କୁ ଥଇଥାନ ମାମଲା**

**ମାସ ଶେଷ ସୁଦ୍ଧା ବିଏମ୍‌ସି ଓ ଟିଭିସି ବୈଠକ**

ଭୁବନେଶ୍ୱର,୧୩।୯
(ଅନୁରାଧା ମହାରଣା)



ମାର୍କେଟବିଲ୍ଡିଂ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନର ବାରମ୍ବାର ବିରୋଧ ସତ୍ତ୍ୱେ ଉଠାଦୋକାନୀ ମାର୍କେଟରେ ଦୋକାନ ଖୋଲିବାକୁ ଚେଷ୍ଟା କରୁଛନ୍ତି। ଫଳରେ ସ୍ଥାୟୀ ବ୍ୟବସାୟୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ପୂର୍ବରୁ ଏନେଇ ମାମଲା ପ୍ରଥମେ ଥାନା ଓ ପରେ କୋର୍ଟରେ ପହଞ୍ଚିଛି। ସ୍ଥାୟୀ ବ୍ୟବସାୟୀଙ୍କ ସପକ୍ଷରେ ହାଇକୋର୍ଟ ରାୟ ଆସିଛି । ଅନ୍ୟପଟେ ଉଠାଦୋକାନୀଙ୍କୁ ମାସକ ମଧ୍ୟରେ ଥଇଥାନ କରିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି)କୁ ନିର୍ଦ୍ଦେଶ ମିଳିଛି। ତେବେ ବିଏମସି ପକ୍ଷରୁ ଥଇଥାନ ପାଇଁ କୌଣସି ବନ୍ଦୋବସ୍ତ କରାଯାଉ ନ ଥିବା ଉଠାଦୋକାନୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଛି। ଏନେଇ ବିଏମସି ମାର୍କେଟ ବିଭାଗ ଅଧିକାରୀ ଅଶୋକ କୁମାର ଲେଙ୍କା ନିଜର ପ୍ରତିକ୍ରିୟା ରଖିଛନ୍ତି। ଉଠାଦୋକାନୀଙ୍କ ଥଇଥାନ ଦିଗରେ ବିଏମସି ତତ୍ପର ଥିବା ସେ କହିଛନ୍ତି। ହାଇକୋର୍ଟଙ୍କ ରହିତାଦେଶ ପାଇଥିବା ଉଠାଦୋକାନୀଙ୍କ ଯୋଗ୍ୟତା ଯାଞ୍ଚ ପରେ ବିଏମସି ଭେଣ୍ଡିଂ ଜୋନରେ ଥଇଥାନ କରାଯିବ। ବୈଧ ପ୍ରମାଣପତ୍ର ଥିବା ଉଠାଦୋକାନୀଙ୍କୁ ଏହି କ୍ରମରେ ଥିଥାନ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଚଳିତ ମାସ ଶେଷ ସୁଦ୍ଧା ଟାଉନ ଭେଣ୍ଡିଂ କମିଟି (ଟିଭିସି)ର ବୈଠକ ବସିବ ଏହି ବୈଠକରେ ସମସ୍ତ ମାର୍କେଟର ସ୍ଥିତି ସମ୍ପର୍କିତ ବିସ୍ତୃତ ଆଲୋଚନା କରାଯିବ। ସହରର ଅନ୍ୟାନ୍ୟ ମାର୍କେଟର ସ୍ଥିତି ପୁନରୁଦ୍ଧାର ଆଦି ଦିଗ ଉପରେ ଆଲୋଚନା ହେବାକୁ ଥିବାବେଳେ ମାର୍କେଟ ବିଲ୍ଡିଂ ପ୍ରସଙ୍ଗକୁ ଗୁରୁତର ସହ ନିଆଯିବ । ଉଠାଦୋକାନୀଙ୍କୁ ଥଇଥାନ କରିବା ଲାଗି ବିଏମସି ନିକଟରେ ଏବେ ୩ ସ୍ଥାନ ମହଜୁଦ ଅଛି ସେଠାରେ ବିଏମସି ଭେଣ୍ଡିଂ ଜୋନ ନିର୍ମାଣ କରି ଯୋଗ୍ୟ ଚିହ୍ନଟ ଉଠାଦୋକାନୀଙ୍କୁ ଥଇଥାନ କରାଯିବା ନେଇ ଯୋଜନା ରହିଛି। ସୂଚନା ଥାଉ କି, ମାର୍କେଟବିଲ୍ଡିଂରେ ଦୋକାନ ଖୋଲିବା ନେଇ ସ୍ଥାୟୀ ଓ ଉଠାଦୋକାନୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। କ୍ୟାପିଟାଲ ଥାନାରେ ଏନେଇ ଉଭୟ ପକ୍ଷଙ୍କ ଦ୍ୱାରା ୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ସମ୍ପୂର୍ଣ୍ଣ ଘଟଣାରେ ରାଜଧାନୀର ଏହି ପ୍ରମୁଖ ମାର୍କେଟକୁ ପ୍ରତିଦିନ ଆସୁଥିବା ଗ୍ରାହକ ସମସ୍ୟା ପଡୁଥିବା କୁହାଯାଉଛି।

# ଥାନା ହାଜତରୁ ଅଭିଯୁକ୍ତ ଚମ୍ପଟ

ମଙ୍ଗୁଳି-ଜଗତପୁର,୧୩।୯(ମାନସ ସାମଲ)

**ଯୁବତୀଙ୍କୁ ବଳାତ୍କାର ଉଦ୍ୟମ**

ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ କଟକ ଜିଲା ଟାଙ୍ଗୀ ଥାନା ହାଜତରେ ଅଟକ ଥିବା ଜଣେ ଯୁବକ ବୁଧବାର ସକାଳେ ଚମ୍ପଟ ମାରିଛନ୍ତି। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁଯାୟୀ, ଟାଙ୍ଗୀ ଥାନା ଅଞ୍ଚଳର ଜଣେ ଯୁବତୀ ପାଖ ଗ୍ରାମରେ ଥିବା ସମ୍ପର୍କୀୟ ଭଉଣୀଙ୍କ ଘରକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନରେ ସେ ଗ୍ରାମରେ ଥିବା ପାଣିପମ୍ପ ନିକଟସ୍ଥ ବିଲକୁ ପରିବା ତୋଳିବାକୁ ଯାଇଥିଲେ। ତାଙ୍କୁ ପରିସ୍ରା ଲାଗିବାରୁ ସେ ପମ୍ପ ହାଉସ୍ ପାଇଖାନାକୁ ଯାଇଥିଲେ। ଏହି ସମୟରେ ବିଲତେରୁଆଁ ଗ୍ରାମର ଅଭିଯୁକ୍ତ ମୁସ୍‌ଲିମ୍ ଖାନ୍‌ଙ୍କ ସମେତ ଅନ୍ୟ କେତେଜଣ ଯୁବକ ତାଙ୍କୁ ବଳାତ୍କାର ଉଦ୍ୟମ ସହ ଆକ୍ରମଣ କରିଥିଲେ। ଏ ନେଇ ଯୁବତୀ ଜଣଙ୍କ ଅଭିଯୋଗ କରିବା ପରେ ଟାଙ୍ଗୀ ଥାନାରେ ଏକ ମାମଲା(ନଂ.୧୮୧/୨୩) ରୁଜୁ ହୋଇଥିଲା। ପରେ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୁକ୍ତ ମୁସ୍‌ଲିମ୍‌ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ବୁଧବାର ସକାଳେ ସମ୍ପୃକ୍ତା ଯୁବତୀଙ୍କୁ ପୋଲିସ ୧୬୧ ଧାରାରେ ବୟାନ ରେକର୍ଡ ପାଇଁ ଥାନାକୁ ଡାକିଥିଲା। ହେଲେ ଅଭିଯୁକ୍ତ ଜଣଙ୍କ ଥାନାରୁ ଚମ୍ପଟ ମାରିଥିବା ଯୁବତୀ ଜାଣିବାକୁ ପାଇଥିଲେ। ଏ ନେଇ ଥାନାଧିକାରୀ ସମରେନ୍ଦ୍ର ପାଇକରାୟ କହିଛନ୍ତି, ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିଲା। ହେଲେ ସେ କେମିତି ଥାନାରୁ ଖସିଗଲେ ସେ ସମ୍ପର୍କରେ ଜାଣିନାହିଁ। ଘଟଣାର ତଦନ୍ତ ଜାରି ରହିଛି। ଯଦି ଏହି ଘଟଣାରେ କାହାରି ସମ୍ପୃକ୍ତି ଥାଏ ତା'ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଓଡ଼ିଆ କଥା ସାହିତ୍ୟକୁ ଅବଦାନ ଚିର ସ୍ମରଣୀୟ

ଭୁବନେଶ୍ୱର,୧୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ରବୀନ୍ଦ୍ର ନାରାୟଣ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା**

ବିଶିଷ୍ଟ କଥାଶିଳ୍ପୀ, ପ୍ରଶାସକ, ଜଗନ୍ନାଥ ପ୍ରାଣ ରବୀନ୍ଦ୍ର ନାରାୟଣ ମିଶ୍ରଙ୍କ ମହା ପ୍ରୟାଣରେ ବୁଦ୍ଧ ମନ୍ଦିର ପରିସରରେ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମନୋରଞ୍ଜନ ଶରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ଇଂ ଗଣେଶ ଚନ୍ଦ୍ର ପଣ୍ଡା ସ୍ୱର୍ଗତ ମିଶ୍ରଙ୍କ ଅନୁଷ୍ଠାନ ସହ ସମ୍ପର୍କକୁ ନେଇ ବିଶଦ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବାବା ରାମ ନାରାୟଣ ଦାସ ମହାରାଜ ତାଙ୍କର ସ୍ୱର୍ଗତ ମିଶ୍ରଙ୍କ ସହ ସମ୍ପର୍କ ବିଷୟରେ ସୂଚନା ଦେଇ ଜୀବନର ନଶ୍ୱରତା ଓ ନାମର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜଣେ ସତ୍ୟନିଷ୍ଠ, ନିର୍ଭୀକ ତଥା ଦକ୍ଷ ପ୍ରଶାସକ ଦୀର୍ଘବର୍ଷ ଶ୍ରୀ ମନ୍ଦିର ପରିଚାଳନାରେ ତାଙ୍କର ଅବଦାନ ପାଇଁ ସେ ସର୍ବଦା ଉଦାହରଣ ହୋଇ ରହିବେ ବୋଲି ମତ ପ୍ରକାଶ ପାଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସ୍ଥାପନ, ଶ୍ରୀ ଜଗନ୍ନାଥ ଭାବଧାରା ପ୍ରଚାର ପ୍ରସାର, ଆଧ୍ୟାତ୍ମିକ ସାହିତ୍ୟ ତଥା ଓଡ଼ିଆ କଥା ସାହିତ୍ୟକୁ ତାଙ୍କର ଅବଦାନ ତାଙ୍କୁ ଚିର ସ୍ମରଣୀୟ କରି ରଖିବ ବୋଲି ବକ୍ତା ମାନେ ବିଭିନ୍ନ ସ୍ମରଣୀୟ ଘଟଣାର ଉଲ୍ଲେଖ ମାଧ୍ୟମରେ ପ୍ରତିପାଦନ କରିଥିଲେ। ସିଦ୍ଧାର୍ଥ ମିଶ୍ର ଓ ମଧୁସ୍ମିତା ବିଶାଳ ଭଜନ ପରିବେଷଣ କରିଥିଲେ। ସଭାଟିକୁ ସାରସ୍ୱତ ସଂଘଟକ ରମାକାନ୍ତ ମିଶ୍ର ପରିଚାଳନା କରିଥିଲା ବେଳେ ତାରେଶ୍ୱର୍ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ବିଡିଏ ପକ୍ଷରୁ ଜବରଦଖଲରେ ଥିବା ଏକ ଘରକୁ ଭଙ୍ଗା ଯାଉଛି।

# ପୋଖରୀପୁଟରୁ ହଟିଲା ଜବରଦଖଲ

ଭୁବନେଶ୍ୱର,୧୩।୯
(ଅନୁରାଧା ମହାରଣା)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ପୋଖରୀପୁଟ ଅଞ୍ଚଳରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଦୁଇଟି ପର୍ଯ୍ୟାୟରେ ଏହି ଉଚ୍ଛେଦ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଅନନ୍ତବିହାର ଫେଜ୍-୨କୁ ଜବରଦଖଲମୁକ୍ତ କରାଯାଇଛି। ଅନନ୍ତ ବିହାର ୱେଲ୍‌ଫେୟାର ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ଏହି ପଦକ୍ଷେପ ନିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଇନ୍ଦିରା ଗାନ୍ଧୀ ମେମୋରିଆଲ ଆୟୁର୍ବେଦିକ ମେଡିକାଲ କଲେଜ ସମ୍ମୁଖରୁ ବେଆଇନ ଦଖଲ ହଟାଯାଇଛି। ଉଭୟ ଉଚ୍ଛେଦ ପ୍ରକ୍ରିୟାରେ ଗୋଟିଏ ପମ୍ପ ହାଉସ୍, ଗୋଟିଏ ମନ୍ଦିର, ଗୋଟିଏ ହୋଟେଲ,ଗୋଟିଏ ଓମଫେଡ୍ ବୁଥ୍, ୩ଟି ଆଜବେଷ୍ଟସ୍ ଘର, ୨ଟି ବାଉଁଶ ଓ ଜରିପାଲ ନିର୍ମିତ ଘର, ୪ଟି ପାଣି ଟାଙ୍କି, ୨୫୦ ଫୁଟ୍ ଦୀର୍ଘ ପଥର ପାଚେରି ଭଙ୍ଗାଯାଇଛି। ବିଡିଏର ଅଧିକାରୀ ଦେବରାଜ ସେଠୀ, ଶୁଭ୍ରାଂଶୁ ଶେଖର ମହାନ୍ତି, ଏୟାରଫିଲ୍ଡ ଥାନା ଏଏସ୍‌ଆଇ ଶିବପ୍ରସାଦ ମହାପାତ୍ର, ବିଏମ୍‌ସି ଅମିନ ଅନିଲ କୁମାରଙ୍କ ସମେତ ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୨୪ ଓ ୨୫, ଗୋଟିଏ ସେକ୍ସନ ରିଜର୍ଭ ପୋଲିସ୍ ଏବଂ ଗୋଟିଏ ସେକ୍ସନ ମହିଳା ପୋଲିସଙ୍କ ଉପସ୍ଥିତିରେ ବିଡିଏ ପକ୍ଷରୁ ନିୟୋଜିତ ଜେସିବି ସାହାଯ୍ୟରେ ଉଚ୍ଛେଦ କରାଯାଇଥିଲା।

### ବ୍ରାଉନସୁଗାର ଜବତ: ୨ଗିରଫ

ଖୋର୍ଦ୍ଧା,୧୩।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ଥମିବାର ନାଁ ଧରୁନି। ମଙ୍ଗଳବାର ଟାଉନ ପୋଲିସ ଗୁରୁଜଙ୍ଗ ଟାଙ୍ଗୀସାହିରେ ଚଢଉ କରି ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଅଭିଜିତ ସାମନ୍ତରାୟ ଓରଫ ବିକି ଏବଂ ଭାଲିଆବାଡ଼ିର ଅମରେଶ ବେହେରା ଓରଫ ଗୁଲୁ। ଉଭୟଙ୍କ ଠାରୁ ୨୫ଗ୍ରାମ ବ୍ରାଉନସୁଗରର ଜବତ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

# ସିଏନ୍‌ବିଟିରେ ଥଇଥାନ ଦାବିରେ ଧାରଣା

କଟକ,୧୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ନେତାଜୀ ବସ୍‌ଟର୍ମିନାଲ(ସିଏନ୍‌ବିଟି) ଉଦ୍‌ଘାଟନ ପୂର୍ବରୁ ଅସନ୍ତୋଷ ଜୋର୍ ଧରିଛି। ସିଏନ୍‌ବିଟିରେ ଥଇଥାନ ଦାବି କରି ବାଦାମବାଡି ବସ୍‌ଷ୍ଟାଣ୍ଡର ବ୍ୟବସାୟୀମାନେ ବସ୍‌ଷ୍ଟାଣ୍ଡଠାରେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଆସନ୍ତା ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଏନ୍‌ବିଟି ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ହେଲେ ଏହା ପୂର୍ବରୁ ବିବାଦ ଦେଖିବାକୁ ମିଳିଛି। ପୂର୍ବରୁ ଏଠାରେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ପାଇଁ ବିବାଦ ମୁଣ୍ଡ ଟେକିଥିଲା। ଏବେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ୧୪୭ ସ୍ୱୀକୃତିପ୍ରାପ୍ତ ବ୍ୟବସାୟୀ ଓ ୫୦୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ବ୍ୟବସାୟୀ ଦୀର୍ଘବର୍ଷ ଧରି ବ୍ୟବସାୟ କରି ଆସୁଛନ୍ତି। ହେଲେ ସେମାନଙ୍କ ଥଇଥାନ ପାଇଁ ସିଡିଏ କିମ୍ବା ସିଏମ୍‌ସି କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ଫଳରେ ସେମାନଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ କହିଛନ୍ତି, ପୁରୁଣା ବସ୍‌ଷ୍ଟାଣ୍ଡ ଖାଲି ହେବା ପରେ ସେଠାରେ କିଛି ଉନ୍ନତିମୂଳକ କାର୍ଯ୍ୟ କରାଯିବ। ସେଠାରେ କେତେଜଣ ବ୍ୟବସାୟୀ ରହିଛନ୍ତି ସେ ନେଇ ସର୍ଭେ ହୋଇଛି। କାହାକୁ ଅସୁବିଧାରେ ପକେଇ କାର୍ଯ୍ୟ କରିବାର ନାହିଁ। ନୂଆ ବସ୍ ଟର୍ମିନାଲ ପାଖରେ ହିଁ ପୁରୁଣା ବସ୍‌ଷ୍ଟାଣ୍ଡ ଅଛି। ସେଠାରେ ଥିବା ବ୍ୟବସାୟୀଙ୍କୁ କିପରି ସମସ୍ୟା ନ ହେବ ସେଥିପ୍ରତି ଆମେ ଦୃଷ୍ଟି ଦେଉଛୁ ବୋଲି ସେ କହିଛନ୍ତି।

# ଦିନ ମଜୁରିଆ ଲକ୍ଷ୍ମଣଙ୍କ ଆକସ୍ମିକ ମୃତ୍ୟୁ



ଓଡ଼ିଶା ମୋ ପରିବାର ପକ୍ଷରୁ ମୃତ ଶ୍ରମିକଙ୍କ ଅନ୍ତିମ ସଂସ୍କାର କରାଯାଉଛି।

ଭୁବନେଶ୍ୱର,୧୩।୯
(ଅନୁରାଧା ମହାରଣା)

**ଅନ୍ତିମ ସଂସ୍କାରରେ ସହାୟତା କଲା ଓଡ଼ିଶା ମୋ ପରିବାର**

ଶୈଳଶ୍ରୀବିହାର ଅଞ୍ଚଳରେ ରହୁଥିବା ଜଣେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଦିନ ମଜୁରିଆ ଲକ୍ଷ୍ମଣ ନାଏକ(୩୦)ଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ମଙ୍ଗଳବାର ସେ ରହୁଥିବା ଘରର ଶିଡି ଚଢୁଥିବାବେଳେ ହଠାତ୍ ଖସିପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ହସ୍ପିଟାଲରେ ପହଞ୍ଚାଇବା ବେଳକୁ ମୃତ୍ୟୁ ହୋଇସାରିଥିଲା। ଗାଁରେ ରହୁଥିବା ପରିବାର ବର୍ଗ ଲକ୍ଷ୍ମଣଙ୍କର ଏପରି ଅଚାନକ ମୃତ୍ୟୁରେ ହତବାକ ହୋଇପଡ଼ିଥିଲେ। ଅଭାବ ଅନଟନରେ ଥିବା ପରିବାର ଲୋକେ ତାଙ୍କୁ ଗାଁକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରିବାକୁ ସକ୍ଷମ ନ ଥିଲେ। ଘରେ ତାଙ୍କର ୩ ଭାଇଙ୍କ ସହ ସ୍ତ୍ରୀ ଓ କୁନି ଝିଅ ଅଛନ୍ତି। ଲକ୍ଷ୍ମଣଙ୍କ ସାନଭାଇ ନିକଟସ୍ଥ ଚର୍ଚ୍ଚର ପାଷ୍ଟର ଏ.ଆନନ୍ଦ ପଲଙ୍କ ସହାୟତା ଲୋଡ଼ିବା ପରେ ପାଷ୍ଟର ଓଡ଼ିଶା ମୋ ପରିବାରର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଜଣାଇଥିଲେ। ଜୟ ଓଡ଼ିଶାର 'ଶେଷସାଥୀ' ଯାନ ସହାୟତାରେ ତାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରୁ ସତ୍ୟନଗର ଶ୍ମଶାନକୁ ସ୍ଥାନାନ୍ତର କରାଯାଇଥିଲା। ଓଡ଼ିଶା ମୋ ପରିବାର ପକ୍ଷରୁ ଖ୍ରୀଷ୍ଟିଆନ ରୀତିନୀତିରେ ଲକ୍ଷ୍ମଣଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିଥିଲା।



ନୟାପଲ୍ଲୀ ନୂଆସାହିରେ ତିଆରି ହେଉଥିବା ୫୧ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି।

# ୫୧ଫୁଟର ଗଣେଶଙ୍କ ସହ ୯ ଫୁଟ ଉଚ୍ଚର ମୂଷିକ

ଭୁବନେଶ୍ୱର,୧୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

ନୟାପଲ୍ଲୀ ନୂଆସାହିର ଶ୍ରୀ ଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପକ୍ଷରୁ ଚଳିତବର୍ଷ ଶ୍ରୀ ଗଣେଶ ମହାପ୍ରଭୁଙ୍କ ପୂଜା ମହାଆଡ଼ମ୍ବରରେ ପାଳନ ହେବ। ଏନେଇ ବୁଧବାର ଖବରଦାତା ସମ୍ମିଳନୀରେ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଇଛି। ନୂଆସାହିସ୍ଥିତ ମଣ୍ଡପରେ ତିଆରି ଚାଲିଛି ୫୧ ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତି ଓ ୯ଫୁଟର ମୂଷିକ। ପଞ୍ଜାବ ମୁକୁଟ ପିନ୍ଧି ଦର୍ଶନ ଦେବେ ଗଜାନନ।

ଓଡ଼ିଶା ଓ କୋଲକାତାର କାରିଗରମାନେ ଦୀର୍ଘ ୨୧ଦିନ ଧରି ଗଣେଶଙ୍କ ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି। ଏଥିରେ ରାସାୟନିକ ପଦାର୍ଥ ବ୍ୟବହାର କରାଯିବ ନାହିଁ ବୋଲି ସ୍ଥିର କରାଯାଇଛି। ପୂଜାରେ ଶ୍ରୀଗଣେଶଙ୍କୁ ୫୧ କିଲୋଗ୍ରାମ ଲଡୁ ଭୋଗ ଲାଗିହେବା ସହ ୧୧ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଉଛି। ଆସନ୍ତା ୨୮ ତାରିଖରେ ପୂଜାର ପୂର୍ଣ୍ଣାହୁତି ହେବା ସହ ପ୍ରାୟ





ଖବରଦାତା ସମ୍ମିଳନୀରେ ନୟାପଲ୍ଲୀ ନୂଆସାହିର ଶ୍ରୀ ଶ୍ରୀ ଆଖଣ୍ଡଳମଣି ସେବା ସଂସଦ କର୍ମକର୍ତ୍ତା ଗଣେଶ ପୂଜା ସମ୍ପର୍କରେ ସୂଚନା ଦେଉଛନ୍ତି।

**ନୟାପଲ୍ଲୀ ନୂଆସାହି ଗଣେଶ ପୂଜା**

**ୱାଟର ସ୍ପ୍ରେ ଦ୍ୱାରା ମୂର୍ତ୍ତି ବିସର୍ଜନ**

୧୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ରହିଛି। ୬୫ ଫୁଟ ଲମ୍ବା ଏବଂ ୪୦ଫୁଟ ଚଉଡ଼ା ବିଶିଷ୍ଟ ରାଜପ୍ରାସାଦ ତୋରଣ ଶ୍ରଦ୍ଧାଳୁଙ୍କ ମନମୋହିବ। ନୂଆସାହିର ମୁଖ୍ୟ ରାସ୍ତାରେ ଗୋଟିଏ ସୁଉଚ୍ଚ ଲାଇଟ୍ ଗେଟ୍ ଏବଂ ୨୦ଟି ଛୋଟ ଲାଇଟ୍ ଗେଟ୍ ଆକର୍ଷଣ ସାଜିବ। ଏଥର ପୂଜା ପାଇଁ ୨୨ରୁ ୨୩ଲକ୍ଷ ବଜେଟ୍ ରହିଛି। ପୋଲିସ ପ୍ରଶାସନ, ଟ୍ରାଫିକ ପୋଲିସ, ଅଗ୍ନିଶମ ବିଭାଗ, ମେଡ଼ିକାଲ ବ୍ୟବସ୍ଥା, ସିକ୍ୟୁରିଟି ବ୍ୟବସ୍ଥା, ପିଇବା ପାଣି, ସୂଚନା କେନ୍ଦ୍ର, ୨୦ଟି ସିସି ଟିଭି ଓ ୩୦୦ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

୨୯ତାରିଖ ସନ୍ଧ୍ୟାରେ ମେଲୋଡ଼ି ଓ ପାରମ୍ପରିକ ବାଦ୍ୟ ସହିତ ପୂଜା ମଣ୍ଡପରେ ୱାଟର ସ୍ପ୍ରେ ମାଧ୍ୟମରେ ମୂର୍ତ୍ତି ବିସର୍ଜନ ହେବ ବୋଲି ସୂଚନା ଦିଆଯାଇଛି। ଦେବବ୍ରତ ମହାନ୍ତି ସଂଯୋଜନା ଓ ପୂଜାର ମୁଖ୍ୟ ପ୍ରଶାନ୍ତ କୁମାର ବଡ଼ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଶୁଭେନ୍ଦୁ ନାୟକ, ସାଗର ବଳବନ୍ତରାୟ, ସୁପ୍ରଭାତ ପ୍ରଧାନ, ସୁମନ୍ତ ସାମନ୍ତରାୟ, ସନ୍ଦୀପ ବଳ, ସିଦ୍ଧୁ ବଳବନ୍ତରାୟ, ସନ୍ତୋଷ ସାହୁ ଏବଂ ବିଶ୍ୱଜିତ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଚଳିତବର୍ଷ ଗଣେଶ ପୂଜାକୁ ଅନ୍ୟମାନଙ୍କଠାରୁ ଭିନ୍ନ କରିବାକୁ ଆବଶ୍ୟକ ବ୍ୟବସ୍ଥା ହୋଇଥିବା କହିଥିଲେ।

## ସଂକ୍ଷେପରେ

### ବାଙ୍କୀ ଏନ୍‌ଏସି ଉପାଧ୍ୟକ୍ଷ ହେଲେ କଟକ ଜିଲା ଯୋଜନା କମିଟି ସଦସ୍ୟ



ବାଙ୍କୀ, ୧୩।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍‌ଏସିର ଉପାଧ୍ୟକ୍ଷ ସନ୍ତୋଷ କୁମାର ରଣା କଟକ ଜିଲା ଯୋଜନା କମିଟିର ସଦସ୍ୟ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବାଙ୍କୀ ନଗରପାଳ ମାଣିକ ସାହୁ, କାଉନସିଲର ସନାତନ ବେହେରାଙ୍କ ସମେତ ସମସ୍ତ କାଉନସିଲର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିପାଇଁ ଉପାଧ୍ୟକ୍ଷ ରଣା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପ୍ରାଣୀ ଚିକିତ୍ସକ ପ୍ରଫେସର ଜୀବନାନନ୍ଦ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, ୧୩।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ପଶୁ ଚିକିତ୍ସା ଏବଂ ପଶୁପାଳନ ବିଭାଗର ପୂର୍ବତନ ନିର୍ଦ୍ଦେଶକ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା. ଜୀବନାନନ୍ଦ ମହାନ୍ତିଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୯୪ବର୍ଷ ବୟସ ହୋଇଥିଲା। ପ୍ରଫେସର ମହାନ୍ତି କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ମୁଲୁବସନ୍ତ ଗ୍ରାମର ସର୍ଗତଃ ନେତ୍ରାନନ୍ଦ ମହାନ୍ତି ଓ ହାରାମଣି ମହାନ୍ତିଙ୍କର ଏକମାତ୍ର ପୁତ୍ର ଥିଲେ। ସେ ଚମ୍ପାପୁରର ଗାନ୍ଧୀ ଶିକ୍ଷାଶ୍ରମରୁ ବିଦ୍ୟାଳୟ ଶିକ୍ଷା ପରେ ବିହାର ପାଟଣାସ୍ଥିତ ପ୍ରାଣୀଧନ ମହାବିଦ୍ୟାଳୟରୁ ସ୍ନାତକ ପଢ଼ିଥିଲେ। ଏହାପରେ ସେ ଆମେରିକାର ମିଶୋରୀ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଏବଂ ଡେନ୍‌ମାର୍କର କୋପେନହେଗନରୁ ଫେଲୋ ଅଫ୍ ରୟାଲ ଭେଟେରିନାରି ଉପାଧି ଲାଭ କରିଥିଲେ। ଏ ସମସ୍ତ ଶିକ୍ଷା ପାଇଁ ସେ ରାଜ୍ୟ ସରକାରଙ୍କ ବୃତ୍ତି ମଧ୍ୟ ପାଇଥିଲେ। ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି (ଡକ୍ଟରେଟ) ଉପାଧି ଲାଭ କରିଥିଲେ। ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ, ଆସାମ, କୋଲକାତା, ଆନ୍ଧ୍ର ପ୍ରଦେଶ, ମାନ୍ଦ୍ରାଜ ଆଦି ବିଶ୍ୱବିଦ୍ୟାଳୟର ବିଭିନ୍ନ ସମିତିର ସଭ୍ୟ ଭାବରେ ମଧ୍ୟ ସେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବୈଷୟିକ ସମିତିର ବରିଷ୍ଠ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ।



# କଲେଜ ଅଧ୍ୟକ୍ଷଙ୍କୁ ଦିଗ୍‌ଦର୍ଶନ

■ସମସ୍ତ କଲେଜରେ ରହିବ ରେଡ୍‌କ୍ରସ ଶାଖା

■ଭିତ୍ତିଭୂମି ପାଇଁ ଦିଆଯାଇଥିବା ଅର୍ଥର ଠିକ୍ ବିନିଯୋଗକୁ ଗୁରୁତ୍ୱ

ଭୁବନେଶ୍ୱର, ୧୩।୯ (ଅସମାପିକା ସାହୁ)

କଲେଜ ଅଧ୍ୟକ୍ଷଙ୍କ କର୍ମଶାଳା ତଥା ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ବୁଧବାର ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୩ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ, ଅନୁଦାନପ୍ରାପ୍ତ ଓ ଅଣ-ଅନୁଦାନପ୍ରାପ୍ତ କଲେଜର ୩୭୦ଜଣ ଅଧ୍ୟକ୍ଷ ଯୋଗଦେଇଥିଲେ। ରାଜ୍ୟ ସରକାର ଉଚ୍ଚଶିକ୍ଷାକୁ ଉଚ୍ଚ ସୋପାନକୁ ନେବା ପାଇଁ ବହୁ ଯୋଜନା କରିଛନ୍ତି। ସେହି ଖସଡ଼ାକୁ କିଭଳି କ୍ଷେତ୍ର ସ୍ତରରେ କାର୍ଯ୍ୟକାରୀ ହେଉଛି, ସେ ଦିଗରେ ଆଲୋଚନା ହୋଇଛି। ଭିତ୍ତିଭୂମି ସଜାଡ଼ିବା ପାଇଁ ଦିଆଯାଇଥିବା ଅର୍ଥର ଠିକ ବିନିଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷା ଆଗକୁ କିପରି ଯିବ ସେଥିପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ତେଣୁ ସମସ୍ତ କଲେଜରେ ୱାଇଫାଇ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟକ୍ରମେ ସରକାରୀ ଓ ବେସରକାରୀ କଲେଜଗୁଡ଼ିକୁ ୱାଇଫାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ସବୁ କଲେଜ ରେଡ଼କ୍ରସ ଶାଖା ରହିବ। ସେଥିରେ ଛାତ୍ରୀଛାତ୍ର ସାମିଲ ହେବେ। ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ଯେଉଁ ଖସଡ଼ା ପ୍ରସ୍ତୁତ ହୋଇଛି ତାହାର କାର୍ଯ୍ୟକାରୀ ନେଇ ବି ଆଲୋଚନା ହୋଇଛି। ସବୁ ବିଶ୍ୱବିଦ୍ୟାଳୟରେ ଛାତ୍ରବୃତ୍ତି କିଭଳି ବିନା ସମସ୍ୟାରେ ଠିକ ସମୟରେ ଦିଆଯାଇପାରିବ ତାହାର ଦାୟିତ୍ୱ ଅଧ୍ୟକ୍ଷମାନଙ୍କୁ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଓଡ଼ିଶା ଗଠନ କରିପାରିବା ଓ ଏଥିନିମନ୍ତେ କଲେଜଗୁଡ଼କର ସମସ୍ତ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିବା ଜରୁରୀ ବୋଲି 'ମୋ କଲେଜ' ସଭାପତି ଆକାଶ ଦାସ ନାୟକ କହିଛନ୍ତି। କର୍ମଶାଳାର ବୈଷୟିକ ଅଧିବେଶନରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆଗାମୀ ୫ ବର୍ଷର ରୋଡମ୍ୟାପ୍, କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅଗ୍ରଗତି, ଗବେଷଣା ଓ ଫେଲୋସିପ୍ କାର୍ଯ୍ୟକ୍ରମ ଆଦି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ୫-ଟି ସଚିବ ଭି. କେ. ପାଣ୍ଡିଆନ ଯୋଗଦେଇ ରାଜ୍ୟର କଲେଜଗୁଡ଼ିକର ଭିତ୍ତିଭୂମି ଉନ୍ନୟନ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧,୦୦୦ କୋଟି ଅନୁଦାନ ଦିଆଯାଇଛି ଓ ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ଅନୁଦାନ ଦିଆଯିବ ବୋଲି କହିଥିଲେ। ଏଥିସହ ଉପସ୍ଥିତ ଅଧ୍ୟକ୍ଷାଅଧ୍ୟକ୍ଷଙ୍କ ସହ କଲେଜର ବିଭିନ୍ନ ସମସ୍ୟା ଓ ସେଗୁଡ଼ିକର ସମାଧାନ ସମ୍ବନ୍ଧରେ ପାଣ୍ଡିଆନ ଆଲୋଚନା କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ବିଭାଗୀୟ ନିର୍ଦ୍ଦେଶକ ନରହରି ସେଠୀ, ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଅଶୋକ ଦାଶଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉଦ୍‌ବୋଧନ ଦେଇଥିଲେ। ବିଭାଗୀୟ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ରମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର




ଶିବିରରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ତିଗିରିଆ, ୧୩।୯ (ଜାଫର ଖାଁ)

ତିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଏମ୍‌ଜିଏନ୍‌ଆରଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଏଥିରେ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ବିଡିଓ ପ୍ରଣବ କୁମାର ବେହେରା, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦ, ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ, ଏପିଓ ଲିପ୍ସାରାଣୀ ନନ୍ଦ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆସିଷ୍ଟାଣ୍ଟ ଟୁନା ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, କନିଷ୍ଠ ଯନ୍ତ୍ରୀ, ଜିଆରଏସ,ପିଇଓ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଶିବିରରେ ତିଗିରିଆ ବ୍ଲକରେ ଏହି ଯୋଜନାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଓ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଏହି ଯୋଜନା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇ ଏହାର ସମାଧାନ ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ବ୍ଲକସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଆଠଗଡ଼, ୧୩।୯ (ସତ୍ୟପ୍ରସାଦ ରଥ)

ଆଠଗଡ଼ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମ ପଡ଼ିଆରେ ବୁଧବାର ବ୍ଲକ ଅଧୀନ ୩୪ଟି ପଞ୍ଚାୟତର ସଙ୍କୀର୍ତ୍ତନ, ପାଲା, ଭାଗବତ, ଦାସକାଠିଆ, ଲଉଡି, ଘୁଡୁକି, ଘୋଡ଼ା ନାଚ, ଖଞ୍ଜଣି କଳାକାରମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସମନ୍ୱିତ ଶିଶୁ ବିକାଶ ବିଭାଗର ସମସ୍ତ ଅଧିକାରୀ ପ୍ରଶିକ୍ଷକ ଭାବେ ଉପସ୍ଥିତ ହୋଇ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ମଧୁବାବୁ ପେନସନ, ମମତା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, ଆମ ହସ୍ପିଟାଲ, କ୍ରୀଡା, ଆମ ଓଡ଼ିଶା ନବୀନ ଓଡ଼ିଶା, ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତକରଣ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ତାଲିମପ୍ରାପ୍ତ ସମସ୍ତ ବର୍ଗର କଳାକାର ସେହି ଯୋଜନାଗୁଡ଼ିକର ଆଭିମୁଖ୍ୟ ସଂକ୍ରାନ୍ତରେ ପଞ୍ଚାୟତର ଜନ ସାଧାରଣମାନଙ୍କୁ ଅବଗତ କରାଇବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨ ଦିନ ବ୍ୟାପୀ ଅର୍ଥାତ୍ ୧୩ ଓ ୧୪ ସେପ୍ଟେମ୍ବର ପର୍ଯ୍ୟନ୍ତ ହେବ। ଏହି ପ୍ରଶିକ୍ଷଣ ଶିବିରକୁ ଆଠଗଡ଼ର ସନ୍ଥ ସଦାନନ୍ଦ ଦାସମହାରାଜ, ଆଠଗଡ଼ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଓ ମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟ, ବ୍ଲକ କୃଷି ବିଭାଗ ଆତ୍ମାର ସଭାପତି ରବୀନ୍ଦ୍ର କୁମାର ରାଉତ, ବ୍ଲକ କଳା ସଂସ୍କୃତି ସଂଘର ସଭାପତି ତଥା ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସସ୍ମିତା ରାଉତ, ବ୍ଲକ କଳା ସଂସ୍କୃତି ସଂଘର ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଗଣ୍ଡିଆଙ୍କ ସମେତ କଳାକାରବର୍ଗ ଉପସ୍ଥିତ ଥିଲେ। ଶିବିରକୁ ପାଲା ଗାୟକ ସନ୍ତୋଷ କୁମାର ପଟ୍ଟନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚପଳା ସାହୁ, ଜୁନିୟର ଆସିଷ୍ଟାଣ୍ଟ ମୁକେଶ କୁମାର ସାହୁ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଦେବୀ ପ୍ରସାଦ ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍‌ଏଚ୍-୫୫ ପାର୍ଶ୍ୱ ଉଚ୍ଛେଦ ପ୍ରସଙ୍ଗ
## ବିସ୍ଥାପିତଙ୍କୁ ମିଳିବନି ସରକାରୀ ଜାଗା

କଟକ ସଦର, ୧୩।୯ (ସୁଶାନ୍ତ କୁମାର ଜେନା)

କଟକ-ନୂଆଗାଁ ଜାତୀୟ ରାଜପଥ ନଂ.୫୫ ପାର୍ଶ୍ୱରୁ ଜବର ଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। କଟକ ସଦର ତହସିଲ ଅନ୍ତର୍ଗତ ସିଦ୍ଧେଶ୍ୱରପୁର, ଅଥଗାଁ, କେଶପୁର ଓ କନ୍ଦରପୁର ମୌଜାର ରାସ୍ତା ପାର୍ଶ୍ୱରେ ବାସ କରୁଥିବା ୮୦ରୁ ଊର୍ଦ୍ଧ୍ୱ ପରିବାର ବାସପୋଯୋଗୀ ସରକାରୀ ଜମି ପାଇଁ ଆବେଦନ କରିଥିଲେ। ମାତ୍ର ରାଜସ୍ୱ ବିଭାଗ ଏହି ଆବେଦନକୁ ଅଗ୍ରାହ୍ୟ କରିଦେଇଥିବା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ବହୁ ବର୍ଷ ଧରି ରେଲୱେ ଓ ରାଜସ୍ୱ ବିଭାଗ ଜମିରେ ଚାଳଘର କରି ରହିଥିଲେ ସୁଦ୍ଧା ଏମାନଙ୍କର ଅନ୍ୟ ଜିଲାରେ ଘରବାଡ଼ି ଜମି ରହିଛି। ତେଣୁ ଆଉ ବସୁନ୍ଧରା ଯୋଜନାରେ ଘର ପାଇଁ ଜାଗା ଦିଆଯିବା ସମ୍ଭବ ନୁହେଁ ବୋଲି କଟକ ତହସିଲଦାରଙ୍କ ମାଧ୍ୟମରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଇଛି। ଗତ ଅଗଷ୍ଟ ୧୯ରେ ରେଲୱେ କର୍ତ୍ତୃପକ୍ଷ ଜବରଦଖଲ ଉଚ୍ଛେଦ ପାଇଁ କନ୍ଦରପୁର ଆସିଥିଲେ। ଘର ପାଇଁ ଜାଗା ଯୋଗାଇବା ପରେ ଉଚ୍ଛେଦ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଥିଲେ। ଫଳରେ ରାଜସ୍ୱ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

## ଚିକିତ୍ସାଧୀନ ଅବସ୍ଥାରେ ଯୁବକ ମୃତ

**ବଚସାରୁ କୋଦାଳ ବେଣ୍ଟରେ ଆକ୍ରମଣ:**

ବାଙ୍କୀ, ୧୩।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା ଡମପଡ଼ା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣିଆ ଗ୍ରାମର ୨ ଜଣ ବ୍ୟକ୍ତିଙ୍କ ମଧ୍ୟରେ ବଚସା ଉଗ୍ରରୂପ ଧାରଣ କରିଛି। ଗ୍ରାମର ଅଶୋକ ନାୟକ ଏନେଇ କୋଦାଳ ବେଣ୍ଟରେ ଆକ୍ରମଣ କରିବାରୁ କାବୁ ଭୋଇ(୪୦) ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କାବୁଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଗତ ୧୧ତାରିଖ ରାତିରେ ଘରୋଇ ବିବାଦକୁ ନେଇ କାବୁଙ୍କ ସହ ଅଶୋକଙ୍କ ଝଗଡ଼ା ହୋଇଥିଲା। ଦୁହିଁଙ୍କ ମଧ୍ୟରେ ବଚସା ମଧ୍ୟ ହୋଇଥିଲା। ଏଥିରେ ଅଶୋକ ଉତ୍ତ୍ୟକ୍ତ ହୋଇ ଏକ କୋଦାଳ ବେଣ୍ଟରେ କାବୁଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଶୋକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାଙ୍କୀ ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଛି।

## ଦିଅର ଟେଣ୍ଟାମାଡ଼ରେ ଭାଉଜ ଗୁରୁତର

**ପାରିବାରିକ କଳହର କରୁଣ ପରିଣତି**

ନରସିଂହପୁର, ୧୩।୯ (ନିରଞ୍ଜନ ଦେବକୁମାର):

କଟକ ଜିଲା କାନପୁର ଥାନା ଅଧୀନ ପାଇକବାରବାଟି ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ଦିଅର ତାଙ୍କ ବଡ଼ ଭାଉଜକୁ ଟେଣ୍ଟାରେ ଆକ୍ରମଣ କରିଛନ୍ତି। ଫଳରେ ସମ୍ପୃକ୍ତ ମହିଳା ଗୁରୁତର ହୋଇଛନ୍ତି। ଜମିବାଡ଼ି ବିବାଦକୁ ନେଇ ଏହି ଘଟଣା ଘଟିଥିବା କୁହାଯାଇଛି। ଅଭିଯୁକ୍ତ ଦିଅରଙ୍କ ଆକ୍ରମଣରେ ମହିଳାଙ୍କ ଅଣ୍ଟାରେ ଟେଣ୍ଟା ପଶିଯାଇଥିଲା। ଗୁରୁତର ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା କରାଯାଇ ଟେଣ୍ଟା ବାହାର କରାଯାଇଥିବା ସୂଚନା ମିଳିଛି। ଖବରପାଇ ପୋଲିସ ଅଭିଯୁକ୍ତ ଦିଅରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକ କହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

## ନିଶ୍ଚିନ୍ତକୋଇଲି ପଞ୍ଚାୟତ କାର୍ଯ୍ୟାଳୟରେ ପୁଣି ଭିଜିଲାନ୍ସ ତଦନ୍ତ

ନିଶ୍ଚିନ୍ତକୋଇଲି, ୧୩।୯ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଗ୍ରାମପଞ୍ଚାୟତରେବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗର ତଦନ୍ତ ଜାରି ରହିଛି। ଗତ ଅଗଷ୍ଟ ୩ ଓ ୪ରେ ଭିଜିଲାନ୍ସ ଟିମ୍ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିବାବେଳେ ବୁଧବାର ପୁଣିଥରେ ତଦନ୍ତ କରିଛି। ଭିଜିଲାନ୍ସ ଟିମ୍ ଖୋଲତାଡ଼ ଯୋଗୁ ନିର୍ବାଚିତ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଭୟଭୀତ ହୋଇପଡିଛନ୍ତି। ଏହି ପଞ୍ଚାୟତରେ ୨୦୧୭ରୁ ୨୦୨୨ ମଧ୍ୟରେ ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ନିର୍ବାଚିତ ଲୋକ ପ୍ରତିନିଧି ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ପୁନର୍ବାର ବୁଧବାର କଟକ ଭିଜିଲାନ୍ସ ଇନ୍ସପେକ୍ଟର ହିରଣ୍ୟମୟୀ ସାମଲଙ୍କ ନେତୃତ୍ୱରେ ଏକ ୩ ଜଣିଆ ପ୍ରତିନିଧି ଦଳ ଅଚାନକ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ସରକାରୀ ଦସ୍ତାବିଜ ଯାଞ୍ଚ କରିଛି। ଏହି ସମୟରେ ବ୍ଲକର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦୋଳଗୋବିନ୍ଦ ରଥ ପାଇବେ 'ବର୍ଣ୍ଣାଳୀ ସମ୍ମାନ'

ଭୁବନେଶ୍ୱର, ୧୩।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ମନୋମାନିନୀ ପକ୍ଷରୁ ଆସନ୍ତା ୧୬ତାରିଖ ସୂଚନା ଭବନଠାରେ ୩୨ତମ ବାର୍ଷିକ ବର୍ଣ୍ଣାଳୀ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ନାଟ୍ୟକାର ବିଭୂତି ଭୂଷଣ ମହାନ୍ତିଙ୍କୁ 'ନାଟ୍ୟ ସମ୍ମାନ' ଓ ନାଟ୍ୟକାରା ଦୋଳଗୋବିନ୍ଦ ରଥଙ୍କୁ 'ବର୍ଣ୍ଣାଳି ସମ୍ମାନ' ଦିଆଯିବ। ସେହିପରି ଗଳ୍ପରେ ଭୀମ ପୃଷ୍ଟି, ଲେଖକ ଡ. ନୃସିଂହ ଷଡ଼ଙ୍ଗୀ, ନାଟ୍ୟ ରଚନାରେ ଶଙ୍କର ତ୍ରିପାଠୀ, ଗୀତ ରଚନା ବିଜୟ ମଲ୍ଲ, ଓଡ଼ିଶୀରେ ମୀରା ଦାସ, ସମାଜସେବାରେ ବାସନ୍ତୀ ମଣି ସିଂ,ଙ୍କୁ ସମ୍ବର୍ଦ୍ଧିତ କରାଯିବ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୧୩।୯ (ସୂର୍ଯ୍ୟକାନ୍ତ ବେହେରା):

ନୟାପଲ୍ଲୀ ଥାନା ଗଣପତିନଗର ବସ୍ତିରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଦିଗପହଣ୍ଡି ଅଞ୍ଚଳର କେ.ଆଦି ରେଡ୍ଡୀ (୪୧) । ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ ଜଣାପଡିବ ବୋଲି ନୟାପଲ୍ଲୀ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି । ସୂଚନାନୁସାରେ ମୃତ ବ୍ୟକ୍ତି ଓ ସଦାନନ୍ଦ ଗୋଟିଏ ଅଞ୍ଚଳର । ସଦାନନ୍ଦ ଗଣପତି ନଗରରେ ରହୁଥିବାରୁ କେ.ରେଡ୍ଡୀ ତାଙ୍କ ପାଖ ୬ ଦିନ ତଳେ ଆସିଥିଲେ । ମଙ୍ଗଳବାର ସଦାନନ୍ଦ କାମରୁ ଆସିଲା ପରେ ରେଡ୍ଡୀଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଦେଖି ପଡୋଶୀ ଓ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ପୋଲିସ ମୃତଦେହ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ଗରିବଙ୍କ ପାଇଁ ସ୍ୱର ଉତ୍ତୋଳନ କରିଥିଲେ ପୀରପ୍ରସାଦ

ବାଙ୍କୀ, ୧୩।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ବରପୁତ୍ର ସାମ୍ୟବାଦୀ ନେତା ତଥା ଗୋଆ ମୁକ୍ତି ଆନ୍ଦୋଳନର ଯୋଦ୍ଧା ସ୍ୱର୍ଗତ ପୀରପ୍ରସାଦ ପଟ୍ଟନାୟକଙ୍କ ୧୨ତମ ଶ୍ରାଦ୍ଧ ବାର୍ଷିକ ବ୍ଲକର ପଥୁରୀପଡାସ୍ଥ ମହାବେରେଣା ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସୁନୀଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ପୀରପ୍ରସାଦଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ପୀରପ୍ରସାଦ ଗୋଆ ମୁକ୍ତି ସଂଗ୍ରାମରେ ୧୮ବର୍ଷ ବୟସରେ ଯୋଗ ଦେଇଥିଲେ। ସେ ପରବର୍ତ୍ତୀ ସମୟରେ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇ ବହୁ ଆନ୍ଦୋଳନ, ଧାରଣାରେ ସାମିଲ ଦେଇଥିଲେ। ବିଶେଷକରି ବର୍ତ୍ତମାନ ସମାଚାର, ପରିକ୍ରମା ଓ ଜନଭାଷା ଆଦି ପତ୍ରିକାର ସମ୍ପାଦନା କରି ଗରିବ ଜନସାଧାରଣଙ୍କ ପାଇଁ ସ୍ୱର ଉତ୍ତୋଳନ କରିଥିଲେ ବୋଲି ସଭାପତି ମିଶ୍ର କହିଥିଲେ। ଏଥିରେ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ, କବି ସୁରେଶ୍ୱର ବେହେରା, ଶିକ୍ଷକ ବୁଦ୍ଧେଶ୍ୱର ସ୍ୱାଇଁ, ସୁଚିତ୍ରା ମନ୍ତ୍ରୀ, ଲିପ୍ସା ପାଣିଗ୍ରାହୀ, ପ୍ରଣିତା ପଟ୍ଟନାୟକ, ଦିଲୀପ କୁମାର ବେହେରା, ବିଜୟ କୁମାର ମହାନ୍ତି, ସଦାଶିବ ଦାଶ, ଅନୁରାଧା ସାମନ୍ତରାୟ, ସୁବାସିନୀ ଦେବୀ ପ୍ରମୁଖ ଯୋଗଦେଇ ପୀରପ୍ରସାଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଗୁଣଗାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସ୍ୱର୍ଗତ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ଶିକ୍ଷକ କୃପାସିନ୍ଧୁ ଦାସ ଧନ୍ୟବାଦ ଦେଇଥିଲେ।



ପୀରପ୍ରସାଦ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥି ଓ ଛାତ୍ରୀଛାତ୍ରମାନେ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଶିକ୍ଷକ

ବାରଙ୍ଗ, ୧୩।୯ (ଲିଙ୍ଗରାଜ ରାଉତ)




ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର ବ୍ଲକର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଦାବି ନେଇ ବୁଧବାର ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆନୁକୂଲ୍ୟରେ ଭୁବନେଶ୍ୱର ବ୍ଲକ ପକ୍ଷରୁ ପାଖାପାଖି ୧୨୦୦ ଶିକ୍ଷୟିତ୍ରୀ ଶିକ୍ଷକ ଏକ ବିରାଟ ଶୋଭାଯାତ୍ରାରେ ଯାଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ରାଜ୍ୟରେ ଠିକା ନିଯୁକ୍ତି ଉଚ୍ଛେଦ ହୋଇଥିବାରୁ ବିଦ୍ୟାଳୟ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ କରିବା ସହ ଶିକ୍ଷାକର୍ମୀ, ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ମିଶାଇ ଇନ୍‌କ୍ରିମେଣ୍ଟ ପ୍ରଦାନ, ଠିକା ଅବଧିକୁ ମୂଳ ଚାକିରିରେ ମିଶାଇ ଗଣନା, ସମସ୍ତ ବର୍ଗର ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଗ୍ରେଡ୍ ପେ' ୪୨୦୦ ଅନୁଯାୟୀ ପ୍ରଦାନ ଓ ନୂତନ ପେନ୍‌ସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ ପ୍ରଦାନ କରିବା ଆଦି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଗତ କିଛି ମାସ ହେବ ଶିକ୍ଷକ ସଂଘ ବିଭିନ୍ନ ଦାବିନେଇ ଆନ୍ଦୋଳନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏହି ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ନେତା ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନ ଫଳରେ ଭୁବନେଶ୍ୱର ବ୍ଲକର ଦାଡା, ରଘୁନାଥପୁର, କଲ୍ୟାଣପୁର, ବରିମୁଣ୍ଡ, ଇଞ୍ଚଣା ଆଦି ୫ ପଞ୍ଚାୟତରେ ଶିକ୍ଷାଦାନ ସହ ମଧ୍ୟାହ୍ନ ଭୋଜନ ବାଧାପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ଦାଡା ପଞ୍ଚାୟତର ଉତ୍କଳମଣି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନରେ ସହଯୋଗ କରୁଥିବା ଦେଖିବାକୁ ମିଳିଛି।

**ଆକ୍ରମଣ ଘଟଣାରେ ୩ ଗିରଫ**

ପୁରୀ,୧୩।୯(ଅଜିତ ମହାନ୍ତି):ମେରାଇନ୍ ଥାନା ଅନ୍ତର୍ଗତ ତୋଷାଳି ସ୍ୟାଣ୍ଡଠାରେ ଦୋକାନୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ହୋଇଥିବା ଆକ୍ରମଣ ଘଟଣାରେ ପୋଲିସ ଉଭୟ ପକ୍ଷରୁ ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲାର ବିଶାଳ ରାଉତ, ଢେଙ୍କାନାଳ ଜିଲାର ରାଜେନ୍ଦ୍ର ମହାନ୍ତି ଏବଂ ପୁରୀ ମେରାଇନ ଥାନା ଅନ୍ତର୍ଗତ ମୋହିନପୁରର ଦୋକାନୀ ବିପିନ ନାୟକ। ପୋଲିସ ଅଭିଯୁକ୍ତମାନଙ୍କଠାରୁ ଲାଠି, ଲୁହାରଡ଼, ଭଙ୍ଗା ବୋତଲ ଓ ଗୋଟିଏ ଚାରିଚକିଆ ଗାଡ଼ି ଜବତ କରିଛି। ଏ ନେଇ ଦୁଇଟି ମାମଲା (ନଂ. ୭୫/୨୩ ଓ ୭୬/୨୩) ରୁଜୁ ହୋଇଛି।

**ସଂକ୍ଷେପରେ**

## ବେଆଇନ ବାଲି ବୋଝେଇ ଗାଡ଼ି ଜବତ, ଚୋରିବେଳେ ୩ ଗିରଫ

**କାକଟପୁର,୧୩।୯(ଶୁଭଦର୍ଶନ ମିଶ୍ର):** ବେଆଇନ ଲଘୁଖଣିଜ ସମ୍ପଦ ଚୋରା ଚାଲାଣବେଳେ କାକଟପୁର ପୋଲିସ ସାପ୍ତାହିକ ସ୍ପେଶାଲ ଡ୍ରାଇଭ କରି ବାଲି ବୋଝେଇ ୨ ହାଇୱାକୁ ଓଥକା ରାସ୍ତାରୁ ଜବତ କରିଛି। ଉକ୍ତ ୨ ହାଇୱା (ଓଡ଼ିଓ ୨ ବିକେ ୫୪୭୫, ଓଡିଓ ୨ ବିଡବ୍ଲ୍ୟୁ ୫୪୭୫)କୁ ଜବତ କରି ୧୮୩ /୨୩, ୧୮୪/୨୩ରେ ୨ଟି ପୃଥକ ପୃଥକ ମାମଲା ରୁଜୁ କରିଛି। ସେହିପରି କାକଟପୁର ଥାନା ଅଧିକାରୀ ଉମେଶ ସାହୁ ସ୍ୱତନ୍ତ୍ର ଟିମ୍‌ର ରାତ୍ରି ପାଟ୍ରୋଲିଂ ସମୟରେ ସାରଙ୍ଗଧରପୁର ନିକଟରେ ୩ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟ ପାଇପକୁ କାଟୁଥିବା ସମୟରେ ଘଟଣାସ୍ଥଳରୁ କାବୁ କରିଛି। ପୋଲିସ ୧୮୨/୨୩ରେ ଏକ ମାମଲା ରୁଜୁ କରି ସେମାନଙ୍କୁ ୩୭୯,୩୪ ଆଇପିସି, ୩ ପିଡିପିପି ଧାରାରେ କୋର୍ଟ ଚାଲାଣ କରିଛି।

## ଆଜି ଶ୍ରୀମନ୍ଦିରକୁ ଆସିବ ସାତପୁରୀ ତାଡ଼

ପୁରୀ,୧୩।୯(ଅଜିତ୍ ମହାନ୍ତି)

ଭାଦ୍ରବ ମାସ ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ଭାବେ ବିବେଚନା କରାଯାଏ। ଏହି ସପ୍ତପୁରୀ ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ତାଡ଼ରେ ସାତପୁରଦିଆ ପିଠା ଭୋଗ କରାଯାଇଥାଏ। ତେଣୁ ତାଡ଼ଗୁଡ଼ିକୁ ସାତପୁରୀ ତାଡ଼ ବୋଲି କୁହାଯାଏ। ଶୁକ୍ରବାର ସପ୍ତପୁରୀ ଅମାବାସ୍ୟା (ମଳ) ପଡୁଥିବାରୁ ପରମ୍ପରା ଅନୁଯାୟୀ, ପୂର୍ବଦିନ ଅର୍ଥାତ ଗୁରୁବାର ଅଠରନଳାର ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ ହେବ।

ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିପ୍ରହର ଧୂପ ପରେ ଘଣ୍ଟ, ଛତା, କାହାଳୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ଯିବ। ସେଠାରେ ବିଶେଷ ନୀତି ସମ୍ପନ୍ନ ହେବା ପରେ କୁମ୍ଭାର ବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ବିଜେ କରିବେ। ତାଡ଼ ଶ୍ରୀମନ୍ଦିରରେ ପହଞ୍ଚିବା ପରେ ଭିତରବେଢ଼ାରେ ଗୋଟିଏ ଥର ବୁଲାଇ ଏହାକୁ ରୋଷ ବେହେରଣଠାରେ ରଖାଯିବ। ସନ୍ଧ୍ୟାଧୂପ ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଠାକୁରାଣୀଙ୍କୁ ଅର୍ପଣ କରିବେ।

## ଶିକ୍ଷକଙ୍କୁ ସମର୍ଥନ କରି ଆନ୍ଦୋଳନରେ ସାମିଲ ହେଲେ ଭାଜପା ନେତ୍ରୀ

**ନିମାପଡ଼ା,୧୩।୯(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ନିଖିଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଚାଲିଥିବା ଆନ୍ଦୋଳନ ବୁଧବାର ୬ଷ୍ଠ ଦିନରେ ପହଞ୍ଚିଛି। ନିମାପଡ଼ା ଭାଜପାର ଏକ ସ୍ୱତନ୍ତ୍ର ଟିମ୍ ବରିଷ୍ଠ ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ବୁଧବାର ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳକାରୀଙ୍କୁ ଭେଟିବା ସହିତ ସେଥିରେ ସାମିଲ ହୋଇ ଗଣଧାରଣାରେ ବସିଥିଲେ। ଏଥିସହ ଦାବି ସମ୍ପର୍କରେ ସେମନଙ୍କ ସହ ଆଲୋଚନା କରିଥିଲେ। ସମାଜକୁ ଯିଏ ଆଗକୁ ନେବ, ତା' କଥା ସରକାର ପୂରମ ନ କରିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ପରିଡ଼ା କହିଥିଲେ।

# ଡକାୟତି ଯୋଜନା ପଣ୍ଡ: ୬ ଗିରଫ

ପୁରୀ,୧୩।୯(ଅଜିତ ମହାନ୍ତି)



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

- ମାରଣାସ୍ତ୍ର, ଲଙ୍କାଗୁଣ୍ଡ ଜବତ
- ନବୀନାଙ୍କ ନାମରେ ପୂର୍ବରୁ ରହିଛି ୮ ମାମଲା
- ୧ ମାସ ମଧ୍ୟରେ ଗିରଫ ହେଲେଣି ୭୭ ଅଭିଯୁକ୍ତ
- ୩୧ ଜଣଙ୍କ ଉପରେ ପୋଲିସ ରଖିଛି କଡ଼ା ନଜର

ଡକାୟତି ପାଇଁ ଯୋଜନା କରିବାବେଳେ ପୁରୀ ସମୁଦ୍ରକୂଳ ଥାନା ପୋଲିସ ୬ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଲିନୋଳିଆ ସାହିର ମାନସ ବେହେରା ଓରଫ ଗୁଲୁ, ଧୋବାଖାଲ ତାରିଣୀବସ୍ତିର ପି.ସୁରେଶ, ପି.ଶ୍ରୀନୁ, ନବୀନା ସାହୁ, ସିଟି ରୋଡ୍ ଶାନ୍ତିକୁଞ୍ଜ ଲେନ୍‌ର କାହ୍ନୁ ଚରଣ ନାୟକ ଏବଂ ଡେଲାଙ୍ଗ ଥାନା ଅନ୍ତର୍ଗତ ଗଡ଼କାଲୁପଡ଼ା ଅଞ୍ଚଳର ଆଶୀର୍ବାଦ ଚମ୍ପତିରାୟ। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଛୁରି, ଗୋଟିଏ ହାତୁଡ଼ି, ପେଚ୍‌କସ୍ ଏବଂ ଲଙ୍କାଗୁଣ୍ଡ ଆଦି ଜବତ ହୋଇଛି। ଏନେଇ ଏକ କେସ୍ (ନଂ. ୨୩୪/୨୩) ରୁଜୁ କରାଯାଇଛି। ସମୁଦ୍ରକୂଳ ଥାନା ପରିସରରେ ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଏହି ସୂଚନା ଦେଇଛନ୍ତି।

ଡିଏସ୍‌ପି ସାହୁ କହିଛନ୍ତି, କେତେଜଣ ଅସାମାଜିକ ବ୍ୟକ୍ତି ପେଣ୍ଟକଟାସ୍ଥିତ ବୋଟ୍ ଫ୍ୟାକ୍ଟ୍ରି ପଛପଟେ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି ଯୋଜନା କରୁଥିବା ନେଇ ସମୁଦ୍ରକୂଳ ଥାନା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ପୋଲିସର ଏକ ଟିମ୍ ସେଠାରେ ଚଢାଉ କରି ୬ଜଣଙ୍କୁ ଗିରଫ କରିବା ସହ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା। ସେମାନେ ସ୍ଥାନୀୟ ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ୫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। ନବୀନାଙ୍କ ନାମରେ ସର୍ବାଧିକ ୮ଟି ମାମଲା ରହିଛି। ପୁରୀ ସହରରେ ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଗତ ୧ ମାସ ଧରି ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଏବେ ସୁଦ୍ଧା ୭୭ ଜଣଙ୍କୁ ବିଭିନ୍ନ ଅପରାଧରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କରାଯାଇଛି। ସେହିପରି ୩୧ ଅଭିଯୁକ୍ତଙ୍କ ଗତିବିଧି ଉପରେ ପୋଲିସ କଡ଼ା ନଜର ରଖିଛି। ୨୨ ଜଣଙ୍କୁ ୧୧୦ ସିଆର୍‌ପିସିରେ ବୁକ୍ କରାଯାଇଛି। ସେମାନେ ବଣ୍ଡ୍ ସାଇନ କରି ରହିବେ। ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ ବିରୋଧରେ ଏନଏସ୍‌ଏ ଲାଗୁ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସିଟି ଡିଏସ୍‌ପି ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ସମୁଦ୍ରକୂଳ ଥାନା ଅଧିକାରୀ ମାନସ କୁମାର ଚକ୍ର ଓ ଟାଉନ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ଯୌତୁକ ଦାବିରେ ମହିଳାଙ୍କୁ ନିର୍ଯାତନା, ହତ୍ୟା ଉଦ୍ୟମ

ବଲଙ୍ଗା,୧୩।୯(କେଦାରେଶ୍ୱର ନନ୍ଦ)

ଅଧିକ ୧ ଲକ୍ଷ ଟଙ୍କା ଯୌତୁକ ଦାବିରେ ବଲଙ୍ଗା ଥାନା ଅନ୍ତର୍ଗତ ବାଲିଗାଁ ଗ୍ରାମର ଜଣେ ମହିଳାଙ୍କୁ ନିର୍ଯାତନା ସହ ଜୀବନରୁ ମାରି ଦେବାକୁ ଉଦ୍ୟମ କରାଯାଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୭୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗ୍ରାମର କାହ୍ନୁଚରଣ ବାରିକଙ୍କ ସ୍ତ୍ରୀ ଲିଲିବାଳା ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୦୧୦ରେ ଦୁହିଁଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ଶ୍ୱଶୁର ଘର ଦାବି ମୁତାବକ ବରକୁ ୧ ଲକ୍ଷ ଟଙ୍କା, ସ୍ୱାଇଁଙ୍କୁ ସୁନାଚେନ ସହ ଝିଅକୁ ସମସ୍ତ ଅଳଙ୍କାର ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ପରେ ସେମାନଙ୍କ ଏକ କନ୍ୟା ସନ୍ତାନ ହେଲା। ଯାହାକୁ ନେଇ ପରିବାରରେ ଅଶାନ୍ତି ଦେଖାଦେବା ସହ ସ୍ୱାମୀ, ଶାଶୁ ଶ୍ରୀମତୀ ବାରିକ ଓ ନଣନ୍ଦେଇ ପୂର୍ଣ୍ଣଚନ୍ଦ୍ର ବାରିକ ଲିଲିକୁ ଅଧିକ ୧ ଲକ୍ଷ ଟଙ୍କା ଆଣିବାକୁ ଚାପ ପକାଇଲେ। ସେ ଏଥିରେ ମନା କରିବାରୁ ସ୍ୱାମୀ, ଶାଶୁ ଓ ନଣନ୍ଦେଇ ମିଶି ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗତ କିଛି ଦିନ ତଳେ ସ୍ୱାମୀ, ଶାଶୁ ଓ ନଣନ୍ଦେଇ ମିଶି ଘରେ ଲିଲି ଓ ତାଙ୍କ ଝିଅ ଶୋଇଥିବା ସମୟରେ ମା' ଓ ଝିଅଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଏଥିରେ ଲିଲି ପାଟି କରିବାରୁ ପଡ଼ିଶା ଘର ଲୋକେ ଆସିବାରୁ ସେମାନେ ସେଠାରୁ ପଳାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ଆୟୁଷ୍ମାନ ଭବଃ ଯୋଜନାର ଶୁଭାରମ୍ଭ

ପୁରୀ, ୧୩।୯(ଅଜିତ ମହାନ୍ତି)



କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକର ମିଶନ ମୋଡ୍‌ରେ ସାଚୁରେଶନ କଭରେଜ 'ଆୟୁଷ୍ମାନ ଭବଃ ଯୋଜନା' କାର୍ଯ୍ୟକ୍ରମକୁ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭର୍ଚୁଆଲ ମୋଡ୍‌ରେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ ଏବଂ ଜିଲା ଚିକିତ୍ସା ଅଧିକାରୀ ଡା. ସୁଜାତା ମିଶ୍ର ଉପସ୍ଥିତ ଥିଲେ। ବିଭିନ୍ନ ସ୍ୱାସ୍ଥ୍ୟ ବ୍ୟବସ୍ଥା କିପରି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁଠୁ ସହର ସମସ୍ତ ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟମେଳା ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ରୋଗ ସମ୍ପର୍କରେ ଜଣାଇବା, ମାଗଣା ଡାକ୍ତରୀ ପରାମର୍ଶ ଦେବା, ରକ୍ତଦାନ ଶିବିର ଏବଂ ଅଙ୍ଗଦାନ ଆଦି ଦିଗରେ ଲୋକଙ୍କୁ ସଚେତନ କରାଯିବ ବୋଲି ସୂଚନା ଦିଆଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର କହିଛନ୍ତି, ତୃଣମୂଳ ସ୍ତରରେ ଲୋକେ କିପରି ସ୍ୱାସ୍ଥ୍ୟସେବା ପାଇପାରିପାରିବେ ତାହା ହିଁ ଆୟୁଷ୍ମାନ ଭବଃ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଅଙ୍ଗଦାନ ଓ ରକ୍ତଦାନ ଶିବିର ଆୟୋଜନ ଓ ସଚେତନତା ସୃଷ୍ଟି କରାଯିବ। ବୁଧବାରଠାରୁ ସ୍ୱଚ୍ଛତା ପକ୍ଷ କରାଯିବ, ଯାହା ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ସେହିପରି ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଥିଲେ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୁଷ୍ମାନ ଭବଃ ଯୋଜନାକୁ ରାଷ୍ଟ୍ରପତି ଭର୍ଚୁଆଲ ମୋଡରେ ଉଦ୍‌ଘାଟନ କରିଛନ୍ତି। ସମାଜର ସବାତଳେ ଥିବା ଲୋକ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ। ଟିବି ମୁକ୍ତି ଭାରତ କିପରି ହେବ ସମେତ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଗଲା। ମର୍ଦ୍ଦରାଜ ସୂଚନା ଦେଇ କହିଥିଲେ କି- ଓଡ଼ିଶାରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଲାଗୁ ହୋଇ ନ ଥିବା ବେଳେ ରାଜ୍ୟରେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଛି। ଯୋଜନାରେ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ଲୋକଙ୍କୁ ମିଳୁଛି। ଓଡ଼ିଶାରେ ୬୫୦ଟି ମେଡିକାଲ ସହ ଦେଶର ବିଭିନ୍ନ ରାଜ୍ୟରେ ୧୬୬ ମେଡିକାଲରେ ଏହି ଯୋଜନା ଅନ୍ତର୍ଭୁକ୍ତ କରାଯାଇଛି। ତେବେ ତାଲିକାଭୁକ୍ତ ମେଡିକାଲଗୁଡ଼ିକର ନାମ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଚାର ଓ ପ୍ରସାର କରାଯାଉ। କାଜୁଆଲ୍‌ଟିରେ ପ୍ରଚାରପତ୍ର ବଣ୍ଟନ କରାଯାଉ, ଯାହାଦ୍ୱାରା ହିତାଧିକାରୀମାନେ ଉପକୃତ ହେବେ ବୋଲି ମର୍ଦ୍ଦରାଜ କହିଛନ୍ତି। ବୈଠକରେ ଜିଲାର ବରିଷ୍ଠ ଡାକ୍ତର ଓ ସ୍ୱାସ୍ଥ୍ୟ ଅଧିକାରୀ ଯୋଗ ଦେଇଥିଲେ ।

## ମାଙ୍କଡ଼ା ପଥର, ଚିପ୍ସ, ମୋରମ ଚୋରା ଚାଲାଣବେଳେ ୫ ଟ୍ରକ ଜବତ

**ଡେଲାଙ୍ଗ,୧୩।୯(ରଶ୍ମିରଞ୍ଜନ ପ୍ରଧାନ):** ମାଙ୍କଡ଼ା ପଥର, ଚିପ୍ସ, ମୋରମ ଚୋରାଚାଲାଣ ହେଉଥିବା ୫ ଟ୍ରକକୁ ଡେଲାଙ୍ଗ ପୋଲିସ ଜବତ କରିବା ସହିତ ଡ୍ରାଇଭରଙ୍କୁ ଗିରଫ କରିଛି। ଏନେଇ ୨୬୬/୨୩, ୨୭୬/୨୩, ୨୭୦/୨୩, ୨୭୧/୨୩, ୨୭୨/୨୩ରେ ୫ଟି ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ମୁତାବକ ଡେଲାଙ୍ଗ ଥାନା ଆଇଆଇସି ମହାନ୍ତିଙ୍କ ନେତୃତ୍ୱରେ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ, ଏଏସ୍‌ଆଇ ସୁଦାମଚରଣ ନାୟକଙ୍କ ଟିମ୍ ରାତ୍ର ପାଟ୍ରୋଲିଂ କରୁଥିବାବେଳେ ବେଆଇନ୍ ପଥର ଚୋରାଚାଲାଣ ଖବର ପାଇଥିଲେ। ହରିରାଜପୁର ଛକ, ବରପଦା ଓ ଷଣ୍ଢ ଛକଠାରୁ ଗୋଟେ ଚିପ୍ସ ବୋଝେଇ ୪୦୭ ଟ୍ରକ, ୩ଟି ମାଙ୍କଡ଼ା ପଥର ବୋଝେଇ ଟ୍ରକ ଓ ଗୋଟେ ମୋରମ ବୋଝେଇ ହାଇୱାକୁ ଅଟକାଇ କାଗଜପତ୍ର ଯାଞ୍ଚରୁ ଏଗୁଡ଼ିକ ବେଆଇନ ଚାଲାଣ ହେଉଥିବା ଜଣାପଡ଼ିଥିଲା।

## ମା' କୁଞ୍ଜେଶ୍ୱରୀଙ୍କ ନିକଟରେ ଦୀପଦାନ

**ତହସିଲଦାରଙ୍କ ଆରୋଗ୍ୟ କାମନାରେ ଅଞ୍ଚଳବାସୀ**



**କଣାସ,୧୩।୯(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ କିଛି ଦିନ ହେଲା ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। କଣାସ ଅଞ୍ଚଳର ଆରାଧ ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ନିକଟରେ କୁଞ୍ଜେଶ୍ୱରୀ ବଜାର କମିଟି ପକ୍ଷରୁ ବୁଧବାର ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ବଜାର କମିଟି ସଭାପତି ଶ୍ରୀକାନ୍ତ ପଟ୍ଟଯୋଷୀ, ସହସମ୍ପାଦକ ବେଣୁଧର ପାଇକରାୟ, ଆଇନଜୀବୀ ବିଶ୍ୱନାଥ ବେହେରା, ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ସାମାଜିକ କର୍ମୀ ଶ୍ୟାମବନ୍ଧୁ ମହାପାତ୍ର, ଶିକ୍ଷାବିତ୍ ସନାତନ ସ୍ୱାଇଁ, ପୂଜକ ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରଦୀପ ପ୍ରଜ୍ୱଳନ କରି ତହସିଲଦାରଙ୍କ ଆରୋଗ୍ୟ କାମନା କରିଥିଲେ।

## ଚୋରି ଘଟଣାରେ ୨ ଗିରଫ

ପୁରୀ,୧୩।୯(ଅଜିତ ମହାନ୍ତି)

**୩ ଗ୍ୟାସ୍ ସିଲିଣ୍ଡର, ୨ ବାଇକ୍ ଜବତ**

ଗ୍ୟାସ ସିଲିଣ୍ଡର ଓ ବାଇକ ଚୋରି ଅଭିଯୋଗରେ ଟାଉନଥାନା ଏବଂ ସମୁଦ୍ରକୂଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ମଙ୍ଗଳାହାଟ ବାଲିସାହିର ସୁମନ୍ତ ବାରିକ୍ ଏବଂ ଓଡ଼ିଆ ମଠ ଅଞ୍ଚଳର ସନ୍ଦୀପ ପୃଷ୍ଟି। ଏମାନଙ୍କ ନିକଟରୁ ସମୁଦ୍ର କୂଳ ଥାନା ପୋଲିସ ୩ଟି ଗ୍ୟାସ ସିଲିଣ୍ଡର ଓ ଟାଉନଥାନା ପୋଲିସ ୨ ବାଇକ ଜବତ କରିଛି। ଏନେଇ ବୁଧବାର ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ସାହୁ କହିଛନ୍ତି, କିଛି ଦିନ ହେବ ପୁରୀ ସହରର ବିଭିନ୍ନ ଛୋଟ ଦୋକାନରୁ ରାତିରେ ଗ୍ୟାସ୍ ସିଲିଣ୍ଡର ଚୋରୀ ହେଉଥିବା ନେଇ ଟାଉନ ଥାନା ଏବଂ ସମୁଦ୍ରକୂଳ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ କରାଯାଉଥିଲା। ତେବେ କିଛି ଦିନ ଟାଉନ ଥାନା ଅଞ୍ଚଳରେ ବାଇକ ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ବାଇକ ଚୋରୀ ନେଇ ତଦନ୍ତ କରି ଅଭିଯୁକ୍ତ ସୁମନ୍ତଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଦୁଇଟି ବାଇକ ଜବତ ସହ ପଚରାଉଚରା କରିବା ବେଳେ ଗ୍ୟାସ ସିଲିଣ୍ଡର ଚୋରିରେ ସେ ସଂପୃକ୍ତ ଥିବା ସ୍ୱୀକାର କରିଥିଲେ। ଏବଂ ସେ ଦୋକାନଗୁଡ଼ିକରୁ ସିଲିଣ୍ଡର ଚୋରି କରି ସନ୍ଦୀପଙ୍କୁ ବିକ୍ରି କରୁଥିବା କହିଥିଲେ। ସୁମନ୍ତଙ୍କ ଅଭିଯୋଗ ଅନୁଯାୟୀ ସନ୍ଦୀପଙ୍କୁ ଗିରଫ କରି ଚୋରି ସିଲିଣ୍ଡର ଜବତ କରାଯାଇଛି। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସାହୁ କହିଛନ୍ତି। ଏନେଇ ଟାଉନ ଥାନା ପୋଲିସ କେସ୍ ନଂ. ୩୨୪/୨୩ ଏବଂ ସମୁଦ୍ରକୂଳ ଥାନା ପୋଲିସ କେସ୍ ନଂ. ୨୩୦/୨୩ ରୁଜୁ କରିଛି। ସେହିପରି ଏହି ଘଟଣାରେ ପୂର୍ବରୁ ସମୁଦ୍ରକୂଳ ଥାନାରେ କେସ ନଂ. ୫/୨୩ ଏବଂ ୫୭/୨୩ରେ ଦୁଇଟି ମାମଲା ରହିଛି। ଖବରଦାତା ସମ୍ମିଳନୀରେ ଟାଉନଥାନା ଅଧିକାରୀ ସୁନିଲ ପ୍ରଧାନ, ସମୁଦ୍ରକୂଳ ଥାନା ଅଧିକାରୀ ମାନସ ଚକ୍ର ଏବଂ କୁମ୍ଭାରପଡ଼ା ଥାନା ଅଧିକାରୀ ଜୟଦୀପ ମହାନ୍ତି ଉପସ୍ଥିତ ଥିଲେ।

# କାକଟପୁର ପଞ୍ଚାୟତ ଅଫିସ୍ ଆଗରେ ଭାଜପାର ଧାରଣା

କାକଟପୁର,୧୩।୯(ଶୁଭଦର୍ଶନ ମିଶ୍ର)



ପଞ୍ଚାୟତ ଅଧିକାରୀଙ୍କୁ ଭାଜପା କର୍ମୀମାନେ ଦାବିପତ୍ର ଦେଉଛନ୍ତି।

ବିଜେଡି ସରକାରଙ୍କ ଦୁର୍ନୀତି ପ୍ରତିବାଦରେ ଗୋପ, କୋଣାର୍କ, ଅସ୍ତରଙ୍ଗ, କାକଟପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଆଗରେ ଭାଜପା ପକ୍ଷରୁ ରଣହୁଙ୍କାର ଚାଲିଛି। କାକଟପୁର, ଓଥକା, ସୁହାଣପୁର, ଜଳେଶ୍ୱରପଡ଼ା କୁଣ୍ଡେଇ ପଞ୍ଚାୟତ ଆଗରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀଙ୍କୁ ନେଇ ବୁଧବାର ଗଣଧାରଣା ଦିଆଯାଇଥିଲା। ବ୍ଲକ କାର୍ଯ୍ୟାଳୟକୁ ପିସି ମୁକ୍ତ କରିବା, ଦଳୀୟଭିତ୍ତିରେ ରାଶନ କାର୍ଡ ବଣ୍ଟନ, ମଧୁବାବୁ ଭତ୍ତା ଯୋଜନା, ଆବାସ ଯୋଜନାରେ ଦୁର୍ନୀତି, କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା, ପ୍ରାଚୀ ନଦୀର ଖନନ ପ୍ରଦୂଷଣମୁକ୍ତ, ଚାଷୀଙ୍କୁ ଦିଆଯାଉଥିବା କୃଷିଋଣର ପରିମାଣ ବୃଦ୍ଧି, ଭୁବନେଶ୍ୱର-କାକଟପୁରକୁ ମୋ ବସ୍ ଚଳାଇବା ଆଦି ୧୮ ଦଫା ଦାବି ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ ଅଧିକାରୀଙ୍କୁ ଦିଆଯାଇଥିଲା। ଧାରଣାରେ ଭାଜପା ପୁରୀ ଜିଲା ଉପସଭାପତି ରତିକାନ୍ତ ବେହେରା, ଜିଲା କାର୍ଯ୍ୟକାରିଣୀ ସଭ୍ୟ ମଙ୍ଗଳା ପ୍ରସାଦ ସାମନ୍ତରାୟ, ଗୋପୀନାଥ ଗଜପତି ଭୂୟାଁ, ନିର୍ବାଚନମଣ୍ଡଳୀ ବିସ୍ତାରକ, ନୟାହାଟ ମଣ୍ଡଳ ସଭାପତି ଦୀନକୃଷ୍ଣ ମହାନ୍ତି, ଗୋଲେଖ ପ୍ରଧାନ, ନୂଆଗଡ଼ ମଣ୍ଡଳ ସଭାପତି ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ବାସନ୍ତୀ ନାୟକ, କାକଟପୁର ମଣ୍ଡଳ ସଭାପତି ଉପେନ୍ଦ୍ର ସୁବୁଦ୍ଧି ପ୍ରମୁଖ ଶତାଧିକ କର୍ମୀ ଓ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଆସନ୍ତା ଶୁକ୍ରବାର ବାଙ୍ଗୁରୀ ଗାଁ ଗ୍ରାମ ପଞ୍ଚାୟତ ଆଗରେ ଗଣଧାରଣା ଦିଆଯିବ ବୋଲି ପୂର୍ବତନ ବିଧାୟକ ମଲ୍ଲିକ ପ୍ରକାଶ କରିଛନ୍ତି।

# ସମୂହ ଛୁଟିରେ ପ୍ରାଥମିକ ଶିକ୍ଷକ

ପିପିଲି,୧୩।୯(ଦୁର୍ଗା ମାଧବ ମିଶ୍ର)/କଣାସ,(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ଶୁକ୍ରବାରଠାରୁ ବିଇଓଙ୍କ କାର୍ଯ୍ୟାଳୟଠାରେ ଶିକ୍ଷକଙ୍କ ଆନ୍ଦୋଳନ ଜାରି ରହିଛି। ବୁଧବାର ଏହା ୬ଷ୍ଠ ଦିନରେ ପହଞ୍ଚିଛି। ସରକାର ସେମାନଙ୍କ ନ୍ୟାଯ୍ୟ ୩ଟି ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିନେଇ ଶିକ୍ଷକମାନେ ବିଇଓ ଅଫିସ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଚାଲୁ ରଖିଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ସଂଘ ସଭାପତି ସୁକାନ୍ତ ନାୟକ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଜିଲା ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକ, ଏନ୍‌ପିଏସ ସଂଘ ସଭାପତି ଜୟ ପ୍ରକାଶ ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ରାଜ୍ୟ ମହାସଚିବ ବିକ୍ରମ ରଥ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଅନ୍ୟପଟେ ସମସ୍ତ ବିଦ୍ୟାଳୟ ବନ୍ଦ ଯୋଗୁ ପାଠପଢା ଓ ମଧ୍ୟାହ୍ନଭୋଜନ ଠପ ହୋଇଯାଇଛି।

କଣାସ ବ୍ଲକର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ବୁଧବାରଠାରୁ ସାମୂହିକ ଛୁଟିରେ ରହି ଗଣଧାରଣାରେ ଯୋଗଦେଇଛନ୍ତି। ଫଳରେ ବ୍ଲକର ପ୍ରାୟ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପଡିଛି। ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସି ପାଠ ପଢି ନ ପାରି ଘରକୁ ଫେରିଥିବା ଜଣାପଡିଛି। ୩ଦଫା ଦାବି ପୂରଣ ନ ହେଲେ ବିଦ୍ୟାଳୟକୁ ଫେରିବେ ନାହିଁ ବୋଲି ଶିକ୍ଷକମାନେ କହିଛନ୍ତି। ଶିକ୍ଷକ ନେତା ପ୍ରହଲ୍ଲାଦ ମାନସିଂ, ପ୍ରତାପକେଶରୀ ରାୟ, ଛାତ୍ରୀଛାତ୍ରଙ୍କ ଶିକ୍ଷାଗ୍ରହଣରେ ସୃଷ୍ଟି ହୋଇଥିବା ବ୍ୟାଘାତ ନେଇ ଦୁଃଖପ୍ରକାଶ କରିଛନ୍ତି।



ପିପିଲି ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଧାରଣା।

# ପୁରୀ ସହରର ସମସ୍ୟା ନେଇ ଆଲୋଚନା

ପୁରୀ, ୧୩।୯(ଅଜିତ୍ ମହାନ୍ତି)

**ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ପ୍ରତିନିଧିମଣ୍ଡଳୀ**



ପୌର ଅଧିକାରୀଙ୍କ ସହ ପ୍ରତିନିଧିମଣ୍ଡଳୀ ଆଲୋଚନା କରୁଛନ୍ତି।

କିଛିଦିନ ତଳେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ପୁରୀ ଆସି ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ସେହି ସମୟରେ ପୁରୀ ନଗର ବିଜୁ ଜନତା ଦଳ ତରଫରୁ ତାଙ୍କୁ ସହରର ମୁଖ୍ୟ ସମସ୍ୟା, ମଠ ମନ୍ଦିର ଜମି ସମସ୍ୟାର ସ୍ଥାୟୀ ସମାଧାନ, ବିଭିନ୍ନ ବସ୍ତି ତୁରନ୍ତ ସର୍ଭେ କରି ସ୍ଥାୟୀ ପଟ୍ଟା ପ୍ରଦାନ କରିବା ପାଇଁ ଅଭିଯୋଗପତ୍ର ଦିଆଯାଇଥିଲା। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ତରଫରୁ ଜିଲାପାଳଙ୍କୁ ଭେଟିବା ପାଇଁ ନିର୍ଦ୍ଦେଶ ଆସିଥିଲା। ଗତ ୪ତାରିଖରେ ଜିଲାପାଳଙ୍କୁ ଯୁବ ବିଜେଡି ରାଜ୍ୟ ଉପସଭାପତି ସୁନିଲ ମହାନ୍ତିଙ୍କ ନେତୃତ୍ୱରରେ ସହରର ୩୨ଟି ୱାର୍ଡର ପୂର୍ବତନ ପୌରସଦସ୍ୟଙ୍କୁ ନେଇ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟିଥିଲେ। ଜିଲାପାଳ ଏହି ପ୍ରତିନିଧିମାନଙ୍କ ସହ ଆଲୋଚନା କରିବାକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ, ବୁଧବାର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁଙ୍କୁ ପ୍ରତିନିଧି ମଣ୍ଡଳୀ ଭେଟି ଆଲୋଚନା କରିଛନ୍ତି। ତୁରନ୍ତ ମ୍ୟୁନିସିପାଲିଟି ଲିଜ୍ ଜାଗା ସମସ୍ୟାର ସମାଧାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ସହରରେ ଥିବା ହାଡ଼ିଗୋହିରୀ ସଫା କରାଯିବ। ପୂଜା ପୂର୍ବରୁ ବିଭିନ୍ନ ସ୍ଥାନରେ ଆଲୋକ ସଂଯୋଗ ସହ ରାସ୍ତା ମରାମତି କରାଯିବ। ପ୍ରତ୍ୟେକ ମାସରେ ସହରର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଭକ୍ତଚରଣ ଦାସ, ପୁଷ୍ପାଞ୍ଜଳି ରଣା, ନାରାୟଣ ପଟ୍ଟନାୟକ, ଯଜ୍ଞେଶ୍ୱର ମହାନ୍ତି, ଗୁଣଧର ଦାସମହାପାତ୍ର, ପ୍ରଦୀପ ନାୟକ, ପ୍ରୀତମ୍ ଜଗଦେବ, ଅମୃତ ମିଶ୍ର, ହରିନାରାୟଣ ଖୁଣ୍ଟିଆ, ବାବୁଲା ପ୍ରସାଦ, ଜଗନ୍ନାଥ ଗୋଚ୍ଛିକାର, ରଞ୍ଜିତା ମହାନ୍ତି, ସୁମନ୍ତ ସାହୁ, ସରସ୍ୱତୀ ସାହୁ, ଶୁଚିସ୍ମିତା ସାହୁ, ଦେବରାଜ ସାହୁ, ଏନ୍.ବଳରାମ ରେଡ୍ଡୀ, ବିଭୂତି ଭୂଷଣ ସେଠୀ, ସୁକାନ୍ତ କୁମାର ସାହୁ, ଦେବୀପ୍ରସାଦ ମିଶ୍ର, ବସନ୍ତ ପ୍ରଧାନ, ପ୍ରମୋଦ ଜେନା, ବିଜୟ ରାଉତରାୟ, ଆଲୋକ ମହାରଣା, ଓଡି କ୍ରିଷ୍ଣା ରାଓ, ହୃଷୀକେଶ ମହାପାତ୍ର, ରବିନ୍ଦ୍ର ବିଶୋଇ, କେ. ମାର୍କ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ଏକତାର ପ୍ରତୀକ ହିନ୍ଦୀ

ହିନ୍ଦୀ ଦିବସ



**କୌ**ଣସି ଦେଶର ବିକାଶରେ ଭାଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଦେଶର ସ୍ୱତନ୍ତ୍ର ପରିଚୟ ହେଉଛି ଭାଷା। ଭାରତର ବିଭିନ୍ନ ଭାଷା ଏବଂ ଉପଭାଷା ଶକ୍ତି ଓ ଏକତାର ପ୍ରତୀକ ଭାବେ ଉଭା ହୋଇଛନ୍ତି। ଅନ୍ୟ ଭାଷା ମଧ୍ୟରେ ରାଜଭାଷା ହିନ୍ଦୀ ଭାରତୀୟ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଥାଏ। ଶତାବ୍ଦୀ ଧରି ସମଗ୍ର ଦେଶକୁ ଏକୀକରଣ କରିବାରେ ହିନ୍ଦୀ ଭାଷା କାର୍ଯ୍ୟ କରିଆସୁଛି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରତିବର୍ଷ ସେପ୍ଟେମ୍ବର ୧୪କୁ ଜାତୀୟ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଛି।

ଭାରତ ସ୍ୱାଧୀନ ହେବା ପରେ ଭାଷାକୁ ନେଇ ବଡ଼ ପ୍ରଶ୍ନ ଉଠିଥିଲା। କାରଣ ଭାରତ ଭଳି ଭିନ୍ନତା ମଧ୍ୟରେ ଏକତା ଦେଶରେ ଅନେକ ଭାଷାଭାଷୀର ଲୋକ ରହିଛନ୍ତି। ଅନେକ ବିଚାରବିମର୍ଶ ପରେ ହିନ୍ଦୀଭାଷାକୁ ରାଷ୍ଟ୍ରଭାଷାର ମାନ୍ୟତା ମିଳିଥିଲା। ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲେଖାଯାଇଥିବା ହିନ୍ଦୀ ଭାଷାକୁ ରାଷ୍ଟ୍ରର ଭାଷା ରୂପେ ସ୍ୱୀକାର କରିଥିଲେ । ସମ୍ବିଧାନ ସଭାରେ ୧୪ ସେପ୍ଟେମ୍ବର ୧୯୪୯ରେ ହିନ୍ଦୀକୁ ସରକାରୀ ଭାଷା ଭାବରେ ଗ୍ରହଣ କରାଯାଇଥିଲା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ୧୪ ସେପ୍ଟେମ୍ବରକୁ ହିନ୍ଦୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୧୪ ସେପ୍ଟେମ୍ବର ୧୯୫୩ରେ ଦେଶରେ ପ୍ରଥମଥର ପାଇଁ ହିନ୍ଦୀ ଦିବସ ପାଳନ କରାଯାଇଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ ବିଶ୍ୱାସ କରୁଥିଲେ ହିନ୍ଦୀ ହେଉଛି ଜନସାଧାରଣଙ୍କ ଭାଷା। ସେ ହିନ୍ଦୀକୁ ଜାତୀୟ ଭାଷା କରିବା ସପକ୍ଷରେ ଥିଲେ। ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ପ୍ରଗତିଶୀଳ ବ୍ୟବହାରକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସରକାରୀ ଭାଷା ବିଭାଗ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଭାରତ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି।

ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ଭାଷାମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ହିନ୍ଦୀ। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା। ହିନ୍ଦୀର ମହତ୍ତ୍ୱ ବଜାୟ ରଖିବା ସହ ଏହାର ପ୍ରଚାର ପ୍ରସାର ପାଇଁ ପ୍ରତିବର୍ଷ ଏହି ଦିବସ ଅବସରରେ ଏହି ଭାଷାର ପ୍ରଚାର ଓ ପ୍ରସାର ପାଇଁ ସଚେତନତା ସୃଷ୍ଟି କରାଯାଇଥାଏ। ହିନ୍ଦୀ ଏହାର ନାମ ପାର୍ସୀ ଶବ୍ଦ ହିନ୍ଦ୍‌ରୁ ପାଇଛି, ଯାହାର ଅର୍ଥ ହେଉଛି 'ଇନ୍ଦସ ନଦୀର ଭୂମି।' ହିନ୍ଦୀ ଦୁନିଆର ତୃତୀୟ ସର୍ବାଧିକ ଭାଷା ଭାବରେ ପରିଗଣିତ ହୁଏ। ଭାରତ ବ୍ୟତୀତ ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ଅନ୍ୟ ପଡ଼ୋଶୀ ଦେଶରେ ହିନ୍ଦୀ ଭାଷାରେ ଅନେକ ଲୋକ କଥାବାର୍ତ୍ତା କରିଥାନ୍ତି।ହିନ୍ଦୀ ହଜାର ବର୍ଷରୁ ଉର୍ଦ୍ଧ୍ୱ ଏକ ପୁରାତନ ଭାଷା। କେହି କେହି ମତ ଦିଅନ୍ତି ସଂସ୍କୃତ ଭାଷା ସହ ଯୋଡ଼ିହେଇ ହିନ୍ଦୀ ଭାଷା ବଳିଷ୍ଠ ହୋଇଛି। ଖ୍ରୀଷ୍ଟପୂର୍ବ ୧୫୦୦ ଶତାବ୍ଦୀରେ ପ୍ରାଚୀନ ଭାରତର ବୈଦିକ ଶାସ୍ତ୍ରର ଅଧ୍ୟୟନ ନିମନ୍ତେ ସଂସ୍କୃତ ଭାଷାର ବ୍ୟବହାର ହେଉଥିଲା। ସେତେବେଳେ ଲୋକେ କଥାବାର୍ତ୍ତା ପ୍ରାକୃତ ଭାଷାରେ କରୁଥିଲେ। ପ୍ରାକୃତ ଭାଷା କାଳକ୍ରମେ ଅପଭ୍ରଂଶ ହିନ୍ଦୀ ଭାଷାର ରୂପ ନେଇଥିବା ଅନୁମାନ କରାଯାଏ।

# ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଲେ ସୋନାକ୍ଷୀ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ତାଙ୍କ ୱେବ୍ ସିରିଜ୍ 'ଦାହଦ୍' ପାଇଁ ଚର୍ଚ୍ଚାରେ ଅଛନ୍ତି। ସେଥିରେ ସେ ପୋଲିସ ଚରିତ୍ରରେ ନିଜର ଜଲ୍‌ୱା ଦେଖାଉଛନ୍ତି। ହେଲେ ନିକଟରେ ସେ ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି, ଯାହା ସମୁଦ୍ର କୂଳ ପାଖରେ ରହିଛି। ବାନ୍ଦ୍ରା ରିକ୍ଲେମିଶନ ନିକଟରେ ଥିବା ୮୧ ଔରେଏଟ୍ ଟାୱାରର ୨୬ତମ ଫ୍ଲୋରରେ ୨୪୩୦ ବର୍ଗଫୁଟର ଆପାର୍ଟମେଣ୍ଟ କିଣିଛନ୍ତି, ଯାହାର ମୂଲ୍ୟ ୧୧ କୋଟି ଟଙ୍କା। ଅଗଷ୍ଟ ୨୯ରେ ସେ ଏହି ଆପାର୍ଟମେଣ୍ଟ ପାଇଁ ଡିଲ୍ ଫାଇନାଲ କରିଥିଲେ। ତେବେ ଏହା ତାଙ୍କର ଦ୍ୱିତୀୟ ଆପାର୍ଟମେଣ୍ଟ। ଏହା ପୂର୍ବରୁ ସେ ୨୦୨୦ ମାର୍ଚ୍ଚରେ ଏକ ଟାୱାରର ୧୬ତମ ଫ୍ଲୋରର ୪୬୩୨ ବର୍ଗଫୁଟ ଆପାର୍ଟମେଣ୍ଟ ୧୪ କୋଟି ଟଙ୍କାରେ କିଣିଥିଲେ। ତେବେ ସୋନାକ୍ଷୀ ତାଙ୍କ ଫିଲ୍ମ କ୍ୟାରିୟର ୨୦୧୦ରେ ସିନେମା 'ଦବଙ୍ଗ' ଜରିଆରେ କରିଥିଲେ। ଏହାପରେ ସେ ଆଉ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ତାଙ୍କ ଅଭିନୟରେ ସେ ଅନେକଙ୍କଠାରୁ ଲୋକପ୍ରିୟତା ସାଉଁଟିଛନ୍ତି। ଶେଷଥର ତାଙ୍କୁ ଫିଲ୍ମ 'ଡବଲ ଏକ୍ସଏଲ୍'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଅନେକ ଫିଲ୍ମ ରହିଛି। ଯେଉଁଥିରେ ସେ ବ୍ୟସ୍ତ ରହିଛନ୍ତି। ଏଥିସହ ସେ ଟେଲିଭିଜନ, ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।

# ମେକ୍ସିକୋ ସଂସଦରେ ୨ ଏଲିଅନଙ୍କ ମୃତଦେହ

ମେକ୍ସିକୋ ସିଟି



ଏଲିଅନର ଉପସ୍ଥିତିକୁ ନେଇ ଦୁନିଆରେ ଅନେକ କାହାଣୀ ସାମ୍ନାକୁ ଆସିଛି। ହେଲେ କେଉଁଟି ସତ କି ମିଛ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ପ୍ରଥମ ଥର ପାଇଁ ବୈଜ୍ଞାନିକମାନେ ୨ ଏଲିଅନଙ୍କ ମୃତଦେହ ମେକ୍ସିକୋର ସଂସଦରେ ଦର୍ଶାଇଛନ୍ତି, ଯାହା ବର୍ତ୍ତମାନ ବେଶ୍ ଭାଇରାଲ ହେବାରେ ଲାଗିଛି। ବୈଜ୍ଞାନିକମାନେ କହିଛନ୍ତି, ଏହି ମୃତଦେହ ପେରୁର କୁସ୍‌କୋରୁ ଜବତ କରାଯାଇଛି। ଏହା ହଜାରେ ବର୍ଷରୁ ବି ଅଧିକ ବର୍ଷ ପୁରୁଣା ବୋଲି କୁହାଯାଉଛି। ରିପୋର୍ଟ ମୁତାବକ, ମେକ୍ସିକୋ ସଂସଦର ଏକ ଇଭେଣ୍ଟରେ ୟୁଭୋଲୋଜିଷ୍ଟ ଜେମି ମୌସାନ ଏହି ୨ ଏଲିଅନଙ୍କ ମୃତଦେହ ସମସ୍ତଙ୍କ ସମ୍ମୁଖରେ ପ୍ରଦର୍ଶିତ କରିଥିଲେ। ବକ୍ସ ଭିତରେ ଥିବା ଦୁଇ ଏଲିଅନଙ୍କ ମୃତଦେହକୁ ମଣିଷଙ୍କଠାରୁ ଭିନ୍ନ ବୋଲି କୁହାଯାଉଛି। ସେତେବେଳେ ଏହି ଇଭେଣ୍ଟରେ ଆମେରିକାନ୍ସ ଫର୍ ସେଫ୍ ଏରୋସ୍ପେସ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଏବଂ ପୂର୍ବତନ ଆମେରିକା ନେଭି ପାଇଲଟ ଉପସ୍ଥିତ ଥିଲେ। ବୈଜ୍ଞାନିକଙ୍କ କହିବା ମୁତାବକ, ସେମାନେ ଏହି ଏଲିଅନଙ୍କ ମୃତଦେହକୁ ୟୁଏଫ୍‌ଓର ଭଗ୍ନାବଶେଷରୁ ପାଇଥିଲେ। ପେରୁର କୁସ୍‌କୋରେ ୟୁଏଫ୍‌ଓ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବର୍ଷ ବର୍ଷ ଧରି ସେଠାରେ ଏହି ମୃତଦେହ ପୋତି ହୋଇ ରହିଥିଲା। ପରେ ଏହା ଜୀବାଶ୍ମରେ ପରିଣତ ହୋଇଗଲା। ଡିଏନ୍‌ଏ ଯାଞ୍ଚ ଫଳରେ ଏହା ହଜାର ବର୍ଷର ପୁରୁଣା ସହ ୩୦ ପ୍ରତିଶତ ଡିଏନ୍‌ଏ ଅଜଣା ବୋଲି ଜଣାପଡିଛି।

# ୧୨ ପିଲା ଅଛନ୍ତି, ୧୦ ସନ୍ତାନଙ୍କ ବାପାଙ୍କୁ ବାହାହେବାକୁ ଇଚ୍ଛା

**ନ୍ୟୁୟର୍କ:** ଜଣେ ମହିଳାଙ୍କ ୧୨ ସନ୍ତାନ ଅଛନ୍ତି, ହେଲେ ସେ ବ୍ରିଟେନର ସର୍ବ ବୃହତ ପରିବାରର ମା' ସୁ ରାଡ୍‌ଫର୍ଡଙ୍କ ସହ ପ୍ରତିଯୋଗିତା ମୂଳକ ୨୨ ସନ୍ତାନ କରିବାକୁ ଇଚ୍ଛା ରଖିଛନ୍ତି। ଏଥିପାଇଁ ସେ ଏବେ ବିବାହ ପାଇଁ ଜଣେ ବ୍ୟକ୍ତିଙ୍କ ସନ୍ଧାନରେ ଅଛନ୍ତି। ହେଲେ ସେ ଏପରି ଜଣଙ୍କୁ ଖୋଜୁଛନ୍ତି ଯାହାଙ୍କର ପୂର୍ବରୁ ୧୦ ସନ୍ତାନ ଥିବ। ନ୍ୟୁୟର୍କର ସାଇରାକୁଶରେ ରହୁଥିବା ୩୭ ବର୍ଷୀୟା ଭେରୋନିକାଙ୍କ କହିବା ମୁତାବକ, ତାଙ୍କୁ ବାସ୍ତବରେ ରାଡ୍‌ଫର୍ଡଙ୍କ ଭଳି ଯାହାର ୨୨ ସନ୍ତାନ ଆବଶ୍ୟକ। ସେଥିପାଇଁ ସେ ୧୦ ସନ୍ତାନ ଥିବା ବାପାଙ୍କୁ ବିବାହ କରିବାକୁ ଚାହାନ୍ତି। ତେବେ ଭେରୋନିକା ୧୪ ବର୍ଷ ବୟସରେ ତାଙ୍କ ପ୍ରଥମ ସନ୍ତାନକୁ ଜନ୍ମ ଦେଇଥିଲେ। ସେ ତାଙ୍କ ନାମ ଭିକ୍ଟୋରିଆ ରଖିଥିଲେ। ଏହାପରେ ଭେରୋନିକା ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଥିଲେ। ପରେ ସେ ଦ୍ୱିତୀୟ ବିବାହ କଲେ ଏବଂ ୨୦୧୨ରେ ତାଙ୍କଠାରୁ ମଧ୍ୟ ଅଲଗା ହୋଇଗଲେ। ଭେରୋନିକାଙ୍କ ୧୨ ସନ୍ତାନଙ୍କ ପାଇଁ ଘରେ ମୋଟ ୯ଟି ବେଡ୍ ରହିଛି। ସେ କହିଛନ୍ତି, ତାଙ୍କୁ ଆଉ ସନ୍ତାନ କରିବାରେ କିଛି ଅସୁବିଧା ନାହିଁ। ସେ ତାଙ୍କ ପରିବାରକୁ ବଢାଇବାକୁ ଚାହୁଁଛନ୍ତି। ଭେରୋନିକା ରକ୍ତଜମାଟ ବାନ୍ଧିବା ଭଳି ରୋଗରେ ପୀଡ଼ିତ ଅଛନ୍ତି। ସେଥିପାଇଁ ସେ ଗର୍ଭନିରୋଧକ ବଟିକା ମଧ୍ୟ ଖାଇପାରିବେନି।

## ରାଜ୍ୟ ଖବର

# ବାଇକ୍ ଧକ୍କାରେ ଯୁବ କାଉନସିଲରଙ୍କ ମୃତ୍ୟୁ

କାମାକ୍ଷାନଗର, ୧୩।୯
(ସୁଧୀର କୁମାର ପରିଡ଼ା)



କାଉନସିଲର ସରୋଜ କୁମାର ମହାଲିକ।

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ୫ ନମ୍ବର ୱାର୍ଡର ବିଜେଡି କାଉନସିଲର ସରୋଜ କୁମାର ମହାଲିକ (୩୫) ବୁଧବାର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ଜିରିଡାମାଳି ନିକଟରେ ଏକ ହୋଟଲ ସମ୍ମୁଖରେ ଠିଆ ହୋଇଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ (ନଂ. ଓଡି୦୬ଜି- ୧୯୯୫) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସରୋଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଜେଡିର ଏହି ଯୁବ କାଉନସିଲରଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ କାମାକ୍ଷାନଗର ସହରରେ ଶୋକର ଛାୟା ଖେଳିଯାଇଛି। ଖବରପାଇ କାମାକ୍ଷାନଗର ବିଧାୟକ ତଥା ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ସମସ୍ତ କାଉନସିଲରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡାକ୍ତରଖାନାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। କାମାକ୍ଷାନଗର ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୪୯୧/୨୩ରେ ଏକ ମାମଲା ରୁଜୁ କରାଯାଇଛି।

# ଜୀବନକୁ ବାଜି ଲଗାଇ ନଦୀ ପାର

ବାଲିଗୁଡା, ୧୩।୯ (ସଞ୍ଜୟ କୁମାର ପାଣିଗ୍ରାହୀ)

ରାସ୍ତା, ପୋଲ ନିର୍ମାଣ ପାଇଁ ଦାବି



ଟ୍ୟୁବ୍ ସାହାଯ୍ୟରେ ରୋଗୀଙ୍କୁ ନଦୀ ପାର କରାଯାଉଛି।

ଗାଁ କୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଭରା ନଈରେ ରୋଗୀଙ୍କୁ ଟ୍ୟୁବରେ ବସାଇ ଖଡ଼ଗ ନଦୀ ପାର କରାଇଲେ ପରିବାର। ବାଲିଗୁଡାଠାରୁ ସାଇନପଡାକୁ ଯିବା ପାଇଁ ଖଡ଼ଗ ନଦୀରେ ଏକ ପୋଲ ହେବାକୁ ଥିବା ବେଳେ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ନ ଥିବାରୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ମହାସିଙ୍ଗ ଗ୍ରାମ ପଞ୍ଚାୟତର କୁବେର ମୁଣ୍ଡା ଗ୍ରାମରେ ୧୫ ପରିବାର ରୁହନ୍ତି। ଏହି ଗ୍ରାମର ରଘୁନାଥ ପ୍ରଧାନଙ୍କ ସ୍ତ୍ରୀ ଅନନ୍ତ ପ୍ରଧାନ (୪୫) ଦୀର୍ଘ ୪ଦିନ ହେଲା ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। କୁବେରମୁଣ୍ଡା ଗ୍ରାମ ଠାରୁ କ.ନୂଆଗାଁକୁ ଯିବା ପାଇଁ ହେଲେ ପାଖାପାଖି ୨୨ କିଲୋମିଟର ଯିବାକୁ ହୁଏ। କୁବେର ମୁଣ୍ଡା ଠାରୁ ମହାସିଙ୍ଗକୁ ଦେଢ କିଲୋମିଟର ହେବ। ହେଲେ ଯିବା ପାଇଁ ରାସ୍ତା ନାହିଁ। ଫଳରେ ଆମ୍ବୁଲାନ୍ସକୁ ଡାକିଲେ ମଧ୍ୟ ତାହା ଗାଁରେ ପହଞ୍ଚିପାରେ ନାହିଁ। ତେଣୁ ଜୀବନକୁ ବାଜି ଲଗେଇ ଅନନ୍ତଙ୍କ ପରିବାର ଲୋକେ ତାଙ୍କୁ ଖଡ଼ଗ ନଦୀ ପାର କରି ମହାସିଙ୍ଗ ଆଣିବା ପରେ ସେଠାରୁ ବାଲିଗୁଡ଼ା ମେଡିକାଲକୁ ନେଇଥିଲେ। ଖାଲି ସେତିକି ନୁହେଁ, ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସମସ୍ୟା ମଧ୍ୟ ଏଠାକାର ବାସିନ୍ଦା ସମ୍ମୁଖୀନ ହୋଇଆସୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଉକ୍ତ ଅଞ୍ଚଳ ପ୍ରତି ଦୃଷ୍ଟିଦେଇ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବ୍ୟାଙ୍କ ନ ଥିବା ପଞ୍ଚାୟତରେ ଶାଖା ଖୋଲିବାକୁ ପଦକ୍ଷେପ ନିଆଯାଇଛି: ଅର୍ଥମନ୍ତ୍ରୀ

ଭୁବନେଶ୍ୱର, ୧୩।୯ (ସୁନିତ୍ ମିଶ୍ର)

ଓଡ଼ିଶା ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ ଅର୍ଥ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏ.ଟି. ସିରିଜ୍ ଉଠାଣ ସୂଚନା ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ପାଇଁ ସଞ୍ଚୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଜନସାଧାରଣଙ୍କୁ ସୁରକ୍ଷିତ ଜମା ଯୋଜନା ପ୍ରତି ଆକର୍ଷିତ କରିବା ପାଇଁ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏକ ଅଭିନବ ପ୍ରୟାସ । ସ୍ୱଳ୍ପ ସଞ୍ଚୟ ଯୋଜନା ଭଳି ସରକାରୀ ଯୋଜନା ଉପରେ ଜନସାଧାରଣଙ୍କ ଅତୁଟ ଆସ୍ଥା ଓ ବିଶ୍ୱାସ ରହିଥିବାବେଳେ ପ୍ରତ୍ୟେକ ବ୍ୟକ୍ତି ଏବଂ ତାଙ୍କ ପରିବାରର ଭବିଷ୍ୟତ ଆବଶ୍ୟକତା ପୂରଣ ପାଇଁ ଏହି ସୁରକ୍ଷିତ ସରକାରୀ ଜମାରେ ଅର୍ଥ ସଞ୍ଚୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟର ବ୍ୟାଙ୍କ ନ ଥିବା ସମସ୍ତ ଗ୍ରାମପଞ୍ଚାୟତରେ ଏହାର ଶାଖା ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଆରୁଖ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଯୋଗଦେଇ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ସାକ୍ଷରତା ଅଭିଯାନର ସଫଳତା ପାଇଁ ସ୍ୱଳ୍ପ ସଞ୍ଚୟ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ନିମନ୍ତେ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଛନ୍ତି। ଉକ୍ତ ଉଠାଣରେ ୨୭୭୧ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ୮ଟି ବର୍ଗରେ ସର୍ବାଧିକ ୫ ଲକ୍ଷ ଏବଂ ସର୍ବନିମ୍ନ ୪ ହଜାର ଟଙ୍କା ହିସାବରେ ସମୁଦାୟ ଦେଢ଼କୋଟି ଟଙ୍କା ମୂଲ୍ୟର ପୁରସ୍କାର ରାଶି ପ୍ରୋତ୍ସାହନ ସ୍ୱରୂପ ପ୍ରଦାନ କରାଯିବା ବ୍ୟବସ୍ଥା ଅଛି।

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

ବାରିପଦା, ୧୩।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୟୂରଭଞ୍ଜ ଜିଲା ବାରିପଦା ଜନସ୍ୱାସ୍ଥ୍ୟ ବିଭାଗ-୧ର ସହକାରୀ ଯନ୍ତ୍ରୀ ବାଣେଶ୍ୱର ନାଏକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁଧବାର ସକାଳୁ ଭିଜିଲାନ୍ସ ଟିମ୍ ଏକକାଳୀନ ୫ଟି ସ୍ଥାନରେ ଚଢ଼ାଉ ଜାରି ରଖିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ସହକାରୀ ଯନ୍ତ୍ରୀଙ୍କର ୧କୋଟି ୬୪ ଲକ୍ଷ ୯୯ ହଜାର ୯୩୩ ଟଙ୍କା ମୂଲ୍ୟର ସମ୍ପତ୍ତି ଆକଳନ କରାଯାଇଥିବା ଭିଜିଲାନ୍ସ ଟିମ୍ ସୂଚନା ଦେଇଛି। ବାରିପଦା ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟର ଜଜ୍ ଡ.ପ୍ରସନ୍ନ କୁମାର ପଣ୍ଡାଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ସହକାରୀ ଯନ୍ତ୍ରୀଙ୍କ ବାରିପଦା ରଘୁନାଥପୁରସ୍ଥିତ ୩ ମହଲା ବାସଭବନ ଓ ସରକାରୀ କାର୍ଯ୍ୟାଳୟ, ବଡ଼ସାହି ଥାନା ଅଧୀନ ତାଳନ୍ଦ ଗ୍ରାମର ପୈତୃକ ଘର ଓ ନିଜସ୍ୱ ଦୁଇ ମହଲା କୋଠା ଏବଂ ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀସ୍ଥିତ ସମ୍ପର୍କୀୟଙ୍କ ଘରେ ଚଢ଼ାଉ ଜାରି ରହିଛି। ସନ୍ଧ୍ୟା ସୁଦ୍ଧା ୩ ବହୁତଳ ବିଶିଷ୍ଟ କୋଠା ମଧ୍ୟରୁ ରଘୁନାଥପୁରରେ ୩୨୫୦ ସ୍କୋୟାର ଫୁଟର ୩ ମହଲା, ତାଳନ୍ଦରେ ୨୧ଶହ ଓ ୨୫ଶହ ସ୍କୋୟାର ଫୁଟର ଦୁଇଟି ୨ ମହଲା କୋଠା, ବାରିପଦାରେ ୨ଟି ଓ ତାଳନ୍ଦରେ ଗୋଟିଏ ପ୍ଲଟ, ୩୩ଲକ୍ଷ ଟଙ୍କାର ବ୍ୟାଙ୍କ ଓ ବୀମା ଜମା, ୨୩୨ଗ୍ରାମର ସୁନା ଗହଣା, ଗୋଟିଏ ଚାରିଚକିଆ ମାରୁତି ବ୍ରିଜା, ଦୁଇଟି ବାଇକ୍ ଏବଂ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇଛି। ଏହି ଚଢ଼ାଉରେ ୨ଜଣ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୭ ଇନ୍ସପେକ୍ଟର, ଜଣେ ସବ୍ ଇନ୍ସପେକ୍ଟର, ୭ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ଅଛନ୍ତି।

# ଜଣେ ମାଓବାଦୀ ଗିରଫ, ୬ ଜଣଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୩।୯ (ଦୁର୍ଯ୍ୟୋଧନ ପାତ୍ର)



ଆତ୍ମସମର୍ପଣ କରିଥିବା ମାଓବାଦୀମାନେ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା କୋଣ୍ଟା ଅଞ୍ଚଳରେ ପୋଲିସ ଓ ସିଆର୍‌ପିଏଫ୍‌ର ୨୧୯ ବାଟାଲିୟନର ଯବାନ କୋମ୍ବିଂ ଅପରେଶନ କରୁଥିବାବେଳେ ମାଡକମ ବୁଦରା ନାମକ ଜଣେ ମାଓବାଦୀଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ୧୦ଟି ଜିଲୋଟିନ ଷ୍ଟିକ୍, ୧୩ ଡିଟୋନେଟର ଓ ପ୍ରାୟ ୫ ମିଟର କୋଟେକ୍ସ ତାର ଜବତ କରାଯାଇଛି। ସେ ମାଓବାଦୀ କମାଣ୍ଡର ବେଟି ଭୀମାଙ୍କ ନିର୍ଦ୍ଦେଶରେ ଗୋମପାଡ଼ ନିବାସୀ ତଥା ମାଓବାଦୀ ସହଯୋଗୀ କଡତି ରାମାଙ୍କୁ ବିସ୍ଫୋରକ ପଦାର୍ଥ ଦେବା ପାଇଁ ଯାଉଥିଲେ ବୋଲି ଜେରା ବେଳେ କହିଛନ୍ତି। ସେହିପରି ସୁକ୍‌ମା ଜିଲା ମାଓବାଦୀ ଅପରେଶନ କାର୍ଯ୍ୟାଳୟରେ ୫ ଜଣ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଓବାଦୀ କମାଣ୍ଡର ଜଗା, ମିଲିସିଆ ସଦସ୍ୟ ସୋନୁ, ଦେବା, ଗଙ୍ଗା ଓ ଏରା। ଏମାନେ ଚିନ୍ତାଗୁଫା ଥାନା ଅଞ୍ଚଳରେ ସକ୍ରିୟ ଥିଲେ। ଆତ୍ମସମର୍ପଣ ସମୟରେ ସିଆର୍‌ପିଏଫ୍ ୭୪ ବାଟାଲିୟନ୍ ଡିଆଇଜି ନିଶାନ୍ତ ବୈଷ୍ଣବ, ଡିଏସ୍‌ପି ଉତ୍ତମ ପ୍ରସାଦ ସିଂ ଉପସ୍ଥିତ ଥିଲେ। ଏହି ୫ ଜଣଙ୍କୁ ପ୍ରୋତ୍ସାହନ ରାଶି ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂଚନା ଦେଇଛି। ସେହିପରି ସୁକ୍‌ମା ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମିଲିସିଆ କମାଣ୍ଡର କୁଞ୍ଜାମ ମୁକ୍କା ଆତ୍ମସମର୍ପଣ କରିଛନ୍ତି। କୁଞ୍ଜାମ ମାଓବାଦୀ ସଂଗଠନର ଜଣେ ସକ୍ରିୟ ସଦସ୍ୟ ଥିଲେ। ଏହି ମାଓବାଦୀ ଭୋଜୀ ଥାନା କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ଗତିବିଧିରେ ସାମିଲ ଥିଲେ।

# ଗଳାକାଟି ବୃଦ୍ଧଙ୍କୁ ହତ୍ୟା

ବରଗଡ଼, ୧୩।୯ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ତଥା ଗାଇସିଲେଟ ବ୍ଲକ ଅନ୍ତର୍ଗତ କୁଣ୍ଡାଖାଇ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଉକ୍ତ ଗ୍ରାମର ଶ୍ୟାମସୁନ୍ଦର ପ୍ରଧାନ(୮୫)। ଦୁର୍ବୃତ୍ତମାନେ କୌଣସି ଧାରୁଆ ଅସ୍ତ୍ରରେ ଗଳାକାଟି ତାଙ୍କୁ ହତ୍ୟା କରିଛନ୍ତି। ମେଲଛାମୁଣ୍ଡା ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେହିପରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଛି। ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।

ପ୍ରକାଶ ଯେ, ଗ୍ରାମର ୨ଟି ସ୍ଥାନରେ ଶ୍ୟାମସୁନ୍ଦରଙ୍କ ଘର ରହିଛି। ରାସ୍ତାର ଗୋଟିଏ ପାର୍ଶ୍ୱରେ ନୂଆଘର, ଅନ୍ୟପାର୍ଶ୍ୱରେ ପୁରୁଣା ଘର ରହିଛି। ତେବେ ବୃଦ୍ଧ ପୁରୁଣା ଘରେ ଏକାକୀ ରହୁଥିବାବେଳେ ପରିବାରର ଅନ୍ୟମାନେ ନୂଆଘରେ ରହୁଥିଲେ। ନୂଆଘରକୁ ଆସିବା ପାଇଁ ଶ୍ୟାମସୁନ୍ଦରଙ୍କୁ ପରିବାର ଲୋକେ ବାରମ୍ବାର କହୁଥିବା ସତ୍ତ୍ୱେ ସେ ପୁରୁଣା ଘରକୁ ଛାଡ଼ିବାକୁ ରାଜି ହେଉ ନ ଥିଲେ ଏବଂ ସେଠାରେ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି ।

ତେବେ ଅନ୍ୟଦିନ ଭଳି ମଙ୍ଗଳବାର ରାତିରେ ଶ୍ୟାମସୁନ୍ଦରଙ୍କ ପାଖକୁ ପୁତ୍ରବଧୂ ରାତିଭୋଜନ ନେଇଯାଇଥିଲେ। ସେ ଖାଇ ସାରିବା ପରେ ପୁତ୍ରବଧୂ ପୁଣି ନୂଆଘରକୁ ଆସିଥିଲେ। ସେହିପରି ରାତି ୧୦ଟା ପର୍ଯ୍ୟନ୍ତ ଶ୍ୟାମସୁନ୍ଦରଙ୍କ ସହିତ ତାଙ୍କ ପୁଅମାନେ ଥିଲେ ଏବଂ ପରେ ନୂଆଘରକୁ ଆସିଥିଲେ। ଅନ୍ୟପଟେ ବୁଧବାର ସକାଳୁ ପୁତ୍ରବଧୂ ସବୁଦିନ ଭଳି ଜଳଖିଆ ଧରି ଶ୍ୟାମସୁନ୍ଦରଙ୍କ ପାଖକୁ ଯାଇଥିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ପଡ଼ିଥିବା ଦେଖି ଚକିତ ହୋଇଥିଲେ। ପରିବାରର ଅନ୍ୟମାନଙ୍କୁ ଖବର ଦେଇଥିଲେ। ଏହା ପରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୪୫. ୮୬ ପଏଣ୍ଟ ବଢ଼ି ୬୭,୪୬୬.୯୯ ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୭୬.୮୦ ପଏଣ୍ଟ ବୃଦ୍ଧି ଘଟି ୨୦,୦୭୦.୦୦ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ୩ ବର୍ଷରେ ୭୫ ଲକ୍ଷ ଅତିରିକ୍ତ ଏଲ୍‌ପିଜି ସଂଯୋଗ

■ ଉଜ୍ଜ୍ୱଳା ଯୋଜନାର ସମ୍ପ୍ରସାରଣକୁ କ୍ୟାବିନେଟ୍ ଅନୁମୋଦନ
■ ୧୦.୩୫ କୋଟିକୁ ବୃଦ୍ଧି ପାଇବ ପିଏମ୍‌ୟୁୱାଇ ହିତାଧିକାରୀ

ଭୁବନେଶ୍ୱର,୧୩।୯ (ଅଭୟ ଦାଶ)




ଆସନ୍ତା ୩ବର୍ଷ ମଧ୍ୟରେ ଆଉ ୭୫ ଲକ୍ଷ ନୂଆ ଏଲ୍‌ପିଜି ସଂଯୋଗ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ) ଜରିଆରେ ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷଠାରୁ ୨୦୨୫-୨୬ ପର୍ଯ୍ୟନ୍ତ ଏହି ସଂଯୋଗ ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ବିଶେଷକରି ଆସନ୍ତା ୩ ବର୍ଷ ମଧ୍ୟରେ ୭୫ଲକ୍ଷ ଏଲ୍‌ପିଜି ସଂଯୋଗ ପ୍ରଦାନ ପାଇଁ ପିଏମ୍‌ୟୁୱାଇର ସମ୍ପ୍ରସାରଣ କରିବାକୁ ଅନୁମୋଦନ ମିଳିଛି। ଅପରପକ୍ଷରେ ଏହି ଅତିରିକ୍ତ ୭୫ଲକ୍ଷ ଉଜ୍ଜ୍ୱଳା ସଂଯୋଗ ସହ ପିଏମ୍‌ୟୁୱାଇ ହିତାଧିକାରୀଙ୍କ ସଂଖ୍ୟା ପ୍ରାୟ ୧୦.୩୫ କୋଟିକୁ ବୃଦ୍ଧି ପାଇବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଅଗଷ୍ଟରେ ଶୁଭାରମ୍ଭ ହୋଇଥିବା ଉଜ୍ଜ୍ୱଳା ୨.୦ ର ପ୍ରଚଳିତ ପଦ୍ଧତି ଅନୁଯାୟୀ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ପ୍ରଥମ ରିଫିଲ୍ ବା ଟାଙ୍କିରେ ଗ୍ୟାସ୍ ଭର୍ତ୍ତି ଏବଂ ଚୁଲା ମଧ୍ୟ ମାଗଣାରେ ଯୋଗାଇ ଦିଆଯିବ। ବିଶେଷକରି ପିଏମ୍‌ୟୁୱାଇ ଉପଭୋକ୍ତାଙ୍କୁ ବାର୍ଷିକ ୧୨ଟି ରିଫିଲ ପାଇଁ ୧୪.୨ କିଲୋଗ୍ରାମ ଏଲ୍‌ପିଜି ସିଲିଣ୍ଡର ପିଛା ୨୦୦ ଟଙ୍କା ସବ୍‌ସିଡି ପ୍ରଦାନ କରାଯାଉଛି। ସେହିପରି ପିଏମ୍‌ୟୁୱାଇ ଜାରି ନ ରଖିଲେ ଯୋଗ୍ୟ ଗରିବ ପରିବାର ଏହି ଯୋଜନା ଅଧୀନରେ ସେମାନଙ୍କର ଉପଯୁକ୍ତ ଲାଭ ପାଇପାରିବେ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଏଲ୍‌ପିଜି କଭରେଜକୁ ବିସ୍ତାର କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶେଷକରି ରିହାତି ମୂଲ୍ୟରେ ଏଲ୍‌ପିଜି ସିଲିଣ୍ଡର ଯୋଗାଇବା ପରିବର୍ତ୍ତେ ବଜାର ମୂଲ୍ୟରେ ବିକ୍ରି କରାଯାଇଛି ଏବଂ ପ୍ରଯୁଜ୍ୟ ସବ୍‌ସିଡି ସିଧାସଳଖ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଇଲେକ୍ଟ୍ରୋନିକ ମାଧ୍ୟମରେ ଟ୍ରାନ୍ସଫର ହୋଇଛି। ଏହାଦ୍ୱାରା ନକଲି ଆକାଉଣ୍ଟ ଏବଂ ବ୍ୟବସାୟିକ ଉଦ୍ଦେଶ୍ୟରେ ଘରୋଇ ସିଲିଣ୍ଡରର ବେଆଇନ ବ୍ୟବହାର ହ୍ରାସ ପାଇଛି। ସେହିଭଳି ସବ୍‌ସିଡି ତ୍ୟାଗ-ସବ୍‌ସିଡିକୁ ଜୋରଜବରଦସ୍ତ ହଟାଇବା ପରିବର୍ତ୍ତେ ଲୋକଙ୍କୁ ସ୍ୱେଚ୍ଛାକୃତ ଭାବେ ସବ୍‌ସିଡି ସମର୍ପଣ କରିବାକୁ ପ୍ରୋତ୍ସାହିତ କରାଯାଇଥିଲା। ବ୍ୟାପକ ପ୍ରୋତ୍ସାହନ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକ ସ୍ୱେଚ୍ଛାକୃତ ଭାବେ ସବ୍‌ସିଡି ଛାଡ଼ିଥିଲେ, ଯାହା ଏଲ୍‌ପିଜି ସିଲିଣ୍ଡର କିଣିବାରେ ପ୍ରକୃତରେ ସହାୟତା ଆବଶ୍ୟକ କରୁଥିବା ଲୋକଙ୍କୁ ସବ୍‌ସିଡି ପାଇବାରେ ସାହାଯ୍ୟ କରିଥିଲା। ସେହିପରି ୨୦୨୦ରେ କୋଭିଡ୍-୧୯ ମହାମାରୀ ଲକ୍‌ଡାଉନ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ମାଗଣା ସିଲିଣ୍ଡର ଭରିବା ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଏହି ଯୋଜନା ଅଧୀନରେ ପିଏମ୍‌ୟୁୱାଇ ହିତାଧିକାରୀଙ୍କୁ ୧୪.୧୭ କୋଟି ଏଲ୍‌ପିଜି ରିଫିଲ ନିମନ୍ତେ ୯୬୭୦.୪୧ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା ବେଳେ ପିଏମ୍‌ୟୁୱାଇ ହିତାଧିକାରୀଙ୍କ ମୁଣ୍ଡ ପିଛା ବ୍ୟବହାର ୨୦୧୮-୧୯ରେ ୩.୦୧ ଥିବାବେଳେ ୨୦୨୨-୨୩ରେ ଏହା ୩.୭୧କୁ ବୃଦ୍ଧିପାଇଛି, ପିଏମ୍‌ୟୁୱାଇ ହିତାଧିକାରୀମାନେ ବର୍ତ୍ତମାନ (୨୦୨୨-୨୩) ବର୍ଷକୁ ୩୫ କୋଟିରୁ ଅଧିକ ଏଲ୍‌ପିଜି ରିଫିଲ ନେଇଛନ୍ତି।

# ୟୁଏନ୍‌ଡିପି ସହ ନାବାର୍ଡର ସହଭାଗିତା



ଭୁବନେଶ୍ୱର,୧୩।୯

ନ୍ୟାଶନାଲ ବ୍ୟାଙ୍କ ଫର୍ ଅଗ୍ରିକଲ୍ଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ (ନାବାର୍ଡ) ଏବଂ ଦି ୟୁନାଇଟେଡ୍ ଡେଭଲପମେଣ୍ଟ ପ୍ରୋଗ୍ରାମ (ୟୁଏନ୍‌ଡିପି)ର ଭାରତ ଶାଖା ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷ କରି ଭାରତୀୟ କ୍ଷୁଦ୍ରଚାଷୀଙ୍କ ବିକାଶ ଓ ସହାୟତା ପାଇଁ ଆବଶ୍ୟକ ପ୍ରଯୁକ୍ତି ଏବଂ କୃଷି କ୍ଷେତ୍ରରେ କୋ-କ୍ରିଏଟ ଡାଟା ଡ୍ରିଭେନ ଇନୋଭେଶନ ଉପରେ ଏହି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଥିବା ଉଭୟ ସଂସ୍ଥା ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ନାବାର୍ଡର ସିଜିଏମ୍ ସଞ୍ଜୀବ ରୋହିଲ୍ୟା ଏବଂ ୟୁଏନ୍‌ଡିପିର ଡିଆର୍‌ଆର୍ ଇସାବେଲ ସାଢେନଙ୍କ ମଧ୍ୟରେ ଉପରୋକ୍ତ ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ପରିପ୍ରେକ୍ଷୀରେ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି କୃଷି କ୍ଷେତ୍ରରେ କିଭଳି ଅଧିକ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରୟୋଗ କରାଯାଇପାରିବ ସେ ନେଇ ମଧ୍ୟ ଉଭୟ ସଂସ୍ଥା ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା।

# ମେଧାବୀ ବିଦ୍ୟାର୍ଥୀ ସମ୍ମାନ ସମାରୋହ

ଭୁବନେଶ୍ୱର,୧୩।୯

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ମେଧାବୀ ବିଦ୍ୟାର୍ଥୀ ସମ୍ମାନ ସମାରୋହର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌ଏ (ହିନ୍ଦୀ)ବିଭାଗର କୃତୀ ବିଦ୍ୟାର୍ଥୀମାନଙ୍କୁ ବିଓବି ପକ୍ଷରୁ ପୁରସ୍କୃତ ସହ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ରାଜୀବ କ୍ରିଷ୍ଣା ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌ଏ (ହିନ୍ଦୀ) ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ତଲତ ନୁର୍ ଏବଂ ୨ୟ ସ୍ଥାନ ଅଧିକାର କରିଥିବା ପ୍ରୀତୀଶ ଥାନ୍‌ପତିଙ୍କୁ ଯଥାକ୍ରମେ ୧୧,୦୦୦ ଏବଂ ୭,୫୦୦ ଟଙ୍କାର ଅର୍ଥ ରାଶି ଓ ମାନପତ୍ର ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ଗୌତମ ପ୍ରଧାନ ଏବଂ ହିନ୍ଦୀ ବିଭାଗର ସଂଯୋଜକ ବ୍ରଜସୁନ୍ଦର ମିଶ୍ରଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ସେହିଭଳି ବ୍ୟାଙ୍କର ନୂତନ ବବ୍ ବ୍ରୋ ଆକାଉଣ୍ଟ (ବିଓବି ବିଆର୍‌ଓ ଆକାଉଣ୍ଟ) ତଥା ବ୍ୟାଙ୍କର ଡିଜିଟାଲ ଉତ୍ପାଦ ଏବଂ ସାଇବର ସୁରକ୍ଷା ସମ୍ବନ୍ଧରେ ରାଜୀବ ବିଦ୍ୟାର୍ଥୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓବିର କ୍ଷେତ୍ରୀୟ ବ୍ୟବସାୟ ବିକାଶ ପ୍ରବନ୍ଧକ ମାନସ ପଟ୍ଟନାୟକଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ପ୍ରାଧ୍ୟାପକମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୦୬ରେ ବରୋଦା ମେଧାବୀ ପ୍ରୋତ୍ସାହନ ଯୋଜନା ଆରମ୍ଭ କରାଯାଇଥିଲା। ବିଶେଷକରି ଯୁବପିଢ଼ିମାନଙ୍କ ମଧ୍ୟରେ ହିନ୍ଦୀ ଭାଷାକୁ ଲୋକପ୍ରିୟ କରାଇବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ। ଏହି ଯୋଜନା ଅନ୍ତର୍ଗତ ବ୍ୟାଙ୍କ ଦ୍ୱାରା ସାରା ଦେଶରେ ୭୧ଟି ବିଶ୍ୱବିଦ୍ୟାଳୟରେ ଏମ୍‌ଏ(ହିନ୍ଦୀ) ପରୀକ୍ଷାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ ସହ ସମ୍ମାନିତ କରିଥିଲା।

# ସୋଆ ଆଇନ୍ ଛାତ୍ରୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୩।୯



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦ୍ୱାରା ପରିଚାଳିତ ସୋଆ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ସ୍ନିଲ୍)ର ଛାତ୍ରୀ କୁମାରୀ ରାଧିକା ଶର୍ମା ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏ ନେଇ ସୋଆ ପକ୍ଷରୁ ବୁଧବାର ଏକ ସ୍ୱତନ୍ତ୍ର ସମ୍ମାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ରାଧିକାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, କୁମାରୀ ଶର୍ମା ଚଳିତ ବର୍ଷ ଓଏଏସ୍ ପରୀକ୍ଷାରେ ୪୭ତମ ର୍‍ୟାଙ୍କ୍ ଅଧିକାର କରିଛନ୍ତି। ସେ ସ୍ନିଲ୍‌ର ୨୦୧୪-୧୯ ବ୍ୟାଚ୍ ବିଏଲ୍‌ଏଲ୍‌ବି ଛାତ୍ରୀ। ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରଫେସର ଡ. ନାୟକ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ କୁମାରୀ ଶର୍ମା ନିଜ ସଫଳତାର ଶ୍ରେୟ ସୋଆକୁ ଦେବା ସହ ତାଙ୍କୁ ପାଠ ପଢ଼ାଇଥିବା ଅଧ୍ୟାପିକା ଅଧ୍ୟାପକଙ୍କ ସହଯୋଗ ହିଁ ତାଙ୍କୁ ଏତେ ବାଟ ଆଣିପାରିଛି ବୋଲି କହିଥିଲେ। ତେଣୁ ସୋଆର ନାମକୁ ସେ ସବୁବେଳେ ଉଚ୍ଚକୁ ନେବାକୁ ଚେଷ୍ଟା କରିବେ ବୋଲି କହିଥିଲେ।

ଓଡ଼ିଶା ପ୍ରଶାସନିକ ସେବା ମାଧ୍ୟମରେ ସେ ଜନସାଧାରଣଙ୍କ ସେବା କରିବାକୁ ଚେଷ୍ଟା କରିବେ ବୋଲି କହିବା ସହ ଆଗାମୀ ଦିନରେ ଭାରତୀୟ ପ୍ରଶାସନିକ ସେବାରେ ନିଜକୁ ସାମିଲ କରିବା ନିମନ୍ତେ ପ୍ରଚେଷ୍ଟା କରିବେ ବୋଲି ସେ କହିଥିଲେ। ତାଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ସ୍ନିଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ, ସିନିୟର ପ୍ରଫେସର ପ୍ରବୀର ପଟ୍ଟନାୟକ, ସିନିୟର ପ୍ରଫେସର ମଧୁସୂଦନ ଦାସ ଓ ଆସୋସିଏଟ୍ ପ୍ରଫେସର ଚିନ୍ମୟ ମହାପାତ୍ର ଉପସ୍ଥିତ ଥିଲେ।

# ୨୦,୦୦୦ ଅଙ୍କ ଉପରେ ନିଫ୍ଟି

ଭୁବନେଶ୍ୱର,୧୩।୯

ଗତ ୩ ମାସ ପରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି-୫୦ରେ ରେକର୍ଡସ୍ତରର କାରବାର ସହ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ବୁଧବାର ଘରୋଇ ଶେୟାର ବଜାର କାରବାର ଉଚ୍ଚା ରହିବା ସହ ନିଫ୍ଟି ପ୍ରଥମ ଥର ପାଇଁ ୨୦, ୦୦୦ ଅଙ୍କ ପାର କରିଛି। ବିଗତ କିଛି ସପ୍ତାହ ହେବ ଶେୟାର ବଜାରର ଉଚ୍ଚ ପ୍ରଦର୍ଶନ ଯୋଗୁ ନିଫ୍ଟି-୫୦ ୨୦,୦୦୦ (୨୦,୦୭୦.୦୦) ଅଙ୍କ ଉପରେ ରହିଛି। ଏହା ପୂର୍ବରୁ ୨୦୨୩ ଜୁଲାଇ ମାସରେ ନିଫ୍ଟି-୫୦ର କାରବାର ସର୍ବୋଚ୍ଚ ସ୍ତରରେ ରହିଥିଲା। ସେହିଭଳି ଏନ୍‌ଏସ୍‌ଇ ନିଫ୍ଟିର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସବୁଠାରୁ ଅଧିକ ଶେୟାର କିଣାଯାଇଥିଲା ବେଳେ ଏନ୍‌ଏସ୍‌ଇ ମିଡ୍‌କ୍ୟାପ୍ ଓ ସ୍ମଲ୍ କ୍ୟାପ୍‌ର କାରବାର ମଧ୍ୟ ଉଚ୍ଚା ରହିଥିଲା। ଏପରିକି ନିଫ୍ଟି ବ୍ୟାଙ୍କିଙ୍ଗ୍ ୩୪୮.୧୦ ପଏଣ୍ଟ ବୃଦ୍ଧି ଘଟି ୪୫,୯୦୯.୭୫ ଅଙ୍କରେ ପହଞ୍ଚିଛି। ସେହିପରି ନିଫ୍ଟି ସ୍ମଲ୍ କ୍ୟାପ୍ ୨୮.୭୦ ପଏଣ୍ଟ ବଢ଼ି ୫୭୬୭.୯୫ ଅଙ୍କରେ ରହିଥିଲାବେଳେ ନିଫ୍ଟି ମିଡ୍ କ୍ୟାପ୍ ୭୪.୮୦ ପଏଣ୍ଟ ବୃଦ୍ଧି ଘଟି ୪୦,୨୪୫. ୧୦ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ନିଫ୍ଟି-୫୦ର ଶେୟାରଗୁଡ଼ିକ ମଧ୍ୟରୁ ୪୦ ଶେୟାରର କାରବାର ବୃଦ୍ଧି ହୋଇଥିବା ବେଳେ ୧୦ଟି ଶେୟାରର କାରବାର ହ୍ରାସ ଘଟିଛି।

# ଏଏଏଫ୍ ପକ୍ଷରୁ ମଲ୍ଟିମିଡିଆ ଅଭିଯାନ

ଭୁବନେଶ୍ୱର,୧୩।୯

ବେଦାନ୍ତ ଗ୍ରୁପ୍(ଲିମିଟେଡ୍)ର ସାମାଜିକ ପ୍ରତିଷ୍ଠାନ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ (ଏଏଏଫ୍) ପକ୍ଷରୁ ଏକ ସ୍ୱତନ୍ତ୍ର ମଲ୍ଟିମିଡିଆ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କ୍ଷୁଧା ଏବଂ ପୁଷ୍ଟିହୀନତାର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଏପରିକି ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ଜାତୀୟ ପୁଷ୍ଟିକର ମାସ କମ୍ପାନୀର ସମସ୍ତ ୟୁନିଟ୍‌ରେ ମଧ୍ୟ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର 'ଅଗର ବଚ୍‌ପନ ସେ ପୁଛା ଖାନା ଖାୟା ତୋ ଦେଶ କା କଲ ବନାୟା' ଟ୍ୟାଗ୍‌ଲାଇନ ସହ ଉକ୍ତ ଅଭିଯାନ ମୌଳିକ ପୁଷ୍ଟିକର ମହତ୍ତ୍ୱକୁ ଆଲୋକିତ କରିଥାଏ ଏବଂ ସାମଗ୍ରିକ ଆବଶ୍ୟକତାକୁ ପ୍ରଚାର କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ ତଥା ଚେୟାରମ୍ୟାନ୍ ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ପୁଷ୍ଟିହୀନତା ହେଉଛି ଏକ ସମସ୍ୟା ଯାହା ମୋ ପିତାଙ୍କ ବ୍ୟକ୍ତିଗତ ଯାତ୍ରା ଏବଂ ଭୋକର ଅନୁଭୂତିରୁ ଆସିଥାଏ। ଏକ ଗୋଷ୍ଠୀ ଭାବେ ଆମର ଦୃଷ୍ଟିକୋଣ ହେଉଛି ଯେକୌଣସି ପିଲା ଭୋକିଲା ଶୋଇବା ଉଚିତ ନୁହେଁ। ଏହି ଅଭିଯାନର ଶୁଭାରମ୍ଭ ଏକ ଆନ୍ଦୋଳନର ଆରମ୍ଭକୁ ଚିହ୍ନିତ କରେ ଯାହା ସମ୍ପ୍ରଦାୟର ଶକ୍ତିକୁ ବଢ଼ାଇବ, ଯେତେବେଳେ ଆମେ ଏକତ୍ର ହୋଇ ପୁଷ୍ଟିହୀନତାର ମୁକାବିଲା କରିବୁ। ଏହି ଅଭିଯାନ ଏ ଦିଗରେ ଆଉ ଏକ ପଦକ୍ଷେପ ହେବ। ମ୍ୟାକକାନ୍ ଏରିକ୍ସନ୍ (ଭାରତ) ଦ୍ୱାରା ଡିଜାଇନ ଏବଂ କାର୍ଯ୍ୟକାରୀ ହୋଇଥିବା ଏହି ଅଭିଯାନ ପ୍ରଥମ ପର୍ଯ୍ୟାୟରେ ନାଗରିକଙ୍କ ମଧ୍ୟରେ କ୍ଷୁଧା ଏବଂ ପୁଷ୍ଟିହୀନତା ଦୂରକରିବା ତଥା ଆସନ୍ତାକାଲିର ଭବିଷ୍ୟତ ପାଇଁ ଆମ ଭବିଷ୍ୟତ ପିଢ଼ିକୁ ସମାନ ସୁଯୋଗ ପ୍ରଦାନ କରିବାକୁ ଚେଷ୍ଟା କରିଥାଏ। ଅପରପକ୍ଷରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ନୂତନ ଲୋଗୋ ମଧ୍ୟ ନିକଟରେ ଉନ୍ମୋଚିତ ହୋଇଯାଇଛି।

# କୁଟିନାର ନୂତନ ଉତ୍ପାଦ ଉନ୍ମୋଚିତ

**ଡିଲର୍ସ ଆଣ୍ଡ ରିଟେଲର୍ସ ମିଟ୍-୨୩ ଉଦ୍‌ଯାପିତ**

ଭୁବନେଶ୍ୱର,୧୩।୯




ଦେଶର ପ୍ରମୁଖ କିଚେନ ଆପ୍ଲିଆନ୍ସ ନିର୍ମିତା କୁଟିନା ହୋମ୍ ମେକର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଉତ୍ପାଦକୁ ବୁଧବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଚଳିତ ବର୍ଷର ପାର୍ବଣ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଗୁଣାତ୍ମକ ଉତ୍ପାଦର ବ୍ୟାପକ ରେଞ୍ଜକୁ ବଜାର ପ୍ରବେଶ କରାଇବା ସହ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରୟାସ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ସାଙ୍ଗକୁ ନୂତନ ଜ୍ଞାନକୌଶଳରେ ନିର୍ମିତ ବିଭିନ୍ନ ବର୍ଗର କିଚେନ ସଲ୍ୟୁଶନକୁ କମ୍ପାନୀର ରିଟେଲରମାନଙ୍କ ଜରିଆରେ ଗ୍ରାହକଙ୍କ ନିକଟତର କରାଯିବ। ଏ ସମ୍ପର୍କରେ କୁଟିନା ହୋମ୍ ମେକର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ନମିତ୍ ବାଜୋରିଆ କହିଛନ୍ତି, ନୂତନ ଉତ୍ପାଦ ସମ୍ଭାରକୁ ଉନ୍ମୋଚନକରି ଆମେ ଉତ୍ସାହିତ ଅଛୁ। ଏପରିକି କମ୍ପାନୀର ଉତ୍ପାଦଗୁଡ଼ିକ ସର୍ବଦା ଗ୍ରାହକଙ୍କ ଚାହିଦା ପୂରଣ ସହ ମନପସନ୍ଦର ହୋଇଥାଏ। କାରଣ ଗୁଣାତ୍ମକ ସାମଗ୍ରୀ ଓ ଆଧୁନିକ ଜ୍ଞାନକୌଶଳରେ ଉତ୍ପାଦଗୁଡ଼ିକୁ ବିକଶିତ କରିଥାଉ। ଅପରପକ୍ଷରେ କୁଟିନା ରିଟେଲର୍ସ ଆଣ୍ଡ ଡିଲର୍ସ ମିଟ୍-୨୦୨୩ ବୁଧବାର ଭୁବନେଶ୍ୱର ଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୁଟିନା ହୋମ୍ ମେକର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସ୍ୱୀକୃତିପ୍ରାପ୍ତ ଡିଲର୍ସ ଆଣ୍ଡ ରିଟେଲର୍ସମାନେ ଉକ୍ତ ମିଟ୍ ଉତ୍ସବରେ ଯୋଗଦେଇ ମତ ଦେବା ସହ ବଜାର ଚାହିଦା ଓ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

# କିମ୍‌ସରେ ଇଭିନିଂ କ୍ଲିନିକ ଶୁଭାରମ୍ଭ

ଭୁବନେଶ୍ୱର,୧୩।୯




ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ କିମ୍‌ସ ଭୁବନେଶ୍ୱରରେ ସାନ୍ଧ୍ୟ କ୍ଲିନିକର ଶୁଭାରମ୍ଭ ହୋଇଯାଇଛି। ଦିନ ତମାମ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବା କର୍ମଜୀବୀ ଓ ଅନ୍ୟ ସାଧାରଣ ଲୋକଙ୍କ ପାଇଁ କିମ୍‌ସରେ ଏହି କ୍ଲିନିକ ବା ସନ୍ଧ୍ୟାକାଳୀନ ଚିକିତ୍ସା ସେବାର ଆରମ୍ଭ ହୋଇଛି। ଏପରିକି କିମ୍‌ସର ସୁପର ସ୍ପେଶାଲିଟି ହସ୍ପିଟାଲ ଏବଂ କର୍କଟ କେନ୍ଦ୍ରରେ ଉକ୍ତ କ୍ଲିନିକ ଆପତ୍‌କାଳୀନ ଚିକିତ୍ସାର ଆରମ୍ଭ ହୋଇଛି। ଏହାଦ୍ୱାରା ଯେଉଁ ଲୋକମାନେ ଦିନ ତମାମ ବ୍ୟସ୍ତ ରହୁଛନ୍ତି ସେମାନେ ନିଜ କାମ ଶେଷ କରିବା ପରେ କିମ୍‌ସର ବିଶେଷଜ୍ଞ ଡାକ୍ତରମାନଙ୍କ ପରାମର୍ଶ ନେଇପାରିବେ। କିମ୍‌ସ ସୁପରସ୍ପେଶାଲିଟି ହସ୍ପିଟାଲ ଓ କର୍କଟ କେନ୍ଦ୍ରରେ ଅନ୍ୟ ନିୟମିତ ଓପିଡି ସେବା ସୋମବାରରୁ ଶନିବାର ପର୍ଯ୍ୟନ୍ତ ଚାଲିବ। ସେହିଭଳି ଡାକ୍ତରମାନେ କାର୍ଯ୍ୟସୂଚୀ ଅନୁଯାୟୀ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରୋଗୀ ଦେଖିବା ସହ ପ୍ରତି ସୋମବାରରୁ ଶୁକ୍ରବାର ସନ୍ଧ୍ୟା ୫ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଉକ୍ତ କ୍ଲିନିକ୍‌ରେ ମଧ୍ୟ ରୋଗୀ ଦେଖିବେ। କିମ୍‌ସରେ ରୋଗୀମାନଙ୍କୁ ୨୪ଘଣ୍ଟିଆ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ କିମ୍‌ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପରିକଳ୍ପନା ସହ ଏହି ଇଭନିଂ କ୍ଲିନିକ୍ ଆରମ୍ଭ କରାଯାଇଛି। ସାମନ୍ତ ଇଭିନିଂ କ୍ଲିନିକ୍ କିମ୍‌ସକୁ ଆଉ ଏକ ରୋଗୀ ସୁଲଭ ପଦକ୍ଷେପ ଭାବରେ ପରିକଳ୍ପନା କରିଛନ୍ତି। ଏହାର ଉନ୍ନତ ଯତ୍ନ ଏବଂ ଚିକିତ୍ସା ପାଇଁ ଦୂରଦୂରାନ୍ତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଇଭିନିଂ କ୍ଲିନିକ୍ ରେ ଜେନେରାଲ ମେଡିସିନ, ଜେନେରାଲ ସର୍ଜରି, କର୍ଣ୍ଣ-ନାସା-ଗଳା, ଚକ୍ଷୁରୋଗ, ପଲମୋନାରି ମେଡିସିନ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ନ୍ୟୁରୋଲୋଜି, ମାନସିକ ରୋଗ, ଏଣ୍ଡୋକ୍ରାଇନୋଲୋଜି, ରୁମାଟୋଲୋଜି, ଚର୍ମରୋଗ, ପ୍ରସୂତି ଓ ସ୍ତ୍ରୀରୋଗ, ଅସ୍ଥିଶଲ୍ୟ, କାର୍ଡିଓଲୋଜି, ନେଫ୍ରୋଲୋଜି ଏବଂ ପ୍ରଜନନ ମେଡିସିନ (ଆଇଭିଏଫ୍)ର ବିଶେଷଜ୍ଞ ରୋଗୀଙ୍କୁ ପରାମର୍ଶ ଦେବେ। ଇଭିନିଂ କ୍ଲିନିକ,ସୁପରସ୍ପେଶାଲିଟି ଓପିଡି କିମ୍ବା କର୍କଟ କେନ୍ଦ୍ରରେ ଡାକ୍ତରଙ୍କ ପରାମର୍ଶ ପାଇଁ ୦୬୭୪-୭୧୧୧୦୧୧ କିମ୍ବା ୭୬୮୨୮୦୬୫୭୧ରେ ଫୋନ୍‌କରି ଅଗ୍ରିମ ବୁକିଂ କରିପାରିବେ।

# ବେଦାନ୍ତ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ

ଭୁବନେଶ୍ୱର,୧୩।୯



ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ 'ବେଦାନ୍ତ ଆଲୁମିନିୟମ' ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ବିଶେଷକରି କମ୍ପାନୀର ଓଡ଼ିଶା ୟୁନିଟ୍ (ଝାରସୁଗୁଡ଼ା ଆଲୁମିନିୟମ ସ୍ମେଲଟର ଏବଂ ଲାଞ୍ଜିଗଡ଼ ଆଲୁମିନା ରିଫାଇନେରି) ଏବଂ ଛତିଶଗଡ଼ ୟୁନିଟ୍ (ବାଲ୍‌କୋ)ରେ ମଧ୍ୟ ପୋଷଣ ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବେଦାନ୍ତର କର୍ମଚାରୀ ଓ ସେମାନଙ୍କ ପରିବାର ଏବଂ ଗୋଷ୍ଠୀର ସଦସ୍ୟମାନଙ୍କୁ ପୁଷ୍ଟିକର ଅଭ୍ୟାସର ଆବଶ୍ୟକତା ଉପରେ ବ୍ୟାପକ ସଚେତନତାଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ଜାତୀୟ ପୋଷଣ ସପ୍ତାହ ଅବସରରେ କମ୍ପାନୀ ବହୁ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ (ଆଲୁମିନିୟମ ବ୍ୟବସାୟ) ସୁନୀଲ ଗୁପ୍ତା କହିଥିଲେ, ସମାଜରେ ଉନ୍ନତି ଆଣିବା ପାଇଁ ଆମେ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହିତ ସାମୂହିକ ଯୋଗଦାନକୁ ମଧ୍ୟ ଆଗକୁ ବଢାଇବା ଲାଗି ଆନ୍ତରିକତାର ସହ ଉତ୍ସର୍ଗୀକୃତ ରହିଛୁ। ବିଶେଷକରି ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ସାମାଜିକ ବ୍ୟବଧାନକୁ ଦୂରକରିବା ଲାଗି ଆମେ ପ୍ରୟାସ କରୁଛୁ। ସେହିଭଳି ବାଲ୍‌କୋର ସିଇଓ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ରାଜେଶ କୁମାର କହିଥିଲେ, ଆମର ପ୍ରତିବଦ୍ଧତାକୁ ପ୍ରସାରିତ କରୁଥିବା ଲୋକଙ୍କୁ ଏକତ୍ରକରି ଆମ ଦେଶର ପୁଷ୍ଟିହୀନତାର ମୁକାବିଲା ପାଇଁ କ୍ଷୁଧା ମୁକ୍ତି ଯାତ୍ରାର ପରିକଳ୍ପନା କରିଛୁ। ଏପରିକି ଆମେ ସ୍ଥାନୀୟ ଗୋଷ୍ଠୀର କଲ୍ୟାଣ ପାଇଁ ସର୍ବଦା କାର୍ଯ୍ୟକରୁଥିବାବେଳେ କମ୍ପାନୀର ସାମାଜିକ ପ୍ରୟାସ ମାଧ୍ୟମରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଯତ୍ନରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରାଯାଉଛି।

# କ୍ୱାଲିଟି କନ୍‌ସେପ୍ଟ କନ୍‌ଭେନ୍‌ଶନରେ ଟିପିସିଓଡିଏଲ୍ ପୁରସ୍କୃତ

ଭୁବନେଶ୍ୱର,୧୩।୯




ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ଓ ପୁରସ୍କୃତ ହୋଇଛି। ବିଶେଷକରି କ୍ୱାଲିଟି ସର୍କଲ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫ୍‌ଆଇ) ପକ୍ଷରୁ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିଠାରେ ଆୟୋଜିତ ୫ମ 'ଚାପ୍ଟର କନ୍‌ଭେନ୍‌ଶନ ଅନ୍ କ୍ୱାଲିଟି କନ୍‌ସେପ୍ଟ-୨୦୨୩'ରେ ଟିପିସିଓଡିଏଲ୍ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛି। ଏକ ଉତ୍ତମ ଭବିଷ୍ୟତ ପାଇଁ କ୍ୱାଲିଟି କନ୍‌ସେପ୍ଟକୁ ସୁଦୃଢ଼ କରିବା ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମ୍ମିଳନୀରେ ଟିପିସିଓଡିଏଲ୍ ସମସ୍ତ ସ୍ୱର୍ଣ୍ଣ ବର୍ଗ ପୁରସ୍କାର ହାସଲକରି କ୍ୟୁସିସି, କାଇଜେନ୍ ଓ କର୍ମକ୍ଷେତ୍ର ପରିଚାଳନାରେ ଉତ୍କର୍ଷ ପ୍ରଦର୍ଶନ କରିଛି। ଏହି ଉପଲବ୍ଧି ହାସଲ କରିବାରେ ଟିପିସିଓଡିଏଲ, ମେଣ୍ଟର, ବରିଷ୍ଠ ଟିମ୍ ଲିଡର ଓ ଉତ୍ସର୍ଗୀକୃତ ଟିମ୍ ସଦସ୍ୟଙ୍କ ସାମଗ୍ରିକ ଉଦ୍ୟମ ଗୁରୁତ୍ୱପୂର୍ଣ୍ଣ ଥିଲା। ୧୦ଟି ପ୍ରକଳ୍ପ ଜରିଆରେ ଟିପିସିଓଡିଏଲ୍ ଏହି ସଫଳତା ହାସଲ କରିଛି, ଯାହା ନିରନ୍ତର ଉନ୍ନତି ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେହିଭଳି ଚାପ୍ଟର କନ୍‌ଭେନସନ ଅନ୍ କ୍ୱାଲିଟି କନ୍‌ସେପ୍ଟ ୨୦୨୩ ରେ ଟିପିସିଓଡିଏଲ୍‌ର ସମସ୍ତ ୧୦ ଟିମ୍ ସ୍ୱର୍ଣ୍ଣ ବର୍ଗ ପୁରସ୍କାର ହାସଲ କରିଥିବା ବେଳେ ସମ୍ମାନଜନକ ନ୍ୟାଶନାଲ କନ୍‌ଭେନ୍‌ସନ୍ ଅନ୍ କ୍ୱାଲିଟି କନ୍‌ସେପ୍ଟ (ଏନ୍‌ସିକ୍ୟୁସି) ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, କ୍ୱାଲିଟି ଓ ଉତ୍କର୍ଷ ପ୍ରତି ଟିପିସିଓଡିଏଲ୍‌ର ଅତୁଟ ପ୍ରତିବଦ୍ଧତା ଏହି ସମ୍ମାନଗୁଡ଼ିକରେ ପ୍ରତିଫଳିତ ହୋଇଛି। ସଫଳତା ପାଇଁ ନିରନ୍ତର ଉନ୍ନତି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହି ସମ୍ମାନଗୁଡ଼ିକ ଆମ କର୍ମଚାରୀମାନଙ୍କ କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ମନୋଭାବର ପ୍ରମାଣ। ଆଗାମୀ କ୍ୱାଲିଟି କନ୍‌ସେପ୍ଟର ଜାତୀୟ ସମ୍ମିଳନୀରେ ଆମର ଦକ୍ଷତା ପ୍ରଦର୍ଶନ କରିବାକୁ ଆମେ ଚାହିଁରହିଛୁ। ଉନ୍ନତି ଜାରି ରଖିବା ସହ ପ୍ରଭାବଶାଳୀ ଓ ଭରସାଯୋଗ୍ୟ ବିଦ୍ୟୁତ୍ ବଣ୍ଟନର ଲକ୍ଷ୍ୟ ପ୍ରତି ଟିପିସିଓଡିଏଲ୍ ସଂକଳ୍ପବଦ୍ଧ ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...................................


ସାଇ ସଙ୍ଗୀତା
ପରିବାରବର୍ଗ


ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନସିମ୍ ଶାହ ବାଦ୍

**କଲମ୍ବୋ, ୧୩।୯ (ପି.ଟି.)**

ଆହତ ହୋଇ ଏସିଆ କପ୍‌ରୁ ବାଦ୍ ପଡିଛନ୍ତି ପାକିସ୍ତାନୀ ଦ୍ରୁତ ବୋଲର ନସିମ୍ ଶାହ। ଭାରତ ବିପକ୍ଷ ସୁପର-୪ ମ୍ୟାଚ୍ ସମୟରେ ନସିମ୍‌ଙ୍କ ଡାହାଣ କାନ୍ଧରେ ଆଘାତ ଲାଗିଥିଲା। ଉକ୍ତ ମ୍ୟାଚରେ ନସିମ୍ ନିଜ କୋଟା ପୂରଣ କରି ପାରି ନ ଥିଲେ। ବୁଧବାର ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଜମନ ଖାନଙ୍କୁ ନସିମ୍‌ଙ୍କ ବଦଳ ଖେଳାଳି ଭାବରେ ଘୋଷଣା କରାଯାଇଛି। ତେବେ ନସିମ୍ ବାଦ୍ ପଡିବା ପାକିସ୍ତାନ ପାଇଁ ବଡ ଝଟ୍‌କା ବୋଲି କହିଛନ୍ତି ବୋଲିଂ କୋଚ୍ ମର୍ନେ ମର୍କେଲ।

# ଟିକେଟର ସର୍ବନିମ୍ନ ମୂଲ୍ୟ ୨୬୦୦

**ଜେନେଭା, ୧୩।୯ (ପି.ଟି.)**

ଜର୍ମାନୀରେ ଆୟୋଜିତ ହେବାକୁ ଥିବା ୟୁରୋ କପ୍ ୨୦୨୪ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଟିକେଟ ବିକ୍ରି ଖୁବ୍ ଶୀଘ୍ର ଆରମ୍ଭ ହେବ। ଅକ୍ଟୋବର ୩ ତାରିଖରୁ ଏହି ମେଗା ଇଭେଣ୍ଟର ଟିକେଟ ବିକ୍ରି ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଗ୍ରୁପ୍ ଷ୍ଟେଜ୍ ମ୍ୟାଚ୍‌ଗୁଡିକ ପାଇଁ ଟିକେଟର ସର୍ବନିମ୍ନ ମୂଲ୍ୟ ୩୨ ଡଲାର ବା ଭାରତୀୟ ମୁଦ୍ରାରେ ୨୬୫୩ ଟଙ୍କା ରହିଛି। ସେହିପରି ହାଇଏଣ୍ଡ ସିଟ୍‌ଗୁଡିକ ପାଇଁ ସର୍ବନିମ୍ନ ମୂଲ୍ୟ ୧୦୭୨ ଡଲାର ରହିଛି। ସମୁଦାୟ ୨୭ ଲକ୍ଷ ଟିକେଟରୁ ଅକ୍ଟୋବର ମାସରେ ହିଁ ୧୨ ଲକ୍ଷ ଟିକେଟ ବିକ୍ରି ହେବ। ସେହିପରି ଫାଇନାଲ ମ୍ୟାଚ୍ ପାଇଁ ସାଧାରଣ ଟିକେଟର ମୂଲ୍ୟ ୪୦୦ ଡଲାର ରହିଥିବା ବେଳେ ହାଇଏଣ୍ଡ ସିଟ୍‌ଗୁଡିକ ପାଇଁ ୨୧୪୬ ଡଲାର ବ୍ୟୟ କରିବାକୁ ପଡିବ। ସମୁଦାୟ ୫୧ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଫାଇନାଲ ମ୍ୟାଚ୍ ବର୍ଲିନର ଅଲିମ୍ପିକ୍ସ ଷ୍ଟାଡିୟମରେ ଖେଳାଯିବ। ୟୁରୋ ୨୦୨୦ ଅପେକ୍ଷା ହାଇଏଣ୍ଡ ସିଟ୍‌ଗୁଡିକର ମୂଲ୍ୟରେ ୪୦ ପ୍ରତିଶତ ବୃଦ୍ଧି କରାଯାଇଥିବା ବୁଧବାର ପ୍ରକାଶ କରିଛି ୟୁରୋପୀୟ ଫୁଟବଲ ସଂଘ। ଜର୍ମାନୀର ୧୦ଟି ସହରରେ ଏହି ମ୍ୟାଚ୍‌ଗୁଡିକ ଖେଳାଯିବ। ଡିସେମ୍ବର ୨ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟର ଟିକେଟ ବିକ୍ରି ଆରମ୍ଭ ହେବ। ସମୁଦାୟ ଉପଲବ୍ଧ ଟିକେଟର ୮୦ ପ୍ରତିଶତ ସାଧାରଣ ଦର୍ଶକଙ୍କ ପାଇଁ ଉପଲବ୍ଧ ହେବ।


CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କିଟ୍, କଟକ ଦଳଗତ ଚାମ୍ପିୟନ

**ରାଜ୍ୟସ୍ତରୀୟ ମାଉଣ୍ଟେନ ସାଇକ୍ଲିଂ ପ୍ରତିଯୋଗିତା**

**ସିନିୟର ଟାଇମ୍ ଟ୍ରାଏଲ୍‌ରେ ରୋହିତ ହେମ୍ବ୍ରମ, ଉର୍ମିଳା ବେହେରା ପ୍ରଥମ**

**ଭୁବନେଶ୍ୱର, ୧୩।୯ (ତପନ ସ୍ୱାଇଁ)**

ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ସିନିୟର, ଜୁନିୟର, ସବ୍‌ଜୁନିୟର ଓ ୟୁଥ୍ ବର୍ଗରେ ମାଉଣ୍ଟେନ ସାଇକ୍ଲିଂ ପ୍ରତିଯୋଗିତା କେନ୍ଦୁଝରର ଖଣିବଜାର ହଦଗଡ଼ ଡ୍ୟାମ ଟ୍ରାକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ପ୍ରତିଯୋଗିତାର ସିନିୟର ଓ ଜୁନିୟର ବର୍ଗରେ କିଟ୍ ଏବଂ ସବ୍‌ଜୁନିୟର ଓ ୟୁଥ୍ ବର୍ଗରେ କଟକ ଦଳଗତ ଚାମ୍ପିୟନ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୧୨୪ ପ୍ରତିଯୋଗୀ ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିନିୟର ଟାଇମ୍ ଟ୍ରାଏଲ୍ ପ୍ରତିଯୋଗିତାର ପୁରୁଷ ବର୍ଗରେ ରୋହିତ ହେମ୍ବ୍ରମ, ସୁନୀଲ କୁମାର ସାହୁ ଓ ଅଜୟ ବିଶ୍ୱାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ବିଭାଗରେ ଉର୍ମିଳା ବେହେରା, ଆନନ୍ଦିନୀ ପ୍ରଧାନ ଓ ମଧୁସ୍ମିତା ବେଡାକ୍ ପ୍ରଥମ ୩ ସ୍ଥାନ ଅଧିକାର କରିଥିଲେ। ମାସ୍‌ଷ୍ଟାର୍ଟ ପ୍ରତିଯୋଗିତାର ସିନିୟର ବର୍ଗରେ ସୂରଜ କୁମାର ସେଠୀ ପ୍ରଥମ, ରୋହିତ ହେମ୍ବ୍ରମ ଦ୍ୱିତୀୟ ଓ ଟିକେଶ୍ୱର ମାଝି ତୃତୀୟ ହୋଇଥିଲେ। ବିଭିନ୍ନ ବର୍ଗର ମହିଳା, ପୁରୁଷ, ବାଳକ ଓ ବାଳିକା ବିଭାଗରେ ମୋଟ ୪୮ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେନ୍ଦୁଝର ଜିଲା ଡିଆର୍‌ଡିଏ ଉପାଧ୍ୟକ୍ଷ ସୋମନାଥ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଆସୋସିଏଶନ ସଭାପତି ମିନତୀ ମହାପାତ୍ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ରାଉତ, କୋଷାଧ୍ୟକ୍ଷ ସୁଜିତ ରାଉତ, ଉପସଭାପତି ନୃସିଂହ ସାହୁ, ସହସମ୍ପାଦକ ଗୋପୀନାଥ ସ୍ୱାଇଁ, କୋଚ୍ ସୁଶୀଲ ଦାସ, ଅପୂର୍ବ ରଞ୍ଜନ ବେହେରା, ମନୋରଞ୍ଜନ ବାରିକା, ରାମକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


କୃତୀ ସାଇକ୍ଲିଷ୍ଟମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଏସିଆ କପ୍: ଫାଇନାଲ ଲକ୍ଷ୍ୟରେ ପାକିସ୍ତାନ, ଶ୍ରୀଲଙ୍କା

**କଲମ୍ବୋ, ୧୩।୯ (ପି.ଟି.)**

ଏସିଆ କପ୍ କ୍ରିକେଟ ୨୦୨୩ର ସୁପର୍-୪ ମ୍ୟାଚ୍‌ରେ ଶ୍ରୀଲଙ୍କା ଓ ପାକିସ୍ତାନ ଗୁରୁବାର ପରସ୍ପରକୁ ସାମ୍ନା କରିବେ। ପ୍ରଥମ ଦଳ ଭାବରେ ଭାରତ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଏହି ମ୍ୟାଚର ବିଜେତା ଦ୍ୱିତୀୟ ଦଳ ଭାବରେ ଫାଇନାଲ ଖେଳିବ। ଏହି ମ୍ୟାଚ୍ ଉଭୟ ଦଳ ପାଇଁ ସେମିଫାଇନାଲ ଭଳି ରହିଥିବା ବେଳେ ବର୍ଷା କାରଣରୁ ମ୍ୟାଚ୍ ବାତିଲ ହେଲେ ଉନ୍ନତ ରନ୍‌ରେଟ୍ ଭିତ୍ତିରେ ଶ୍ରୀଲଙ୍କା ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ତେବେ ଶ୍ରୀଲଙ୍କା ଅପେକ୍ଷା ପାକିସ୍ତାନ ଦଳ ଅଧିକ ଚିନ୍ତାରେ ରହିଛି। ଦୁଇ ପ୍ରମୁଖ ପେସ୍ ବୋଲର ନସିମ୍ ଶାହା ଓ ହରିଶ୍ ରୌଫ୍ ଆହତ ଥିବାବେଳେ ଉଭୟ ଖେଳାଳି ବାଦ୍ ପଡିବାର ସମ୍ଭାବନା ରହିଛି। ପାକିସ୍ତାନ ଦଳ ବିକଳ୍ପ ଖେଳାଳି ଭାବରେ ଶାହାନୱାଜ ଦହାନି ଓ ଜମନ ଖାନଙ୍କୁ ଦଳରେ ସାମିଲ କରିଛି। କେବଳ ବୋଲିଂରେ ନୁହେଁ ବ୍ୟାଟିଂରେ ମଧ୍ୟ ପାକିସ୍ତାନର ପ୍ରଦର୍ଶନ ଉଲ୍ଲେଖନୀୟ ରହିନାହିଁ। ଫଖର ଜମନ୍, ଇମାମ ଉଲ୍ ହକ୍ ଓ ବାବର ଆଜମ୍ ବଡ ସ୍କୋର କରିବାରେ ବିଫଳ ହୋଇଛନ୍ତି। ସେହିପରି ମଧ୍ୟକ୍ରମରେ ମହମ୍ମଦ ରିଜୱାନ ଓ ସଲମାନ ଆଘା ମଧ୍ୟ ବିଫଳ ହୋଇଛନ୍ତି। ଇଫତିଖାର ଅହମଦ ନେପାଳ ବିପକ୍ଷରେ ଶତକ ହାସଲ କରିଥିଲେ ମଧ୍ୟ ପରବର୍ତ୍ତୀ ମ୍ୟାଚ୍ ଗୁଡିକରେ ତାଙ୍କ ବ୍ୟାଟ ନୀରବ ରହିଛି। ଏହା ସହିତ ପାକିସ୍ତାନ ଦଳ ନିକଟରେ କ୍ୱାଲିଟି ସ୍ପିନର ମଧ୍ୟ ନାହାନ୍ତି। ଆର. ପ୍ରେମଦାସା ଷ୍ଟାଡିୟମରେ ସ୍ପିନରଙ୍କୁ ଭରପୂର ସହାୟତା ମିଳୁଥିବା ବେଳେ ମହମ୍ମଦ ନୱାଜ ଓ ଶଦାବ୍ ଖାନ ଭଲ ଫର୍ମରେ ନାହାନ୍ତି।

ସମାନ ଭାବରେ ଶ୍ରୀଲଙ୍କା ଦଳ ମଧ୍ୟ ଆହତ ସମସ୍ୟା ଦେଇ ଗତି କରୁଛି। ଆହତ କାରଣରୁ ୱାନିନ୍ଦୁ ହସରଙ୍ଗା, ଦୁଷ୍ମନ୍ତ ଚମିରା ଓ ଲାହିରୁ କୁମାରା ବାଦ ପଡିଥିଲେ ମଧ୍ୟ ଦଳକୁ ଏହାର ଅଭାବ ଅନୁଭୂତ ହୋଇ ନାହିଁ। ଯୁବ ଖେଳାଳି ମଥୀଷା ପଥିରାନା, ଦୁନିଥ୍ ୱେଲାଲାଗେ ଓ ମହୀଷ ଥିକ୍‌ସାନା ପ୍ରଭାବୀ ଖେଳ ପ୍ରଦର୍ଶନ କରିଛନ୍ତି। ବ୍ୟାଟିଂରେ ସାଦିରା ସମରବିକ୍ରମା ଦଳର ମୁଖ୍ୟ ଅସ୍ତ୍ର ରହିଥିବା ବେଳେ ପାର୍ଟ ଟାଇମ ସ୍ପିନ୍ ବୋଲିଂରେ ଧନଞ୍ଜୟ ଡି ସିଲ୍‌ଭା ଓ ଚରିଥ୍ ଅସଲଙ୍କା ମଧ୍ୟ ଭଲ ବୋଲିଂ କରିଛନ୍ତି। ଭାରତ ବିପକ୍ଷରେ ୫ ଉଇକେଟ ନେଇଥିବା ଦୁନିଥ ୱେଲାଲାଗେ ପୁଣି ଥରେ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବେ।

**ମ୍ୟାଚ୍ ସ୍ଥାନ: ଆର. ପ୍ରେମଦାସା ଷ୍ଟାଡିୟମ, କଲମ୍ବୋ
ମ୍ୟାଚ୍ ସମୟ: ଅପରାହ୍ନ ୩.୦୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ରାଜ୍ୟ ମହିଳା ହକି ସେମିଫାଇନାଲ ଚୂଡ଼ାନ୍ତ

**ଭୁବନେଶ୍ୱର, ୧୩।୯ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ମହିଳା ହକି ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ଓଡ଼ିଶା ସେକ୍ରେଟାରିଏଟ, କିଟ୍ ଓ କିସ୍, ଓଡ଼ିଶା ପୋଲିସ ଏବଂ ସୁନ୍ଦରଗଡ଼ ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ସେକ୍ରେଟାରିଏଟ ଓ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିଥିଲା। ତେବେ ଶୁଟ୍‌ଆଉଟରେ ୩-୧ ଗୋଲରେ ବିଜୟୀ ହୋଇ ଓଡ଼ିଶା ସେକ୍ରେଟାରିଏଟ ସେମିଫାଇନାଲରେ ପହଞ୍ଚିଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କିଟ୍ ଓ କିସ୍ ଦଳ ୩-୦ ଗୋଲରେ ଦେବଗଡ଼କୁ ପରାସ୍ତ କରିଛି। ଓଡ଼ିଶା ପୋଲିସ ଓ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଓଡ଼ିଶା ପୋଲିସ ୨-୧ରେ ବିଜୟୀ ହୋଇଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ୩-୦ ଗୋଲରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚଏଚପିସି)କୁ ୩-୦ ଗୋଲରେ ହରାଇ ଦେଇଥିଲା।


# Classified Everyday
0674-2580101, 2549949


REAL ESTATE

**SALE**

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

Patia (KIIT) ଦାରୁଠେଙ୍ଗ ODM Global School ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। 9337830407. D-75212

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of professional body massage by professional therapy. Contact: 7077933109/ 9556924059/ 8658803018. D-1239

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

Newly open SPA positively health benefits with expert therapist. 9938843929. D-75147

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233




All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**AFFIDAVIT**

By virtue of affidavit Sl.No. 28561/ Dt.02.09.2023 sworn before Notary Public, Bhubaneswar, I, Sasmita Rout, age- 23 yrs., D/o Kailash Chandra Rout, residence of Sahasapur, Jajapur Sadar, Dist.- Jajapur- 755017 have changed my name from 'Rasmita Rout' to 'Sasmita Rout' for all future purposes. D-1300

**LOST**

I, Bailochan Pradhan, S/o Chintamani Pradhan of Bhaleswar, P.S. Beltukari, Dist.- Nuapada lodge a report at Beltukari P.S. on Dt.07.08.2023 vide G.D. No.005 Dt.07.08.2023 regarding lost of the original exchange Deed vide Deed No.357/2009 Dt.21.02.2009 executed before the DSR, Nuapada at Beltukari weekly market. That I have concealed nothing and the facts stated above are true and correct. D-1301

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶ୍ରୀ ରବିନ୍ଦ୍ରନାଥ ଆଚାର୍ଯ୍ୟ**
ଗ୍ରାମ:ତ୍ରିଲୋଚନପୁର, କଣାସ, ପୁରୀ
ଆବିର୍ଭାବ- ୧୮।୧୧।୧୯୫୩
ତିରୋଧାନ- ୦୬।୦୩।୨୦୨୧
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ବିଶ୍ୱାସ କରି ହେଉନି, ତୁମର ଆମ୍ଭମାନଙ୍କ ସାଙ୍ଗରେ ରହିବାକୁ ବହୁତ ଇଚ୍ଛାଥିଲେ ମଧ୍ୟ ଭଗବାନ ତୁମକୁ ଆମ ପାଖରୁ ଛଡ଼ାଇ ନେଇଗଲେ। ତୁମର ଦୟା, ସାହସ, ତ୍ୟାଗ ଓ ପରୋପକାରିତା ଗୁଣ ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିବ। ତୁମେ ଯେଉଁଠି ଥାଅ ଭଲରେ ଥାଅ ଏବଂ ଆମ୍ଭମାନଙ୍କୁ ଅମୃତ ଦୃଷ୍ଟିରେ ଚାହିଁଥାଅ। ଏହା ଆମ୍ଭମାନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।**
ଧ-୧୩୦୨


# ପ୍ରି କ୍ୱାର୍ଟରରେ ତନିଶା-ଅଶ୍ୱିନୀ

**କୋଲୁନ୍, ୧୩।୯ (ପି.ଟି.)**

ହଂକଂ ଓପନ ସୁପର ୫୦୦ ସିରିଜ୍ ବ୍ୟାଡ୍‌ମିଣ୍ଟନର ପ୍ରଥମ ଦିନରେ ମହିଳା ଡବଲ୍ସ ଯୋଡି ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଜ୍ୟ ଗୋଷ୍ଠୀ ପଦକ ବିଜେତା ଲକ୍ଷ୍ୟ ସେନ୍ କିନ୍ତୁ ପିଠି ଯନ୍ତ୍ରଣା କାରଣରୁ ଏହି ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ବୁଧବାର ତନିଶା-ଅଶ୍ୱିନୀ ଯୋଡି ୨୧-୧୯ ଓ ୨୧-୧୯ ସେଟ୍‌ରେ ଚାଇନିଜ୍ ତାଇପେର ଲି ଚିଆ ହିନ୍ ଓ ଟେଙ୍ଗ ଚୁନ୍ ହୁନ୍‌ଙ୍କୁ ପରାସ୍ତ କରିଛନ୍ତି। ପ୍ରିକ୍ୱାର୍ଟର ମୁକାବିଲାରେ ଭାରତୀୟ ଯୋଡି ଟପ୍ ସିଡେଡ୍ ମାୟୁ ମାତ୍ସୁମୋଟୋ ଓ ୱାକାନା ନାଗାହାରାଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସରେ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ବ୍ୟାକ୍ ଷ୍ଟ୍ରେନ୍ କାରଣରୁ ଓହରି ଯାଇଥିଲେ। ଆହତ ସମସ୍ୟାରୁ ସୁସ୍ଥ ହୋଇଥିବା ଲକ୍ଷ୍ୟ ଶତ ପ୍ରତିଶତ ଫିଟ୍ ନ ଥିବାରୁ ଓହରିବାକୁ ନିଷ୍ପତ୍ତି ନେଲୁ ବୋଲି କହିଛନ୍ତି କୋଚ୍ ଅନୁପ ଶ୍ରୀଧର। ଆଗକୁ ଏସିଆନ୍ ଗେମ୍ସ ରହିଥିବାରୁ ଶତ ପ୍ରତିଶତ ଫିଟ୍‌ନେସ୍ ହାସଲର ଲକ୍ଷ୍ୟ ରହିଛି ବୋଲି କୋଚ୍ କହିଛନ୍ତି।

ଲକ୍ଷ୍ୟ ସେନ୍ ଓହରି ଯାଇଥିବା ବେଳେ ପୁରୁଷ ସିଙ୍ଗଲ୍ସରେ ଅନ୍ୟତମ ଭାରତୀୟ ପ୍ରିୟାଂଶୁ ରଜାୱତ ୧୩-୨୧ ଓ ୧୪-୨୧ ସେଟ୍‌ରେ ଜାପାନର କାଣ୍ଟା ସୁନେୟାମାଙ୍କଠାରୁ ହାରି ଯାଇଥିଲେ। ମହିଳା ସିଙ୍ଗଲ୍ସରେ ଆକର୍ଷୀ କଶ୍ୟପ ୨୧-୧୮ ଓ ୨୧-୧୦ରେ ଜର୍ମାନୀର ୱାଇ ଭୋନ୍ନେ ଲିଙ୍କ ନିକଟରୁ ପରାସ୍ତ ହୋଇଥିଲେ। ମାଳବିକା ବନ୍ସୋଡ ୨୧-୧୪, ୨୧-୧୨ ସେଟ୍‌ରେ ଚାଇନାର ଝାଙ୍ଗ ୟିଙ୍କଠାରୁ ହାରି ବିଦାୟ ନେଇଥିଲେ।

ପୁରୁଷ ଡବଲ୍ସରେ କ୍ରିଷ୍ଣା ପ୍ରସାଦ ଗରଗା ଓ ବିଷ୍ଣୁବର୍ଦ୍ଧନ ଗୌଡ ପଞ୍ଜାଳା ୨୧-୧୪, ୨୧-୧୯ ସେଟ୍‌ରେ କୋରିଆର କୋସଙ୍ଗ ହ୍ୟୁନ୍ ଓ ଶିନ୍ ବିକ୍ ଚେଓଲଙ୍କଠାରୁ ପରାଜିତ ହୋଇଥିଲେ। ମିକ୍ସଡ ଡବଲ୍ସରେ ବି. ସୁମିତ ରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପା ୧୬-୨୧, ୨୧-୧୬ ଓ ୧୮-୨୧ରେ ମାଲେସିଆର ଚେନ୍ ଟାଙ୍ଗ ଜାଏ ଓ ଟୋ ଏ ୱେଇଙ୍କଠାରୁ ପରାଜିତ ହୋଇଥିଲେ। ରୋହନ୍ କପୁର ଓ ଏନ୍ ସିକ୍କି ରେଡ୍ଡୀଙ୍କ ଯୋଡି ୧୯-୨୧ ଓ ୧୦-୨୧ରେ ସିଙ୍ଗାପୁରର ହି ୟୋଙ୍ଗ କାଇ ଟେରୀ ଓ ଟାନ୍ ୱେଇ ହାନ୍ ଜେସିକାଙ୍କଠାରୁ ପରାସ୍ତ ହୋଇଥିଲେ।



ମ୍ୟାଚ ଅବସରରେ ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା।

# କିସ୍-କ୍ୟାପିଟାଲ ଫାଇନାଲ

**ଭୁବନେଶ୍ୱର, ୧୩।୯ (ତପନ ସ୍ୱାଇଁ)**

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ**

ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ କିସ୍ ଓ କ୍ୟାପିଟାଲ ସ୍କୁଲ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ୟୁନିଟ-୩ କ୍ୟାପିଟାଲ ସ୍କୁଲ ୩-୨ ଗୋଲରେ ବିକାଶ ସ୍କୁଲକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପୂର୍ବଦିନ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କିସ୍ ସ୍କୁଲ ୩-୦ ଗୋଲ୍‌ରେ ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ବିକାଶ ସ୍କୁଲ ପକ୍ଷରୁ ଦିବ୍ୟକାନ୍ତ ମହାପାତ୍ର ୧୨ ଓ ଅନ୍ତରୀକ୍ଷ ରାଉତ ୨୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କ୍ୟାପିଟାଲ ସ୍କୁଲ ପକ୍ଷରୁ ବାଇଧର ତିରିଆ ୨୪ ଓ ଡମ୍ବୁ ସଏ ୩୬ତମ ମିନିଟରେ ଗୋଲ ପରିଶୋଧ କରିଥିଲେ। ସ୍ଥିତି ୨-୨ ସ୍ଥିତିରେ ରହିଥିବାବେଳେ ମ୍ୟାଚ ଶେଷ ହେବାର ଗୋଟିଏ ମିନିଟ ପୂର୍ବରୁ ବିକାଶ ସ୍କୁଲ ଖେଳାଳି ଆତ୍ମଘାତୀ ଗୋଲ କରିବାରୁ କ୍ୟାପିଟାଲ ବିଜୟୀ ହୋଇ ଯାଇଥିଲା। ବିଜୟୀ ଦଳର ଡମ୍ବୁ ସଏ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦେବବ୍ରତ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉନ୍ନତ ମାନର ଖେଳ ପାଇଁ ବିକାଶ ସ୍କୁଲର ଦିବ୍ୟକାନ୍ତ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


ଡମ୍ବୁ ସଏ (ବାମ) ପୁରସ୍କାର ଗ୍ରହଣ କରୁଛନ୍ତି।

# କସ୍ତୁରୀ

ନୂଆ ଓଡ଼ିଆ ସିନେମା 'କସ୍ତୁରୀ' ଏଥର ଗଣେଶ ପୂଜାରେ ରିଲିଜ ହେବାକୁ ଯାଉଛି। ବାପ-ଝିଅର ଅନାବିଳ ସ୍ନେହ ସମ୍ପର୍କକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ସମାଜରେ ପରିବର୍ତ୍ତନ ଆଣିବାରେ କେବଳ ପୁରୁଷ ନୁହେଁ, ନାରୀମାନଙ୍କର ମଧ୍ୟ ଭୂମିକା ରହିଛି। ସେପରି ଘଟଣା ମଧ୍ୟ ଏହି ଫିଲ୍ମରେ ଦେଖିବାକୁ ମିଳିବ। ଏହାର ପ୍ରଯୋଜନା କରିଛନ୍ତି ସଞ୍ଜୟ କୁମାର ପାତ୍ର। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସଂଗ୍ରାମ ମହାନ୍ତି। ଫିଲ୍ମର ମୁଖ୍ୟ ଭୂମିକାରେ ସଞ୍ଜୟ, ଦୁଷ୍ମନ୍ତ ଅଭିନୟ କରିଥିବା ବେଳେ ନାୟିକା ସାଜିଛନ୍ତି କୁକିଜ୍। ଏମାନଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ଅଶ୍ରୁମୋଚନ ମହାନ୍ତି, ଭାରତ ଗୌରବ ସାହୁ, ସୁମନ ଏବଂ ଶିଶୁ କଳାକାର ସମ୍ପୂର୍ଣ୍ଣ ମହାନ୍ତି ମଧ୍ୟ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ରଚନା କରିଛନ୍ତି ଅରୁଣ ମନ୍ତ୍ରୀ ଏବଂ ବିଜୟ ମଲ୍ଲ। ଏଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଶିବୁ ଜେନା। ତେବେ ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ପ୍ରଯୋଜକ।


କୁକିଜ୍-ଦୁଷ୍ମନ୍ତ

# କେବଳ ଡେଟ୍ ପାଇଁ

ପୂଜା ହେଗ୍‌ଡେ ବଡ଼ ପରଦା ପାଇଁ ନୂଆ ନୁହନ୍ତି। ଦକ୍ଷିଣ ଭାରତୀୟ ସିନେମା ଅବା ବଲିଉଡ୍-ବେଶ୍ କେତୋଟି ଚଳଚ୍ଚିତ୍ରରେ ସେ ଅଭିନୟ କରି ସାଉଣ୍ଟି ସାରିଛନ୍ତି ଅନେକ ପ୍ରଶଂସା। ନିକଟରେ ସେ କେତୋଟି ଭଲ ଅଫର ହାତଛଡ଼ା କରିଛନ୍ତି। ତାହାର କାରଣ କ'ଣ ଜାଣନ୍ତି ? ଏବେ ତାଙ୍କ ହାତରେ ଯେତୋଟି ସିନେମା ଅଛି ତାହାକୁ ପ୍ରଥମେ ସେ ଶେଷ କରିବାକୁ ଚାହାନ୍ତି। ସେପଟେ ନୂଆ ସିନେମା ପାଇଁ ତାଙ୍କ ହାତରେ ଡେଟ୍ ନାହିଁ। ହାତଛଡ଼ା କରିଥିବା ଅଫର ବିଷୟରେ ସୂଚନା ଦେଇ ପୂଜା କହନ୍ତି, 'ଅଳ୍ପ ଦିନ ହେବ ମୋତେ ଏକ ନୂଆ ବ୍ୟାନରରେ ବ୍ୟାକ୍-ଟୁ-ବ୍ୟାକ୍ ଦୁଇଟି ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ହେଲେ ମୁଁ କ'ଣ କରିବି ? ମୋ ହାତରେ ଆଦୌ ଡେଟ୍ ନାହିଁ। ତେଣୁ ବାଧ ହୋଇ ଅଫରଦ୍ୱୟ ହାତଛଡ଼ା କଲି। ଏହା ପଛରେ ଆଉ ସେପରି କିଛି ଗୁରୁତ୍ୱପୂର୍ଣ୍ଣ କାରଣ ନାହିଁ। ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମହେଞ୍ଜୋଦାରୋ'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଏହି ଫିଲ୍ମର ନାୟକ ସାଜିଥିଲେ ହ୍ରିତିକ୍ ରୋଶନ। ହେଲେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା।


ପୂଜା


କିଆରା

# ଗେମ୍ ଚେଞ୍ଜର

କିଆରା ଆଡଭାନୀ ଅଭିନୟ କରୁଥିବା ନୂଆ ତେଲୁଗୁ ସିନେମା 'ଗେମ୍ ଚେଞ୍ଜର'କୁ ନେଇ ଚର୍ଚ୍ଚା। ଦକ୍ଷିଣ ଭାରତୀୟ ସିନେମାର ନାମୀ ନିର୍ଦ୍ଦେଶକ ଏସ. ଶଙ୍କର ଏହାର ନିର୍ଦ୍ଦେଶନା ଦେଉଛନ୍ତି। ୧୭୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମର କାହାଣୀ ହେଉଛି ଏକ ପଲଟିକାଲ ଆକ୍ସନ ଡ୍ରାମା। ଏଥିରେ ତାଙ୍କୁ ମିଳିଥିବା ଭୂମିକାର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି କିଆରା। 'ଏସ. ଶଙ୍କରଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବା ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏଥିରେ ମୋତେ ମିଳିଥିବା ରୋଲ୍ ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ବର୍ତ୍ତମାନ ମୋ ହାତରେ ହିନ୍ଦୀ ସିନେମା ଅଫର ନାହିଁ ବୋଲି କହନ୍ତି ଏହି ଅଭିନେତ୍ରୀ।' 'ଗେମ୍ ଚେଞ୍ଜର' ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଦିଲ୍ ରାଜୁ ଏବଂ ଶିରିଶ। ଚିତ୍ରଟିର ସଂଳାପ ରଚନା କରିଛନ୍ତି ସାଇ ମାଧବ ବୁର୍‌ହା, ଫରହଦ୍ ସାମଜୀ, ସୁ. ଭେଙ୍କଟେସନ୍ ଏବଂ ବିବେକ। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତା ରାମ୍ ଚରଣ।

## ଅପେରା ହାଲ୍‌ଚାଲ୍

# ସୂର୍ଯ୍ୟମନ୍ଦିରର ବାଜିମାତ୍

ଜଲିଉଡ୍‌ର ଅନ୍ୟତମ ପ୍ରମୁଖ ଯାତ୍ରାନୁଷ୍ଠାନ ଅପେରା ସୂର୍ଯ୍ୟମନ୍ଦିର ଚଳିତ ଯାତ୍ରା ସିଜନରେ ମଧ୍ୟ ବାଜିମାତ୍ କରିଚାଲିଛି। ଏବର୍ଷ ପ୍ରସ୍ତୁତ ନୂଆ ତିନୋଟି ନାଟକ ଦର୍ଶକାଦୃତ ହେବାରେ ଲାଗିଛି। ଇଂ ପ୍ରମୋଦ ସ୍ୱାଇଁଙ୍କ ଦ୍ୱାରା ପ୍ରଯୋଜିତ ଏହି ପାର୍ଟିରେ ଏଥର ହାଇ-ଫାଇ ଲାଇଟ୍ ସାଉଣ୍ଡ, ଅତ୍ୟାଧୁନିକ ମଞ୍ଚ, ଫାଟକ ବ୍ୟତୀତ ଷ୍ଟାର ଷ୍ଟଡେଡ୍ ପାର୍ଟି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଅନ୍ୟପକ୍ଷରେ ଏହାର ମୁଖ୍ୟ ପରିଚାଳକ ଦାୟିତ୍ୱ ବେଶ୍ ସୁଚାରୁରୂପେ ତୁଲାଉଛନ୍ତି ବଙ୍କିମ ସ୍ୱାଇଁ। ଏବର୍ଷ ପରିବେଷିତ ନାଟକଗୁଡ଼ିକ ହେଉଛି- 'ହାତ ଧରି ବାଟ ଚାଲୁଥିବି' (ରଚନା-ଡ. ଦୀପକ ଜେନା, ନିର୍ଦ୍ଦେଶନା-ବିନୋଦ ରାଉତ, ସଙ୍ଗୀତ-ମିହିର ମହାନ୍ତି), 'ତୋ ଲୁହରୁ ମୋତେ ଅଧା ଦେଇଦେ' (ରଚନା-ସୁଧାଂଶୁ ନାୟକ, ନିର୍ଦ୍ଦେଶନା-ଗୁରୁ ପ୍ରସାଦ ମିଶ୍ର, ସଙ୍ଗୀତ-ଏକନ) ଏବଂ 'ତୁ ରଜା ଝିଅ ମୁଁ ରିକ୍ସାବାଲା' (ରଚନା-ଅରୁଣ ବାରିକ, ନିର୍ଦ୍ଦେଶନା-ତାପସ ସ୍ୱାଇଁ, ସଙ୍ଗୀତ-ମିହିର ମହାନ୍ତି)। ଏହାବ୍ୟତୀତ ପୂର୍ବବର୍ଷର ତଥା ପ୍ରଦୀପ ବେହେରାଙ୍କ ଦ୍ୱାରା ରଚିତ ଏବଂ ନିର୍ଦ୍ଦେଶିତ ହିଟ୍ ନାଟକ 'ଝରିଗଲା ଝରା ଫୁଲ' ଏଥର ମଧ୍ୟ ରିପିଟ୍ ହେଉଛି। ଚଳିତ ଯାତ୍ରା ସିଜନରେ ଏହି ପାର୍ଟିର ମୁଖ୍ୟ ଆକର୍ଷଣ ସାଜିଛନ୍ତି ଅନ୍ୟତମ ଲୋକପ୍ରିୟ ଯୋଡ଼ି ବିନୋଦ-ବେବିନା। ତାଙ୍କ ବ୍ୟତୀତ ଟାହିଆ-ମାମା, କମେଡି ଯୋଡ଼ି ଦୟା-ଜିନା, ଦୀପକ ବୋଷ, ସୌମ୍ୟ ମିଶ୍ର (ଜୁନିୟର ବାବୁସାନ୍), ମାମୁନି, ବିରଞ୍ଚି, ସୁଧାଂଶୁ ଏବଂ ତାରିଣୀ ପ୍ରମୁଖ କଳାକାର। ଅଭିନେତା-ଉପସ୍ଥାପକ ଅଭି ଏବଂ ମେଲୋଡି କୁଇନ୍ ରୁନୁ ପଣ୍ଡାଙ୍କୁ ମଧ୍ୟ ଏଥର ସୂର୍ଯ୍ୟମନ୍ଦିରରେ ଦେଖିବାକୁ ମିଳିଛି।


ବେବିନା-ବିନୋଦ

# ଏବେ ନୁହେଁ..

ଜାହ୍ନବୀ କପୁର ଗୋଟିଏ କଥାକୁ ନେଇ ଟେନସନ୍‌ରେ ଅଛନ୍ତି। କଥା କ'ଣ କି ଏବେ ତାଙ୍କୁ ଚାରିଆଡେ ପଚାରୁଛନ୍ତି ଯେ, ସେ କେବେ ଘରସଂସାର କରିବେ। ଏପରି କଥା ତାଙ୍କୁ ବିଚଳିତ କଲାଣି। କାରଣ ସେ କୁଆଡେ ଏ ବିଷୟରେ ଏ ପର୍ଯ୍ୟନ୍ତ ଚିନ୍ତା କରିନାହାନ୍ତି। ବର୍ତ୍ତମାନ ନିଜର ଯୋଜନାକୁ ନେଇ ବୋନି ତନୟା କହନ୍ତି, 'ମ୍ୟାରେଜ୍ କଥା ଏବେ ମୁଁ ଆଦୌ ଚିନ୍ତା କରିନି। ସେ କଥା ମଧ୍ୟ ମୋ ମନକୁ ଆସିନି। କାରଣ ବର୍ତ୍ତମାନ କ୍ୟାରିୟର ଉପରେ ମୁଁ ଫୁଲ୍ ଫୋକସ୍ କରୁଛି। ଯେତେବେଳେ ହାତକୁ ଦି'ହାତ ହେବି ବୋଲି ଚିନ୍ତା କରିବି ଆଉ ନିଷ୍ପତ୍ତି ନେବି ସେତେବେଳେ ସେକଥା ସମସ୍ତେ ଜାଣିପାରିବେ। ଏପଟେ ଶୁଣିବାକୁ ପାଉଛି ଯେ ଖୁବ୍ ଶୀଘ୍ର ମୁଁ ବାହା ହେଉଛି ବୋଲି ଆଲୋଚନା ହେଉଛି। ସେଭଳି କଥାରେ ଟିକିଏ ହେଲେ ସତ୍ୟତା ନାହିଁ। କେହି ଜଣେ ମୋତେ ଅଯଥା ବଦନାମ୍ କରିବାକୁ ଏଭଳି ପ୍ରଚାର କରୁଛନ୍ତି। ମୋର ଲୁଚିଛପି ବିବାହ କରିବାର ଆଦୌ ଯୋଜନା ନାହିଁ।


ଜାହ୍ନବୀ

# ମାତ୍ର ୭

ଯେତେବେଳେ ବାଣୀ କପୁର ବଲିଉଡ୍‌ରେ ଏଣ୍ଟ୍ରି କଲେ, ସେତେବେଳେ ଆଖିରେ ଥିଲା ଆଖିଏ ସ୍ୱପ୍ନ। କିନ୍ତୁ ହେଲା କ'ଣ ? ହିନ୍ଦୀ ସିନେମାରେ ଦେଖୁ ଦେଖୁ ୯ ବର୍ଷ ପୂରି ଗଲାଣି। ହେଲେ ସିନେମା ସଂଖ୍ୟା କେତେ ଜାଣନ୍ତି ? ମାତ୍ର ୭ଟି। ଏ ନେଇ ଚିନ୍ତା କରୁଥିଲେ ବି ଭାଙ୍ଗି ପଡ଼ି ନାହାନ୍ତି ବାଣୀ। ତେବେ ଏହି ସମୟ ଭିତରେ ତାଙ୍କୁ ମନଲାଖି ଅଫରଟିଏ ମିଳିନି ବୋଲି କହନ୍ତି ଏହି ଅଭିନେତ୍ରୀ। ବାଣୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ନିଜ କ୍ୟାରିୟର ସମ୍ପର୍କରେ ବାଣୀ କୁହନ୍ତି, 'ନଅ ବର୍ଷ ଭିତରେ ମୁଁ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ମନ ଦୁଃଖ ଲାଗୁଛି। ହେଲେ ଫିଲ୍ମଟିଏ ମିଳିବା ତ ମୋ ହାତର କଥା ନୁହେଁ। ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ। ତେଣୁ ସବୁକିଛି ମୋ ଭାଗ୍ୟର ଦୋଷ। ହେଲେ ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡ଼ିକ ମିଳିଛି ତାହା ମୋତେ ଶତପ୍ରତିଶତ ଆତ୍ମତୃପ୍ତି ଦେଇଛି।' ବାଣୀଙ୍କ ଅଭିନୀତ ସିନେମାଗୁଡ଼ିକ ହେଲା 'ଶୁଦ୍ଧ ଦେଶୀ ରୋମାନ୍ସ', 'ଆହା କଲ୍ୟାନମ୍' (ତେଲୁଗୁ), 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ୍', 'ଚଣ୍ଡିଗଡ଼ କରେ ଆସିକ୍' ଏବଂ 'ସମସେରା।'


ବାଣୀ

## ରିଲିଜ୍ ଅପେକ୍ଷାରେ

# ଶଙ୍କର

ଏସ. ଡି. ଫିଲ୍ମସ ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶଙ୍କର' ଏଥର ଗଣେଶ ପୂଜା ଅବସରରେ ରିଲିଜ ହେଉଛି। ଫିଲ୍ମଟି ଚଳିତ ମାସ ୨୨ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆକ୍ସନ, ରୋମାଣ୍ଟିକ, ଓ ସସ୍‌ପେନ୍ସକୁ ଆଧାର କରି ଏହାର କାହାଣୀ ଗତି କରିଛି। ସିଦ୍ଧାନ୍ତ ମହାପାତ୍ର ଫିଲ୍ମର ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଛନ୍ତି। ଏହାର ଲିଡ୍ ରୋଲ୍‌ରେ ଦେଖାଦେବେ ଦେବା ଓ ଦିବ୍ୟା ଯୋଡ଼ି। ଦେବା ସିଦ୍ଧାନ୍ତ ମହାପାତ୍ରଙ୍କ ସାନ ଭାଇ ଭୂମିକାରେ ଅଭିନୟ କରିଥିବା ବେଳେ ଦିବ୍ୟାଙ୍କୁ ଜଣେ ସ୍କୁଲ ଶିକ୍ଷୟିତ୍ରୀ ଭାବରେ ଦର୍ଶକ ଦେଖିବାକୁ ପାଇବେ। ଶିବ, କୁନା ତ୍ରିପାଠୀ, କେ. କେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟିର ପ୍ରଯୋଜନା ଅରବିନ୍ଦ ସାହୁ କରିଛନ୍ତି। କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ. ପାଢ଼ୀ।


'ଶଙ୍କର' ଫିଲ୍ମର ଏକ ଦୃଶ୍ୟ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୪/୨୦୨୩ Bhubaneswar, Thursday, September 14/ 2023





ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ଝାଡ଼ଖଣ୍ଡ-ଉତ୍ତର ପ୍ରଦେଶ ଏବଂ ପଞ୍ଜାବ-ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ସେମିଫାଇନାଲର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଗିଲ୍‌ଙ୍କୁ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

ଦୁବାଇ, ୧୩।୯ (ପି.ଟି.)

ଆଇସିସି ପକ୍ଷରୁ ବୁଧବାର ଏହାର ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଦିନିକିଆ ବ୍ୟାଟରଙ୍କ ମଧ୍ୟରେ ଭାରତୀୟ ଦଳର ଓପନର ଶୁବମନ ଗିଲ୍ କ୍ୟାରିୟରର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଟପ୍ ଟେନ୍ ମଧ୍ୟରେ ରୋହିତ ଶର୍ମା(୮ମ) ଓ ବିରାଟ କୋହଲି ୯ମ ସ୍ଥାନରେ ରହିଛନ୍ତି। ୨୦୧୯ ପରେ ପ୍ରଥମ ଥର ପାଇଁ ୩ ଜଣ ଭାରତୀୟ ଖେଳାଳି ଟପ୍ ୧୦ ତାଲିକାରେ ସ୍ଥାନ ପାଇଛନ୍ତି। ଜାନୁୟାରୀ ୨୦୧୯ରେ ରୋହିତ ଶର୍ମା, ବିରାଟ କୋହଲି ଓ ଶିଖର ଧାୱନ ଟପ୍ ୧୦ ତାଲିକାରେ ସାମିଲ ଥିଲେ। ନେପାଳ ଓ ପାକିସ୍ତାନ ବିପକ୍ଷରେ ଚମତ୍କାର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ ଗିଲ୍। ପାକିସ୍ତାନ ବିପକ୍ଷରେ ୫୮ ରନ୍ ସ୍କୋର କରିଥିବା ବେଳେ ଓପନିଙ୍ଗ ଯୋଡିରେ ୧୨୧ ରନ୍ ସଂଗ୍ରହ କରିଥିଲେ। ଗିଲ୍ ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ଲଗାତର ୩ ଅର୍ଦ୍ଧଶତକ ହାସଲ କରିଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ଅଷ୍ଟମ ସ୍ଥାନରେ ପହଞ୍ଚିଛନ୍ତି। ପାକିସ୍ତାନ ବିପକ୍ଷରେ ଅପରାଜିତ ୧୨୨ ରନ୍ ସହିତ ଦିନିକିଆରେ ୧୩ ହଜାର ରନ୍ ପୂରଣ କରିଥିବା ବିରାଟ କୋହଲି ଦୁଇଟି ସ୍ଥାନ ପଦୋନ୍ନତି ସହିତ ୯ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି।

ସମାନ ଭାବରେ ପାକିସ୍ତାନର ମଧ୍ୟ ୩ ଖେଳାଳି ଟପ୍ ଟେନ୍‌ରେ ସାମିଲ ଅଛନ୍ତି। ଅଧିନାୟକ ବାବର ଆଜମ୍ ତୃତୀୟ ସ୍ଥାନରେ ରହିଛନ୍ତି। ଗିଲ୍‌ଙ୍କଠାରୁ ୧୦୦ ପଏଣ୍ଟ ପଛରେ ରହିଛନ୍ତି ବାବର। ସେହିପରି ପାକିସ୍ତାନୀ ବ୍ୟାଟର ଇମାମ୍ ଉଲ୍ ହକ୍ ପଞ୍ଚମ ଓ ଫଖର ଜମନ୍ ୧୦ମ ସ୍ଥାନରେ ରହିଛନ୍ତି। ବିଗତ ୮ ମ୍ୟାଚ୍‌ରେ ୩ ଶତକ ଓ ୨ ଅର୍ଦ୍ଧଶତକ ହାସଲ କରିଥିବା ଟେମ୍ବା ବାଭୁମା କ୍ୟାରିୟରର ଶ୍ରେଷ୍ଠ ୧୧ତମ ସ୍ଥାନରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ନର ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିଛନ୍ତି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଲୋକେଶ ରାହୁଲ ୧୦ ସ୍ଥାନ ଉପରକୁ ଉଠି ୩୭ ଓ ଇଶାନ କିଶନ ୨ଟି ସ୍ଥାନ ଉପରକୁ ଉଠି ୨୨ତମ ସ୍ଥାନରେ ରହିଛନ୍ତି।

ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ ଓ ଆଡାମ୍ ଜାମ୍ପା ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ଚାଇନାମ୍ୟାନ ସ୍ପିନର କୁଲଦୀପ ଯାଦବ ୫ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନରେ ରହିଛନ୍ତି। ପ୍ରତ୍ୟାବର୍ତ୍ତନ କରିଥିବା ଯଶପ୍ରୀତ୍ ବୁମ୍‌ରା ୮ ସ୍ଥାନ ଉପରକୁ ଉଠି ୨୭, ହାର୍ଦ୍ଦିକ ପାଣ୍ଡ୍ୟା ୨୧ ସ୍ଥାନ ଉପରକୁ ଉଠି ୫୬ତମ ସ୍ଥାନରେ ପହଞ୍ଚିଛନ୍ତି। ପାକିସ୍ତାନର ହାରିସ୍ ରୌଫ୍ ୮ ସ୍ଥାନ ଉଠି ୨୧ତମ ସ୍ଥାନରେ ରହିଛନ୍ତି।

# ବେଙ୍ଗଲ-ଉତ୍ତର ପ୍ରଦେଶ ଫାଇନାଲ

ଭୁବନେଶ୍ୱର, ୧୩।୯
(ତପନ ସ୍ୱାଇଁ)

**ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଚାଲିଥିବା ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ବେଙ୍ଗଲ ଓ ଉତ୍ତର ପ୍ରଦେଶ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତା ଶୁକ୍ରବାର ଫାଇନାଲ ଅନୁଷ୍ଠିତ ହେବ। କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ମ୍ୟାଚରେ ଉତ୍ତର ପ୍ରଦେଶ ୨-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ମହମ୍ମଦ ନଦିମ ୫୮ତମ ମିନିଟରେ ଗୋଟିଏ ଗୋଲ ଦେଇ ଉତ୍ତର ପ୍ରଦେଶକୁ ଅଗ୍ରଣୀ କରିଥିଲେ। ଝାଡ଼ଖଣ୍ଡ ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ଉତ୍ତର ପ୍ରଦେଶର ନିରଞ୍ଜନ ଜୁଙ୍ଗ ଶାହି ୭୪ତମ ମିନିଟରେ ଆଉଏକ ଗୋଲ ଦେଇ ଦଳକୁ ୨-୦ରେ ବିଜୟୀ କରିଥିଲେ। ୯୦+୨ ମିନିଟରେ ବିଜୟୀ ଦଳର ଗୌରବ କାଶ୍ୟପ ୟେଲୋକାର୍ଡ ପାଇଥିଲେ। କ୍ୟାପିଟାଲ ଗ୍ରାଉଣ୍ଡରେ ଅପରାହ୍ନ ୨ଟା ୩୦ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ବେଙ୍ଗଲ ୨-୦ ଗୋଲରେ ପଞ୍ଜାବକୁ ହରାଇ ଦେଇଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ବେଙ୍ଗଲ ପକ୍ଷରୁ ପ୍ରଦୀପ ମିଶ୍ର ୫ମ ଓ ତନବୀର ଦେ ୨୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗୋଲ ପରିଶୋଧ ପାଇଁ ପଞ୍ଜାବ ଜୋରଦାର ଉଦ୍ୟମ କରିଥିଲେ ହେଁ ବେଙ୍ଗଲ ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ଏହି ମ୍ୟାଚରେ ବେଙ୍ଗଲର ୩ ଓ ପଞ୍ଜାବର ୨ ଖେଳାଳି ୟେଲୋକାର୍ଡ ପାଇଥିଲେ।

# ଏସିଆନ୍ ଗେମ୍ସ ପାଇଁ ଦ୍ୱିତୀୟ ଶ୍ରେଣୀୟ ଦଳ

ନୂଆଦିଲ୍ଲୀ, ୧୩।୯ (ପି.ଟି.)

ହାଙ୍ଗଝୋ ଏସିଆନ୍ ଗେମ୍ସ ୨୦୨୩ ପାଇଁ ବୁଧବାର ୧୭ ଜଣିଆ ଫୁଟବଲ ଦଳ ଘୋଷଣା କରିଛି ଭାରତ। ସୁନୀଲ ଛେତ୍ରୀ ଏହି ଦଳର ଅଧିନାୟକ ରହିଥିବା ବେଳେ ଏକମାତ୍ର ଚିହ୍ନାମୁହଁ ମଧ୍ୟ ରହିଛନ୍ତି। ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍ଏଲ୍) ଆରମ୍ଭ ହେଉଥିବାରୁ କ୍ଲବ ଗୁଡିକ ଖେଳାଳିଙ୍କୁ ଛାଡିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ତେବେ କୋଚ୍ ଇଗୋର୍ ଷ୍ଟିମାକ ଏହି ଦଳ ସହିତ ଗସ୍ତ କରିବେ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ। ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ପାଇଁ ମଧ୍ୟ ଏହା ନିରାଶାଜନକ ଖବର। ଆରମ୍ଭରୁ ଭାରତୀୟ ଦଳ ଏସିଆନ ଗେମ୍ସ ପାଇଁ ଯୋଗ୍ୟତାହାସଲ କରି ପାରି ନ ଥିଲା। ଷ୍ଟିମାକ୍ ଓ ଚୌବେଙ୍କ ଅନୁରୋଧ ପରେ ଭାରତୀୟ ଦଳକୁ ଅନୁମତି ମିଳିଥିଲା। ବେଙ୍ଗାଲୁରୁ ଦଳରେ ୬ ଜଣ ଭାରତୀୟ ଖେଳାଳି ରହିଥିବା ବେଳେ ଏହା କେବଳ ଛେତ୍ରୀଙ୍କୁ ରିଲିଜ୍ କରିଥିଲା।

**ଭାରତୀୟ ଦଳ:** ଗୁରମିତ ସିଂ, ଧୀରଜ ସିଂ ମୋଇରାଙ୍ଗଥେମ୍, ସୁମିତ ରାଠୀ, ନରେନ୍ଦର ଗେହଲଟ, ଅମରଜିତ ସିଂ କିୟାମ, ସାମୁଏଲ ଜେମ୍ସ, ରାହୁଲ କେପି, ଅବଦୁଲ୍ ରାବି ଅଞ୍ଜୁକନ୍ଦନ, ଆୟୁଷ ଦେବ ଛେତ୍ରୀ, ବ୍ରାଇସ୍ ମିରାଣ୍ଡା, ଅଜଫର ନୁରାନୀ, ରହିମ ଅଲୀ, ଭିନ୍ସି ବାରେଟୋ, ସୁନୀଲ ଛେତ୍ରୀ, ରୋହିତ ଦାନୁ, ଗୁରକୀରଟ ସିଂ, ଅନିକେତ ଯାଦବ।

# ଅଲ୍ ଓଡ଼ିଶା ସ୍ନୁକର ଆରମ୍ଭ

ଭୁବନେଶ୍ୱର, ୧୩।୯
(ସରୋଜ ଜେନା)

ଆଶିଷ ପଣ୍ଡା ମେମୋରିଆଲ ଅଲ ଓଡ଼ିଶା ସ୍ନୁକରର ଦ୍ୱିତୀୟ ସଂସ୍କରଣ ବୁଧବାର ଆରମ୍ଭ ହୋଇଛି। ଭୁବନେଶ୍ୱର ସ୍ଥିତ ଭିଷ୍ଟେଜ୍ କ୍ଲବରେ ପ୍ରଥମ ଦିନରେ ୯ ମ୍ୟାଚ୍ ଖେଳା ଯାଇଛି। ପ୍ଲେୟର ଅଫ୍ ଦ ଡେ ବିବେଚିତ ହୋଇଥିବା ଜଗଦୀଶ ମହାନ୍ତି ୩-୨ରେ ଶୁଭ୍ରାଂଶୁ ଭୂଷଣ କରଙ୍କୁ ପରାସ୍ତ କରିଥିଲେ। ଅନ୍ୟ ମ୍ୟାଚରେ ଜ୍ଞାନ ଦାସ ୩-୦ରେ ବିରାଜ ଦାସଙ୍କୁ, ଅଜୟ ଆଚାର୍ଯ୍ୟ ୩-୨ରେ ଉସ୍‌ମାନ ଖାନଙ୍କୁ,



ଜଗଦୀଶ ମହାନ୍ତି

ପ୍ରକାଶ ସାହୁ ୩-୧ରେ ଏସ୍ କେ ନସିମଙ୍କୁ, ଅମୀୟ ରଞ୍ଜନ ନାୟକ ୩-୧ରେ ରାକେଶ ମହାନ୍ତିଙ୍କୁ, ଅବିନାଶ ମହାପାତ୍ର ୩-୨ରେ ବରୁଣ ବାରିକଙ୍କୁ, ରଞ୍ଜିତ ପତି ୩-୧ରେ ରାକେଶ ବାରିକଙ୍କୁ, ଜିତେନ ଷଡଙ୍ଗୀ ୩-୧ରେ ଜ୍ଞାନ ଦାସଙ୍କୁ, ମିଶାଲ ସ୍ୱାଇଁ ୩-୨ରେ ରାହୁଲ ହାଲିଙ୍କୁ, ଚିରଞ୍ଜିବ ସିଂ ୩-୧ରେ ନାରାୟଣ ବୋପଟଙ୍କୁ, ବରୁଣ ପୂର୍ବା ୩-୨ରେ ଶୁଭମ ପାଣିଗ୍ରାହୀଙ୍କୁ ଓ ଅସିତ ଚୌଧୁରୀ ୩-୨ରେ ନିଶ୍ଚିତ ମିଶ୍ରଙ୍କୁ ପରାସ୍ତ କରିଛନ୍ତି।




ମ୍ୟାଜିକ୍ ଅଫ୍ ମ୍ୟାଗ୍ନେଟିଜମ୍ ଜାଣିବା ପାଇଁ ସ୍କାନ୍ କରନ୍ତୁ

INDIA'S FIRST 5 YEAR WARRANTY* *Conditions apply

WORLD'S NO.1 22 YEARS IN A ROW$ MOTORCYCLE & SCOOTER COMPANY

i3S Technology Idle-Stop-Start System

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or Call Toll-Free 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22).**Ex-showroom price of Glamour Drum in Bhubaneswar.

Exchange Powered By Wheels of Trust^^ ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

AUTHORISED DEALERS: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658, Rourkela: Dua Motors, Ph-6372753989.

WT.5628.2023ODI

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ